# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ' ୨୦/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 20/2023 Page 16 ₹ 7.00

୪୯ଶ ଭାଗ ୧୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 174 ମୂଲ୍ୟ₹୭/-



# Creating Rankers: Today, Tomorrow & Beyond ...

## FRESHERS: AIIMS & GOVERNMENT MEDICAL COLLEGE PROBABLES - 2023

50+ Freshers are expected to score more than 500 out of 720 marks in NEET 2023

SATYAM 670

640 OJASWITA
624 ANIKESH
620 NAIMISH
615 TULASI
605 SOUMYARANJAN
605 PRIYARANJAN
602 AYUSHMAN
600 PRIYABRATA
595 BUDDHADEV
592 SUJAL SANKET
590 SIDDHANT
525 CATEGORY SOUMARANJAN MAGALING

## The Story of "Others" Vs "Us"

COMMON MISTAKES STUDENTS MAKE WHILE CHOOSING OTHERS

✓ Falling prey to low fee honeytrap
✓ Biased by discounted fee in the name of scholarships
✓ Getting attracted to sugar-coated commitments
✓ Frequently misled by results of other states
✓ Unaware of demerits of big-batch size (150-200)
✓ Getting lost among large number of students
✓ Outsourced hostel, food and transport
✓ Mistaking 'ordinary' teachers as specialists

YUVODAYA WOW FACTORS

✓ Consistent top NEET and JEE ranks, year after year
✓ Enviable success rate supremacy
✓ Expertise in converting the mediocre to the marvellous
✓ Dedicated Ranker Specialists from all over India
✓ Small-batch size (40-50) to ensure individual attention
✓ Self-managed homely hostels and safe transportation

## 100+ AIIMS & Govt. Medical College Probables in 2023

REETIK SAHOO, ASHUTOSH SAHOO, DIPTI P. BEHERA, PRABHANSHU, AJAYA MEHER, SURYAPRAKASH, LISHA AGRAWAL, NILESH BEHERA, PRAGYAN P. NIAL, SAHIL KU. BAG

BABLU MEHER, SOUMYARANJAN, SUBHAM BISWAL, SONALI GAHIR, SRIANSH MEHER, RITISNIGDHA, DONAL SAHU, DURGESH KHATUA, JYOTIRANJAN, SWAYAMSU NANDA

SUBRAT SAHU, OMM PRAKASH, SRUJANIKA, SWAGATIKA SAHU, USHASI ROUT, BARSHARANI, PRABEEN BHOI, ALPPI SAHOO, ANKITA PATRA, DEEPENDU BEHERA

AJAYA KU. SAHU, ARYAN SAHU, PRANAYA NAIK, JAGRUTI BISWAL, PRITIPRANGYA, JIBANANDA BAG, ANKITA PALAI, ARUNIMA MISHRA, APARNA DASH, ANKITA P. PADHAN

SWADESH MUDULI, SARBESWAR SAHU, ADARSHA MISHRA, MANISHA MOHANTY, JYOTSHNAMAYEE, SOBHAN PRADHAN, SWABHIMAN PATEL, JYOTIPRAKASH, OMKAR RANA, OMSHREE PANDA

PRAJNA PRIYA, SPANDITA SWARUPA, DIPTIMAYEE, SASWAT SINGH, SAMBIT BISWAL, SOUMYA P. DASH, TULESWAR MEHER, PRAGYAN, SAHIL K. BEHERA, AKANKSHYA

SHIBASISH MEHER, SUBHAM PARIDA, SUGYAN TRIPATHY, BISWARANJAN, RUDRA SARATHI, SUCHISMITA, RICHI PRIYADARSHINI, SUDHANSHU SAHU, RAHUL DEV KALSAI, PABITRA PRADHAN

DEBASISH BUDEK, ADITYA K. BEHERA, BALGOPAL MEHER, SHIVRAJ MALLIK, JAYACHANDRA JAL, SUBHAM K. DORA, BHARATI BHUE, ADYASHA CH. TUDU, NEELAM BISWAL, SMRUTIMAYEE DAS

CENTRE OF EXCELLENCE
MEDICAL IIT-JEE
YUVODAYA
EXCLUSIVE CENTRE FOR ONE-YEAR PREPARATION

BHUBANESWAR: JAYADEV VIHAR
9437330577, 7077983222

BALANGIR: SHANTI PADA
9777884488, 9938086842

DIRECT ADMISSIONS 2023-24

YUVODAYA
CBSE-XI & XII

SiP
SCHOOL INTEGRATED PROGRAM

Eligibility: 10th Board Pass

- BHUBANESWAR -
Behind Ram Mandir
7847851736, 9040064200

- BALANGIR -
Hatisal Pada, Near Treasury
9777884488, 9938086842

- BERHAMPUR -
St. Xavier's Campus, Ambapua
9437338316, 9437091905

OUR PREDICTIVE CRITERIA OF SELECTION:
✓ General category students will score 590 to 685 out of 720 marks
✓ Reserved categories (SC & ST) are expected to score 490 and 400 marks or more respectively
✓ 200+ students out of 350 are projected to score more than 500 marks

bona fide Yuvodayans - Now and Always

JEE MAINS - 2023 RESULTS: 48 STUDENTS SCORED MORE THAN 90 PERCENTILE (24 FRESHERS). EVOLVING & GOING FAR IN THE FIELD OF JEE ADV.

**ଇମ୍ରାନ୍‌ଙ୍କ ଲାହୋର ବାସଭବନ ତଲାସି ପାଇଁ ୱାରେଣ୍ଟ**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଲାହୋର ବାସଭବନରେ ୩୦ରୁ ୪୦ ଆତଙ୍କବାଦୀ ଆତ୍ମଗୋପନ କରିଥିବାର ଅଭିଯୋଗ ପରେ ତାଙ୍କ ଘରକୁ ସମ୍ପୂର୍ଣ୍ଣ ତଲାସି ନେବା ଲାଗି ପଞ୍ଜାବ ପୋଲିସ ଶୁକ୍ରବାର ୱାରେଣ୍ଟ ହାସଲ କରିଛି। ଇମ୍ରାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ନେତୃତ୍ୱ ସହ ଆଲୋଚନା ପାଇଁ ପଞ୍ଜାବ ସରକାର ଏକ ଟିମ୍ ପଠାଇବାକୁ ନିଷ୍ପତ୍ତି ନେବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ତଲାସି ଟିମ୍‌ର ନେତୃତ୍ୱ ଜଣେ ଏସ୍‌ପି ନେବାକୁ ଥିବାବେଳେ ସେଥିରେ ମହିଳା ପୋଲିସ ଅଧିକାରୀ ରହିବେ।

# ହିରୋଶିମାରେ ବିଶ୍ୱନେତା

➡ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହର ହିରୋଶିମାରେ ଶୁକ୍ରବାର ଆରମ୍ଭ ହୋଇଛି ଜି୭ ସମ୍ମିଳନୀ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ।

➡ଏଥିରେ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘର ନେତାମାନେ ସାମିଲ ହୋଇଛନ୍ତି।

➡୧୯୪୫ରେ ଆମେରିକା ପକ୍ଷରୁ ନିକ୍ଷେପ କରାଯାଇଥିବା ପରମାଣୁ ବୋମା ବିସ୍ଫୋରଣରେ ନିହତ ହୋଇଥିବା ଅନେକ ହଜାର ଲୋକଙ୍କୁ ହିରୋଶିମା ପିସ୍ ମେମୋରିଆଲ ପାର୍କରେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ କିଶିଦା ସଦସ୍ୟ ରାଷ୍ଟ୍ର ନେତାମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

➡ରୁଷିଆର ୟୁକ୍ରେନ୍ ଆକ୍ରମଣ ଏବଂ ଏହାର ହାଇ ଏଜେଣ୍ଡାକୁ କିପରି ମୁକାବିଲା କରାଯିବ ସେନେଇ ଅପରାହ୍ଣରେ ଆଲୋଚନା ହୋଇଛି।

➡ବିକ୍ଷୋଭକାରୀମାନେ ହିରୋଶିମାରେ 'କ୍ରଶ୍ ଜି ସମିଟ୍' ନାମରେ ରାସ୍ତାକୁ ଓହ୍ଲାଇଛନ୍ତି।



ଜି୭ ସମ୍ମିଳନୀରେ ଯୋଗଦେବା ପାଇଁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହିରୋଶିମାରେ ସ୍ୱାଗତ କରାଯାଉଛି।



ଜାପାନର ହିରୋଶିମା ସହରରେ ଜି ୭ ସମ୍ମିଳନୀ ପାଇଁ ଏକତ୍ରିତ ହୋଇଥିବା (ବାମରୁ) ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ୟୁରୋପୀୟ କମିଶନ ଅଧ୍ୟକ୍ଷା ଭୋନ୍ ଡେର୍ ଲେୟେନ୍, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ୟୁରୋପିଆନ୍ କାଉନ୍‌ସିଲ ପ୍ରେସିଡେଣ୍ଟ ଚାର୍ଲ୍ସ ମିଶେଲ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଏବଂ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ପିସ୍ ମେମୋରିଆଲ ପାର୍କରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଉଛନ୍ତି।

# ଜି୭ରେ ରୁଷିଆ ବିରୋଧୀ ରଣନୀତି

**ହିରୋଶିମା, ୧୯।୫**

ବିଶ୍ୱର ସବୁଠୁ ପ୍ରଭାବଶାଳୀ ଗଣତନ୍ତ୍ରଗୁଡ଼ିକର ନେତାମାନେ ଶୁକ୍ରବାର ଜାପାନର ହିରୋଶିମା ସହରରେ ଏକାଠି ହୋଇଛନ୍ତି। ୟୁକ୍ରେନ୍ ଉପରେ ୧୫ ମାସ ଧରି ଆକ୍ରମଣ ଜାରି ରଖିଥିବା ରୁଷିଆକୁ ଦଣ୍ଡିତ କରିବା ପାଇଁ ଜି୭ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦ ସମ୍ମିଳନୀର ପ୍ରଥମ ଦିନ ନୂଆ ରଣନୀତି ସ୍ଥିର କରିଛନ୍ତି। ୟୁକ୍ରେନ୍‌କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଣବିକ ଆକ୍ରମଣ ଧମକ ସାଙ୍ଗକୁ ଉତ୍ତର କୋରିଆର ମାସାଧିକ କାଳ କ୍ଷେପଣାସ୍ତ୍ର ପରୀକ୍ଷଣ ଏବଂ ଚାଇନା ଦ୍ରୁତଗତିରେ ବିସ୍ତାର କରିଚାଲିଥିବା ନ୍ୟୁକ୍ଲିୟର ଅସ୍ତ୍ର ବିରୋଧରେ ଜାପାନର ଆଣବିକ ନିରସ୍ତ୍ରୀକରଣ ଅଭିଯାନକୁ ଜି୭ ରାଷ୍ଟ୍ରମୁଖ୍ୟମାନେ ସମର୍ଥନ କରିଛନ୍ତି। ବିଶ୍ୱନେତାମାନେ ୧୯୪୫ ଅଗଷ୍ଟ ୬ରେ ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଆମେରିକା ପକ୍ଷରୁ ହିରୋଶିମାରେ ଏକ ବି-୨୯ ପରମାଣୁ ବୋମା ନିକ୍ଷେପ ଫଳରେ ନିହତ ହୋଇଥିବା ୧,୪୦,୦୦୦ ଲୋକଙ୍କୁ ପିସ୍ ପାର୍କରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗ୍ରୁପ୍ ଫଟୋ ଏବଂ ପ୍ରତୀକାତ୍ମକ ଭାବେ ବୃକ୍ଷରୋପଣ କରିବା ପରେ ସେମାନେ ମସ୍କୋ ବିରୋଧରେ ନୂଆ ପର୍ଯ୍ୟାୟରେ କଟକଣା ଜାରି ପାଇଁ ଆଲୋଚନା କରିଥିଲେ।

ରୁଷିଆ ହେଉଛି ବିଶ୍ୱରେ ସର୍ବାଧିକ କଟକଣା ଭୋଗୁଥିବା ରାଷ୍ଟ୍ର। କିନ୍ତୁ ଏହା ବିରୋଧରେ ଲାଗିଥିବା ଆର୍ଥିକ କଟକଣାଗୁଡ଼ିକର ପ୍ରଭାବ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି। ତେଣୁ ପୂର୍ବରୁ ଜାରି କରାଯାଇଥିବା କଟକଣାଗୁଡ଼ିକୁ କାର୍ଯ୍ୟକାରୀ ପାଇଁ ଉଦ୍ୟମକୁ ଦ୍ୱିଗୁଣିତ କରିବା ଉପରେ ସେମାନଙ୍କ ଫୋକସ୍ ରହିଥିବା ଜଣେ ଆମେରକୀୟ ଅଧିକାରୀ ସୂଚନା ଦେଇଛନ୍ତି। ରୁଷୀୟ ହୀରା ଆମଦାନୀ ବନ୍ଦ ସହ ମସ୍କୋ ପାଇଁ ବାଣିଜ୍ୟିକ କାରବାରର ଦ୍ୱାର ବନ୍ଦ କରିବା ଉପରେ ୟୁରୋପୀୟ ସଂଘ (ଇୟୁ) ଗୁରୁତ୍ୱ ଦେଉଛି ବୋଲି ୟୁରୋପିଆନ୍ କାଉନ୍‌ସିଲ୍ ଅଧ୍ୟକ୍ଷ ଚାର୍ଲ୍ସ ମିଶେଲ କହିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି୭ରେ ଯୋଗଦେବା ପାଇଁ ହିରୋଶିମାରେ ପହଞ୍ଚିଛନ୍ତି। ସେ କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ପାଇଁ ଏଠାରୁ ଅଷ୍ଟ୍ରେଲିଆ ଯିବେ। ଜାପାନ, ପପୁଆ ନ୍ୟୁ ଗିନି ଓ ଅଷ୍ଟ୍ରେଲିଆରେ ମୋଦି ୪୦ ବୈଠକରେ ସାମିଲ ହେବେ। ଭାରତ ଚଳିତ ବର୍ଷ ଜି୨୦ରେ ଅଧ୍ୟକ୍ଷତା କରୁଥିବାରୁ ଜି୭ ସମ୍ମିଳନୀରେ ତାଙ୍କ ଉପସ୍ଥିତି ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମୋଦି ଟୁଇଟ୍ କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣକ୍ରମେ ଜି୭ରେ ସାମିଲ ହେବାକୁ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ମଧ୍ୟ ମୋଦି ଆଲୋଚନା କରିବେ ବୋଲି ଜଣାପଡ଼ିଛି।







ହିରୋଶିମାରେ ଜି୭ ସମ୍ମିଳନୀ ଶୁକ୍ରବାର ଆରମ୍ଭ ହୋଇଥିବାବେଳେ ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଉଛି।

## ଶାସକ ଦଳରୁ ଫିଲିପାଇନ୍ସ ଉପରାଷ୍ଟ୍ରପତିଙ୍କ ଇସ୍ତଫା

**ମାନିଲା, ୧୯।୫(ଆଇଏଏନ୍‌ଏସ୍):** ଫିଲିପାଇନ୍ସ ଉପରାଷ୍ଟ୍ରପତି ସାରା ଡୁଟେର୍ଟେ ଶୁକ୍ରବାର ଶାସକ ଦଳ ଲାକାସ-କ୍ରିଷ୍ଟିଆନ୍ ମୁସ୍‌ଲିମ ଡେମୋକ୍ରାଟ୍ସ (ଲାକାସ-ସିଏମ୍‌ଡି)ର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ଝିଅ ସାରା ଦଳର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେ ତାଙ୍କର ଇସ୍ତଫାର କାରଣ ସମ୍ପର୍କରେ କିଛି କହି ନାହାନ୍ତି। ଫିଲିପାଇନ୍ସ ଜନସାଧାରଣଙ୍କ ଆସ୍ଥା ପାଇଁ ସେ ଆଜି ଏଠାରେ ଅଛନ୍ତି। ଏହାକୁ ରାଜନୈତିକ ପ୍ରଦୂଷଣ ଦ୍ୱାରା ବିଷାକ୍ତ କରାଯାଇପାରିବ ନାହିଁ କିମ୍ବା ରାଜନୈତିକ ପାୱାରପ୍ଲେ ଦ୍ୱାରା ଦୁର୍ବଳ କରାଯାଇପାରିବ ନାହିଁ ବୋଲି ସାରା କହିଥିଲେ। ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ଏମ୍‌ପି ଗ୍ଲୋରିଆ ମାକାପାଗାଲ ଆରୋୟୋଙ୍କୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ବରିଷ୍ଠ ଡେପୁଟି ସ୍ପିକରରୁ ଡେପୁଟି ସ୍ପିକରକୁ ପଦାବନତ କରାଯିବା ପରେ ସାରା ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ।



ସାରା ଡୁଟେର୍ଟେ

## ଯୁବକଙ୍କ ମୁଣ୍ଡକାଟି ଧରି ବୁଲିଲେ

**ଜୟପୁର, ୧୯।୫:** ରାଜସ୍ଥାନର ଜାଲୋର ଜିଲାରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ସର୍ବସମ୍ମୁଖରେ ଜଣେ ୨୩ ବର୍ଷୀୟ ଯୁବକଙ୍କ ମୁଣ୍ଡକାଟି ହତ୍ୟା କରିଛନ୍ତି। ବୁଧବାର ସନ୍ଧ୍ୟାରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଜଣକ କିଛି ସମୟ ପର୍ଯ୍ୟନ୍ତ ଯୁବକଙ୍କ କଟାମୁଣ୍ଡ ଧରି ବୁଲିବା ପରେ ରାସ୍ତା ପାର୍ଶ୍ୱରେ ଫିଙ୍ଗିଦେଇଥିଲେ। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାବେଳେ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅଭିଯୁକ୍ତ ଶଙ୍କଲାରାମ ଭିଲ୍‌ଙ୍କୁ ପୋଲିସ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି।

## ଜ୍ଞାନବାପି ଶିବଲିଙ୍ଗର କାର୍ବନ ଡେଟିଂକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୫**

ବାରାଣସୀର ଜ୍ଞାନବାପୀ ମସ୍‌ଜିଦ-କାଶୀ ବିଶ୍ୱନାଥ କରିଡର ମଧ୍ୟରେ ରହିଥିବା ଶିବଲିଙ୍ଗର କାର୍ବନ ଡେଟିଂକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଭିଡିଓଗ୍ରାଫି ସର୍ଭେ ବେଳେ ଜ୍ଞାନବାପି କମ୍ପ୍ଲେକ୍ସ ପରିସରରୁ ଶିବଲିଙ୍ଗ ଭଳି ଏକ ବିବାଦୀୟ ଢାଞ୍ଚା ମିଳିଥିଲା। ତାହା ଶିବଲିଙ୍ଗ କି ନୁହେଁ ଏବଂ କେବେଠାରୁ ସେଠାରେ ରହିଛି, ତାହା ଜାଣିବା ପାଇଁ କାର୍ବନ ଡେଟିଂ ନିମନ୍ତେ ଆଲ୍ଲାହାବାଦ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କାର୍ବନ ଡେଟିଂ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ବିରୋଧରେ ମୁସଲମାନ ପକ୍ଷ କରିଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କୁ ଜବାବ ମାଗିଛନ୍ତି। କାର୍ବନ ଡେଟିଂ ବ୍ୟତୀତ ଅନ୍ୟ ବୈଜ୍ଞାନିକ ପଦ୍ଧତିର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ।



## ମୋଚା ତାଣ୍ଡବ ମ୍ୟାନ୍‌ମାରରେ ୧୪୫ ମୃତ

**ବ୍ୟାଙ୍କକ୍, ୧୯।୫**

ବାତ୍ୟା ମୋଚା ପ୍ରଭାବରେ ମ୍ୟାନ୍‌ମାରରେ ଅଦ୍ୟାବଧି ୧୪୫ ଜଣଙ୍କ ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ୧୧୭ ରୋହିଙ୍ଗ୍ୟା ମୁସଲମାନ ରହିଛନ୍ତି। ମ୍ୟାନ୍‌ମାରର ରାଖିନରେ ମୋଚା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟାଇଥିବାବେଳେ ଅନ୍ୟ ଅଞ୍ଚଳରେ ବାତ୍ୟା ଯୋଗୁ କେତେଜଣ ପ୍ରାଣ ହରାଇଛନ୍ତି ସେ ନେଇ ମ୍ୟାନ୍‌ମାର ଆର୍ମି ଶାସକଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷେ ବାତ୍ୟାରେ ଦେଶରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ସେନା ପକ୍ଷରୁ ଖଣ୍ଡନ କରାଯାଇଛି।

## ବିହାର ସରକାରଙ୍କୁ ମୂଳ ରେକର୍ଡ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

୧୯୯୪ରେ ବିହାର ଗୋପାଳଗଞ୍ଜ ଜିଲାପାଳ ଜି. କ୍ରିଷ୍ଣେୟାଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ପୂର୍ବତନ ଏମ୍‌ପି ଆନନ୍ଦ ମୋହନଙ୍କ ଦଣ୍ଡ କୋହଳ କରାଯାଇ ଅବଧି ପୂର୍ବରୁ ମୁକ୍ତ କରାଯିବା ଘଟଣାରେ ସୁପ୍ରିମକୋର୍ଟ ବିହାର ସରକାରଙ୍କୁ ଜବାବ ମାଗିଛନ୍ତି। ଆନନ୍ଦ ମୋହନଙ୍କ ଦଣ୍ଡ କୋହଳ କରାଯିବା ସମ୍ପର୍କିତ ସମସ୍ତ ମୂଳ ରେକର୍ଡ ଦାଖଲ କରିବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ କହିଛନ୍ତି। ମାମଲାର ଶୁଣାଣିକୁ ଅଧିକ ଦିନ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ ସୂର୍ଯ୍ୟ କାନ୍ତ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ବିହାର ସରକାରଙ୍କ ଓକିଲ ମନୀଷ କୁମାରଙ୍କୁ କହିବା ସହ ତୁରନ୍ତ ସମସ୍ତ ରେକର୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରେକର୍ଡ ଦାଖଲ ପାଇଁ ମନୀଷ ସମୟ ଚାହିଁବାରୁ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮କୁ ଧାର୍ଯ୍ୟ କରାଯାଇଛି। ଆନନ୍ଦ ମୋହନଙ୍କୁ ଜେଲ୍‌ରୁ ମୁକ୍ତ କରାଯିବା ଘଟଣାକୁ କ୍ରିଷ୍ଣେୟାଙ୍କ ସ୍ତ୍ରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**ଆନନ୍ଦ ମୋହନଙ୍କୁ ଜେଲରୁ ମୁକ୍ତ କରାଯିବା ଘଟଣା**

## ସୁପ୍ରିମକୋର୍ଟର ୨ ନୂଆ ବିଚାରପତି ଶପଥ ନେଲେ

**ନୂଆଦିଲ୍ଲୀ, ୧୯।୫(ପି.ଟି.)**

ସୁପ୍ରିମକୋର୍ଟର ନୂଆ ବିଚାରପତି ଭାବେ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା ଏବଂ ବରିଷ୍ଠ ଆଇନଜୀବୀ କାଲପଥି ଭେଙ୍କଟରମଣ ବିଶ୍ୱନାଥନ ଶୁକ୍ରବାର ଶପଥ ନେଇଛନ୍ତି। ସୁପ୍ରିମକୋର୍ଟ ଅଡିଟୋରିୟମରେ ଅନୁଷ୍ଠିତ ଉତ୍ସବରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ସେମାନଙ୍କୁ ଶପଥ ପାଠ କରାଇଥିଲେ। ଦୁଇ ବିଚାରପତିଙ୍କ ଶପଥ ଗ୍ରହଣ ସହିତ ଶୁକ୍ରବାର ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୪କୁ ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ଜୁନ୍‌ରେ ଅବସର ନେବାକୁ ଯାଉଥିବା ୩ ଜଣ ବିଚାରପତିଙ୍କର ଶୁକ୍ରବାର ଶେଷ କାର୍ଯ୍ୟ ଦିବସ ଥିଲା। ମେ' ୨୨ରୁ ଜୁଲାଇ ୨ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ଗ୍ରୀଷ୍ମାବକାଶ ପାଇଁ ବନ୍ଦ ରହିବ। ଜଷ୍ଟିସ୍ କେ.ଏମ୍. ଜୋସେଫ, ଜଷ୍ଟିସ୍ ଅଜୟ ରସ୍ତୋଗୀ ଏବଂ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍ ଗ୍ରୀଷ୍ମାବକାଶ ମଧ୍ୟରେ ଅବସର ନେବେ। ଜଷ୍ଟିସ ଜୋସେଫ ଜୁନ୍ ୧୬ରେ ଅବସର ନେବାକୁ ଥିବାବେଳେ ଜଷ୍ଟିସ୍ ରସ୍ତୋଗୀ ଜୁନ୍ ୧୭ରେ ଏବଂ ଜଷ୍ଟିସ ରାମସୁବ୍ରମଣ୍ୟନ ଜୁନ୍ ୨୯ରେ ଅବସର ଗ୍ରହଣ କରିବେ।



ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରା



କେ.ଭି. ବିଶ୍ୱନାଥନ

## ବିଶ୍ୱର ୫୦% ବୃହତ୍ ହ୍ରଦରେ କମୁଛି ଜଳସ୍ତର

**ନୂଆଦିଲ୍ଲୀ, ୧୯।୫**

ବିଶ୍ୱର ବୃହତ୍ ହ୍ରଦଗୁଡ଼ିକ ଶୁଖିବାରେ ଲାଗିଛି। ଜଳ ଅପଚୟ ଏବଂ ତାପମାତ୍ରା ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି ଆମେରିକାର ୟୁନିଭର୍ସିଟି ଅଫ୍ ଭର୍ଜିନିଆ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ପାଖାପାଖି ୫୦% ବୃହତ୍ ହ୍ରଦ ଏ ପ୍ରକାର ଜଟିଳ ସ୍ଥିତି ଦେଇ ଗତି କରୁଥିବା ଜର୍ନାଲ ସାଇନ୍ସରେ ପ୍ରକାଶ ପାଇଥିବା ଅଧ୍ୟୟନ ସମ୍ବନ୍ଧୀୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ଅଧ୍ୟୟନର ମୁଖ୍ୟ ଫାଇଣ୍ଡିଂ ୟାଓ ହୋଇଥିବାବେଳେ ୟୁନିଭର୍ସିଟି ଅଫ୍ କଲୋରାଡୋ ବୋଲ୍‌ଡର, କାନ୍‌ସାସ୍ ଷ୍ଟେଟ୍ ୟୁନିଭର୍ସିଟି ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଶ୍ୱର ୨,୦୦୦ ହ୍ରଦରେ ଜଳ ଶୁଖିବା ଆରମ୍ଭ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ହ୍ରଦ ଜଳ ସମ୍ପର୍କରେ ଅଧ୍ୟୟନ କରାଯିବା ଲାଗି ବିଶେଷଜ୍ଞମାନେ ଆରେ ସାଟେଲାଇଟ ଜରିଆରେ ସଂଗୃହୀତ ୩୦ ବର୍ଷର ତଥ୍ୟକୁ ଏଥିରେ ବ୍ୟବହାର କରିଛନ୍ତି। ୧୯୯୨ରୁ ୨୦୨୦ ମଧ୍ୟରେ ସାଟେଲାଟ ଜରିଆରେ ପୃଥିବୀର ୨,୫୦,୦୦୦ ପରିମିତ ଅଞ୍ଚଳରେ ବ୍ୟାପିଥିବା ୧,୯୭୨ ବୃହତ୍ ହ୍ରଦର ସ୍ନାପ୍‌ଶଟ୍‌କୁ ନେଇ ଉକ୍ତ ସର୍ଭେ କରାଯାଇଛି। ଅଧ୍ୟୟନ ମୁତାବକ ବିଶ୍ୱର ୫୩ ପ୍ରତିଶତ ହ୍ରଦରେ ଜଳ ଧାରଣ କମିଛି।

ଜଳବାୟୁ ପରିବର୍ତ୍ତନ, ମନୁଷ୍ୟକୃତ ଜଳ ଅପଚୟ ଯୋଗୁ ବିଶ୍ୱର ୧୦୦ ବଡ଼ ହ୍ରଦର ଆୟତନ କମିଛି। ଏଥିସହ ଜଳ ପରିମାଣ ମଧ୍ୟ ହ୍ରାସ ପାଇଛି। ଉଭୟ ଶୁଷ୍କ ଓ ଆର୍ଦ୍ର ଭୂମି ହ୍ରଦଗୁଡ଼ିକରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପୃଥିବୀର ଦୁଇ-ତୃତୀୟାଂଶ ବଡ଼ ଜଳାଶୟରେ ଜଳର ପରିମାଣ କ୍ରମାଗତ ହ୍ରାସ ପାଇଚାଲିଛି। ଜଳସ୍ତର କମିବା ଯୋଗୁ ବହୁ ହ୍ରଦ ସଙ୍କୁଚିତ ହେବାରେ ଲାଗିଥିବାବେଳେ ୨୪% ହ୍ରଦରେ ଜଳ ଧାରଣ ବଢ଼ିଛି। ବିଶେଷ କରି କମ୍ ଲୋକ ବାସ କରୁଥିବା ଅଞ୍ଚଳରେ ଥିବା ହ୍ରଦ ଜଳସ୍ତରରେ ବୃଦ୍ଧି ଦେଖିବାକୁ ମିଳିଛି। ଆର୍ମେନିଆର ସେଭାନ ହ୍ରଦ ଜଳ ପରିମାଣ ଗତ ୨୦ ବର୍ଷ ଧରି ବଢ଼ିବାରେ ଲାଗିଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ' ୨୦/୨୦୨୩ | Bhubaneswar, Saturday, May 20/2023 | ପୃଷ୍ଠା-୧




**ସାମ୍ କୁରାନଙ୍କ ଦୃଢ ବ୍ୟାଟିଂ**
ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ସାମ୍ କୁରାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।
୧୪

୦୯
**ପସନ୍ଦ ଆସୁଛି 'ସତ୍ୟ ପ୍ରେମ୍ କି କଥା'ର ଟିଜର**
କାର୍ତ୍ତିକ ଆର୍ଯ୍ୟନ ଓ କିଆରା ଆଡଭାନୀଙ୍କ ଅଭିନୀତ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା'ର ଟିଜର ନିକଟରେ ରିଲିଜ୍ ହୋଇଥିବାବେଳେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି।



# ୨ ହଜାରିଆ ନୋଟ୍ ଗଲା

**୮ ନଭେମ୍ବର ୨୦୧୬ ବିମୁଦ୍ରୀକରଣ ପରେ ପ୍ରଚଳିତ ୨,୦୦୦ ଟଙ୍କିଆ ନୋଟ୍‌କୁ ଆର୍‌ବିଆଇ ଶୁକ୍ରବାର ପ୍ରତ୍ୟାହାର ଘୋଷଣା କରିଥିବାରୁ ଲୋକଙ୍କ ମନରେ ଛନକା ପଶିଛି। ୨୦୨୩ ସେପ୍ଟେମ୍ବର ୩୦ ମଧ୍ୟରେ ଏହାକୁ ବଦଳାଯାଇ ପାରିବ ବୋଲି ସମୟସୀମା ରଖାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସରକାରୀ ଭାବେ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ବିରୋଧୀ ଦ୍ୱିତୀୟ ବିମୁଦ୍ରୀକରଣ ଆଖ୍ୟା ଦେଲେଣି।**

**ମୁମ୍ବାଇ/ନୂଆଦିଲ୍ଲୀ, ୧୯।୫**

୨,୦୦୦ ଟଙ୍କିଆ ନୋଟ୍ ଆଉ ଦେଖିବାକୁ ମିଳିବ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହି ବଡ଼ ନୋଟ୍‌କୁ ସର୍କ୍ୟୁଲେଶନ୍‌ରୁ ପ୍ରତ୍ୟାହାର କରିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛି। ବର୍ତ୍ତମାନ ପ୍ରଚଳିତ ୨,୦୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ବ୍ୟାଙ୍କ ଆକାଉଣ୍ଟରେ ଜମା କରିହେବ କିମ୍ବା ସେଗୁଡ଼ିକୁ ସେପ୍ଟେମ୍ବର ସୁଦ୍ଧା ବଦଳାଯାଇପାରିବ। ତେବେ ଏହି ନୋଟ୍‌ର ଆଇନଗତ ବୈଧତା ବଳବତ୍ତର ରହିବ ବୋଲି ଆର୍‌ବିଆଇ ପକ୍ଷରୁ ଘୋଷଣା କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପକୁ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ବିମୁଦ୍ରୀକରଣ ବା ଡେମୋ ୨.୦ ଆଖ୍ୟାଦେଇ ସମାଲୋଚନା କରିଛି।

ଆର୍‌ବିଆଇ ଜାରି କରିଥିବା ଏକ ବିବୃତିରେ କୁହାଯାଇଛି ଯେ, ପରିଚାଳନାଗତ ସୁବିଧାକୁ ସୁନିଶ୍ଚିତ କରିବା ଏବଂ ବ୍ୟାଙ୍କ ଶାଖାଗୁଡ଼ିକରେ ନିୟମିତ କାର୍ଯ୍ୟକଳାପରେ ବ୍ୟାଘାତକୁ ଏଡ଼ାଇବା ପାଇଁ ମେ' ୨୩ରୁ ସେପ୍ଟେମ୍ବର ୩୦ ମଧ୍ୟରେ ୨,୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାଙ୍କରେ ଦେଇ ଅନ୍ୟ ନୋଟ୍‌ଗୁଡ଼ିକୁ ନିଆଯାଇପାରିବ। କିନ୍ତୁ ଏହି ବିନିମୟ ପାଇଁ ୨୦,୦୦୦ ଟଙ୍କା ସୀମା ଧାର୍ଯ୍ୟ କରାଯାଇଛି। ଏଥିସହ ବର୍ତ୍ତମାନଠାରୁ ୨,୦୦୦ ଟଙ୍କିଆ ନୋଟ୍ ଜାରି ନ କରିବାକୁ ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇ ପରାମର୍ଶ ଦେଇଛି। ଏହାବାଦ୍ ଆର୍‌ବିଆଇର ୧୯ଟି ଆଞ୍ଚଳିକ ଅଫିସରେ ମଧ୍ୟ ଏକକାଳୀନ ସର୍ବାଧିକ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ସୁବିଧା ମେ' ୨୩ରୁ ଉପଲବ୍ଧ ହେବ। ଅନ୍ୟ ନୋଟ୍‌ଗୁଡ଼ିକ ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ଥିବାରୁ ୨,୦୦୦ ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରାଯାଉଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି। ତେବେ ଜନ ସାଧାରଣ ନିଜ ପାଖରେ ରଖିଥିବା ୨,୦୦୦ ଟଙ୍କିଆ ନୋଟ୍‌କୁ କାରବାରରେ ଓ ଦେୟ ନେଣଦେଣ ବେଳେ ବ୍ୟବହାର କରିପାରିବେ। କିନ୍ତୁ ଏଥିପାଇଁ ୨୦୨୩ ସେପ୍ଟେମ୍ବର ୩୦ ହେଉଛି ଶେଷ ତାରିଖ। ଅର୍ଥାତ୍ ଆସନ୍ତା ସେପ୍ଟେମ୍ବର ୩୦ ପରେ ୨,୦୦୦ ଟଙ୍କିଆ ନୋଟ୍ ବ୍ୟବହାରଯୋଗ୍ୟ ହେବ ନାହିଁ।

ପ୍ରକାଶ ଯେ, ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌ର ବିମୁଦ୍ରୀକରଣ ଘୋଷଣା କରିଥିଲେ। ସେହି ସମୟରେ ☞ପୃଷ୍ଠା-୨



## ନୋଟ୍ ପ୍ରତ୍ୟାହାର ନେଇ ଆର୍‌ବିଆଇର ଘୋଷଣା

■ ମେ' ୨୩ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରେ ବଦଳାଇ ହେବ

# ୫ ଲକ୍ଷ ନୁହେଁ, ମାତ୍ର ୫୮ ହଜାର

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର, ୧୯।୫**

ଓଡ଼ିଶାର ବେକାର ଯୁବତୀଯୁବକମାନଙ୍କ ଦକ୍ଷତା ବିକାଶ ଲାଗି ରାଜ୍ୟ ସରକାର ଅନେକ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ଉଲ୍ଲେଖ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ବଜେଟରେ ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ମୋଟ୍ ୯୮୬ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ବିଭାଗ ଲାଗି ମୋଟ୍ ୮୧୧ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ସରକାର ଗତ ୧୦ ବର୍ଷରେ ଦକ୍ଷତା ବିକାଶ କ୍ଷେତ୍ରରେ ଅନେକ କିଛି ସଫଳତା ହାସଲ କରିଥିବା ଚିତ୍ର ମଧ୍ୟ ଲୋକଙ୍କ ଆଗରେ ରଖୁଛନ୍ତି। ସରକାର ତାଙ୍କ ବଜେଟ ବହିର ପୃଷ୍ଠା ୧୭ର ୪ର୍ଥ ପାରାରେ ଉଲ୍ଲେଖ କରିଛନ୍ତି, ଗତ ୩ ବର୍ଷ ଭିତରେ କୋଭିଡ୍ ମହାମାରୀ ସତ୍ତ୍ୱେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ୫ ଲକ୍ଷରୁ ଅଧିକ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ହେଲେ ସମାନ ପ୍ରସଙ୍ଗରେ ବିଧାନସଭାରେ ମନ୍ତ୍ରୀ ରଖିଥିବା ଉତ୍ତର ଏବଂ ସରକାରଙ୍କ ବଜେଟ ବହି ଭିତରେ ତାଳମେଳ ନାହିଁ। ଗୋଟିଏ ପଟେ ସରକାର ୩ ବର୍ଷରେ ୫ ଲକ୍ଷ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦେଇଥିବା ନେଇ ଉତ୍ତର ରଖୁଥିବାବେଳେ ବିଧାନସଭାରେ ଉତ୍ତରରେ କିନ୍ତୁ ଗତ ୭ ବର୍ଷରେ ମୋଟ୍ ୫୮, ୯୦୨ ଜଣଙ୍କୁ ତାଲିମ ଦିଆଯାଇଥିବା କଥା କହୁଛନ୍ତି। ବାକି ୪ ଲକ୍ଷ ୪୧ ହଜାର ୦୯୮ ଜଣ କୁଆଡେ ଗଲେ ତାହାର ହିସାବ ନାହିଁ। ତେଣୁ ଏଥିରୁ କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍ ତାହା ବୁଝାପଡୁନାହିଁ।

ରାଜ୍ୟ ସରକାର ପ୍ରାୟ ସବୁ ତାଲିମ କାର୍ଯ୍ୟକ୍ରମ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳନା କରୁଛନ୍ତି। ସୁବ୍ରତୋ ବାଗ୍‌ଚୀ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଅଛନ୍ତି। ତାଙ୍କୁ କ୍ୟାବିନେଟ୍ ପାହ୍ୟା ସହ ରାଜ୍ୟ ସରକାର ୭ ବର୍ଷ ହେଲା ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି। ମନ୍ତ୍ରୀମାନଙ୍କ ଭଳି ତାଙ୍କୁ ଅଦଳବଦଳ କରିବା କିମ୍ବା କ୍ୟାବିନେଟ୍ ପାହ୍ୟା ଉଠାଇନେବା ଭଳି କୌଣସି କଥା ଏହି ସମୟ ଭିତରେ ଦେଖାଯାଇ ନାହିଁ। ଏହି ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ କିନ୍ତୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଆସୁଛି। ଏହି ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ତାଙ୍କୁ କିନ୍ତୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି। ବିଧାନସଭାରେ ବାଗ୍‌ଚୀଙ୍କ ସଫଳତା ବିଫଳତା କଥା ନୁହେଁ ମନ୍ତ୍ରୀଙ୍କୁ ବିଭାଗର ମାଲିକ ହିସାବରେ ଉତ୍ତର ରଖିବାକୁ ପଡୁଛି। କୌତୂହଳର ବିଷୟ ହେଲା ରାଜ୍ୟପାହ୍ୟା ମନ୍ତ୍ରୀ ତାଙ୍କଠାରୁ ଅଧିକ ବରିଷ୍ଠ ପଦବୀରେ ଥିବା ବାଗ୍‌ଚୀଙ୍କ କାର୍ଯ୍ୟକଳାପ ଉପରେ ଟିପ୍ପଣୀ ଦେଉଛନ୍ତି। ସରକାର ତାଙ୍କ ବଜେଟ ବହିରେ ଆହୁରି ଉଲ୍ଲେଖ କରିଛନ୍ତି, ଯୁବତୀଯୁବକମାନଙ୍କୁ ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ☞ପୃଷ୍ଠା-୨

ODISHA SKILL DEVELOPMENT AUTHORITY

**ଆଜିର ସମ୍ପାଦକୀୟ** | **ଖିଆଲିରେ କ୍ଷତି**




IIG ACADEMY
TRANSFORMING MINDS

ENGINEERING | MEDICAL | FOUNDATION

ADMISSIONS OPEN
FOR
XI CBSE INTEGRATED SCIENCE

- Personalized attention to ALL Students
- 10:1 Mentorship
- 30 Batch size
- Experienced Faculties from IITs & NITs
- Customized weekly & monthly assessment
- Special Doubt clearing classes at hostel
- Access to Computer at hostel
- Secured, Hygienic hostel facility with Home-style Food for both boys and girls
- 2 Campus to Choose from Khordha / BBSR

TAKE THE ADVANTAGE OF HOTEL COUNSELLING

| Berhampur | Jharsuguda | Sambalpur | Nayagarh | Kendrapara |
|---|---|---|---|---|
| Hotel:-JYOTI RESIDENCY<br>No.:-7651903265 | Hotel:-HOTEL MICRO CONTINENTAL<br>No.:-9090111188 | Hotel:-UPAHAR PALACE<br>No.:-9090111188 | Hotel:-HOTEL TRINATH<br>No.:-9090111188 | Hotel:-GAURISHANKAR<br>No.:-7978898594 |
| 20th May, Saturday | 20th May, Saturday | 21st May, Sunday | 22nd May, Monday | 23rd May, Tuesday |

BBSR Campus
CONTACT US :
90901 111 99

KHORDHA Campus
CONTACT US :
90901 111 88

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲି ଅଇଲି, ଯାହା ଦେଖିଲି ତାହା କହିଲି।**

ବେଳେବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଛର ଛାଇ ମଣିଷର ହାଇ, ଯହିଁ ପଡ଼େ ତହିଁ ଉଧଇ ନାହିଁ।**

ବଡ଼ ଗଛ ମୂଳରେ ସୂର୍ଯ୍ୟକିରଣ ଭଲରେ ପଡିପାରୁ ନ ଥିବାରୁ ସେଠି ଅନ୍ୟ ଛୋଟ ଗଛ ଉଧାଏ ନାହିଁ। ସେହିପରି ମଣିଷର ଈର୍ଷାଳୁ ଭାବ ବା ନିଃଶ୍ୱାସ ଯାହା ଉପରେ ପଡ଼େ ସେ ଆଉ ସେତେ ଅଗ୍ରଗତି କରିପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ନାତକରେ ୩, ସ୍ନାତକୋତ୍ତରରେ ଗୋଟିଏ ନୂଆ ପାଠ୍ୟକ୍ରମ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଚଳନ କରିବ**

କୋରାପୁଟ,୧୯।୫(ସ୍ୱ.ପ୍ର .)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୨୦୨୩-୨୪ ଶିକ୍ଷାବର୍ଷରୁ ୩ଟି ନୂତନ ସ୍ନାତକ ପାଠ୍ୟକ୍ରମ ଓ ଗୋଟିଏ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବ। ଏଥିରେ କୃଷିବିଜ୍ଞାନ, ଦୁଗ୍ଧ ବିଜ୍ଞାନ ଓ ଜଙ୍ଗଲ ପରିଚାଳନାରେ ୪ ବର୍ଷିଆ ବିଏସ୍‌ସି ପାଠ୍ୟକ୍ରମ ଏବଂ ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ପରିଚାଳନାରେ ୨ବର୍ଷିଆ ପିଜି/ ଏମ୍‌ବିଏ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ନିକଟରେ ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀ ନୂଆଦିଲ୍ଲୀଠାରେ ଶିକ୍ଷା ମନ୍ତ୍ରଣାଳୟର ଅନୁଷ୍ଠିତ ଏକ ବୈଠକରେ ନୂତନ ପାଠ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟ ସମେତ ଯୁବପିଢ଼ିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପରୋକ୍ତ ନୂତନ ପାଠ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଖାଦ୍ୟ ନିରାପତ୍ତା ଓ ଜୈବ ବିବିଧତା ସଂରକ୍ଷଣ ପାଇଁ ୨୦୧୨ରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ଓଡ଼ିଶାର କୋରାପୁଟ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ କୃଷି ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ କୃଷି ଐତିହ୍ୟ ବ୍ୟବସ୍ଥା (ଜିଆଇଏଏଚ୍‌ଏସ୍)ର ମାନ୍ୟତା ପ୍ରଦାନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ୨୦୨୩-୨୪ ଶିକ୍ଷାବର୍ଷରୁ କୃଷିବିଜ୍ଞାନ, ଦୁଗ୍ଧ ବିଜ୍ଞାନ ଓ ଜଙ୍ଗଲ ପରିଚାଳନା କ୍ଷେତ୍ରରେ ୪ ବର୍ଷିଆ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଲଜିଷ୍ଟିକ୍ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାରେ ୨ବର୍ଷିଆ ପିଜି/ଏମ୍‌ବିଏ ପାଠ୍ୟକ୍ରମ ଏହି ଆବଶ୍ୟକତା ପୂରଣ କରିବ। ଉପରୋକ୍ତ ପାଠ୍ୟକ୍ରମ ପାଇଁ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ନାମଲେଖା ବିଜ୍ଞପ୍ତି ପ୍ରକାଶ କରିବ। ୨୦୨୩ ଜୁଲାଇ ୩୧ ପୂର୍ବରୁ ନାମଲେଖା ପ୍ରକ୍ରିୟା ଶେଷ ହେବ। ନିକଟରେ ଉପରୋକ୍ତ ପାଠ୍ୟକ୍ରମ ପାଇଁ ନୂତନ ଅଧ୍ୟାପକ ନିଯୁକ୍ତ ହେବେ ବୋଲି କୁଳପତି ତ୍ରିପାଠୀ କହିଛନ୍ତି।

# ୧୨ ପଥର ଖଣି ନିଲାମ ହେବ

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ରାଜ୍ୟ ସରକାର ଆଉ ୧୨ଟି ପଥର ଖଣିକୁ ନିଲାମ କରିବେ। ଏ ନେଇ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ମାଇନ୍ସ ଆଣ୍ଡ ମିନେରାଲ(ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ ୧୯୫୭ ଏବଂ ଓଡ଼ିଶା ମାଇନ୍ସ ମିନେରାଲ କନସେଶନ ରୁଲ୍ସ-୨୦୧୬ ଆଧାରରେ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ସେହି ଖଣିଗୁଡ଼ିକ ହେଲା ବାହାରପଡ଼ା-ଜାମୁରିହା(ଇଷ୍ଟ), ବାହାରପଡ଼ା-ଜାମୁରିହା(ୱେଷ୍ଟ) ବେତରାଇଜିଁ ବ୍ଲକ-ଏ ଓ ବ୍ଲକ-ବି, ଡମ୍ବା, ଡେରାବ ପୂର୍ବ ଓ ପଶ୍ଚିମ, ଖାଡ଼ପଡ଼ା, ଲାଉସାହି, ନୂଆଗାଁ(ନୂଆଗଡ଼), ନୂଆଗାଁ (ଗୁବୁରୁବା ମୌଜା) ଏବଂ ତେନ୍ତୁଳିଖୁଣ୍ଟି। ଜୁନ୍ ୨୯ ତାରିଖ ସୁଦ୍ଧା ଟେଣ୍ଡର ଡକ୍ୟୁମେଣ୍ଟ କ୍ରୟ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଜୁଲାଇ ୭ ତାରିଖ ଟେଣ୍ଡର ଆବେଦନ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଫାଇନାନ୍ସିଆଲ ବିଡ୍ କେବେଳ ଡିଜିଟାଲ ପ୍ଲାଟ୍‌ଫର୍ମରେ ଆବେଦନ କରାଯିବାକୁ ଥିବାବେଳେ ଟେକ୍ନିକାଲ ବିଡ୍ ଉଭୟ ଡିଜିଟାଲ ଓ ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ। ଲଘୁଖଣିଜ ପଦାର୍ଥ ପ୍ରଶାସନିକ କ୍ଷମତା ରାଜସ୍ୱ ବିଭାଗ ହାତରୁ ରାଜ୍ୟ ସରକାର ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ହସ୍ତାନ୍ତର ହେବା ପରେ ଖଣି ବିଭାଗର ଏହା ହେଉଛି ପ୍ରଥମ ଖଣି ନିଲାମ।

# ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ଆନନ୍ଦପୁର,୧୯।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ଥାନା ସମ୍ମୁଖ ଷ୍ଟେଟ୍ ବ୍ୟାଙ୍କ ଶାଖା ପଛପାର୍ଶ୍ୱ କଲୋନିରେ ସାବିତ୍ରୀ ପୂଜା ସମୟରେ ଅଘଟଣ ଘଟିଛି। ଜଣେ ମହିଳାଙ୍କ ଦେହରେ ଦୀପରୁ ନିଆଁ ଲାଗି ଗୁରୁତର ହୋଇଛନ୍ତି। ମହିଳା ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ଘନଶ୍ୟାମ ସାହୁଙ୍କ ସ୍ତ୍ରୀ ଅଭିଲିପ୍ସା। ସେ ଘରେ ଥିବା ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରୁଥିଲେ। ଠାକୁରଘରେ ଜଳୁଥିବା ଦୀପରୁ ଅସାବଧାନତାବଶତଃ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

# ଦକ୍ଷିଣ ଆଣ୍ଡାମାନରେ ମୌସୁମୀ

- **ଓଡ଼ିଶାକୁ ହେବ ବିଳମ୍ବ**
- **ପଶ୍ଚିମରେ ତାତି, ଉପକୂଳରେ କାଳବୈଶାଖୀ**
- **୪୩ ଡିଗ୍ରୀ ଉପରେ ୩ ସହର, ୪୦ ଡିଗ୍ରୀ ଉପରେ ୧୮**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କିଛି ଅଂଶ, ନିକୋବର ଓ ଦକ୍ଷିଣ ଆଣ୍ଡାମାନ ଉପକୂଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଏ ନେଇ ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରପୋସ୍ପିୟର ତଳ ସ୍ତରରେ ଦକ୍ଷିଣ-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ଉକ୍ତ ସ୍ଥାନଗୁଡ଼ିକରେ ବର୍ଷା ହେଉଛି। ଏଥିଯୋଗୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ନିକଟକୁ ଅଗ୍ରସର ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ ବିଳମ୍ବ ହେବା ନେଇ ପୂର୍ବାନୁମାନ କରାଯାଉଛି। ଜୁନ୍ ୧୦ ବଦଳରେ ଆଉ ଏକ ସପ୍ତାହ ଗଡ଼ିଯିବା ସମ୍ଭାବନା ରହିଛି। ଜୁନ୍ ୧୫ ଯାଏ ରାଜ୍ୟରେ ତାତିର ପ୍ରକୋପ ଜାରି ରହିବ। ଏହି ସମୟରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ରହିବା ନେଇ ପୂର୍ବାନୁମାନ କରାଯାଉଛି। ତାପମାତ୍ରା ନ କମିଲେ ରାଜ୍ୟକୁ ମୌସୁମୀ ପ୍ରବେଶ କରିବା ସମ୍ଭବ ହେବ ନାହିଁ। ଓଡ଼ିଶାକୁ ମୌସୁମୀ ଆସିବା ବେଳକୁ ଜୁନ୍ ୧୬ କିମ୍ବା ୧୭ ହେବ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରୁଛନ୍ତି। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ’ ୨୦ ତାରିଖ ସୁଦ୍ଧା ଆଣ୍ଡାମାନ, ନିକୋବର ଉପକୂଳକୁ ଆସିବା ବେଳେ ଜୁନ୍ ୩ରୁ ୪ ତାରିଖ ମଧ୍ୟରେ କେରଳ ଉପକୂଳକୁ ପ୍ରବେଶ କରିଥାଏ।

ଅନ୍ୟପକ୍ଷରେ ଗତ କିଛିଦିନ ହେବ ରାଜ୍ୟରେ ତାତି ସହିତ କାଳବୈଶାଖୀଜନିତ ବର୍ଷା ଜାରି ରହିଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଉପକୂଳରେ ଝଡ଼ବର୍ଷା ପରିବେଶକୁ ଥଣ୍ଡା କରି ଦେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୩.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ସୋନପୁର ୪୩, ସମ୍ବଲପୁର ୪୩, ବୌଦ୍ଧ ୪୨.୮, ଝାରସୁଗୁଡ଼ା ୪୨.୬, ରାଉରକେଲା ୪୨.୨, ନୂଆପଡ଼ା, ୪୨, ବରଗଡ଼ ୪୨, ବାରିପଦା ୪୧, ଦେବଗଡ଼ ୪୧, ହୀରାକୁଦ ୪୦.୯, ତାଳଚେର ୪୦.୮, ଟିଟିଲାଗଡ଼ ୪୦.୫, ଭବାନୀପାଟଣା ୪୦.୫, ଫୁଲବାଣୀ ୪୦.୫, ଅନୁଗୋଳ ୪୦.୧ ଏବଂ ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସମ୍ବଲପୁରରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଟିମ୍

ସମ୍ବଲପୁର,୧୯।୫(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ଶୁକ୍ରବାର ସମ୍ବଲପୁରରେ ପହଞ୍ଚିଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ ସହ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସନ୍ଧ୍ୟା ୭ଟାରେ ଝାରସୁଗୁଡା ବିମାନବନ୍ଦରରେ ଟିମ୍ ସଦସ୍ୟ ଓହ୍ଲାଇ ସମ୍ବଲପୁର ବୁର୍ଲା ଅଶୋକ ନିବାସକୁ ଆସିଥିଲେ। ଏହି ୩ ଜଣିଆ ଟିମ୍‌ରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ଏ.ଏମ୍. ଖନୱାଲିକର, ସଦସ୍ୟ ଜଷ୍ଟିସ ରବି ରଞ୍ଜନ, ସଦସ୍ୟ ଜଷ୍ଟିସ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି। ଏମାନେ ଦୁଇଦିନ ଧରି ହୀରାକୁଦ ଡ୍ୟାମ, ଚିପିଲିମା ପାୱାର ହାଉସ, ମହାନଦୀ ତଳମୁଣ୍ଡ ପରିଦର୍ଶନ କରିବେ। ଏହାସହ ଜଳବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବେ। ମେ ୨୨ରେ ଟିମ୍ ଝାରସୁଗୁଡା ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଓପିଜିସି ଇନ୍‌ଟେକ ପଏଣ୍ଟ, ଇବ ଥର୍ମାଲ ପାୱାର ପ୍ଲାଣ୍ଟ, ଆଇବି ଡ୍ୟାମ୍ ପରିଦର୍ଶନ କରି ସମ୍ବଲପୁର ଫେରି ଆସିବେ। ସୁରକ୍ଷା ଦୃଷ୍ଟିରୁ ହୀରାକୁଦ ଜବାହର ଉଦ୍ୟାନକୁ ମେ ୧୯ ଓ ୨୦ ତାରିଖ ସର୍ବସାଧାରଣ ପାଇଁ ବନ୍ଦ କରି ଦିଆଯାଇଛି। ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମେ ୨୧ରେ ଟିମ ସଦସ୍ୟମାନେ ସମଲେଇ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସମଲେଇ ମନ୍ଦିରରେ ଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ମଧ୍ୟ ଦେଖିବେ। ଲୋକମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି। ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ପ୍ରଥମେ ଛତିଶଗଡ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲା।



ଝାରସୁଗୁଡା ବିମାନ ବନ୍ଦରରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ସଦସ୍ୟ।

# ଫେକ୍ ସିମ୍ ରୋକିବାକୁ କ୍ରାଇମବ୍ରାଞ୍ଚର ପରାମର୍ଶ

- **ଟେଲିକମ୍ ବିଭାଗ, ସେବା ପ୍ରଦାନକାରୀ ସଂସ୍ଥାର ଅଧିକାରୀଙ୍କୁ ନେଇ ବୈଠକ**
- **ସ୍ଥାୟୀ ଦୋକାନ ଥିବା ଡିଲରମାନେ ସିମ୍ କାର୍ଡ ବିକ୍ରି କରିବେ**

ଭୁବନେଶ୍ୱର,୧୯।୫(ବ୍ୟୁରୋ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାର ଅଭିଯୋଗରେ ନିକଟରେ ୩ଜଣଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ତେବେ ଏମାନଙ୍କ ଭଳି ଅନ୍ୟ ଅପରାଧୀମାନେ ଫେକ୍ ସିମ୍ କାର୍ଡ ବ୍ୟବହାର କରି ବିଭିନ୍ନ ଅପରାଧ ଘଟାଉଛନ୍ତି। ଏଥିପାଇଁ ଦେଶର ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ଏପରିକି ସପ୍ତାହ ତଳେ ଓଡ଼ିଶାରୁ ୫୧,୨୬୦ ଫେକ୍ ସିମ୍‌କୁ ମଧ୍ୟ କେନ୍ଦ୍ର ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ରଦ୍ଦ କରାଯାଇଥିଲା। ସେହିପରି ଗତବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ବହୁ ଫେକ୍ ସିମ୍ କାର୍ଡ ଜବତ ସହ ଏକାଧିକ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଏଭଳିସ୍ଥିତିରେ ରାଜ୍ୟରେ ଏହି ଫେକ୍ ସିମ୍ କାରବାର ରୋକିବାକୁ କ୍ରାଇମବ୍ରାଞ୍ଚ ପ୍ରୟାସ ଆରମ୍ଭ କରିଛି। ବୁଧବାର ଭୁବନେଶ୍ୱର ସାଇବର କ୍ରାଇମ୍ ଉଇଙ୍ଗ୍ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ଅଧ୍ୟକ୍ଷତାରେ ଟେଲିକମ୍ ବିଭାଗ ଓ ଟେଲିକମ ସେବା ପ୍ରଦାନକାରୀ ସଂସ୍ଥା (ଏୟାରଟେଲ, ବିଏସ୍‌ଏନ୍‌ଏଲ୍, ଜିଓ, ଭୋଡା-ଆଇଡିଆ)ର ଅଧିକାରୀଙ୍କୁ ନେଇ ହୋଇଥିବା ବୈଠକରେ ଏନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଫେକ ସିମ୍ ରୋକିବାକୁ ବିଭିନ୍ନ ଦିଗ ପ୍ରତି ପରାମର୍ଶ ଦିଆଯାଇଛି। ଆଧାର ସହ ଲିଙ୍କ୍ ନମ୍ବରରେ କଲ୍ କରି କେବଳ ଟେଲି ଭେରିଫିକେଶନ୍ କରାଯିବ। ସ୍ଥାୟୀ ଦୋକାନ ଥିବା ଡିଲରମାନେ ହିଁ ସିମ୍ କାର୍ଡକୁ ବିକ୍ରି କରିପାରିବେ। ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଫେକ୍ ସିମ୍ ସମ୍ପର୍କିତ ଅଭିଯୋଗ ଗ୍ରହଣ ଓ ଡିଆକ୍ଟିଭେଟ୍ ପାଇଁ ବ୍ୟବସ୍ଥା କରିବେ। ସେହିପରି ସିମ୍ ଆକ୍ଟିଭେଶନ୍ ନିୟମ ଉଲ୍ଲଂଘନକାରୀ ବିକ୍ରେତାଙ୍କୁ କଳା ତାଲିକାଭୁକ୍ତ କରାଯିବ। ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ (ଟିଏସ୍‌ପି) ଟେଲିକମ୍ ଆନାଲିଟିକ୍ସ ଫର୍ ଫ୍ରଡ୍ ମ୍ୟାନେଜମେଣ୍ଟ ଏଣ୍ଡ୍ କଷ୍ଟମର କେୟାର (ଟିଏଫ୍‌ସିଓପି) ଦୃଷ୍ଟିରୁ ଗ୍ରାହକଙ୍କୁ ସଚେତନ କରାଇବେ। ଗ୍ରାହକଙ୍କ ଅଜ୍ଞାତରେ କେତୋଟି ସିମ୍ ସେମାନଙ୍କ ନାଁରେ ବ୍ୟବହାର ହେଉଛି ସେନେଇ ଜଣାଇବେ। ନିୟମିତ ରିଚାର୍ଜ ହୋଇ ସ୍ଥାଣୁ ଥିବା ସିମ୍ ପ୍ରତି ଟିଏସ୍‌ପି ଆଭ୍ୟନ୍ତରୀଣ ତଦାରଖ କରିବେ ବୋଲି ପରାମର୍ଶ ଦିଆଯାଇଛି। ଏହି ବୈଠକରେ କ୍ରାଇମବ୍ରାଞ୍ଚ ଆଇଜିପି ସେଫିନ୍ ଅହମ୍ମଦ କେଙ୍କ ସମେତ ସାଇବର କ୍ରାଇମ ୟୁନିଟ୍‌ର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଡିଜି ବୋଥ୍ରା କହିଲେ, ଏବେ ଫେକ୍ ସିମ୍ ଜବତ ମାମଲାରେ ସମ୍ପୃକ୍ତ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀର ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ପ୍ରମାଣ ମିଳିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫେକ୍ ସିମକୁ ଡିଆକ୍ଟିଭେଟ୍ ସହ ଏ ସମ୍ବନ୍ଧିତ ନିୟମିତ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଟେଲିକମ୍ କମ୍ପାନୀଗୁଡିକୁ ଏଡିଜି ଅନୁରୋଧ କରିଛନ୍ତି। ଏଭଳି ଫେକ୍ ସିମ୍ କାରବାରରେ ପୋଲିସକୁ ନିୟମିତ ତଥ୍ୟ ପ୍ରଦାନ କରିବାକୁ ସେ ଟେଲିକମ୍ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିବା ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୨ ହଜାରିଆ ....

ଏହି ଦୁଇ ନୋଟ୍‌ର ଲିଗାଲ୍ ଟେଣ୍ଡର ଷ୍ଟାଟସ୍‌କୁ ପ୍ରତ୍ୟାହାର କରାଯାଇଥିଲା। ଏଥିସହ ନୂଆକରି ୨,୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କରାଯାଇଥିଲା। ୨୦୧୭ ମାର୍ଚ୍ଚ ପୂର୍ବରୁ ପ୍ରାୟ ୮୯ ପ୍ରତିଶତ ୨,୦୦୦ ଟଙ୍କିଆ ନୋଟ୍ ଜାରି କରାଯାଇଥିଲା। ଏହି ନୋଟ୍‌ର ଅବଧି ୪-୫ ବର୍ଷରେ ଶେଷ ହେବାକୁ ବସିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆର୍‌ବିଆଇର ଏହି ପଦକ୍ଷେପକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଜାର ବିଶେଷଜ୍ଞ ଜି. ଚୋକ୍କାଲିଙ୍ଗମ୍ ଏହାକୁ ଶେୟାର ମାର୍କେଟ ପାଇଁ ଏକ ସକାରାତ୍ମକ ଘଟଣାକ୍ରମ ଭାବେ ଅଭିହିତ କରିଛନ୍ତି। ତାଙ୍କ ମତରେ ୨,୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ଫଳରେ କଳାଧନକୁ ରୋକାଯାଇପାରିବ। ଏଥିସହ ଟିକସ ସଂଗ୍ରହରେ ମଧ୍ୟ ଉନ୍ନତି ଆସିବ। ଦେୟ ବ୍ୟବସ୍ଥାରେ ଦ୍ରୁତ ଡିଜିଟାଇଜେଶନ୍ ଯୋଗୁ ଏହି ନିଷ୍ପତ୍ତି ଭାରତୀୟ ଅର୍ଥନୀତି ଓ ମାର୍କେଟକୁ ପ୍ରଭାବିତ କରିବ ନାହିଁ ବୋଲି

ବଜାର ବିଶ୍ଳେଷକମାନେ ମନେକରୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏହା ହେଉଛି ଆମ ଆତ୍ମଘୋଷିତ ବିଶ୍ୱଗୁରୁଙ୍କ ଫାଷ୍ଟ ଆକ୍ଟ, ସେକଣ୍ଡ ଥିଙ୍କ୍। ୨୦୧୬ ନଭେମ୍ବରରେ ତୋଗଲକି ଫରମାନ୍ ଜାରି କରି ବିମୁଦ୍ରୀକରଣ କରାଯାଇଥିଲା। ସେତେବେଳେ ଆରମ୍ଭ କରାଯାଇଥିବା ୨,୦୦୦ ଟଙ୍କିଆ ନୋଟ୍‌କୁ ବର୍ତ୍ତମାନ ପ୍ରତ୍ୟାହାର କରାଯାଉଛି। କଂଗ୍ରେସ ଏମ୍‌ପି ମାନିକରାମ ଟେଗୋର ଟୁଇଟ୍ କରିଛନ୍ତି, ଦ୍ୱିତୀୟ ବିମୁଦ୍ରୀକରଣ ବିପର୍ଯ୍ୟୟ ଏମ୍=ମ୍ୟାଡ୍‌ନେସ୍ (ପାଗଳାମି)ରୁ ଆରମ୍ଭ ହେଲା।

### ୫ ଲକ୍ଷ ନୁହେଁ, ...

ଭବିଷ୍ୟତର ନିଯୁକ୍ତି ସକାଶେ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ‘ୱାର୍ଲ୍ଡସ୍କିଲ୍ ସେଣ୍ଟର’ ପ୍ରତିଷ୍ଠା କରାଯାଇଛି। ଏହା ଅଧୀନରେ ଆସୁଥିବା ‘ସ୍କିଲ୍ଡ ଇନ୍ ଓଡ଼ିଶା’ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ଏହିସବୁ ଅନୁଷ୍ଠାନର ସର୍ବେସର୍ବା ମଧ୍ୟ ବାଗ୍‌ଚୀ। ତାଙ୍କ ବିନା ନିର୍ଦ୍ଦେଶରେ ଏଠାରେ ପତ୍ର ଖଣ୍ଡେ ମଧ୍ୟ ହଲେ ନାହିଁ। ତେବେ ବିଧାନସଭାର ଗତ ବଜେଟ ଅଧିବେଶନରେ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ କେତେଜଣ ସଦସ୍ୟ ଏ ବାବଦରେ ଅନେକ ପ୍ରଶ୍ନ ପଚାରିଥିଲେ। ତାହାର ଉତ୍ତରରେ ତାଳମେଳ ରହୁ ନ ଥିବା ଦୃଷ୍ଟିକୁ ଆସିଛି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଗତ ୨୧ ମାର୍ଚ୍ଚ ୨୦୨୩ରେ ବିଧାନସଭାରେ ପ୍ରଶ୍ନ କରିଥିଲେ, ଗତ ୭ ବର୍ଷରେ ଓଡ଼ିଶାର କେତେଜଣ ଯୁବତୀଯୁବକ ଅତି କୁଶଳୀ ଓ କୁଶଳୀ ହୋଇପାରିଛନ୍ତି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ପ୍ଲେସ୍‌ମେଣ୍ଟ ଲିଙ୍କ୍‌ଡ ଟ୍ରେନିଂ ପ୍ରୋଗ୍ରାମ(ପିଟିଏଲ୍‌ପି) ୨୦୧୧-୧୨ରୁ ପ୍ରଚଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଗତ ୭ ବର୍ଷ ଅର୍ଥାତ୍ ୨୦୧୬-୧୭ରୁ ୨୦୨୨-୨୩ ମଧ୍ୟରେ ମୋଟ୍ ୫୮, ୯୦୨ ଜଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ହେଲେ ୧୪ ମାର୍ଚ୍ଚ ୨୦୨୩ରେ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସନ୍ଦେହ ସୃଷ୍ଟି କରିବା ଭଳି ତଥ୍ୟ ଦେଇଛନ୍ତି। ଗତ ୪ ବର୍ଷରେ କେତେଜଣ ତାଲିମ ପାଇଛନ୍ତି ବୋଲି ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ପିଟିଏଲ୍‌ପିରେ ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୨-୨୩ ମଧ୍ୟରେ ୨୮,୬୩୨ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି। ତେବେ ୨୦୧୯-୨୦ରେ ୯୮୦୫, ୨୦୨୦-୨୧ରେ ୩୨୪୦, ୨୦୨୧-୨୨ରେ ୫୨୩୨ ଏବଂ ୨୦୨୨-୨୩ରେ ୧୦,୩୫୫ ଜଣଙ୍କୁ ତାଲିମ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ତେବେ ବାକି ୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୧୮-୧୯ ଏହି ୩ ବର୍ଷରେ କିପରି ୩୦,୨୭୦ ଜଣଙ୍କୁ ରାଜ୍ୟ ସରକାର ତାଲିମ ଦେଲେ ସେନେଇ ପ୍ରଶ୍ନ ଉଠୁଛି। ସେହିପରି ବିଧାୟକ ରମେଶ ଚନ୍ଦ୍ର ବେହେରା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ପିଟିଏଲ୍‌ପି ଜରିଆରେ ୨୦୧୮-୧୯ରୁ ୨୦୨୨-୨୩ ଏହି ୫ ବର୍ଷ ମଧ୍ୟରେ ମୋଟ ୩୭,୬୮୦ ଜଣ ଯୁବତୀଯୁବକ ପ୍ରଶିକ୍ଷଣ ନେଇଛନ୍ତି।

ଅନ୍ୟପଟେ ଏହିସବୁ ପ୍ରଶ୍ନରେ ମନ୍ତ୍ରୀ ଯାହା ସବୁ ଉତ୍ତର ରଖୁଛନ୍ତି ସେସବୁ ବଜେଟ ବହିରେ ଉଲ୍ଲେଖ ଥିବା ତଥ୍ୟ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଯେଉଁଠି ବଜେଟ ବହିରେ ୩ ବର୍ଷରେ ୫ ଲକ୍ଷ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା କଥା ସରକାର ଉଲ୍ଲେଖ କରିଛନ୍ତି, ମନ୍ତ୍ରୀ ଗତ ୭ ବର୍ଷରେ ୫୮, ୯୦୨ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା କଥା କହୁଛନ୍ତି। ତେବେ ବିଧାନସଭା ପ୍ରଶ୍ନ, ଉତ୍ତରରେ ଗୋଟେ ଏବଂ ବଜେଟ ବହିରେ ଆଉ ଏକ ତଥ୍ୟ କିପରି ତାହା ମଧ୍ୟ ସନ୍ଦେହ ଜାତ କରୁଛି। ଅବଶ୍ୟ ମନ୍ତ୍ରୀ ଯେଉଁ ଉତ୍ତର ରଖୁଥିବେ ତାହା ବାଗ୍‌ଚୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଉଥିବ। କାରଣ ଏସବୁ କାର୍ଯ୍ୟକ୍ରମ ତାଙ୍କ ଦ୍ୱାରା ପରିଚାଳିତ। ସେପଟେ ମୁକେଶ ମହାଲିଙ୍ଗ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଆହୁରି ବଡ଼ ବିଫଳତା ସାମ୍ନାକୁ ଆସିଛି। ମନ୍ତ୍ରୀ ମହାଲିଙ୍ଗ ଗତ ୧୪ ମାର୍ଚ୍ଚରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଘଡାଇ କହିଛନ୍ତି, ୨ ଫେବୃୟାରୀ ୨୦୨୩ ସୁଦ୍ଧା ରାଜ୍ୟର ୮,୯୮,୭୧୭ ଜଣ ବେକାର ଯୁବତୀଯୁବକ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କର ସରକାରୀ ଚାକିରି ଦରଖାସ୍ତ କରିବାର ବୟସସୀମା ଅତିକ୍ରାନ୍ତ କରିସାରିଛି। ସେହିପରି ୨୫ ଲକ୍ଷ ୪୭ ହଜାର ୬୬୩ ଯୁବତୀଯୁବକ ଯଥା ସମୟରେ ନବୀକରଣ ନ କରିପାରିବା ଯୋଗୁ ୨୦୧୦ରୁ ଏ ପର୍ଯ୍ୟନ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଲାଇଭ ରେଜିଷ୍ଟାର୍‌ରୁ ବାଦ୍ ପଡ଼ିଛନ୍ତି। ଅର୍ଥାତ୍ ୧୩ ବର୍ଷ ଭିତରେ ଏହି ୨୫,୭୪,୬୬୩ ଜଣ ଯୁବତୀଯୁବକ ବାଦ୍ ପଡ଼ିଛନ୍ତି। ଏହି ତଥ୍ୟ ଅନୁଯାୟୀ ଦେଖିଲେ ବର୍ଷକୁ ୧,୯୮,୦୫୧ ଜଣ ନାମ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ତେବେ ଗତ ୩ ବର୍ଷ ମଧ୍ୟରେ ୫,୯୪,୧୫୩ ଜଣ ସେମାନଙ୍କ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଏଥିରୁ ବୁଝାପଡୁଛି ଯେ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ପାଖରେ ଅନେକ ଶହ କୋଟିର ବଜେଟ ଥିବା ସତ୍ତ୍ୱେ କିଛି କାର୍ଯ୍ୟ ହେଉ ନାହିଁ। ଅର୍ଥାତ୍ ଏହି ବିପୁଳ ଅର୍ଥ ବ୍ୟକ୍ତିଗତ ପ୍ରଚାର କରାଇବା ସହିତ ସୁବ୍ରତୋ ବାଗ୍‌ଚୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଏତେ ଟଙ୍କାରେ କେଉଁ ପ୍ରକାର ବ୍ୟବସାୟ କରୁଛନ୍ତି ତାହା ସାଧାରଣରେ ବୁଝାପଡୁନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ଗହଳଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ଲ-ନାମାକ୍ଷର ବ୍ୟକ୍ତିଙ୍କ ସନ୍ତାନଙ୍କ ଅଶାନ୍ତ ମନଦେଖି ନିଜେ ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ** ଏକାଧିକ ବ୍ୟକ୍ତିଙ୍କ ବିରୁଦ୍ଧାତ୍ମକ ସ୍ୱର କର୍ମକ୍ଷେତ୍ରକୁ ସମସ୍ୟାବହୁଳ କରିବ। ପୂର୍ବ ଯୋଜନା ଭଣ୍ଡୁର ହେବା ଆଶଙ୍କାରେ ମନ ଅସ୍ଥିର ରହିବ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନା, ସଭାସମିତି, ଆମଦାନୀ କ୍ଷେତ୍ରରେ ସଫଳତା ପାଇବେ। ବ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ ମାଙ୍ଗଳିକ କାମ ତତ୍ପରତା ଦେଖାଦେଇପାରେ।

**ମିଥୁନ** ବିଭିନ୍ନ ଦିଗରୁ ସାହାଯ୍ୟ ପାଇଲେ ମଧ୍ୟ ଆଜିର କାମ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ ସକାଶେ ଅର୍ଥବ୍ୟୟ ସମ୍ଭାବନା ରହିଛି। ଘ-ନାମାକ୍ଷର ବ୍ୟକ୍ତିଙ୍କ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**କର୍କଟ** ଆଜି ଦିନଟିରେ କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଓ ସନ୍ତାନହେତୁକ ଗୌରବ ବୃଦ୍ଧିର ପ୍ରତୀକ ହେବ। ପାରିବାରିକ କ୍ଷେତ୍ର, ଲୋକ ସମ୍ପର୍କ, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇପାରେ। ହ-ନାମାକ୍ଷର ବ୍ୟକ୍ତିଙ୍କ ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ସିଂହ** ଆଜି ଆରୋଗ୍ୟତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ଅନୁକୂଳତା ସୃଷ୍ଟି ହେବ। ଆଇନ, ରାଜନୀତି, ଅଦାଲତ, ସଙ୍ଗଠନ, ଧାର୍ମିକ କାର୍ଯ୍ୟ ଓ ସତ୍‌ସଙ୍ଗ କ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ମ-ନାମାକ୍ଷର ବ୍ୟକ୍ତିଙ୍କ ସାହିତ୍ୟ,କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଆଜି ପୂ-ନାମାକ୍ଷର ବ୍ୟକ୍ତିମାନେ ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରିବେ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି କ୍ଷେତ୍ରରେ ସଂକଟଜନକ ସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ମନ୍ତବ୍ୟ ଏକ ପ୍ରକାରର ନ ହେବା କାରଣରୁ କୌଣସି କଥାର ମୀମାଂସା ହୋଇପାରିବ ନାହିଁ।

**ତୁଳା** ତ-ନାମାକ୍ଷର ବ୍ୟକ୍ତିଙ୍କ ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା ସୃଷ୍ଟିକରି କାମକୁ ବିଶୃଙ୍ଖଳିତ କରିବା ଆଶଙ୍କା ରହିଛି। ସମ୍ପର୍କୀୟମାନେ ପୁରାତନ କଥାକୁ କେନ୍ଦ୍ରକରି ଅଧୁନା ଅସହଯୋଗ କରିପାରନ୍ତି। ସଭାସମିତି, ରାଜନୀତି, ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା** ଆଜି ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। ନ-ନାମାକ୍ଷର ବ୍ୟକ୍ତି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଗତ ଦିନର କୌଣସି ଘଟଣା ସକାଶେ ଟେନ୍‌ସନ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ** ଆତ୍ମୀୟସ୍ୱଜନଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଭୂ-ନାମାକ୍ଷର ବ୍ୟକ୍ତି ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ।

**ମକର** ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମ୍ନା କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବା ସାଙ୍ଗକୁ ଟେକେନିକାଲ୍ କାମରେ ସୁବିଧା ପ୍ରାପ୍ତ ହେବ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ଧନିଷ୍ଠା ନକ୍ଷତ୍ର ପୂର୍ବ ରାଗକୁ ଶୁଝାଇବାକୁ ଯାଇ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**କୁମ୍ଭ** ପୂର୍ବଭାଦ୍ରବ ନକ୍ଷତ୍ରର ଏକ ଭିନ୍ନ ପରିବେଶରେ ମନୋରଞ୍ଜନ କାମ ପ୍ରତି ରୁଚି ବଳିବ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତ ଫଳ ପାଇବେ। କୌଶଳ ଅବଲମ୍ବନ କରି ହାସଲ କରିବାକୁ ଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ବୃଦ୍ଧି କରିବ।

**ମୀନ** ଆଜି ରେବତୀ ନକ୍ଷତ୍ର ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇ ନ ପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିବେ। ଆଲୋଚନା ମାଧ୍ୟମରେ ପାରିବାରିକ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦା, ଶନିବାର, ମେ ୨୦ ତାରିଖ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୫ ଗତେ ଘ.୧୨।୦୯ ମଧ୍ୟେ, ଘ.୦୨।୫୮ ଗତେ ଘ.୦୩।୩୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୨୮ ଗତେ ଘ.୧୦।୦୫ ମଧ୍ୟେ ରାହୁ କାଳ ॥




# ମେଧା ତାଲିକା ଖାରଜ କଲେ ହାଇକୋର୍ଟ

**କଟକ ଅଫିସ,୧୯।୫**

**ଏଏସ୍‌ଓ ନିଯୁକ୍ତି ଅନିୟମିତତା ମାମଲା**

**୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ**

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାର ମେଧା ତାଲିକା ପ୍ରକାଶନରେ ଅନିୟମିତତା ନେଇ ହାଇକୋର୍ଟରେ ଆଗତ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ତାଙ୍କ ରାୟରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରି ଦେଇଥିବା ଦର୍ଶାଇଛନ୍ତି। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷାରେ ପାଇଥିବା ମୋଟ ମାର୍କ ଆଧାରରେ ସାନି ମେଧା ତାଲିକା ପ୍ରକାଶ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୨ ଅଗଷ୍ଟରେ ହୋଇଥିବା ଏଏସ୍‌ଓ ଲିଖିତ ପରୀକ୍ଷା ନିମନ୍ତେ ୧,୪୮,୮୮୮ ଜଣ ଆବେଦନକାରୀ ଥିଲେ। ପରୀକ୍ଷା ଖାତା ମୂଲ୍ୟାୟନ ପରେ ଓପିଏସ୍‌ସି ପକ୍ଷରୁ ଏକ ମେଧା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ୧୧୦୪ ଜଣ ସ୍ଥାନିତ ହୋଇଥିଲେ। ପ୍ରକାଶିତ ମେଧା ତାଲିକା ଓପିଏସ୍‌ସି ସର୍ଭିସ୍ ନିୟମ ଅନୁସାରେ ହୋଇ ନ ଥିବା ଓ ଏଥିରେ ଅନିୟମିତତା ହୋଇଥିବା ଦର୍ଶାଇ କେତେଜଣ ଏଏସ୍‌ଓ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ସମୟରେ ମାମଲାର ଶୁଣାଣି କରାଯିବା ପରେ ଗତ ଫେବୃଆରୀ ୧୦ରେ ବିଚାରପତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ କହିବାନୁସାରେ, ଓପିଏସ୍‌ସିର କ୍ଷମତା ନାହିଁ କଟ୍ ଅଫ୍ ମାର୍କ ଇସ୍ୟୁ କରିବା। ଓପିଏସ୍‌ସି କେବଳ ପରୀକ୍ଷା ପରେ ଆବେଦନକାରୀଙ୍କୁ ସର୍ଟ ଲିଷ୍ଟେଡ୍ କରିବା କଥା। ମାତ୍ର ପ୍ରତି ବିଷୟରେ ୪୦% କଟ୍ ଅଫ୍ ମାର୍କ ଇସ୍ୟୁ କରିବା ସର୍ଭିସ ନିୟମ ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏସବୁ ଦିଗ ବିଚାରକୁ ନେଇ ରାୟ ପ୍ରଦାନ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଏ. କେ. ବିଷୋୟୀ ଏମ୍‌ସ ଭୁବନେଶ୍ୱରର ନୂଆ ଅଧକ୍ଷ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**



ଏମ୍‌ସ ଭୁବନେଶ୍ୱରର ନୂଆ ଅଧକ୍ଷ ଭାବେ ବିଶିଷ୍ଟ କାର୍ଡିଆକ ସର୍ଜନ ଡ. ଏ. କେ. ବିଷୋୟୀ ନିଯୁକ୍ତ ହୋଇଛନ୍ତି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପୂର୍ବରୁ ଡ. ସୁବ୍ରତ ଆଚାର୍ଯ୍ୟ ଏମ୍‌ସ ଭୁବନେଶ୍ୱରର ଅଧକ୍ଷ ଥିଲେ। ଏବେ ଡ. ବିଷୋୟୀ ଦିଲ୍ଲୀ ଏମ୍ସରେ କାର୍ଡିଆକ୍ ସର୍ଜରୀରର ପ୍ରଫେସର ଅଛନ୍ତି। ୩ ଦଶନ୍ଧି ଧରି କାର୍ଡିଆକ୍ ସର୍ଜନ ଭାବେ ଡ. ବିଷୋୟୀଙ୍କ ଅଭିଜ୍ଞତା ରହିଛି। ସେ ପ୍ରାୟ ୩୨ ହଜାର କାର୍ଡିଆକ ସର୍ଜରୀ କରିଛନ୍ତି। ଡ. ବିଷୋୟୀଙ୍କୁ ତାଙ୍କ ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ଅନେକ ପୁରସ୍କାର ମଧ୍ୟ ମିଳିଛି। ସେ ସମ୍ମାନଜନକ ଡକ୍ଟର ବି ସି ମେମୋରିଆଲ ଆୱାର୍ଡ ମଧ୍ୟ ପାଇଛନ୍ତି।

# ୨୧ ଓ ୨୨ରେ ଶୂନ୍ୟ ଛାୟା

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ଭୁବନେଶରରେ ମେ ୨୧ ଓ କଟକରେ ୨୨ ତାରିଖ ପୂର୍ବାହ୍ନ ୧୧ଟା ୪୩ରେ ଶୂନ୍ୟ ଛାୟା ଦେଖିବାକୁ ମିଳିବ। ଜ୍ୟୋତିର୍ବିଜ୍ଞାନୀମାନେ ଏହି ଦିନକୁ ଶୂନ୍ୟ ଛାୟା ଦିବସ ବା ଜିରୋ ସ୍ୟାଡୋ ଡେ' ରୂପେ ନାମିତ କରିଛନ୍ତି। ତେବେ ୨୧ ତାରିଖରେ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଦିନ ସାଢ଼େ ୧୦ଟାରୁ ଲୋକେ ଶୂନ୍ୟ ଛାୟା ଦେଖିପାରିବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, କନ୍ୟାକୁମାରୀଠାରୁ ଭାରତର ମଧ୍ୟ ଭାଗରେ ଓ କର୍କଟ କ୍ରାନ୍ତି ମଧ୍ୟରେ ଥିବା ସବୁ ଅଞ୍ଚଳରେ ଏପ୍ରିଲରୁ ଜୁନ୍ ଓ ଜୁନରୁ ଅଗଷ୍ଟ ଭିତରେ ବର୍ଷକୁ ୨ଥର ଶୂନ୍ୟ ଛାୟା ଘଟିଥାଏ। ଏହାକୁ ଦେଖିବା ପାଇଁ କୌଣସି ଯନ୍ତ୍ରର ଆବଶ୍ୟକତା ନାହିଁ। ନିର୍ଦ୍ଧାରିତ ଦିନ ମଧ୍ୟାହ୍ନର କିଛି ସମୟ ପୂର୍ବରୁ ଏକ ସମତଳ ଜାଗାରେ ଖୁଣ୍ଟି, ଚାରିକୋଣିଆ ବାକ୍ସ, ବୋତଲ, ଇଟା ଭଳି କିଛି ଜିନିଷ ଖରା ପଡୁଥିବା ସ୍ଥାନରେ ଲମ୍ବ ଭାବରେ ରଖିଦେଲେ ବସ୍ତୁଟିର ଛାୟା ଧୀରେ ଧୀରେ ଛୋଟ ହୋଇ ଉଭେଇଯାଏ ଓ ପରେ ପୁଣି କିଛି ସମୟ ପରେ ଧୀରେ ଧୀରେ ଦେଖାଯାଏ। ବୈଜ୍ଞାନିକଙ୍କ ମତାନୁସାରେ, ବାସ୍ତବରେ ସୂର୍ଯ୍ୟ ସବୁଦିନ ଠିକପୂର୍ବ ଦିଗରେ ଉଦୟ ହୁଏ ନାହିଁ କି ସବୁଦିନ ଠିକ ପଶ୍ଚିମରେ ଅସ୍ତ ଯାଏନାହିଁ। ବର୍ଷରେ କେବଳ ଦୁଇଟି ଦିନ ସୂର୍ଯ୍ୟ ପ୍ରକୃତ ପୂର୍ବ ଦିଗରେ ଉଦୟ ହୁଏ ଓ ମଧ୍ୟାହ୍ନରେ ଆମର ଠିକ୍ ମୁଣ୍ଡ ଉପରେ ରହେ। ସେହି ସମୟରେ ହିଁ ଆମର ଛାଇ ଦେଖାଯାଏ ନାହିଁ। ସୂର୍ଯ୍ୟ ଚାରିପଟେ ପୃଥିବୀ ନିଜ କକ୍ଷ ପଥରେ ୨୩.୫ ଡିଗ୍ରୀ ଢଳି ରହି ବୁଲିବା ସହ ନିଜ ଅକ୍ଷ ଚାରିପଟେ ଘୂରୁଛି। ସେଥିପାଇଁ ସୂର୍ଯ୍ୟ ସବୁଦିନ ସମାନ ସ୍ଥାନରୁ ଉଦୟ ହୁଏ ନାହିଁ ବା ସମାନ ସ୍ଥାନରେ ଅସ୍ତ ଯାଏ ନାହିଁ। ଶୂନ୍ୟ ଛାୟା ଦିବସ କେବଳ ମକର କ୍ରାନ୍ତି ଓ କର୍କଟ କ୍ରାନ୍ତି ଭିତରେ ରହିଥିବା ଅଞ୍ଚଳରେ ହିଁ ଘଟିଥାଏ ଓ ଏହି ଅଞ୍ଚଳର ବାହାରେ ଶୂନ୍ୟ ଛାୟା ସମ୍ଭବ ହୁଏ ନାହିଁ।

# ଆଦାନୀଙ୍କୁ ସୁପ୍ରିମକୋର୍ଟ କମିଟିର କ୍ଲିନ୍‌ଚିଟ୍

## ଷ୍ଟକ୍ସ ହେରଫେର ପ୍ରମାଣ ମିଳିନି, ଆଇନ ଉଲ୍ଲଂଘନ ହୋଇନାହିଁ

**ନୂଆଦିଲ୍ଲୀ,୧୯।୫**

ଶିଳ୍ପପତି ଗୌତମ ଆଦାନୀଙ୍କୁ ସୁପ୍ରିମକୋର୍ଟ ନିଯୁକ୍ତ କମିଟି ପକ୍ଷରୁ ଶୁକ୍ରବାର ଆଶ୍ୱସ୍ତି ମିଳିଛି। ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ନେଇ କୌଣସି ପ୍ରମାଣ ହସ୍ତଗତ ହୋଇ ନ ଥିବା ଜଷ୍ଟିସ୍ (ଅବସରପ୍ରାପ୍ତ) ଏ.ଏମ୍. ସାପ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ପ୍ୟାନେଲ ସ୍ପଷ୍ଟ କରିଛି।

ନ୍ୟୁୟର୍କର ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଗତ ଜାନୁୟାରୀ ୨୪ରେ ଆଦାନୀ ସମୂହ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲା। ଅନୁସନ୍ଧାନମୂଳକ ରିପୋର୍ଟ ଆଧାରରେ ହିଣ୍ଡେନ୍‌ବର୍ଗ ଏହାର ୱେବ୍‌ସାଇଟ୍‌ରେ ଉଲ୍ଲେଖ କରିଥିଲା ଯେ, ଆଦାନୀ ଗ୍ରୁପ୍ ଶେୟାର ବଜାରରେ ତାଲିକାଭୁକ୍ତ ନିଜ କମ୍ପାନୀଗୁଡ଼ିକର ଷ୍ଟକ୍ସ ଓ ଆକାଉଣ୍ଟରେ ଦଶନ୍ଧି ଧରି ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଛି। ଷ୍ଟକ୍ସ ମାନିପୁଲେଶନ ଓ ମନି ଲଣ୍ଡରିଂ ସମ୍ପର୍କିତ ଏହି ତଥ୍ୟ ପ୍ରଘଟ ହେବା ପରେ ଭାରତୀୟ ପୁଞ୍ଜି ବଜାର ଦୋହଲିଯାଇଥିଲା। ମାର୍ଚ୍ଚ ୨ରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ୩ ଜଣିଆ ଖଣ୍ଡପୀଠ ଏହାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଏ.ଏମ୍. ସାପ୍ରେ ଉକ୍ତ ପ୍ୟାନେଲର ମୁଖ୍ୟ ଥିବାବେଳେ ବମ୍ବେ ହାଇକୋର୍ଟ ରିଟାୟାର୍ଡ ଜଜ୍ ଜଷ୍ଟିସ୍ ଜେ.ପି. ଦେବଧର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ପୂର୍ବତନ ଅଧ୍ୟକ୍ଷ ଓ.ପି. ଭଟ୍ଟ, ଆଇସିଆଇସିଆଇ ବ୍ୟାଙ୍କ ପ୍ରାକ୍ତନ ମୁଖ୍ୟ କେ.ଭି. କାମାଥ, ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନନ୍ଦନ ନିଲେକାନି ଏବଂ ପ୍ରତିଭୂତି ତଥା ନିୟାମକ ବିଶେଷଜ୍ଞ ସୋମଶେଖର ସୁନ୍ଦରେସନଙ୍କୁ ସଦସ୍ୟ ରୂପେ ନିଯୁକ୍ତ କରାଯାଇଥିଲା। ଉକ୍ତ କମିଟି ତଦନ୍ତ ପରେ ୧୭୩ ପୃଷ୍ଠା ସମ୍ବଳିତ ରିପୋର୍ଟ ସାର୍ବଜନୀନ କରିଛି। ଆଦାନୀ ଗ୍ରୁପ୍ ନିଜ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟରେ ପରିବର୍ତ୍ତନ ପାଇଁ ପ୍ରଭାବିତ କରିନାହିଁ।




କୌଣସି ଆଇନର ଉଲ୍ଲଂଘନ ମଧ୍ୟ କରିନାହିଁ। ଶେୟାର ମୂଲ୍ୟରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା। ଆଦାନୀ ସମୂହର କମ୍ପାନୀଗୁଡ଼ିକରେ ବେଆଇନ ଭାବେ ନିବେଶ କରାଯାଇଥିବା ନେଇ କୌଣସି ପ୍ରମାଣ ମିଳିନାହିଁ। ଅନ୍ୟପକ୍ଷେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ପ୍ରଘଟ ପରେ ବଜାରରେ ଉଠାପକା ଯୋଗୁ ଖୁଚୁରା ନିବେଶକ ଯେପରି ଅସୁବିଧାରେ ନ ପଡ଼ିବେ ଆଦାନୀ ଗ୍ରୁପ୍ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେଇଥିଲା ବୋଲି କମିଟି ଉକ୍ତ ରିପୋର୍ଟରେ ଉଲ୍ଲେଖ କରିଛି। ସୁପ୍ରିମକୋର୍ଟ କମିଟି ନିଜ ରିପୋର୍ଟରେ ଆହୁରି କହିଛି ଯେ, ହିଣ୍ଡେନ୍‌ବର୍ଗ ପ୍ରଭାବରେ ଆଦାନୀ ଷ୍ଟକ୍ସ ମୂଲ୍ୟ ହ୍ରାସ ପାଇଥିଲା। କିନ୍ତୁ ଆଦାନୀ ଗ୍ରୁପ୍ ପ୍ରମୋଟରମାନଙ୍କ ଉଦ୍ୟମ ଏବଂ ସେମାନଙ୍କଠାରୁ ଜଣେ ପ୍ରାଇଭେଟ ଇକ୍ୱିଟି ଇନ୍‌ଭେଷ୍ଟର ପ୍ରାୟ ୨ ବିଲିୟନ୍ ଡଲାରର ଶେୟାର କିଣିଥିଲା। ଏଥିଯୋଗୁ ଆଦାନୀ ଶେୟାର ପୂର୍ବ ସ୍ତରକୁ ଫେରି ନ ଥିଲେ ମଧ୍ୟ ଷ୍ଟକ୍ସ ମୂଲ୍ୟରେ ସ୍ଥିରତା ଆସିଛି। ସେବି ରିପୋର୍ଟ ଅନୁସାରେ ଆଦାନୀ ଗ୍ରୁପ୍ ସମ୍ପର୍କରେ ପ୍ରଘଟ ଭଳି ଘଟଣା ବ୍ୟବସ୍ଥିତ ସ୍ତରରେ ସେତେଟା ପ୍ରଭାବ ପକାଇ ନ ଥାଏ। ସେପଟେ ଆଦାନୀ ଶେୟାର ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକମାନେ ବହୁ କୋଟି ଟଙ୍କା ହରାଇ ଚିନ୍ତାରେ ପଡ଼ିଥିଲେ। ନିବେଶକଙ୍କ ସ୍ୱାର୍ଥ ରକ୍ଷା ଲାଗି ନିୟମ ପ୍ରଣୟନ ଏବଂ ଆଦାନୀ ଗ୍ରୁପ୍‌ର ତଦନ୍ତ ଶେଷ କରି ନ ପାରି ସେବି ଆଉ ୬ ମାସ ସମୟ ମାଗିଥିଲା। ବୁଧବାର ସୁପ୍ରିମକୋର୍ଟ ସେବିକୁ ଅଗଷ୍ଟ ୧୪ ସୁଦ୍ଧା ତଦନ୍ତ ଶେଷ ପାଇଁ ସମୟ ଦେଇଛନ୍ତି। ଉକ୍ତ ପ୍ୟାନେଲ ସେବିକୁ ଏହି ତଦନ୍ତରେ ସହଯୋଗ କରୁଛି।

### କ୍ଲିନ୍‌ଚିଟ୍ ଉପରେ ପ୍ରଶ୍ନ ଉଠାଇଲା କଂଗ୍ରେସ

ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ନେଇ କୌଣସି ପ୍ରମାଣ ହସ୍ତଗତ ହୋଇ ନ ଥିବା ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ୬ ଜଣିଆ ପ୍ୟାନେଲ ସ୍ପଷ୍ଟ କରିବା ପରେ ବିରୋଧୀ ଦଳ କଂଗ୍ରେସ ଏହାର ସମାଲୋଚନା କରିଛି। ପରିଣତି କ'ଣ ହେବ ତାହା ପୂର୍ବାନୁମାନ କରାଯାଉଥିଲା, କିନ୍ତୁ ରିପୋର୍ଟକୁ ବଦଳାଇ ଆଦାନୀ ଗ୍ରୁପ୍‌କୁ କ୍ଲିନ୍‌ଚିଟ୍ ଦିଆଯିବା ସମ୍ପୂର୍ଣ୍ଣ ଜାଲିଆତି ବୋଲି କଂଗ୍ରେସ କହିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟିଙ୍କ ଅଧିକାର କ୍ଷେତ୍ର ଅତ୍ୟନ୍ତ ସୀମିତ। କମିଟି ସାଧାରଣ ଭାବେ ଜଟିଳ ମୋଦାନୀ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶିଳ୍ପପତି ଗୌତମ ଆଦାନୀ) ଦୁର୍ନୀତିକୁ ସ୍ପଷ୍ଟ କରିପାରିବ ନାହିଁ (ଏବଂ ବୋଧହୁଏ ଇଚ୍ଛା ମଧ କରିବ ନାହିଁ) ବୋଲି ଦଳ କହିଛି। କଂଗ୍ରେସ କହିଛି, ମୋଦି ସରକାରଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟର ବିରୁଦ୍ଧାଚରଣ କରି ଏହି ବିଶେଷଜ୍ଞ କମିଟି ଆଦାନୀ ଗ୍ରୁପ୍‌ର କାରବାର ନିୟମ ଅନୁଯାୟୀ ହୋଇଥିବା ଦର୍ଶାଇଛି। ଫଳରେ ଆଦାନୀ ସମୂହ ଏଥିରୁ ଲାଭାନ୍ୱିତ ହେବ। ଆଦାନୀ ଗ୍ରୁପ୍ ଦ୍ୱାରା ସେବି ଆଇନର ଉଲ୍ଲଂଘନ କରାଯାଇଥିବା ନେଇ କମିଟି କୌଣସି ନିର୍ଣ୍ଣାୟକ ନିଷ୍କର୍ଷରେ ପହଞ୍ଚିପାରି ନାହିଁ। ଫଳରେ ସେବି ଦ୍ୱାରା ନିୟାମକଗତ କୌଣସି ବିଫଳତା ହୋଇ ନ ଥିବା କମିଟି କହିଛି। ରିପୋର୍ଟର ପୃଷ୍ଠା ୧୦୬ ଏବଂ ୧୪୪ର ଦୁଇଟି ଉଦ୍ଧୃତାଂଶକୁ ଆମେ ଉଲ୍ଲେଖ କରିବାକୁ ଚାହୁଁଛୁ, ଯାହା ଯୁଗ୍ମ ସଂଦୀୟ କମିଟି (ଜେପିସି) ତଦନ୍ତ ପାଇଁ ଉକ୍ତ ମାମଲାକୁ ବଳିଷ୍ଠ କରିବ। ତାହା ହେଲା: (କ) ପିଏଫ୍‌ଆଇରେ ପୁଞ୍ଜି ଲଗାଇଥିବା ନିବେଶକମାନେ ଆଦାନୀ ସହ ଜଡ଼ିତ ନୁହନ୍ତି, ସେ ନେଇ ସେବି ନିଜେ ସନ୍ତୁଷ୍ଟ ହୋଇପାରି ନାହିଁ- ଯାହା ଆମକୁ ଅନ୍ୟୂନ ୨୦, ୦୦୦ କୋଟି ଟଙ୍କାର ହିସାବ ବହିର୍ଭୂତ ପାଣ୍ଠି ପ୍ରଶ୍ନ ପାଖକୁ ଫେରାଇ ଆଣିଛି। (ଖ) ଆଦାନୀ ସିକ୍ୟୁରିଟିର ସବୁଠୁ ବଡ଼ କ୍ରେତା ଏଲ୍‌ଆଇସି, ଯିଏ କି ଶେୟାର ମୂଲ୍ୟ ଖସୁଥିବାବେଳେ ୪.୮ କୋଟି ଶେୟାର କିଣିଥିଲା। ତେଣୁ କାହା ସ୍ୱାର୍ଥରେ ଏଲ୍‌ଆଇସି ଏହା କରୁଥିଲା ବୋଲି ପ୍ରଶ୍ନ ଉଠିଥିବା କଂଗ୍ରେସ କହିଛି।




ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। –ଶ୍ରୀଅରବିନ୍ଦ

# ଖ୍ୟାତିରେ କ୍ଷତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୧୯୮୪ ବ୍ୟାଚ୍ ଇଣ୍ଡିଆନ୍ ରେଲୱେ ଟ୍ରାଫିକ୍ ସର୍ଭିସ (ଆଇଆର୍‌ଟିଏସ୍) ଅଧିକାରୀ ସନ୍ଦୀପ ସିଲାସଙ୍କ ମାମଲାରେ ସୁଧାରାତ୍ମକ ପଦକ୍ଷେପ ନିଆଯାଇଥିଲେ ବି ତାଙ୍କ ଖ୍ୟାତି ବା ପ୍ରତିଷ୍ଠାରେ ଯେଉଁ ଅପୂରଣୀୟ କ୍ଷତି ହୋଇଛି ତାହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଆପଏଣ୍ଟମେଣ୍ଟ କମିଟି ଅଫ୍ କ୍ୟାବିନେଟ (ଏସିସି) ହାଇୟର ଆଡ୍‌ମିନିଷ୍ଟ୍ରେଶନ ଗ୍ରେଡ୍ (ଏଚ୍‌ଏଜି)ରେ ସିଲାସଙ୍କ ଏମ୍ପାନେଲମେଣ୍ଟକୁ ଜାତୀୟ ଆଧାରରେ ୨୦୧୬–୧୭ ପାଇଁ ସ୍ୱୀକୃତି ଦେଇଥିଲା। ତାଙ୍କ ସେବାନିବୃତ୍ତିର ପ୍ରାୟ ୩ ବର୍ଷ ପରେ ଏବଂ ୨୦୧୫ରେ 'ରେଲ୍ ନିର୍' (ବ୍ରାଣ୍ଡେଡ୍ ପ୍ୟାକେଜ୍‌ଡ ପାନୀୟଜଳ) ଦୁର୍ନୀତି ମାମଲାରେ ମିଛରେ ତାଙ୍କୁ ଫସାଇବାର ୮ ବର୍ଷ ପରେ ଏଭଳି ଘଟିଲା। ସୂତ୍ରରୁ ଜଣାପଡ଼ିଛି, ୨୦୧୬ରେ ରେଲ୍‌ୱେ ବୋର୍ଡ ଭିଜିଲାନ୍ସ ଓ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନରଙ୍କ ରିପୋର୍ଟ ସ୍ପଷ୍ଟ କରିଥିଲା ଯେ, ସିଲାସଙ୍କ ବିରୋଧରେ ମାମଲାକୁ ଠିକ୍ ଭାବେ ଉପସ୍ଥାପନ କରାଯାଇ ନ ଥିଲା। ଏହା ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ଏହି ଅଧିକାରୀଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ଆଗକୁ ବଢ଼ିଥିଲା। ଏପରି କି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ମକଦ୍ଦମାକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ଉପେକ୍ଷା କରି ମନ୍ତ୍ରଣାଳୟ ଏଭଳି କରିଥିଲା। କୌତୂହଳର କଥା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଯେତେବେଳେ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଥିଲେ ସେତେବେଳେ ସିଲାସ୍ ତାଙ୍କର ବ୍ୟକ୍ତିଗତ ସଚିବ ଥିଲେ। ସେହି ସମୟରେ ତାଙ୍କୁ ଉଭୟ ସିବିଆଇ ଓ ପରେ କୋର୍ଟଙ୍କ ଦ୍ୱାରା ହାଜତରେ ରଖାଯାଇଥିଲା। ଉତ୍ତର ରେଲୱେରେ କଷ୍ଟମର କମ୍ୟୁନିକେଶନ ମ୍ୟାନେଜର (କାଟରିଂ) ଭାବେ ତାଙ୍କ କାର୍ଯ୍ୟକାଳକୁ ଲିଭ୍ ଭ୍ୟାକେନ୍ସି ଯୋଗୁ ହ୍ରାସ କରାଯାଇ ୨ ମାସ କରାଯାଇଥିଲା। ଅନେକ ବାବୁ ଏବଂ ପର୍ଯ୍ୟବେକ୍ଷକମାନେ ସିଲାସଙ୍କ ଖ୍ୟାତିରେ କ୍ଷତି ଘଟାଇଥିବା ସବୁ ଅଧିକାରୀ ଓ ସଂସ୍ଥାଗତ ଅବହେଳା ଉପରେ ପ୍ରଶ୍ନ ଉଠାଇଛନ୍ତି।

### ସମୟ କହିବ

କର୍ଣ୍ଣାଟକ ବିଧାନସଭା ନିର୍ବାଚନର ରାଜନୈତିକ ଲଢ଼େଇ ପୋଲିଂ ଷ୍ଟେଶନରୁ ଯାଇ ଏବେ କ୍ଷମତା ପରିସରରେ ପହଞ୍ଚିଯାଇଛି। ନିର୍ବାଚନରେ କଂଗ୍ରେସ ବିଜୟୀ ହେବାର ଗୋଟିଏ ଦିନ ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ନୂଆ ନିର୍ଦ୍ଦେଶକ ଭାବେ କର୍ଣ୍ଣାଟକର ଡିଜିପି ପ୍ରବୀଣ ସୁଦ୍‌ଙ୍କ ନାମ କେନ୍ଦ୍ର ଘୋଷଣା କରିଥିଲା। କାର୍ଯ୍ୟକାଳ ଶେଷ ହେବାକୁ ଥିବା ନିର୍ଦ୍ଦେଶକ ସୁବୋଧ କୁମାର ଜୈସ୍ୱାଲଙ୍କ ସ୍ଥାନରେ ସୁଦ୍‌ଙ୍କୁ ୨ ବର୍ଷ ପାଇଁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକର ବରିଷ୍ଠ କଂଗ୍ରେସ ନେତା ଡି.କେ.ଶିବକୁମାର ଅତୀତରେ ସୁଦ୍‌ଙ୍କୁ ଅସୁବିଧାରେ ପକାଇଥିଲେ। ଏପରିକି ସୁଦ୍‌ଙ୍କୁ ସେ ନିନ୍ଦା କରି ଭାଜପାର କାଠପିତୁଳା ବୋଲି କହିବା ସହ ତାଙ୍କ ଗିରଫ ଦାବି କରିଥିଲେ। କର୍ଣ୍ଣାଟକରେ ନୂଆ କଂଗ୍ରେସ ସରକାରଙ୍କ ପାଇଁ କଠିନ ସ୍ଥିତି ଆଣିବାକୁ ମୋଦି ସରକାର ଜାଣିଶୁଣି ପଦକ୍ଷେପ ନେଉଛନ୍ତି ବୋଲି ଅନେକେ ବିଚାର କରୁଛନ୍ତି। ଦୁର୍ନୀତି ଅଭିଯୋଗ ଥିବା ଉଭୟ ଶିବକୁମାର ଏବଂ କଂଗ୍ରେସ ବିରୋଧରେ ସୁଦ୍ ଯୁଦ୍ଧ ଆରମ୍ଭ କରିବେ ବୋଲି ଆଶା କରାଯାଉଛି। ବିରୋଧୀ ନେତା ତଥା ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଚୟନ କମିଟିର ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସୁଦ୍‌ଙ୍କ ନାମ କମିଟି ନିକଟରେ ଦାଖଲ କରାଯାଇଥିବା ମୂଳ ତାଲିକାରେ ନ ଥିଲା। ଚୌଧୁରୀଙ୍କ ସନ୍ଦେହ ସତ୍ତ୍ୱେ ବି ମୋଦିଙ୍କ ନିଷ୍ପତ୍ତିର ବିଜୟ ହେଲା। ତେବେ କେନ୍ଦ୍ରର ଏହି ନିଷ୍ପତ୍ତି ପଛରେ କି ପ୍ରକାର ମନୋଭାବ ଅଛି ଏବଂ କର୍ଣ୍ଣାଟକ ରାଜନୀତି ଦୃଶ୍ୟପଟରେ ଏହାର ପ୍ରଭାବ କ'ଣ ରହିବ ତାହା ହିଁ କେବଳ ସମୟ କହିବ।

### ବାବୁଙ୍କ ବଦଳି

ଶେଷରେ ଦିଲ୍ଲୀ ସରକାର ସର୍ଭିସେସ୍ ସଚିବ ଆଶିଷ ମୋରେଙ୍କୁ ଏକ ନୂଆ ଅଧିକାରୀଙ୍କ ଦ୍ୱାରା ପ୍ରତିସ୍ଥାପନ କରିବାକୁ ଏକମତ ହୋଇଛନ୍ତି। ସର୍ଭିସେସ୍ ବିଭାଗର ଦାୟିତ୍ୱରେ ଥିବା ମନ୍ତ୍ରୀ ସୌରଭ ଭରଦ୍ୱାଜ ମୋରେଙ୍କୁ ଏକ କାରଣଦର୍ଶାଅ ନୋଟିସ ଦେବା ପରେ ଦିଲ୍ଲୀ ସରକାର ଏହା କରିଛନ୍ତି। ପ୍ରଥମେ ମୋରେ ବଦଳି ହେବାକୁ ମନା କରିଦେଇଥିଲେ। ସେ ଦାବି କରିଥିଲେ ଯେ, ବଦଳି କରିବା ଏବଂ ସ୍ୱାଧୀନ ଭାବେ ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ଦିଲ୍ଲୀ ସରକାରଙ୍କ କ୍ଷମତାକୁ ସୁପ୍ରିମକୋର୍ଟ (ଏସ୍‌ସି)ଙ୍କ ଐତିହାସିକ ରାୟ ପରେ ଏଯାବତ ଲାଗୁ କରାଯାଇନାହିଁ। ଏସ୍‌ସିଙ୍କ ରାୟ ପରେ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି ସରକାର ତତ୍‌କ୍ଷଣାତ ମୋରେଙ୍କୁ ହଟାଇବାକୁ ପଦକ୍ଷେପ ନେଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ)ର ପ୍ରଚଳିତ ଅର୍ଡର ଅନୁଯାୟୀ ଜଣେ ଅଧିକାରୀଙ୍କୁ ହଟାଇବାର ଅଧିକାର ଲ୍ୟୁଟନାଣ୍ଟ ଗଭର୍ନରଙ୍କ ଉପରେ ନିର୍ଭର କରେ, ଯେ ପର୍ଯ୍ୟନ୍ତ ଏମ୍‌ଏଚ୍‌ଏ ଏହାକୁ ପ୍ରତ୍ୟାହର କିମ୍ବା ସଂଶୋଧନ ନ କରିଛି। ଏହା ସ୍ପଷ୍ଟ ଯେ, ୫ ଜଣିଆ ଖଣ୍ଡପୀଠଙ୍କ ଅର୍ଡର ସତ୍ତ୍ୱେ ଏହି ଘଟଣାରେ କ'ଣ ଭୁଲ୍ କ'ଣ ଠିକ୍ ତାହା ଦେଖିବା କଷ୍ଟକର। ତେବେ ଏବକାର କ୍ଷମତା ଲଢ଼େଇ ଦିଲ୍ଲୀରେ ପ୍ରଶାସନିକ ଅଧିକାରର ଜଟିଳ ଦିଗକୁ ଦର୍ଶାଉଛି। ନିର୍ବାଚିତ ସରକାର ଏବଂ ଏଲ୍‌ଜି କାର୍ଯ୍ୟାଳୟ ମଧ୍ୟରେ ବିବାଦ ଏକ ଦୀର୍ଘ ପ୍ରସଙ୍ଗ ହୋଇ ରହିଆସିଛି। ଉଭୟ ପକ୍ଷ ପ୍ରତ୍ୟେକ ବୈଧାନିକ ଅଧିକାର ପାଇଁ ଦାବି କରୁଛନ୍ତି। ଆଶା କରାଯାଏ, ଆଗକୁ ଆମେ ନିର୍ବାଚିତ ସରକାରଙ୍କ ପ୍ରଶାସନିକ ଅଧିକାରର ସୁଯୋଗ ଓ ସମ୍ପ୍ରସାରଣକୁ ନେଇ କିଛି ସ୍ପଷ୍ଟତା ଦେଖିବାକୁ ପାଇବା।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 8 | 2 | | | 1 |
| | 1 | | 4 | | | | | |
| | | 3 | | 6 | | 4 | | |
| | | | 8 | | | | 6 | |
| | | 8 | 9 | | 5 | 2 | | |
| | 4 | 5 | | | 1 | 3 | | 8 |
| | | | 2 | | 6 | 7 | | 5 |
| | | | | | | | | 6 |
| | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 1 | 2 | 3 | 7 | 6 | 4 | 5 |
| 4 | 7 | 3 | 9 | 5 | 6 | 1 | 2 | 8 |
| 2 | 5 | 6 | 4 | 1 | 8 | 7 | 3 | 9 |
| 3 | 1 | 9 | 5 | 6 | 2 | 8 | 7 | 4 |
| 5 | 8 | 7 | 1 | 4 | 9 | 3 | 6 | 2 |
| 6 | 2 | 4 | 8 | 7 | 3 | 9 | 5 | 1 |
| 9 | 3 | 5 | 6 | 8 | 4 | 2 | 1 | 7 |
| 7 | 4 | 2 | 3 | 9 | 1 | 5 | 8 | 6 |
| 1 | 6 | 8 | 7 | 2 | 5 | 4 | 9 | 3 |

ଗତକାଲିର ଉତ୍ତର

# ଭାବାବେଗ ପଲିଟିକ୍ସ ଗଣତନ୍ତ୍ରକୁ ନଷ୍ଟକରେ



ସହଦେବ ସାହୁ

କମ୍ପାସନ ବା ଅନୁକମ୍ପା ଭାବ ଆମକୁ ଅନ୍ୟର ଦୁଃଖ ଦରଦ ବୁଝିବାରେ ସାହାଯ୍ୟକରେ, କିନ୍ତୁ ସାମୂହିକ ଆବଶ୍ୟକତା ବୁଝେ ନାହିଁ। ସାମୂହିକ କଲ୍ୟାଣ ବା ବିକାଶ ଚିନ୍ତା ହିଁ ଗଣତନ୍ତ୍ରର ମୂଳମନ୍ତ୍ର। ସାମୂହିକ କଲ୍ୟାଣ ଯୋଜନା ଏକ ଅଖଣ୍ଡ ପ୍ରବାହ, ସମଗ୍ର ସମାଜରେ ମନୁଷ୍ୟତ୍ୱର ବିକାଶକରେ। ଅନୁକମ୍ପା ଗୋଟିଏ ଗାଡ଼ିଆ, ତତ୍‌କ୍ଷଣାତ୍ ଅଭାବକୁ ପୂରଣକରେ। ନିୟମିତ ବ୍ୟବଧାନରେ ନିର୍ବାଚନ ରାଜନେତାମାନଙ୍କ ଦୃଷ୍ଟିକୋଣକୁ ସଂକୀର୍ଣ୍ଣ କରେ, ୫ ବର୍ଷରେ ସୀମିତ ରଖେ; ସାମଗ୍ରିକ ଓ ମାନବିକ ବିକାଶ ମୂଳମନ୍ତ୍ର ନ ହୋଇ ନିର୍ବାଚନ ସମୟରେ ସମର୍ଥନ–ସଂଗ୍ରହ କରିବାର ମାଧ୍ୟମ ହୋଇଯାଏ। ଦୁଃଖକଷ୍ଟ ଦୂରକରିବାର ସବୁଦିନିଆ ଉପାୟ ନ ଖୋଜି ରାଜନେତାମାନେ ଖୋଜନ୍ତି ଅଳ୍ପରେ ସନ୍ତୁଷ୍ଟ କରିବାର ଉପାୟ। ଏପରି ଭାବାବେଗ ଭିକ ରାଜନୀତି ଗଣତନ୍ତ୍ର ପ୍ରତି ବିପଦ, ପାଶ୍ଚାତ୍ୟ ରାଜନୀତି ବିଜ୍ଞାନୀଙ୍କ ଭାଷାରେ ଇମୋସନ ବେସ୍‌ଡ ପଲିଟିକ୍ସ ଇଜ୍ ଏ ଡେଞ୍ଜର ଟୁ ଡିମୋକ୍ରାସି। ଏହାର ଏକ ସମାନ୍ତରାଳ ଉଦାହରଣ ମିଳେ ଭଗବଦ୍‌ଗୀତାରେ। ଯୁଦ୍ଧକ୍ଷେତ୍ରରେ ପରିଚିତ ଲୋକଙ୍କୁ ଦେଖି ଅର୍ଜୁନ ଭାବବିହ୍ୱଳ ହୋଇଗଲେ। କହିଲେ, ଯୁଦ୍ଧରେ ଲୋକେ ନିହତ ଓ ଲହୁଲୁହାଣ ହେବା ଉଚିତ ନୁହେଁ। ଏପରି କହି ସେ ଅସ୍ତ୍ରତ୍ୟାଗ କରନ୍ତେ ଶ୍ରୀକୃଷ୍ଣ କହିଲେ, "ଏ ତୁମର ଭାବାବେଗ। ନ୍ୟାୟ ପ୍ରଦର୍ଶନରେ ବାଧକ। ଯୁଦ୍ଧ ନ କଲେ ଅଧର୍ମୀ କୌରବଙ୍କ ଶାସନ ଚାଲୁ ରହିବ, ଲୋକେ ସବୁଦିନେ ନିର୍ଯାତିତ ଓ ଲହୁଲୁହାଣ ହେଉଥିବେ; ତା' ତୁଳନାରେ ଏ ଯୁଦ୍ଧର ଲହୁଲୁହାଣ ସାମୟିକ; ତେଣୁ ତୁମର କର୍ତ୍ତବ୍ୟ, ତୁମର ଧର୍ମ।"

ଗଣତନ୍ତ୍ର ହେଉଛି 'ଲୋକଙ୍କ ପାଇଁ ଲୋକଙ୍କ ଶାସନ' ପ୍ରତିନିଧିଙ୍କ ଭାବାବେଗ ଅନୁଯାୟୀ ଶାସନ ନୁହେଁ। ଦାରିଦ୍ର୍ୟ, ଅନଗ୍ରସତା, ପୁଷ୍ଟିହୀନତା, ଅସୁସ୍ଥତା ଓ ଅଶିକ୍ଷା ଦୂର କରିବାର ଦୀର୍ଘକାଳୀନ ବ୍ୟବସ୍ଥା କରିବା ଗଣତନ୍ତ୍ରର ଲକ୍ଷ୍ୟ। ଲୋକେ ଯେଉଁଥିରେ ସାଙ୍ଗେ ସାଙ୍ଗେ ଖୁସିହେବେ ତା' କରିବା ହେଉଛି ଭାବାବେଗ ପଲିଟିକ୍ସ। ଫ୍ରିବି (ସାମୟିକ ମାଗଣା ଅନୁଦାନ) ଏହାର ଗୋଟିଏ ଉଦାହରଣ – ଭୋଟରଙ୍କୁ ଭୋଟଦାନ ଆଗରୁ ବକ୍‌ସିସ୍ ଦେବା। ଏଭଳି ତାତ୍କାଳୀକ ଅନୁଦାନ ଅଭାବୀ ଲୋକକୁ ନେତାର ଗୋଡ଼ାଣିଆ କରିଦିଏ, ତା' ମନରୁ ପରିବାରର ଓ ଦେଶର ଭବିଷ୍ୟତ ଚିନ୍ତା ପୋଛିଦିଏ। ଏହାର ଦୀର୍ଘକାଳୀନ ପ୍ରଭାବ ନାଗରିକର ଅଧିକାର ଉପରେ ଆଘାତ କରେ। ଫ୍ରିଡମ୍ ଅଫ୍ ଏକ୍ସପ୍ରେସନ (ବାକ୍ ସ୍ୱାଧୀନତା) ଆମର ସବୁଦିନିଆ (ସାମ୍ବିଧାନିକ) ଅଧିକାର; ଖବର ପରିବେଷଣର ଭିତ୍ତି; କିନ୍ତୁ ରାଜନେତାମାନେ ଚାହାନ୍ତି ତାଙ୍କ ଉପରେ ଚରିତ୍ରହାନି ସୂଚକ ଖବର ନ ବାହାରୁ, ତାଙ୍କ ପତିଆରାକୁ ହ୍ରାସ କରିବା ଭଳି କିଛି ପ୍ରକାଶ ନ ହେଉ, ଭୋଟରେ ହାରିବାର ଆଶଙ୍କା ବଢ଼ାଉଥିବା ଖବର ନ ବାହାରୁ। ତେଣୁ ଅବାଧ ମତ ପ୍ରକାଶକୁ ରୋକୁଥିବା ସେନ୍‌ସର ଉଠାଇ ଦିଆଯାଉ ବୋଲି ଲୋକେ ଆନ୍ଦୋଳନ କଲେ ରାଜନେତାଏ ଚୁପ୍ ରହନ୍ତି। ପରିବେଶ କଥା ଆଉ ଗୋଟିଏ ଉଦାହରଣ। ଦିଲ୍ଲୀର ପ୍ରଦୂଷଣ ସମସ୍ୟା ସାରା ଦେଶ ପାଇଁ କ୍ଲାଇମେଟ୍ ଚେଞ୍ଜ ଜନିତ ସମସ୍ୟାର ଅଙ୍ଗ; ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ଯୋଗୁ ପିଲାଏ କାନ୍ଦୁଛନ୍ତି କହିଲେ ସରକାର କିଛି ବ୍ୟବସ୍ଥା କରିବେ ନାହିଁ। ପବନରେ ଗୁଡ଼ିଏ ବିଷାକ୍ତ ବାଷ୍ପ ମିଶୁଥିବାରୁ ପିଲାର ଆଖି ପୋଡ଼େ, ନାଳିଆ ହୋଇଯାଏ, ଅଧିକ କଷ୍ଟ ହେଲେ ସେ କାନ୍ଦେ – ଏପରି କହିଲେ ସମସ୍ତେ ବ୍ୟସ୍ତ ହୁଅନ୍ତି, ରାଜନେତାଏ ବି। ସରକାର ସପ୍ତାହରେ ୨/୩ ଦିନ ଗାଡ଼ି ଚଳାଚଳ ବନ୍ଦ ପ୍ରସ୍ତାବ ଆଣନ୍ତି ତ ଲୋକେ କହନ୍ତି, ପିଲାମାନଙ୍କୁ ସ୍କୁଲ ନେବୁ କିପରି, ରୋଗୀକୁ ମେଡିକାଲ ନେବୁ କିପରି? ରାଜନେତାମାନେ ମନେକରନ୍ତି– ମହିଳାମାନେ ଏବଂ ସ୍କୁଲପିଲା ଓ ରୋଗୀଙ୍କ ପରିବାର ବିମୁଖ ହେବେ, ସେମାନଙ୍କ ଭୋଟ ବିରୋଧୀଙ୍କୁ ଚାଲିଯିବ। ବିକଳ୍ପ ରୂପେ ନେତାଏ ଯେତେବେଳେ ପ୍ରସ୍ତାବ ଦିଅନ୍ତି, ଯୋଡ଼ ବେଯୋଡ଼ ସଂଖ୍ୟାର ଗାଡ଼ି ଦିନେ ଛଡ଼ା ଦିନେ ଚାଲିବ, କେତେକ ଲୋକ ଚାହାନ୍ତି ସ୍କୁଲପିଲା ଓ ରୋଗୀ ନେଉଥିବା ଗାଡ଼ି ତଥା ମହିଳା ଚଳାଉଥିବା ଗାଡ଼ିକୁ ଛାଡ଼ କରାଯାଉ। ସଙ୍ଗେ ସଙ୍ଗେ ଆଉ କେତେଜଣ ଲୋକ ପ୍ରଶ୍ନ କରନ୍ତି – କ'ଣ ଦୁଇଚକିଆ ଗାଡ଼ି ବା ମହିଳା ଚଳାଉଥିବା ଗାଡ଼ି କମ୍ ପ୍ରଦୂଷଣ କରେ? କ'ଣ କେବଳ ୪ଚକିଆ ଗାଡ଼ି ପ୍ରଦୂଷଣ କରେ? କାହାର ଭାବନାକୁ ଉପେକ୍ଷା କରିବ ଏ ଚିନ୍ତାରେ ଦିଲ୍ଲୀ ସରକାର ଚଳାଉଥିବା ନେତାଏ ଭାବନ୍ତି ଚୁପ୍‌ଚାପ୍ ରହିଯିବା ଭଲ। ଫଳରେ ଗାଡ଼ି ଚଳାଚଳରେ କିଛି କଣ୍ଟ୍ରୋଲ ରହିଲେ ଯାହା କିଛି ପ୍ରଦୂଷଣ କମିଥାଆନ୍ତା ତାହା ବି ହୁଏ ନାହିଁ। ଭାବାବେଗ ପଲିଟିକ୍ସ ନେତାମାନଙ୍କ ହାତ ବାନ୍ଧି ଦେଉଛି, ନିର୍ବାଚନ ଇସ୍ତାହାର ବିରଦ୍ଦି କାଗଜ ହୋଇଯାଉଛି – ଇମୋସନ ବେସ୍‌ଡ୍ ପଲିଟିକ୍ସ ଲିଡ୍‌ସ ଟୁ ଇନାକ୍ସନ।




ରାସ୍ତାର କୌଣସି ଜାଗାରେ ଦୁର୍ଘଟଣା ଘଟିଲେ ଯଦି ଜୀବନହାନି ଘଟେ ସରକାର ବ୍ୟସ୍ତ ହୋଇପଡ଼ନ୍ତି, ଜନ ଅସନ୍ତୋଷକୁ କମାଇବା ଲାଗି ପୀଡ଼ିତ ପରିବାରକୁ କେଇଲକ୍ଷ ଟଙ୍କା ସହାୟତା ଘୋଷଣା କରିପକାନ୍ତି। କ୍ଷତିଗ୍ରସ୍ତ ପରିବାର ପାଉଛି କି ନାହିଁ ତା' ଆଉ ଏକ ବିଷୟ। ଦୁର୍ଘଟଣାପ୍ରବଣ ସ୍ଥାନ ବା ରାସ୍ତାରେ ଆଉ ଯେପରି ଦୁର୍ଘଟଣା ନ ଘଟେ ତା' ପାଇଁ କ'ଣ କ'ଣ କରିବା କଥା ସେ ବିଷୟ ବିଚାରକୁ ନିଆଯାଏ ନାହିଁ। ଯଦି ସେଠାରେ ପୋଲିସ ଚୌକି ବସାଇ ଗାଡ଼ି ନିୟନ୍ତ୍ରଣ କରାଯାଏ ସେଥିରେ ଗାଡ଼ିବାଲା ବହୁତ ଲୋକ ଓ ବ୍ୟବସାୟୀମାନେ ବିରକ୍ତ ହେବେ। କାରଣ ସେମାନେ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବାରେ ବିଳମ୍ବ ହେବ। ଯଦି ୨/୩ ଥାକିଆ ରାସ୍ତା କରିବା ପାଇଁ ରାସ୍ତା ଉପରେ ପୋଲ ଓ ପୋଲ ଉପରେ ପୋଲ କରାଯାଏ ଲୋକେ ପାଟି କରିବେ ଯେ ଏଥିରେ ଯେତେ ଖର୍ଚ୍ଚ ହେଉଛି ସେହି ଖର୍ଚ୍ଚରେ ଦୁର୍ଘଟଣା–ଚିକିତ୍ସା–ଜନିତ ହସ୍ପିଟାଲ ତିଆରି କରିହେବ। ଏଭଳି ଭାବନା ସରକାର ଚଳାଉଥିବା ନେତାଙ୍କୁ ନିଷ୍କ୍ରିୟ କରିଦିଏ, ଦୁର୍ଘଟଣା–ପ୍ରବଣତା ରହିଯାଏ। ଯଦି ନେତାମାନେ ପରିସଂଖ୍ୟାନ ଦେଖାନ୍ତେ – ବର୍ଷ ବର୍ଷ ଧରି କେତେ ଜୀବନ ନଷ୍ଟ ହେଉଛି ତାହାର ମୂଲ୍ୟ ତୁଳନାରେ ନିରାପତ୍ତା ଖର୍ଚ୍ଚ କେତେ କମ୍ – ଏକ ବିଚାରବନ୍ତ ନିଷ୍ପତ୍ତି ନେଇହୁଅନ୍ତା। ମନ୍ଦିର, ମସ୍‌ଜିଦ୍ ଆଦି ଭବ୍ୟ ପୁନରୁଦ୍ଧାର କଲେ ଦଳାଚକଟା, ସଡ଼କଯାତ୍ରା ଓ ପୋଲ ଭୁଶୁଡ଼ିବା ଆଦି ମୃତ୍ୟୁର କାରଣ ତ ଉଭେଇଯିବ ନାହିଁ, ମନ୍ଦିର ବେଢ଼ା ସୁନ୍ଦର ଓ ପ୍ରଶସ୍ତ କରିଦେଲେ ମନ୍ଦିର ତୀର୍ଥସ୍ଥାନ ଯେତେ ହୁଏ ନାହିଁ ତା'ଠାରୁ ବେଶି ପର୍ଯ୍ୟଟନ–ସ୍ଥଳୀ ହୋଇଯାଏ। ଅର୍ଥାତ୍ ସରକାରୀ ଉଦ୍ୟମରେ ମନ୍ଦିର ପୁନରୁଦ୍ଧାର କରିବା ଏକ ଭାବାବେଗ ପଲିଟିକ୍ସ, ମାର୍କ୍ସଙ୍କ ଭାଷାରେ ରାଜନେତାଏ ଧର୍ମକୁ ଅଫିମ ଭାବେ ବ୍ୟବହାର କରୁଛନ୍ତି। ଦେବତ୍ୱ ମଣିଷର ମନରେ ନ ରହି ଚାରିକାନ୍ଥ ଭିତରେ ରହିଯାଏ। ମଦ୍ୟପାନ ଯୋଗୁ ଯେତେ ପରିବାର ଛିନ୍ନଛତ୍ର ହୁଏ ଏବଂ ସମାଜ ଯେତେ ବିଶୃଙ୍ଖଳ ଓ କ୍ଷତିଗ୍ରସ୍ତ ହୁଏ ତା'ର ଉପଶମରେ ସରକାର ଯେତେ ଖର୍ଚ୍ଚ କରୁଛନ୍ତି ତା' ତୁଳନାରେ ଏକ୍ସାଇଜ୍ ଇନ୍‌କମ୍ ଖୁବ୍ କମ୍ ହେଲେ ବି ନିଶା ନିବାରଣ ପବ୍ଲିକ୍ ପଲିସି ହୋଇପାରୁନାହିଁ, କାରଣ ଭୋଟରକୁ ଆପ୍ୟାୟିତ କରିବାରେ ମଦ କାରବାର ବେଶ୍ କାମ କରେ।

ଟଙ୍କାକିଆ ଚାଉଳ ଯୋଗାଇବା ଏକ ଭାବାବେଗ–ଭିକ ପଲିଟିକ୍ସ। ଯାହା ପାଖରେ ପଇସା ନାହିଁ ସେ ଟଙ୍କାକିଆ ଚାଉଳ ବି କିଣିପାରିବ ନାହିଁ। କେତେକ ଥିଳାବାଲା ଲୋକ ଟଙ୍କିକିଆ ଚାଉଳ ନେଇ ବ୍ୟବସାୟ କରୁଛନ୍ତି – ଏ କାରବାରରେ ସମାଜରେ ଯେତେ ଅନୀତି ଓ ଭ୍ରଷ୍ଟାଚାର ବଢ଼ୁଛି ଓ ଯେତେ ସଂଖ୍ୟାରେ ଲୋକେ କର୍ମବିମୁଖ ହେଉଛନ୍ତି ତଥା ସେମାନଙ୍କ ପିଲାମାନେ ରାହାଜାନି, ଛିନ୍‌ତାଇ ଓ ଅପହରଣ ଭଳି ଅପରାଧରେ ଲିପ୍ତ ରହୁଛନ୍ତି ବା ଦାଦନ ଯାଇ ପ୍ରାଣ ହରାଉଛନ୍ତି ତାହା ବିରଳ ହୋଇଯାନ୍ତା ଯଦି ପବ୍ଲିକ୍ ପଲିସି ଭାବେ ତଥାକଥିତ ମାଗଣା ଚାଉଳ ଉପରେ ସରକାର ଯେତେ ଖର୍ଚ୍ଚ କରୁଛନ୍ତି ତାହା ଚିହ୍ନଟ ଲୋକମାନଙ୍କୁ ନିଶ୍ଚିତ ଆୟ (ରୋଜଗାର) ରୂପରେ ଦିଆଯାଆନ୍ତା ଓ ସେମାନେ ବଜାରରୁ ଚାଉଳ ଆଦି କିଣନ୍ତେ।

sahadevas@yahoo.com

# ଜୀବନ ଜୀବିକାରେ ମହୁମାଛି



ସ୍ୱପ୍ନାଲିସା ମହାପାତ୍ର



ଡ. ଚିତ୍ତରଞ୍ଜନ ଶତପଥୀ

ମହୁମାଛିକୁ ଆନ୍ତର୍ଜାତିକ ଆର୍ଥୱାଚ ଅନୁଷ୍ଠାନ ପୃଥିବୀପୃଷ୍ଠର ସର୍ବୋତ୍କୃଷ୍ଟ ଜୀବର ମାନ୍ୟତା ଦେଇଛି। ମହୁମାଛିର ପ୍ରକୃତି ଉପରେ କୌଣସି କୁପ୍ରଭାବ ନ ଥାଏ, ମାତ୍ର ଏହାର ଅନୁପସ୍ଥିତି ଯୋଗୁ ଫସଲରେ ପରାଗସଙ୍ଗମ ହ୍ରାସ ଜନିତ କ୍ଷତି ହେବା ସହିତ ବିବିଧ ବୃକ୍ଷରାଜି ବିଶେଷକରି ଜୀବଜଗତ ଲୋପପାଇଯିବାର ଆଶଙ୍କା କରାଯାଏ। ସାଧାରଣତଃ ଲୋକମାନେ ବିଶୁଦ୍ଧ ମହୁ ପାଇବା ପାଇଁ ମହୁମାଛି ପାଳନ କରିଥାନ୍ତି ଓ ଦିନକୁ ଦିନ ମହୁମାଛି ପାଳନର ଚାହିଦା ଆମ ରାଜ୍ୟ ତଥା ଦେଶବିଦେଶରେ ବଢ଼ିଚାଲିଛି। ମହୁମାଛି ପାଳନର ବ୍ୟାପକତା ପାଇଁ ସରକାରୀ ସ୍ତରରେ ମଧ୍ୟ ଯଥେଷ୍ଟ ସୁବିଧା ସୁଯୋଗ ଓ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି। ଅପରପକ୍ଷରେ ଆଜିକାଲି ଜଳବାୟୁ ପରିବର୍ତ୍ତନ ଓ ଅତ୍ୟଧିକ କୀଟନାଶକ ପ୍ରୟୋଗ ଦ୍ୱାରା ବହୁଳ ଭାବରେ ମହୁମାଛି ଓ ଅନ୍ୟାନ୍ୟ ପରାଗସଙ୍ଗମକାରୀ କୀଟମାନେ ବିଲୋପ ହେବାରେ ଲାଗିଛନ୍ତି। ଏହାଦ୍ୱାରା ଫସଲ ଅମଳରେ ହ୍ରାସ ଦେଖାଯାଉଛି।

ପରାଗସଙ୍ଗମରେ ସାହାଯ୍ୟ କରୁଥିବା ମହୁମାଛିଙ୍କ ଦ୍ୱାରା ପ୍ରସ୍ତୁତ ମହୁ ମଣିଷ ପାଇଁ ଖାଦ୍ୟୋପଯୋଗୀ। ଏହି ଜୀବ ପରିବେଶ ସନ୍ତୁଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏତତବ୍ୟତୀତ ଏହି କୀଟ ବ୍ୟବହାରିକ ଦୃଷ୍ଟିକୋଣରୁ ଉନ୍ନତ, ଗଢ଼ିତୋଳିବାର କଳାରେ ଉତ୍କର୍ଷ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣରୁ ସର୍ବୋତ୍କୃଷ୍ଟ। ଉକ୍ତ ଜୀବ ବିଭିନ୍ନ କଳା ଯଥା; କଠିନ ପରିଶ୍ରମ, ମିତବ୍ୟୟୀ, ସ୍ୱାର୍ଥତ୍ୟାଗୀ, ଶୃଙ୍ଖଳିତ, ସଞ୍ଚୟ କରିବାରେ ଧୁରନ୍ଧର, ସୁସଂଗଠିତ, ସାମାଜିକ ଦାୟିତ୍ୱବାନ, ଅନନ୍ୟ ଯୋଗାଯୋଗ ଇତ୍ୟାଦି କୌଶଳରେ ନିପୁଣ ଏବଂ ଆହୁରି ଅନେକ କିଛି ମଧ୍ୟ ଏମାନଙ୍କଠାରୁ ଆମ୍ଭେ ଶିଖିପାରିବା।

ମହୁମାଛି ପାଳନ ଦ୍ୱାରା ଅନ୍ୟ କୃଷି ଉଦ୍ୟୋଗ ପ୍ରଭାବିତ ହୋଇ ନ ଥାଏ ଏବଂ ବ୍ୟବହୃତ ନ ହୋଇ ନଷ୍ଟ ହୋଇଯାଉଥିବା ପ୍ରାକୃତିକ ଦ୍ରବ୍ୟ (ମକରନ୍ଦ)ରୁ ମହୁ ଭଳି ଉନ୍ନତ ଦ୍ରବ୍ୟ ମିଳିଥାଏ। ନିରନ୍ତର ପ୍ରଜନନ ପ୍ରକୃତି ଯୋଗୁ ମହୁମାଛି ପାଳନ ଥରେ ଆରମ୍ଭ ହେଲେ ଏହା ଅବିରାମ ଚାଲିଥାଏ ଓ ଏହି ଶିଳ୍ପରୁ ଅନେକ ମୂଲ୍ୟବାନ ଦ୍ରବ୍ୟ ଯଥା ମହୁ, ମହମ, ରୟାଲ ଜେଲି, ମହୁମାଛି ବିଷ, ପରାଗରେଣୁ ଏବଂ ପ୍ରୋପୋଲିସ ଇତ୍ୟାଦି ମିଳିଥାଏ। ଏହା ଶିଳ୍ପରେ ବିଭିନ୍ନ ସୂତ୍ରରୁ ରୋଜଗାର କରିବାର ସୁବିଧା ଉପଲବ୍ଧ। ଏହା ପାଇଁ ବହୁଳ ବିନିଯୋଗ କିମ୍ବା ଅଧିକ ପରିଶ୍ରମର ଆବଶ୍ୟକତା ପଡ଼େ ନାହିଁ। ଉକ୍ତ ପରିପ୍ରେକ୍ଷୀରେ ମହୁମାଛିମାନଙ୍କର ସୁରକ୍ଷା ନିମନ୍ତେ ବିଶ୍ୱ ମହୁମାଛି ଦିବସ ପାଳନର ଗୁରୁତ୍ୱ ଯଥାର୍ଥ। ଏହି ଦିବସ ପ୍ରଥମେ କେତେକ ମହୁମାଛି ଚାଷୀଙ୍କ ଦ୍ୱାରା ୨୦୦୯ରେ ଆମେରିକାରେ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ପ୍ରସାର ହେଲା ଓ ବିଶ୍ୱ ସ୍ତରରେ ପ୍ରତିବର୍ଷ ଅଗଷ୍ଟ ତୃତୀୟ ଶନିବାର ଦିନ ପାଳନ କରିବାକୁ ସ୍ଥିର କରାଗଲା। ଭାରତରେ ଏହା ପ୍ରଥମ କରି ୨୦୧୯ରୁ ପାଳନ କରିବାକୁ କେନ୍ଦ୍ର ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା ଓ ବିଭିନ୍ନ ରାଜ୍ୟରେ ପାଳିତ ହୋଇଥିଲା। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏହା ଅନେକ ସ୍ଥାନରେ ବିଶେଷକରି ଓଡ଼ିଶାର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଉଦ୍ୟାନ ନିର୍ଦ୍ଦେଶାଳୟର ସହଭାଗିତାରେ ପାଳିତ ହୋଇଥିଲା। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଏବଂ ନାବାର୍ଡ ମଧ୍ୟ ଏ ଦିବସକୁ ଅତି ଆଗ୍ରହର ସହ ପାଳନ କରିଥିଲେ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହୁମାଛିର ସୁରକ୍ଷା।



ପରେ ସ୍ଲୋଭେନିଆନ ବୀ କିପିଙ୍ଗ ଆସୋସିଏଶନ ଦ୍ୱାରା ୨୦୧୪ରେ ଉପସ୍ଥାପିତ ପ୍ରସ୍ତାବକୁ ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ମହାନିର୍ଦ୍ଦେଶକ ଗ୍ରଜିଆନୋ ଡା ସିଲ୍‌ଭା ଏବଂ ସ୍ଲୋଭେନିଆର ଉପପ୍ରଧାନମନ୍ତ୍ରୀ ତଥା କୃଷି, ଜଙ୍ଗଲ ଓ ଖାଦ୍ୟ ମନ୍ତ୍ରୀ ଡେଜାନଙ୍କ ମିଳିତ ଉଦ୍ୟମ ଫଳରେ ସାମାଜିକ ଓ ଖାଦ୍ୟ ନିରାପତ୍ତା ନିମନ୍ତେ ଜାତିସଂଘ ମେ ୨୦ ରେ ଏହି ମହୁମାଛି ଦିବସ ପାଳନ କରିବାକୁ ଘୋଷଣା କରିଥିଲା। ମେ ମାସରେ ଉତ୍ତର ଗୋଲାର୍ଦ୍ଧରେ ମହୁମାଛିଙ୍କର ବଂଶ ବୃଦ୍ଧି ଏବଂ ପୃଥିବୀରେ ମଡର୍ନ ବୀ କିପିଙ୍ଗର ପ୍ରଥମ ଶିକ୍ଷକ ଆଣ୍ଟୋନ ଜନସା (୧୭୩୪–୧୭୭୩) ଜନ୍ମ ତାରିଖ ମେ ୨୦କୁ ମନେରଖିବା ଉଦ୍ଦେଶ୍ୟରେ ଏହି ଦିନଟିକୁ ବିଶ୍ୱ ମହୁମାଛି ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଗଲା ପରେ ଆମ ଦେଶ ଓ ରାଜ୍ୟରେ ୨୦୧୯ ରୁ ମେ ୨୦ରେ ଏହି ଦିନଟିକୁ ପାଳନ କରୁଛେ ଏବଂ ପରବର୍ତ୍ତୀ ବର୍ଷଗୁଡିକରେ ମଧ୍ୟ ଏହି ଦିନଟିକୁ ବିଶ୍ୱ ମହୁମାଛିଦିବସ ଭାବେ ପାଳନ କରାଯିବ ବୋଲି ଆଶା। ମହୁମାଛିଙ୍କର ସୁରକ୍ଷା ଏହି ଦିବସ ପାଳନର ଲକ୍ଷ୍ୟ।

ପ୍ରତିବର୍ଷ ବିଶ୍ୱ ମହୁମାଛି ଦିବସ ବିଭିନ୍ନ ଆଭିମୁଖ୍ୟ ନେଇ ପାଳନ କରାଯାଇଥାଏ। ମହୁମାଛି ଏବଂ ମହୁମାଛି ଚାଷର ଗୁରୁତ୍ୱ, ଜୀବନ ଓ ଜୀବିକାରେ ସେମାନଙ୍କ ଭୂମିକା ତଥା ପରିବେଶ ସୁରକ୍ଷା ଆଦି ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ବର୍ଷ ବିଶ୍ୱ ମହୁମାଛି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରାଗ ସଙ୍ଗମରେ ମହୁମାଛିମାନଙ୍କର ଭୂମିକା ସମ୍ପର୍କରେ ସଚେତନ କରିବା। ମହୁମାଛି ଏବଂ ମହୁଚାଷର ପରିବେଶ ପ୍ରତି ଅନେକ ଅବଦାନ ରହିଛି ଯଥା ପରାଗସଙ୍ଗମ, ଯାହା କି ବିଭିନ୍ନ କୃଷି ଓ ଉଦ୍ୟାନଭିତ୍ତିକ ଫସଲର ଅମଳ ବୃଦ୍ଧିରେ ସହାୟକ ହୋଇଥାଏ। କୀଟମାନଙ୍କ ଦ୍ୱାରା ପାଖପାଖି ୮୫ ପ୍ରତିଶତ ପରାଗସଙ୍ଗମ ହେଉଥିବା ବେଳେ କେବଳ ମହୁମାଛି ଦ୍ୱାରା ୮୦ ପ୍ରତିଶତ ଫୁଲ ଗଛର ପରାଗସଙ୍ଗମ ହୋଇଥାଏ। ମହୁମାଛିଙ୍କୁ ନିୟୋଜିତ କରି ନିୟନ୍ତ୍ରିତ ଉପାୟରେ ବିଭିନ୍ନ ଫସଲ ଯଥା ସେଓ, ଲିଚୁ, ଅଙ୍ଗୁର, ପିଆଜ, କାକୁଡ଼ି, କୋବି, ସୂର୍ଯ୍ୟମୁଖୀ, ସୋରିଷ, ଅଳଶି ଇତ୍ୟାଦି ଫସଲରେ ଅମଳ ବହୁ ମାତ୍ରାରେ ବୃଦ୍ଧି କରାଯାଇପାରୁଛି। ମହୁବାକ୍ସରୁ ମିଳୁଥିବା ଉତ୍ପାଦ (ମହୁ, ମହମ ଇତ୍ୟାଦି)ଠାରୁ ମହୁମାଛି ଦ୍ୱାରା ପରାଗସଙ୍ଗମ ହୋଇ ବର୍ଦ୍ଧିତ ଫସଲ ଉତ୍ପାଦର ମୂଲ୍ୟ ପାଖାପାଖି ୧୫–୨୦ ଗୁଣ ଅଧିକ। ତେଣୁ ମହୁମାଛିର ସୁରକ୍ଷା ପ୍ରତି ଆମେମାନେ ଯତ୍ନବାନ ହେବା ଉଚିତ।

**କୀଟତତ୍ତ୍ୱ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର,**
**ମୋ:୯୪୩୭୦୧୩୬୭୭**

## ଏଇ ଭାରତରେ

ବସ୍ତି ଜୀବନରେ ବଞ୍ଚିବାର ସଂଗ୍ରାମ ବ୍ୟତୀତ ଆଉ କିଛି ଚିନ୍ତା କରିବାର ଅବକାଶ ହିଁ ନ ଥାଏ। ବସ୍ତିର ପିଲାମାନଙ୍କୁ ଭଲ ଶିକ୍ଷା ଦେବା ସେମାନଙ୍କ ମାତାପିତାଙ୍କ ପକ୍ଷେ ବି ସମ୍ଭବ ହୋଇପାରେ ନାହିଁ। ବିନା ଶିକ୍ଷାରେ ପିଲାମାନଙ୍କ ମଧ୍ୟରୁ କିଏ ଅପରାଧ ଦୁନିଆରେ ପାଦ ଥାପନ୍ତି ତ ଆଉ କିଏ ଶ୍ରମିକ ଭାବେ ଖଟନ୍ତି। ଏଭଳି ସମସ୍ୟା ସମ୍ପର୍କରେ ଗଭୀର ଭାବେ ଚିନ୍ତା କରି ତାହାକୁ ଦୂର କରିବା ସକାଶେ ଦିଲ୍ଲୀର ଜଣେ କନ୍‌ଷ୍ଟେବଲ ଥାନେ ସିଂଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ସେ 'ଥାନେ ସିଂ ପାଠଶାଳା' ପ୍ରତିଷ୍ଠା କରି ସେଠାରେ ବସ୍ତି ପିଲାମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ସେଠାରେ ସେ ୮୦ ଜଣ ପିଲାଙ୍କୁ ପଢ଼ାଇବା ସହ ସେମାନଙ୍କ ନାମ ନିକଟବର୍ତ୍ତୀ ସ୍କୁଲରେ ଲେଖାଉଛନ୍ତି। ଏହି ପିଲାମାନେ ରାଜଘାଟ, ବିଜୟଘାଟ, ଶାନ୍ତି ବନ ଓ ଲାଲକିଲ୍ଲା ଅଞ୍ଚଳରୁ ଆସୁଛନ୍ତି। ୨୦୧୫ରେ ଥାନେ ମାତ୍ର ୪ ଜଣ ପିଲାଙ୍କୁ ନେଇ ପାଠଶାଳା ପ୍ରତିଷ୍ଠା କରିଥିଲେ। ଏହି ପାଠଶାଳା ସପ୍ତାହର ସବୁ ଦିନ ଖୋଲାରହେ ଏବଂ ୩ ଟାରେ ଆରମ୍ଭ ହୋଇ ୫.୩୦ରେ ଶେଷ ହୁଏ। ଉକ୍ତ ପାଠଶାଳା ସର୍ବସାଧାରଣ ଅନୁଦାନରେ ଚାଲିଛି ଓ ଏଥିରେ ୫୦ ସ୍ୱେଚ୍ଛାସେବୀ ବି ସାହାଯ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୮

- ଗୋଷ୍ଠୀ ନିରପେକ୍ଷ ଅଭିଯାନ (ନାମ)ର ବିଦେଶ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗ ଦେଇଥିବା ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଭାରତର ଆଣବିକ ପରୀକ୍ଷା ପଦକ୍ଷେପକୁ ସମର୍ଥନ ଜଣାଇଛନ୍ତି।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କମ୍ୟୁନିଷ୍ଟ ନେତା ହରି ସାହୁଙ୍କ ୯୭ ବର୍ଷ ବୟସରେ ପରଲୋକ।
- ମାଲେସିଆର ରାଜଧାନୀ କୁଆଲାଲମ୍ପୁରଠାରେ ଏକ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୪୫ ଜଣ ମାଇଚିଆ ଇସଲାମ ଧର୍ମୀୟ ଅଧିକାରୀମାନଙ୍କ ଦ୍ୱାରା ଗିରଫ।

## ଚିରନ୍ତନୀ

ଦିଅ ଆଶୀର୍ବାଦ ତା'ରେ ଲଭୁ ସେହି
ଅଦ୍ୱିତୀୟ ସତ୍ୟ
ସେ ଯେ ତବ ପୁନର୍ଜନ୍ମ, ସେ ଯେ ତବ
ମହା ଭବିଷ୍ୟତ !
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଦଳରେ ଦୁର୍ନୀତିଖୋର ଅଛନ୍ତି

ମହାଶୟ,

ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ପରେ ମଧ୍ୟ ଆମ ରାଜ୍ୟର ବିକାଶ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣ ହେଉଛି ନିରବଚ୍ଛିନ୍ନ ଦୁର୍ନୀତି, ଭ୍ରଷ୍ଟାଚାର ଓ ବାଟମାରଣା। ଏସବୁ ହୋଇଆସୁଛି ଦୁର୍ନୀତିଖୋର ନେତା, ଅମଲା, କଣ୍ଟ୍ରାକ୍ଟର ଓ ଖଣିମାଫିଆଙ୍କ ଦ୍ୱାରା। ଏକ ଘରୋଇ ସଂସ୍ଥାର ଆକଳନ ଅନୁସାରେ ଆମ ରାଜ୍ୟର ଦୁର୍ନୀତିଗ୍ରସ୍ତଙ୍କ ପାଖରେ ଅନେକ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାଧନ ଗଚ୍ଛିତ ରହିଛି। ଏମାନଙ୍କ ଘରେ ଭିଜିଲାନ୍ସ, ସିବିଆଇ ଅଥବା ଇଡି ପକ୍ଷରୁ ଚଢ଼ାଉ ହେଉନାହିଁ। ନେତାମାନେ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଚାହୁଁନାହାନ୍ତି। ନିର୍ବାଚନ ସମୟରେ ମଦ, ମାଂସ, ନଗଦ ଅର୍ଥ ଓ ମିଥ୍ୟା ପ୍ରତିଶ୍ରୁତି ବଳରେ ନିର୍ବାଚନ ବୈତରଣୀ ପାରିହେବାର କଳା ଓ କୌଶଳ ଏମାନଙ୍କୁ ଭଲଭାବରେ ଜଣା। ୨୦୨୪ ସାଧାରଣ ନିର୍ବାଚନରେ ଏହି ଫର୍ମୁଲା ଆପଣାଇବା ବହୁ ସମ୍ଭାବନା ରହିଛି। ଦଳଗତ ନିର୍ବିଶେଷରେ ଭୋଟରମାନେ ଏମାନଙ୍କୁ ନିର୍ବାଚନରେ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରନ୍ତୁ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାଇକକୁ ଧକ୍କା ଦେଲା ବୋଲେରୋ, ୩ ମୃତ

## ମୃତକଙ୍କ ମଧ୍ୟରେ ଶାଳକ ଓ ଭିଣୋଇ

- ସାବିତ୍ରୀ ବ୍ରତ ସାମଗ୍ରୀ ନେଇ ଫେରୁଥିଲେ
- ବୋଲେରୋକୁ କାବୁ କଲେ ଲୋକେ
- ତିନି ମୃତକଙ୍କ ନେତ୍ରଦାନ କରାଗଲା

ବଲାଙ୍ଗୀର ଅଫିସ/ ଲୋଇସିଂହା,୧୯।୫ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-କୁଶଙ୍ଗ ରାସ୍ତାର କରକଟିଆ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଦୁର୍ଘଟଣାରେ ଶାଳକ-ଭିଣୋଇଙ୍କ ସମେତ ତିନିଜଣଙ୍କ ମୃତ୍ୟୁ ଘଟିଛି। କୁଶଙ୍ଗ ପଟୁ ଦ୍ରୁତଗତିରେ ଆସୁଥିବା ବୋଲେରୋ (ଓଡ଼ି୦୩ଜେ୮୯୫୮) ସାମ୍ନାପଟରୁ ଆସୁଥିବା ଏକ ବାଇକ୍ ଉପରକୁ ମାଡି ଯିବାରୁ ବାଇକ୍‌ରେ ଥିବା ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସଦାଇପାଲି ଗ୍ରାମର ତୁଳସୀରାମ ପଟେଲ (୪୫), ତାଙ୍କ ଶାଳକ ରୋଡ୍ ଗ୍ରାମର ରାଜେଶ ପଟେଲ (୨୫) ଏବଂ ଶାଳକଙ୍କ ସାଙ୍ଗ କୁଶଙ୍ଗ ଗ୍ରାମର ସୁରଞ୍ଜନ ପଟେଲ (୨୬)। ଦୁର୍ଘଟଣା ଘଟାଇବା ପରେ ବୋଲୋରୋକୁ ନେଇ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଉଥିବାବେଳେ ରୋଡ୍ ଗାଁ ନିକଟରେ ଏହାକୁ କାବୁ କରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସଦାଇପାଲି ଗ୍ରାମର ତୁଳସୀରାମ ପଟେଲ କୌଣସି କାମରେ ତାଙ୍କ ଶ୍ୱଶୁରଘର ଗାଁ ରୋଡ୍‌କୁ ଯାଇଥିଲେ। ଶୁକ୍ରବାର ସାବିତ୍ରୀ ବ୍ରତ ପୂଜା ଥିବାରୁ ଶ୍ୱଶୁର ଘର ଲୋକେ ଜ୍ୱାଇଁ ତୁଳସୀରାମଙ୍କ ହାତରେ ଝିଅକୁ ଶାଢ଼ି, ପୂଜା ସାମଗ୍ରୀ ଓ ଫଳମୂଳ ପଠାଇଥିଲେ। ତୁଳସୀରାମଙ୍କ ଏକମାତ୍ର ଶାଳକ ରାଜେଶ ପଟେଲ ଭିଣୋଇଙ୍କୁ ତାଙ୍କ ଗାଁ ସଦାଇପାଲିରେ ଛାଡିଦେବା ପାଇଁ କୁଶଙ୍ଗ ଗାଁର ସାଙ୍ଗ ସୁରଞ୍ଜନଙ୍କୁ ଡାକିଥିଲେ। ସୁରଞ୍ଜନ ରୋଡ୍‌ରେ ପହଞ୍ଚିବା ପରେ ଗୋଟିଏ ବାଇକ୍ (ଓଡି୩୧ ଜେ୦୩୫୭)ରେ ତିନିହେଁ ସଦାଇପାଲି ବାହାରିଥିଲେ। ରୋଡ୍‌ରୁ କରକଟିଆ ଛକ ଦେଇ କୁଶଙ୍ଗ ରାସ୍ତାକୁ ଯିବାବେଳେ ସାମ୍ନାପଟରୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିଯୋଗୁ ବାଇକ୍‌ରେ ଥିବା ତିନିଜଣ ଯାକ ଛିଟିକି ପଡିଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଉକ୍ତ ବୋଲାରୋକୁ ପ୍ରାୟ ୧୫ କିଲୋମିଟର ଦୂର ରୋଡ୍ ଗାଁ ଲୋକେ କାବୁ କରିଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକେ ଗାଡି ଭଙ୍ଗାରୁଜା କରିବା ସହ ଡ୍ରାଇଭରଙ୍କୁ ମାରପିଟ କରିଥିବା ଜଣାପଡିଛି। ଅପରପକ୍ଷରେ ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତିନି ଆହତଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଅଣାଯାଇଥିଲା। ଆମ୍ବୁଲାନ୍ସ ମିଳୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ସମୟରେ ତିନି ମୃତକଙ୍କ ପରିବାର ଲୋକେ ନେତ୍ରଦାନ କରିବାକୁ ସମ୍ମତି ଜଣାଇଥିଲେ। ଫଳରେ ମୃତ ତୁଳସୀରାମ ପଟେଲ, ରାଜେଶ ପଟେଲ ଏବଂ ସୁରଞ୍ଜନ ପଟେଲଙ୍କ ଆଖିକୁ ଚକ୍ଷୁବ୍ୟାଙ୍କକୁ ଦାନ କରାଯାଇଛି। ତୁଳସୀରାମଙ୍କ ସ୍ତ୍ରୀ ଓ ଦୁଇପୁଅ ଅଛନ୍ତି। ମୃତ ରାଜେଶ ଏବଂ ସୁରଞ୍ଜନ ସେମାନଙ୍କ ପରିବାରର ଏକମାତ୍ର ପୁତ୍ର ସନ୍ତାନ ଥିଲେ। ଏହି ଦୁର୍ଘଟଣା ଯୋଗୁଁ ସଦାଇପାଲି, କୁଶଙ୍ଗ ଏବଂ ରୋଡ୍ ଗାଁରେ ଶୋକର ଲହରି ଖେଳିଯାଇଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଦାବି କରିଛନ୍ତି।




ଦୁର୍ଘଟଣାଗ୍ରସ୍ତ ବାଇକ ଓ ବୋଲେରୋ।





ମୃତ ତୁଳସୀରାମ ପଟେଲ, ରାଜେଶ ପଟେଲ ଓ ସୁରଞ୍ଜନ ପଟେଲ

# ପୋଖରୀରେ ବୁଡ଼ି ଛାତ୍ରଙ୍କ ଜୀବନ ଗଲା

## ଅଧାରେ ରହିଗଲା ଡାକ୍ତର ସ୍ୱପ୍ନ

ଭଦ୍ରକ ଅଫିସ,୧୯।୫



ଚନ୍ଦନ ମହାପାତ୍ର

ମାଟ୍ରିକ୍ ପରୀକ୍ଷାରେ ପୁଅ ୫୧୯ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଥିଲେ। ଏଥିପାଇଁ ପରିବାର ଲୋକ ବେଶ୍ ଖୁସି ଥିଲେ। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବାକୁ ସେ ଲକ୍ଷ୍ୟ ରଖିଥିଲେ। ହେଲେ ଏହି ଖୁସି ବେଶି ସମୟ ରହିଲା ନାହିଁ। ତାଙ୍କ ସ୍ୱପ୍ନ ଅଧାରେ ରହିଗଲା। ଶୁକ୍ରବାର ଘର ପାଖ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ମାଟ୍ରିକ୍ ପାସ୍ କରିଥିବା ଛାତ୍ର ଜଣକଙ୍କର ମୃତ୍ୟୁ ଘଟିଛି। ଭଦ୍ରକ ବ୍ଲକ ଚରମ୍ପା ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ଲୋକେ ମ୍ରିୟମାଣ ହୋଇପଡ଼ିଛନ୍ତି। ମୃତକ ହେଲେ ଗ୍ରାମର ରମେଶ ମହାପାତ୍ରଙ୍କ ପୁଅ ଚନ୍ଦନ(୧୬)।

ଚନ୍ଦନ ବନ୍ଧଗାଁ ହାଇସ୍କୁଲରେ ପାଠ ପଢ଼ି ମାଟ୍ରିକ ପରୀକ୍ଷା ଦେଇଥିଲେ। ୮୬.୫୦ ପ୍ରତିଶତ ନମ୍ବର ରଖିଥିବାରୁ ପରିବାର ଲୋକେ ପୁଅକୁ ଉଚ୍ଚଶିକ୍ଷା ଦେଇ ଡାକ୍ତର କିମ୍ବା ଇଞ୍ଜିନିୟର କରିବେ ବୋଲି ଆଶା କରିଥିଲେ। ଚନ୍ଦନ ମଧ୍ୟ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଇଚ୍ଛା ରଖିଥିଲେ। କିନ୍ତୁ ବିଧିର ବିଧାନ ଅଲଗା ଥିଲା। ଗୋଟିଏ ଦିନରେ ସବୁ ଖୁସି ପାଣିରେ ମିଳେଇଗଲା। ମଧ୍ୟାହ୍ନରେ ପୋଖରୀରେ ଗାଧୋଉଥିବା ବେଳେ ଚନ୍ଦନ ବୁଡ଼ିଯାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସରରେ ଲୋକଙ୍କ ଭିଡ଼ ଲାଗିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୫/୨୩) ରୁଜୁ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

OFFICE OF THE PRINCIPAL
LOKANATH MOHAVIDYALAYA, PATKURA
At/P.O.- Korua, Via- Tyendakura, Dist.- Kendrapara
Ph.- 06727-276504, E-mail: lnm.pat76@gmail.com
NAAC Accredited- 'B' Grade
WALK-IN-INTERVIEW
Wanted Guest Lecturers in Economics, Botany, Physics, Mathematics, Zoology, Political Science, Sociology, Logic and Laboratory Assistant in Physics. Desirous candidates having requisite qualification (Minimum 55% in P.G. level for Lecturer and 2nd Class Honours in the respective subject for Laboratory Assistant) may attend the interview in the Office of the Principal at 10.00 A.M. on 26.05.2023 (Friday) with all testimonials.
Sd./- Principal
Lokanath Mohavidyalaya
Patkura, Korua, Kendrapara

# ହାତୀ ଆକ୍ରମଣ: ୧୨ ଦିନରେ ୨ ମୃତ

ସମ୍ବଲପୁର,୧୯।୫(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡର ସଦର ଓ ପଡିଆବାହାଲ ରେଞ୍ଜ ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ଫଳରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁନାହାନ୍ତି। ହେଲେ ଦିନ ସମୟରେ ଦୁଇମୁଠା ଖାଇବା ଯୋଗାଡ କରିବା ପାଇଁ ନିଜ କାମରେ ଯିବା ସମୟରେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ଶୁକ୍ରବାର ସକାଳେ ହାତୀ ଆକ୍ରମଣ ଯୋଗୁ ପଡିଆବାହାଲ ରେଞ୍ଜ ନୂଆବରଗଂମାଲ ପଞ୍ଚାୟତ ବଲଣ୍ଡା ଗ୍ରାମର ହୀରଞ୍ଜନ ପ୍ରଧାନ (୫୫)ଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ମେ ୭ ତାରିଖରେ ହାତୀ ଆକ୍ରମଣରେ କୁଡେରନିଶା ଗ୍ରାମର ନଟବର ମୁଣ୍ଡା (୫୦)ଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୧୧ ତାରିଖରେ ମୁଣ୍ଡେର ଗ୍ରାମର ରାଜୁ ନାଏକ (୩୫) ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ସେ ଏବେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ଗୋଟିଏ ଦନ୍ତା ହାତୀ ବୁଲି ବୁଲି ଲୋକଙ୍କୁ ଆକ୍ରମଣ କରୁଥିବା କୁହାଯାଉଛି। ବନ ବିଭାଗ ହାତୀ ଘଉଡାଇବାରେ ବିଫଳ ହେବାରୁ ଏଭଳି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ବନ ବିଭାଗ ଅଧିକାରୀ ମୃତ ହୀରଞ୍ଜନଙ୍କ ଘରେ ପହଞ୍ଚିଥିଲେ। ସରକାରୀ ନିୟମ ଅନୁସାରେ ତାଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପଡିଆବାହାଲ ରେଞ୍ଜର ଫକୀର ମୋହନ ମାଝି କହିଛନ୍ତି।

# ଗାଡ଼ିରେ 'ପ୍ରେସ୍' ଲେଖି ଗଞ୍ଜେଇ ଚାଲାଣ

## ୧୫୧ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ନନ୍ଦପୁର, ୧୯।୫ (ଡି.ଏନ୍.ଏ.)

ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ପାଇଁ ଏବେ ଚାଲାଣକାରୀମାନେ ଏକ ନୂଆ ତରିକା ଆପଣେଇଛନ୍ତି। ଗାଡ଼ିରେ ସେମାନେ ପ୍ରେସ୍ ଲେଖି ଗଞ୍ଜେଇ ଚାଲାଣ କରୁଥିବା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ପାଡୁଆ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଜୟପୁର-ବିଶାଖାପାଟଣା ସଂଯୋଗ କରୁଥିବା ରାଜ୍ୟ ରାଜପଥର ପାଡୁଆ ବଡ଼ଦେବତା ମନ୍ଦିର ନିକଟସ୍ଥ ଛକରୁ ପ୍ରେସ୍ ଲେଖାଥିବା ଏକ କାର୍ (ଏମ୍‌ଏଚ୍୨୦ ସିଏସ୍-୪୮୦୦)ରେ ୭ଟି ଜରି ବସ୍ତାରେ ଗଞ୍ଜେଇ ଚାଲାଣ ବେଳେ ପୋଲିସ ଏହାକୁ ଧରିଛି। ୧୫୧ କିଲୋ ଗଞ୍ଜେଇ ଜବତ କରି ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମହାରାଷ୍ଟ୍ର ଅଞ୍ଚଳର ମିଲିନ୍ଦ୍ ଚିକତେ ଓ ଶୁଭମ୍ ସଞ୍ଜୟ ସିନ୍ଧେ ବୋଲି ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

ପାଡୁଆ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ପୋଲିସ ବଡ଼ଦେବତା ମନ୍ଦିର ନିକଟରେ ଗୁରୁବାର ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କୁଲାରସିଂ ପଟୁ ଆସୁଥିବା ପ୍ରେସ୍ ଲେଖାଥିବା ଏକ କାର୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ କାର୍‌ରେ ଥିବା କେତେଜଣ ବ୍ୟକ୍ତି ଫେରାର ହୋଇଯାଇଥିଲେ। ପୋଲିସ ୨ ଜଣଙ୍କୁ କାବୁକରି କାର୍‌ରୁ ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଥିଲା। ଗିରଫ ଚିକତେ ଓ ସିନ୍ଧେଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପାଡୁଆ ଥାନାରେ କେସ୍ ନଂ. ୬୯/୨୩ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଦୀପକ ବାରିକ ଏହାର ତଦନ୍ତ କରୁଛନ୍ତି। ଫେରାର ହୋଇଯାଇଥିବା ବ୍ୟକ୍ତିମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।






ଗିରଫ ୨ ଅଭିଯୁକ୍ତ

APPOINTMENT
ITI Pass/Continue required - 4 Nos.
PROJECTRONICS
71, Bapuji Nagar, Bhubaneswar,
Ph./W. - 9776414425

APPOINTMENT
ଭୁବନେଶ୍ୱରରେ ଘରକାମ, ରୋଷେଇ ଏବଂ ଛୋଟପିଲାର ଯତ୍ନ ନେବା ପାଇଁ ଝିଅପିଲା ଆବଶ୍ୟକ। ଖାଇବା, ରହିବା ମାଗଣା । ଦରମା- ୯୦୦୦/- ।
9437140878, 9124057878

ଆବଶ୍ୟକ
ଭୁବନେଶ୍ୱରରେ ଛୋଟ ଛୁଆ ଏବଂ ଘରର ଯତ୍ନ ନେବାପାଇଁ ଅଭିଜ୍ଞ ସ୍ତ୍ରୀଲୋକ ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା- Graduation.
Contact: 9090900777
8456041617

RECRUITMENT
150 years Legacy Company is hiring professional Male/Female in BBSR city. Work (Full/ part time) Excellent Career & Earning opportunity (Need: Retired & VRS Employee, Educated House-wife, Finance professional, Real Estate people, Business people, Pvt. Employee, Teachers, All other's are also welcome).
9853875527, 8917361500

See Career Appointment on every Wednesday & Saturday

Require : Customer Relationship Manager
~ Minimum 1 Yr Experience
~ Tele Calling in Hindi & English
~ Target Based Job
~ Salary 15,000/- PM
Only MALE Candidates
8637223376

RECRUITMENTS
Mentors & Head of Departments - Secondary & Senior Secondary School
English, Mathematics, Physics, Chemistry, Social Science & Music
Trained qualified educators who share commitment to deliver standards of excellence may apply.
Accommodation provided.
THE PRESIDENTIAL SCHOOL
Affiliated to Central Board of Secondary Education
Seethammadhara, North Extension, Visakhapatnam-530013
9866565451, 9989377979.
Resume to be mailed at presidentialschool@gmail.com
Login www.thepresidentialschool.in

ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.
GOLD AUCTION NOTICE
Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers of branch/s listed below, inspite of repeated reminders and notices, will be auctioned as per details given below:
DATE OF AUCTION : 22-05-2023 TIME : 10 AM TO 4 PM
AUCTION VENUE : THROUGH E-AUCTION
AUCTION ADDRESS : https://gold.matexnet.org/
To register as bidder for the e-Auction with terms and conditions and full details of e-Auction please visit the above site
BRANCHES & LOAN ACCOUNT NUMBERS
BHUBANESHWAR : 63220000160343
Customers who are interested to release the ornaments by paying total due amount, may do so on or before (2 Days before date of auction) at the respective branches.
Bidders who wish to participate in auction shall produce their KYC documents. GST No. is mandatory for registered firm/company. Bidders shall deposit a sum of Rs.50,000 as EMD before participating in auction.
Thrissur
Date: 20-05-2023
Sd/-
Authorized Signatory

ପୂର୍ବ ତଟ ରେଳପଥ
(1) ଟେଣ୍ଡର ସଂ.ELOP-T-01-2023
କାର୍ଯ୍ୟର ନାମ: 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡି ପ୍ରାପ୍ତ(SUBSIDIZED) ଭୋଜନ ବ୍ୟବସ୍ଥା ସହିତ ପୁରୀ ସ୍ଥିତ କ୍ରିଭ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 2,58,91,541.43, EMD (ଟଙ୍କାରେ) : 2,79,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/- ।
(2) ଟେଣ୍ଡର ସଂ.ELOP-T-02-2023
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ଅବଧି ନିମନ୍ତେ ପଲାସା, ଭଦ୍ରକ, ଖୋର୍ଦ୍ଧା ରୋଡ୍, ତାଳଚେର, ପାରାଦ୍ୱୀପ, ପୁରୀ, ଭୁବନେଶ୍ୱର, କଟକ, ଜଖପୁରା, କେନ୍ଦୁଝରଗଡ଼ ଏବଂ ଅନୁଗୁଳ ସ୍ଥିତ କ୍ରିଭ ବୁକିଙ୍ଗ୍ ପଏଣ୍ଟ ଏବଂ ଖୋର୍ଦ୍ଧା ରୋଡ୍ ସ୍ଥିତ TLC କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 3,49,86,163.66, EMD (ଟଙ୍କାରେ) : 3,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/- ।
ଶେଷ ହେବା ଅବଧି : 730 ଦିନ (ଉଭୟ ଟେଣ୍ଡର ନିମନ୍ତେ) ।
ବିଡ୍ ଆରମ୍ଭ ହେବା ତାରିଖ : ତା.22.05.2023 ରିଖ (ଉଭୟ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.06.2023 ରିଖ 1630 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(OP), ଖୋର୍ଦ୍ଧା ରୋଡ୍
PR-189/O/23-24

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.12/ET/SBP/ENGG/2023-24, ତା.15.05.2023ରିଖ
ଇ-ଟେଣ୍ଡର ସଂ.05-eT-SDENS-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଭବାନୀପାଟଣା ଏବଂ ରେଢ଼ାଖୋଲ ରେଳ ଷ୍ଟେସନଗୁଡ଼ିକର ସଫ୍ଟ (Soft) ଉନ୍ନୟନ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 14,31,81,786.37, ବିଡ୍ ସିକ୍ୟୁରିଟି (ଟଙ୍କାରେ): 8,65,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.06.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-186/O/23-24

See Career Appointment on every Wednesday & Saturday

# ମୁଖ୍ୟ ଅଭିଯୁକ୍ତଙ୍କ ମୃତ୍ୟୁ, ୨ ସମ୍ପର୍କୀୟ ଗିରଫ

## ବାଣ ବିସ୍ଫୋରଣ ଘଟଣା

ଭୋଗରାଇ,୧୯।୫(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଏଗ୍ରା ଥାନା ଅଧୀନ ଖାଦିପୁର ଗ୍ରାମରେ ଗତ ମଙ୍ଗଳବାର ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ବିସ୍ଫୋରଣରେ ଗୁରୁତର ହୋଇ କଟକର ଏକ ନର୍ସିଂ ହୋମରେ ଚିକିତ୍ସିତ ହେଉଥିବା ମୁଖ୍ୟ ଅଭିଯୁକ୍ତ କୃଷ୍ଣପଦ ବାଗ ଓରଫ ଭାନୁ ବାଗଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। କଟକ ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ କମିଶନରେଟ୍ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟତମ ଅଭିଯୁକ୍ତ ମୃତ ଭାନୁ ବାଗଙ୍କ ପୁଅ ପୃଥ୍ୱୀରାଜ ଓ ତାଙ୍କ ପୁତୁରା ଇନ୍ଦ୍ରଜିତଙ୍କୁ କଟକ ପୋଲିସ ସହାୟତାରେ ପଶ୍ଚିମବଙ୍ଗ ସିଆଇଡି ଗିରଫ କରଛି। ସେମାନଙ୍କୁ କାଁଥି ଅଦାଲତରେ ହଜାର କରିବା ପରେ ରିମାଣ୍ଡରେ ନେଇ ଅଧିକ ତଥ୍ୟ ନିମନ୍ତେ ପଚରା ଉଚୁରା ଜାରି ରହିଛି।

ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଖାଦିପୁର ଗ୍ରାମ ବିଲରେ ଏକ ବେଆଇନ ବାଣ କାରଖାନା ଦୀର୍ଘ ବର୍ଷଧରି ଚାଲି ଆସୁଥିଲା। ଗତ ମଙ୍ଗଳବାର ମଧ୍ୟାହ୍ନରେ ଏହି କାରଖାନାରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସୀମାନ୍ତରେ ଥିବା ଘରଗୁଡ଼ିକ ଥରି ଉଠିଥିଲା। ଏହି କାରଖାନାରେ ୨୫ଜଣ କର୍ମଚାରୀ କାମ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟଜଣଙ୍କ ମୃତ୍ୟୁ ହୋଇଛି। ୭ଜଣ ଗୁରୁତର ଅବସ୍ଥାରେ କୋଲକାତାର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ କର୍ମଚାରୀଙ୍କ ସମ୍ପର୍କରେ ଅଦ୍ୟାବଧି ଖୋଜଖବର ମିଳୁ ନ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା
ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ
ଠିକା ବ୍ୟାଙ୍କ ଚିକିତ୍ସା ପରାମର୍ଶଦାତାଙ୍କ ନିୟୋଜନ
ଭାରତୀୟ ରିଜର୍ଭ ବ୍ୟାଙ୍କ ଅତି କମ୍‌ରେ ଦୁଇବର୍ଷର ଅଭିଜ୍ଞତା ସମ୍ପନ୍ନ ଭାରତୀୟ ଚିକିତ୍ସା ପରିଷଦ ଦ୍ୱାରା ମାନ୍ୟତାପ୍ରାପ୍ତ ଯେକୌଣସି ବିଶ୍ୱବିଦ୍ୟାଳୟ ର ମେଡିକାଲ ସ୍ନାତକ ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ ଔଷଧାଳୟ ଗୁଡ଼ିକ ପାଇଁ ଚୁକ୍ତି ଭିତ୍ତିରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ (ଘଣ୍ଟା ପ୍ରତି) ବିଶିଷ୍ଟ ଚିକିତ୍ସା ପରାମର୍ଶଦାତା ନିମନ୍ତେ ମାତ୍ର ଦୁଇଟି (୦୨) ପଦ (୦୧ ଅଣ-ସଂରକ୍ଷିତ ଏବଂ ୦୧ ଅନୁସୂଚିତ ଜନଜାତି ବର୍ଗର) ପାଇଁ ଆବେଦନ ପତ୍ର ଆହ୍ୱାନ କରୁଅଛି । ଏଥିନିମନ୍ତେ ଆବଶ୍ୟକୀୟ ଆବେଦନ ପତ୍ର, ସର୍ତ୍ତ ଓ ନିୟମାବଳୀର ବିଶଦ ବିବରଣୀ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ ଉପଲବ୍ଧ ଅଛି । ବ୍ୟାଙ୍କର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ୩୧ ମଇ, ୨୦୨୩ ।
ବି.ଦ୍ର.: ଉପରୋକ୍ତ ବିଜ୍ଞାପନ ସମ୍ବନ୍ଧିତ ଯେ କୌଣସି ସଂଶୋଧିତ ସୂଚନା କେବଳ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ଆଦେଶାନୁସାରେ

ODISHA STATE HIGHER EDUCATION COUNCIL
2nd Floor, Pustak Bhawan, A-11, Suka Vihar, Bhubaneswar - 751022
Email: oshec.hed@gmail.com
No.: N-13
Advertisement
For
Odisha University Research and Innovation Incentivization Plan (OURIIP)-2023
1. Proposal for "Seed funding-2023"
Applications are invited from the young faculties with Ph.D. Degree and below 45 years of age (As on 1st July 2023) working in a regular capacity in State Public Universities and College (Government & Aided) under Higher Education Department and also in Government Technical Colleges and State Public Universities under Skill Development and Technical Education Department for providing Seed fund.
2. Proposal for "Research Fellowship-2023"
Applications are invited from the candidates; those have qualified NET on or after 2020 and below 35 years of age (As on 1st January, 2023) and they must be the permanent resident of Odisha.
The last date for submission of the application is 30th June 2023 (5.00 P.M.)
The detailed information about the scheme is available in website: www.oshec.nic.in/www.dheodisha.gov.in
Sd./- Member Secretary, OSHEC
OIPR-11036/11/0004/2324

# ହାଇୱା ଚାପାରେ ଚାଲିଗଲା ୨ ଜୀବନ

## ୨ ବାଇକ୍ ଧକ୍କା, ରାସ୍ତାରେ ପଡ଼ିଥିବା ଆରୋହୀଙ୍କ ଉପରେ ଚଢ଼ିଗଲା ହାଇୱା

ଚାନ୍ଦବାଲି, ୧୯।୫(ଡି.ଏନ.ଏ.)

ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଉଗ୍ରତରା ଛକରେ ଗୁରୁବାର ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ରାସ୍ତା ଉପରେ ଛିଟିକି ପଡ଼ିଲେ ଆରୋହୀ। ଚଢ଼ିଗଲା ବାଲି ବୋଝେଇ ହାଇୱା। ଫଳରେ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଦୁଇ ମୃତକ ହେଲେ ଚାନ୍ଦବାଲି ଏନ୍‌ଏସି ଅଧୀନ ତାଡୁସାହିର ତପୁ ତାଡୁ(୩୫) ଏବଂ ଉତୁକୁଡ଼ା ପଞ୍ଚାୟତ ମୃଗନୟନୀ ଗ୍ରାମର ଶୁଭମ ପରିଡ଼ା(୨୪)।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୦ଟା ବେଳେ ତପୁ ଏବଂ ସାଏନ୍ତା ଗ୍ରାମର ମୁନା ସାହୁ ଗୋଟିଏ ବାଇକ୍‌ରେ ଆସୁଥିବା ବେଳେ ବିପରୀତ ଦିଗରୁ ଶୁଭମ ବାଇକ୍‌ରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ଉକ୍ତ ଛକରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚାଳକ ତପୁ ଓ ଶୁଭମ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ବାଲି ବୋଝେଇ ହାଇୱାର ପଛ ଚକା ୨ଜଣଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ମୁନା ରାସ୍ତା ବାହାରକୁ ଛିଟିକି ପଡ଼ିଥିବାରୁ ଜୀବନ ବଞ୍ଚିଯାଇଛି। ହାଇୱା ଚାଳକ ଗାଡ଼ି ସହ ମତୋ ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ଦୁର୍ଘଟଣାସ୍ଥଳରେ ବିଳମ୍ବରେ ଦମକଳ ଗାଡ଼ି ପହଞ୍ଚିବାରୁ ଉତ୍ତେଜନା ଦେଖାଦେଇଥିଲା। ଚାନ୍ଦବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଅଏଲ୍ ପାମ୍ ଜିଲା ତାଲିକାରେ ସାମିଲହେଲା ନୂଆପଡ଼ା

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ରାଜ୍ୟରେ ନ୍ୟାଶନାଲ ମିଶନ ଅଫ୍ ଏଡିବୁଲ୍ ଅଏଲ୍-ଅଏଲ୍ ପାମ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ନୂଆପଡ଼ା ଜିଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଶୁକ୍ରବାର କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଅନୁମୋଦନ ମିଳିଛି। ଚଢ଼ା କମିଟି-୨୦୦୬ ଏବଂ ରେଥିୟମ୍ କମିଟି-୨୦୦୭ର ରିପୋର୍ଟ ଅନୁଯାୟୀ ରାଜ୍ୟରେ ଅଏଲ୍ ପାମ୍ ଚାଷର ସମ୍ପ୍ରସାରଣ ନିମନ୍ତେ ୨୩ ଜିଲାକୁ ସମ୍ଭାବ୍ୟ ଅଏଲ୍ ପାମ୍ ଜିଲା ଭାବେ ସାମିଲ କରାଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ମୃତ୍ତିକା ଓ ପରିବେଶ ଅନୁକୂଳକୁ ଦୃଷ୍ଟିରେ ରଖି ଏବଂ ଜିଲାର ଚାଷୀଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ଯୋଗୁ ନୂଆପଡ଼ାକୁ ଅନ୍ତର୍ଭୁକ୍ତ କରିବା ପାଇଁ କୃଷି ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନକରି କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି। ୨୦୨୩-୨୪ ବର୍ଷ ପାଇଁ ରାଜ୍ୟରେ ଅଏଲ୍ ପାମ୍ ଚାଷର ସମ୍ପ୍ରସାରଣ କାର୍ଯ୍ୟକ୍ରମ ନିମନ୍ତେ ଆଗ୍ରହୀ ଅଏଲ୍ ପାମ୍ କମ୍ପାନୀଗୁଡ଼ିକ ମଧ୍ୟରେ ଜିଲା ଆବଣ୍ଟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯାଉଥିବା ପରିପ୍ରେକ୍ଷୀରେ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିଲା।

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Must have retail, corporate client base in designated locations.
- Capable to aggressively chase sales targets
- Hands-on experience in content management.
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.
Requirements:-
- Candidates must have minimum 3-5 years experience in Space Selling for Print Media.
- Excellent Marketing, negotiation and analytical skills.
- Effective communication skills & punctuality.
Apply immediately to :
recruitment@dharitri.com
Attractive salary commensurate with experience

# ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଳିପୋଲ ଦାବି

ରସୁଲପୁର,୧୯।୫(ଡି.ଏନ.ଏ.)

ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଳିପୋଲ ନିର୍ମାଣ ଦାବି ବହୁପୁରୁଣା। ୧୬ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଜାରିରହିଥିବାବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଳିପୋଲ ନିର୍ମାଣ ପାଇଁ ଦାବି ହୋଇଥିଲା। ଉକ୍ତ ଦାବିକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣଦେଖା କରିଥିଲେ। ଏ ପରିକି ସ୍ଥାନୀୟ ରାଜନେତାଙ୍କ ଟାଳଟୁଳ ନୀତି ଯୋଗୁ ପୋଲ ନିର୍ମାଣ ସମ୍ଭବ ହୋଇପାରି ନାହିଁ ବୋଲି ଅଭିଯୋଗ ହେଉଛି। ଚଣ୍ଡିଖୋଲଠାରୁ ଭଦ୍ରକ ପର୍ଯ୍ୟନ୍ତ ୭୬କି.ମି. ରାଜପଥର ସଂପ୍ରସାରଣ ଓ ନିର୍ମାଣ କାର୍ଯ୍ୟ ସରିଯାଇଛି। ହେଲେ ବ୍ଲକ ସମ୍ମୁଖରେ ଗଳିପୋଲ ନିର୍ମାଣ ହୋଇପାରିଲା ନାହିଁ। ଏହା ସତ୍ତ୍ୱେ ଜନସାଧାରଣଙ୍କ ଦାବି ମୁତାବକ ରାଜପଥର ବାହାଦଲାପୁର ଛକ ନିକଟରେ ଏକ ଗଳିପୋଲ(ପିୟୁପି) ନିର୍ମାଣ ସମ୍ଭବପର ହୋଇପାରିଛି। ଏହି ଘଟଣା ପରେ ରସୁଲପୁର ଏବଂ ଓରାଳି ଗ୍ରାମବାସୀଙ୍କ ମନରେ ଗଳିପୋଲ ନିର୍ମାଣ ହେବା ଆଶା ଉଜ୍ଜୀବିତ ହୋଇପାରିଛି। ଏହି ଦୁଇ ଗ୍ରାମର ୮୦୦ ପରିବାରର ୩ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଗଳିପୋଲ ନିର୍ମାଣ ପାଇଁ ପୁନଃ ଦାବି ଉଠାଇଛନ୍ତି। ଦାବିକୁ ବାସ୍ତବରେ ପରିଣତ କରିବା ଉଦ୍ଦେଶ୍ୟରେ ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରସ୍ତାବିତ ସ୍ଥାନରେ ଗଳିପୋଲ ନିର୍ମାଣ ହେବା ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଏମ୍‌ପି ସେଠୀ ପ୍ରତିଶ୍ରୁତି ଦେଇଛନ୍ତି।

ରସୁଲପୁର ବ୍ଲକ ଅଧିନରେ ୨୮ ପଞ୍ଚାୟତ ରହିଛି। ଦୈନିକ ବ୍ଲକ କାର୍ଯ୍ୟାଳୟକୁ ଜନପ୍ରତିନିଧି, ଠିକାଦାର, ସରକାରୀ କର୍ମଚାରୀ, ହିତାଧିକାରୀ ଓ ଜନସାଧାରଣ ଯାଆସ କରୁଛନ୍ତି। ବ୍ଲକରୁ ବରୀ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତ ଓ କୋରେଇ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୯ ପଞ୍ଚାୟତରୁ ୩, ଧର୍ମଶାଳା ନିର୍ବାଚନମଣ୍ଡଳୀର ୯ ପଞ୍ଚାୟତ ମଧ୍ୟରୁ ଅନ୍ୟୁନ ୩କୁ ମିଶାଇ ମୋଟରେ ୧୬ ପଞ୍ଚାୟତର ଜନପ୍ରତିନିଧି ଓ ଜନସାଧାରଣ ରାଜପଥ ଦେଇ ବ୍ଲକକୁ ଯା–ଆସ କରୁଛନ୍ତି। ଏହାଛଡା ରସୁଲପୁର ଓ ଓରାଳି ଗ୍ରାମର ଚାଷୀ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ କାର୍ଯ୍ୟ କରିବା, କ୍ଷେତକୁ ହଳଲଙ୍ଗଳ ନେଇ ଯିବା ଆସିବାରେ ଅସୁବିଧା ଉପୁଜୁଛି। ରାଜପଥ ଅପରପାର୍ଶ୍ୱରେ ଶ୍ମଶାନ ଥିବାରୁ ଶବଦାହ ବାଧାପ୍ରାପ୍ତ ହେଉଛି। ରାଜପଥର ଉଭୟପାର୍ଶ୍ୱରେ ଥିବା ମନ୍ଦିର, ଜଳାଶୟ ଓ ବିଦ୍ୟାଳୟକୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଗଳିପୋଲ ନ ଥିବାରୁ ଆମ୍ବୁଲାସ ସେବାରେ ବିଳମ୍ବ ଘଟୁଛି। ୧୦୮ ଆମ୍ବୁଲାନ୍ସ ଯାତାୟତରେ ବାଧା ସୃଷ୍ଟି ହେଉଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ଲକ କାର୍ଯ୍ୟାଳୟକୁ ରିଲିଫ ଗାଡ଼ି, ବ୍ଲକ କାର୍ଯ୍ୟାଳୟ ଗୋଡାଉନକୁ ମାଲବୋଝେଇ ଗାଡ଼ି, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ନେଇ ବ୍ଲକକୁ ଆସୁଥିବା ଭାରିଯାନଗୁଡ଼ିକର ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୩କି.ମି ଦୂର ରାସ୍ତା ଅଧିକ ବୁଲିବାକୁ ପଡୁଛି। ଏଭଳି ଜାବତୀୟ ଅସୁବିଧା ଓ ଆବଶ୍ୟକତାକୁ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଣଦେଖା କରାଯାଇଛି। କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁ ବ୍ଲକ ଅଞ୍ଚଳର ଲକ୍ଷାଧିକ ଜନସାଧାରଣ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କରେ ଏକାଧିକଥର ରାଜପଥ କର୍ତ୍ତୃପକ୍ଷ ଓ ରାଜନେତାଙ୍କୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅବଗତ କରାଇଥିଲେ। ରାଜପଥଠାରୁ ବ୍ଲକ କାର୍ଯ୍ୟାଳୟ ମାତ୍ର ୧୦୦ମିଟର ଦୂରରେ ଅବସ୍ଥିତ ଥାଇ ବି ଏଠାରେ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗଳିପୋଲ ସ୍ୱତଃ ନିର୍ମାଣ ପାଇଁ ପଦକ୍ଷେପ ନିଆ ନ ଯିବା ଘଟଣାକୁ ନେଇ ଜନସାଧାରଣ ବିସ୍ମୟ ପ୍ରକଟ କରିଛନ୍ତି। ବ୍ଲକରେ ୩ଜଣ ବିଧାୟକ ଓ ଜଣେ ଏମ୍‌ପିଙ୍କ ସମ୍ପୃକ୍ତି ରହିଛି। ବ୍ଲକ ଅଞ୍ଚଳର ୧୧କି.ମି. ଦୀର୍ଘ ରାସ୍ତା ମଧ୍ୟରେ ମୋଟ ୯ ଭିୟୁପି, ସିୟୁପି ଓ ପିୟୁପି ନିର୍ମାଣ ହୋଇଛି। ମାତ୍ର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଳିପୋଲ ନିର୍ମାଣ ହୋଇ ନ ପାରିବା ଘଟଣାକୁ ନେଇ ସ୍ଥାନୀୟ ଜନସାଧାରଣ ରାଜପଥ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାଜପଥ ସଂପ୍ରସାରଣ ଓ ମରାମତିକୁ ନେଇ ପ୍ରସ୍ତୁତ ନକ୍ସା ଏବଂ ଡିଜାଇନରେ ତ୍ରୁଟି ରହିଯାଇଥିବାରୁ ବ୍ଲକ ଅଞ୍ଚଳର ଲୋକେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଗ୍ରାମବାସୀ କଳ୍ପତରୁ ନାୟକ, ଜଗନ୍ନାଥ ସାହୁ, ବିଶ୍ୱଜ୍ୟୋତି ପତି, ମହେନ୍ଦ୍ର ମଲିକ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଦୀପ ପରିଡା, ଗଗନ ବିହାରୀ ମଲିକ, ସୌମ୍ଯରଞ୍ଜନ ମଲିକ, ଶିବ ପରିଡା, ଲକ୍ଷ୍ମୀଧର ମହାନ୍ତି, ସୁମିତ୍ରା ଦାସ, ଶଙ୍କର୍ଷଣ ସାହୁ, ସୁବ୍ରତ ଦାସ, ସୌମ୍ୟରଞ୍ଜନ ବାରିକ, ଜିତେନ୍ଦ୍ର ପରିଡା, ଗୋକୁଳ ମଲିକ, ମହେଶ୍ୱର ମଲିକ ଓ ଦିବ୍ୟକାନ୍ତ ପଣ୍ଡାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି ଉଠାଇଛନ୍ତି।


ଏମ୍‌ପିଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଯାଜପୁର ଏମ୍‌ପିଙ୍କୁ ସମସ୍ୟା ଜଣାଇଲେ ଗ୍ରାମବାସୀ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୮ ବର୍ଷର ବାଳକ ମୃତ

ରାଜନଗର, ୧୯।୫(ଡି.ଏନ.ଏ.)

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଡାଙ୍ଗମାଳ ଗାଁର ସୁବଳ ଦଳାଇଙ୍କ ୮ ବର୍ଷର ପୁଅ ସଞ୍ଜୀବଙ୍କ ଶୁକ୍ରବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ପୂର୍ବାହ୍ନ ୧୧ଟା ବେଳେ ସଞ୍ଜୀବ ଘର ଆଗରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାକୁ ନ ପାଇ ଖୋଜାଖୋଜି କରିବାରୁ ପୋଖରୀରୁ ପାଇଥିଲେ। ମଧ୍ୟାହ୍ନ ସାଢେ ୧୨ଟା ବେଳେ ସଂକଟାପନ୍ନ ଭାବେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ସେତେବେଳେ ଖାଇବାକୁ ଯାଇଥିଲେ। ତାଙ୍କ ପହଞ୍ଚିବା ସମୟ ବିଳମ୍ବ ହେବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସେ ପହଞ୍ଚି ପ୍ରାଥମିକ ଚିକିତ୍ସା ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଜନଗର ବ୍ଲକ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ରାଜନଗର, ୧୯।୫(ଡି.ଏନ.ଏ.): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରାଜନଗର ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚାନ୍ଦିବାଉଁଶମୂଳର ଛାତ୍ରୀ ଆୟେଶା ମିଶ୍ର ବ୍ଲକ ଟପ୍ପର ହୋଇଛନ୍ତି। ଶୁକ୍ରବାର ରାଜନଗର ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ଟପ୍ପର ହୋଇଥିବା ଆୟେଶାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜୁ ଜନତା ଦଳ ସଭାପତି ମନୋଜ କୁମାର ମଲ୍ଲିକ, ଯୁବ ବିଜୁ ଜନତା ଦଳ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ରାଉତ, ଯୁବ ଜନତା ଦଳର ରବୀନ୍ଦ୍ର ସିଂ, ଛାତ୍ର ନେତା ପ୍ରକାଶ ମଲ୍ଲିକ, ରାକେଶ ରାଉତ, ଲକ୍ଷ୍ମଣ ରାଉତ, ସୁଶାନ୍ତ ବେହେରା, ଦିବ୍ୟ ରଞ୍ଜନ ରାଉତ, ଜଗବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଓଇଏସ୍ ପାଇଲେ ଶୁଭେନ୍ଦୁ ମହାରାଜ

ପାଟକୁରା, ୧୯।୫( ଡି.ଏନ.ଏ.): ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ଭୟଙ୍କପଡା ଗ୍ରାମର ଶୁଭେନ୍ଦୁ କୁମାର ମହାରାଜ ଓଇଏସ୍ ପାଇଛନ୍ତି। ତାଙ୍କ ର୍‌୍ୟାଙ୍କ ୧୧୫ ଅଛି। ଘଟଗାଁ ଆଦର୍ଶ ବିଦ୍ୟାଳୟର ସେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ମାଣିକପୁର ନୃସିଂହଜୀଉ ଉଚ୍ଚବିଦ୍ୟାଳୟରୁ ଶିକ୍ଷା ଲାଭ କାଲା ପରେ ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟରୁ ବିଇଡି ଓ ଇଂରାଜୀରେ ସ୍ନାତକୋତ୍ତର କରିଥିଲେ। ତାଙ୍କର କୃତିତ୍ୱରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ଭୟଙ୍କପଡା ଗ୍ରାମର ଅନିମା ମହାରାଜ ଓ ଗୌରାଙ୍ଗ ମହାରାଜଙ୍କ ପୁତ୍ର ତଥା ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ଭଣଜା ଅଟନ୍ତି।

# ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର।

ପ୍ରୀତିପୁର,୧୯।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୪ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀ ପ୍ରଭାସିନୀ ମିଶ୍ର(୫୬୪), ଅର୍ପିତା ଜେନା(୫୬୦), ରାଜଲକ୍ଷ୍ମୀ ଧଳ(୫୪୫) ଓ ସମରଜିତ ସିଂ ସାମଲ(୫୪୪)ନମ୍ବର ରଖିଥିବାରୁ ବିଦ୍ୟାଳୟ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଅରେଇ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ସମିତିସଭ୍ୟାଙ୍କ ପ୍ରତିନିଧି ଧର୍ମେନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଦୟଭାନୁ ନାୟକ, ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା, ବଟକୃଷ୍ଣ ନାୟକ ଓ ରଞ୍ଜନ କୁମାର ଧଳ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀ, ଶିକ୍ଷକ ସଦାଶିବ ସାହୁ ଏବଂ ସତ୍ୟଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ଦୁର୍ଘଟଣାପ୍ରବଣ

ମାର୍ଶାଘାଇ,୧୯।୫(ଡି.ଏନ୍.ଏ.)

ହଳଦିଆଗଡ଼ାଠାରୁ ପାଟକୁରା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମରାମତି ଅଭାବରୁ ଦୁର୍ଘଟଣାପ୍ରବଣ ହୋଇଛି। ଏହି ୧୦କି.ମି. ରାସ୍ତାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହଳଦିଆଗଡ଼ାଠାରୁ ମାଣିକପୁରଗଡ଼ା ପର୍ଯ୍ୟନ୍ତ ଅତ୍ୟନ୍ତ ଶୋଚନୀୟ ହୋଇଛି। ରାସ୍ତା ସାରା ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ଅସାବଧାନ ହୋଇ ଗାଡ଼ି ଚଳାଇଲେ ଦୁର୍ଘଟଣା ଘଟୁଛି। ଏପରି କି ସାଇକେଲ ଓ ପାଦରେ ଚାଲି ଯାଉଥିବା ଲୋକମାନେ ପଡ଼ି ଆହତ ହେଉଥିବା ନଜିର ରହିଛି। ଏ ସଂକ୍ରାନ୍ତରେ ତାଳସଙ୍ଗା ଗ୍ରାମର ଅଶୋକ ବେହେରା, ମାଣିକପୁର ଗ୍ରାମର ବିଶ୍ୱରଞ୍ଜନ ଜେନା ଓ ଅଜୟ ଜେନା ପ୍ରମୁଖ କହିଛନ୍ତି, ଉକ୍ତ ରାସ୍ତାକୁ ମରାମତି କରିବା ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଠିକାଦାର ପୋଷା ଯାଉଛନ୍ତି। ହେଲେ ରାସ୍ତା ଅବସ୍ଥାର କୌଣସି ସୁଧାର ଆସୁନାହିଁ। ପ୍ରତିଦିନ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ବାଇକ୍, କାର, ଟ୍ରକ୍ ଓ ଯାତ୍ରୀବାହୀ ବସ୍ ବିପଦସଙ୍କୁଳ ଅବସ୍ଥାରେ ଯାଆସ କରୁଛି। ଜାତୀୟ ରାଜପଥରୁ ପାଟକୁରାକୁ ଉକ୍ତ ରାସ୍ତା ପ୍ରବେଶ ପଥ ହୋଇଥିବାରୁ ସକାଳୁ ରାତି ପର୍ଯ୍ୟନ୍ତ ଗହଳି ଲାଗି ରହୁଛି। ଯଥାଶୀଘ୍ର ଉକ୍ତ ରାସ୍ତାକୁ ମରାମତି କରିବାକୁ ଦାବି ହୋଇଛି।

## ଚାଷୀଙ୍କ ଖାତାକୁ ଗଲା କୃଷି ବୀମା ସହାୟତା ରାଶି

ପଟ୍ଟାମୁଣ୍ଡାଇ,୧୯।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଚାଷୀମାନେ ୨୦୨୧ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇଥିଲେ। ଚାଷୀଙ୍କ ଫସଲହାନୀ କ୍ଷତି ଭରଣା ପାଇଁ ବୀମା ସହାୟତା ନିମନ୍ତେ ଚାଷୀମାନେ ଆବେଦନ କରିଥିଲେ। ସରକାର କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ରାଜସ୍ୱ ଓ କୃଷି ବିଭାଗକୁ ନେଇ ଯୁଗ୍ମ ତଦନ୍ତକାରୀ ଟିମ ଗଠନ କରିଥିଲେ। ଏହି ଟିମ ସରଜମିନ ନିରୀକ୍ଷଣ କରି କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ମାତ୍ର ବୀମା କମ୍ପାନୀଗୁଡ଼ିକଙ୍କ ଅବହେଳା ଯୋଗୁ ଦୀର୍ଘଦିନ ହେବ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଅବଗତ ହେବା ପରେ ଚାଷୀମାନଙ୍କୁ ତୁରନ୍ତ ବୀମା ସହାୟତା ରାଶି ଯୋଗାଇ ଦେବାକୁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସମବାୟ ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମେ ସମବାୟ ବ୍ୟାଙ୍କ ଓ ସମବାୟ ସମିତିରେ ଚାଷୀଙ୍କ ଖାତାକୁ ବୀମା ସହାୟତା ରାଶି ପଠାଇ ଦିଆଯାଇଛି। ରାଜ୍ୟ ସରକାର ଫସଲହାନୀର ଶିକାର ହୋଇଥିବା ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ବୀମା ସହାୟତା ରାଶି ପ୍ରଦାନ କରିଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପୌରାଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସ୍ମୃତିରେ ରହିଗଲେ ସ୍ମୃତିରେଖା

ରାଜନଗର, ୧୯।୫(ଡି.ଏନ.ଏ.)

## ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି

ଜୀବନର ଚଲାପଥରେ ଅନେକ ଘଟଣା ଦୁର୍ଘଟଣାକୁ ଆମେ ସାମ୍ନା କରିଥାଉ। ସବୁ କିନ୍ତୁ ସ୍ମୃତିରେ ରୁହେ ନାହିଁ। କିଛି କଥା, କିଛି ଅଘଟଣ ଆମ ସ୍ମୃତିକୁ ସବୁବେଳେ ସତେଜ ରଖିଥାଏ। ଏମିତି ଏକ ଅଭାବନୀୟ ଦୁଃଖଦ ଘଟଣା ସାତଭାୟାବାସୀଙ୍କ ହୃଦୟକୁ ଥରାଇ ଦେଇଛି। ଗୁରୁବାର ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ। ଏଥିରେ ସାତଭାୟାବାସୀଙ୍କ ନୂଆ ଠିକଣା ଥଇଥାନ ସ୍ଥଳ ବଗପାଟିଆର ମା'ପଞ୍ଚୁବରାହୀ ହାଇସ୍କୁଲର ଛାତ୍ରୀ ସ୍ମୃତିରେଖା ସାହାଣୀ ରଖିଛନ୍ତି ୪୦୪ ନମ୍ବର, ଯାହାକି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର। ଯେତେଜଣ ପରୀକ୍ଷା ଦେଇଥିଲେ ସ୍ମୃତି ଅଧିକ ନମ୍ବର ରଖିବା ଖବର ଯେତେବେଳେ ସାଙ୍ଗସାଥୀ ଜାଣିବାକୁ ପାଇଲେ ଖୁସିରେ ମସଗୁଲ ହେବା ବଦଳରେ ଲୁହରେ ସାଥୀଙ୍କ ଆଖିପତା ଓଦା ହୋଇଯାଇଥିଲା। କାରଣ ସ୍ମୃତିରେଖା ଆଉ ଦୁନିଆରେ ନାହାନ୍ତି। ପରୀକ୍ଷାଫଳ ପ୍ରକାଶ ପାଇବାର ୧୫ଦିନ ତଳୁ ସେ ବାଡ଼ିପଟ ପୋଖରୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ି ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି। ସ୍ମୃତି ବଞ୍ଚିଥିଲେ କେତେ ଖୁସି ହୋଇ ନ ଥାନ୍ତେ ସତରେ। ବିଧିର ବିଚାର କି ବିଚିତ୍ର। କେବଳ ସ୍ମୃତିର ସାଙ୍ଗ ନୁହନ୍ତି ବରଂ ଗାଁ ସାରା ଲୋକଙ୍କ ମନରେ ଅସରନ୍ତି ଶୋକ ବ୍ୟକ୍ତ କରିଛନ୍ତି। ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ଓକିଲପାଳ ଗାଁର ହେମନ୍ତ ସାହାଣୀଙ୍କର ଝିଅ ସ୍ମୃତିରେଖା। ମା' ପଞ୍ଚୁବରାହୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ଲେଙ୍କା, ସରପଞ୍ଚ ପ୍ରସନ୍ନ କୁମାର ପରିଡା, ସୁଦର୍ଶନ ରାଉତଙ୍କ ସମେତ ବହୁ ଲୋକ ସ୍ମୃତିଙ୍କ କୃତିତ୍ୱ ପାଇଁ ଗର୍ବିତ ସତ, ହେଲେ ଏତେ ଗୌରବ ଗାଥାକୁ ଶୁଣିବା ପାଇଁ ଆମ ଗହଣରେ ନାହାନ୍ତି ଆମ ବିଦ୍ୟାଳୟର ସୁନାଝିଅ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟରେ ସବୁଦିନ ସ୍ମରଣ ରଖିବାକୁ ସ୍ମୃତି ଫଳକ ରଖାଯିବା ପାଇଁ ଆମେ ସ୍ଥିର କରିଛୁ ବୋଲି ଦୁଃଖର ସହ କହିଛନ୍ତି। ଏହି ଘଟଣା କେବଳ ସାତଭାୟା ନୁହେଁ ବରଂ ସମଗ୍ର ରାଜନଗର ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ମୃତିଭରା ଶୋକ ଖେଳାଇ ଦେଇଛି ମାଟ୍ରିକ ପରୀକ୍ଷା ଫଳ।


ସ୍ମୃତିରେଖା ସାହାଣୀ (ଫାଇଲ ଫଟୋ)।

# ପାନୀୟ ଜଳ ପ୍ରକଳ୍ପର ଚାବି ଚୋରି, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୧୯।୫(ସ୍ୱ.ପ୍ର.)

## ପାଣି ପାଇଁ ୭ ୱାର୍ଡବାସୀ ଉହଳବିକଳ

ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ବିଭିନ୍ନ ସ୍ଥାନରେ ଜଳସଂକଟ ମଧ୍ୟ ବଢ଼ିବାରେ ଲାଗିଛି। ସରକାର ଅର୍ଥ ବ୍ୟୟକରି ବିଭିନ୍ନ ପ୍ରକଳ୍ପ ନିର୍ମାଣ କରି ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପରୁ କେତେଜଣ ଦୁର୍ବୃତ୍ତ ଲଗାଯାଇଥିବା ଚାବିକୁ ତାଡ଼ି ଚୋରିକରି ନେଇଯାଇଛନ୍ତି। ଫଳରେ ପଞ୍ଚାୟତର ୭ଟି ୱାର୍ଡର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବଡ଼ପଡ଼ା ସରପଞ୍ଚ ସୌଦାମିନୀ ସେଠୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ସହ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ଓ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଜଣାଇଛନ୍ତି। ମିଳିଥିବା ରିପୋର୍ଟ ମୁତାବକ, ଶୁକ୍ରବାର ସକାଳୁ କାଠିଆପଡ଼ା, ମିଙ୍ଗିଜାଉଁଣି ଓ ବଡ଼ପଡ଼ା ଗ୍ରାମକୁ ପାଣି ନ ଆସିବାରୁ ଲୋକେ ସରପଞ୍ଚଙ୍କୁ ଫୋନ୍ କରି ଜଣାଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ପାରେଶ୍ୱର ସେଠୀ ପାଣି ମୋଟର ଖରାପ ହୋଇଥିବ ଭାବି ପମ୍ପ୍ ହାଉସ ଯିବା ବାଟରେ ବାଇଦଣ୍ଡା ଛକ ପାଖରେ ଥିବା ପାଇପ୍ ଲାଇନ ଚାମ୍ବରରୁ ପାଣି ଅନର୍ଗଳ ବାହାରି ଯାଉଥିବା ଦେଖିବାକୁ ପାଇଥିଲେ। ସେଠାରେ ଲାଗିଥିବା ଚାବିକୁ କେହି ଦୁର୍ବୃତ୍ତ ଚୋରିକରି ନେବା ସହ ଅନ୍ୟ ଗୋଟିଏ ଚାବିକୁ ଭାଙ୍ଗି ଦେଇଛନ୍ତି। ଫଳରେ ୩ଟି ଗ୍ରାମର ୭ଟି ୱାର୍ଡ ଲୋକଙ୍କ ନିକଟକୁ ପାଣି ପହଞ୍ଚିପାରୁନାହିଁ। ପିଇବା ପାଣି ପାଇଁ ଲୋକେ ବିଭିନ୍ନ କୂଅ, ପୋଖରୀର ଦୂଷିତ ପାଣି ଉପରେ ନିର୍ଭର କରୁଛନ୍ତି। ଏ ନେଇ ସରପଞ୍ଚ ସେଠୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମାସେ ପୂର୍ବରୁ ବଡ଼ପଡ଼ା ସୁଜନି କ୍ଲବ ପାଖରେ ପୋଖରୀକୁ ପାଣି ପୂରାଇବାକୁ କେତେଜଣ ଲୋକ ପାଇପ୍ କାଟି ଦେଇଥିବା ବେଳେ ୧୫ ଦିନ ହେବ ଧୋବଣୀ ଆଡ଼ି ନିକଟରେ ପାଇପ୍ କାଟି ଦେଇଥିଲେ। ସେଗୁଡ଼ିକ ମରାମତି କରାଯାଇ ପାଣି ଠିକ୍ ଭାବେ ଦିଆଯାଉଥିଲା ବୋଲି ସରପଞ୍ଚ ସେଠୀ କହିଛନ୍ତି।


ପାଇପ ଲାଇନରେ ଲାଗିଥିବା ଚାବିକୁ ଦୁର୍ବୃତ୍ତ ତାଡି ନେଇଯାଇଛନ୍ତି।

# ଗୁଳୁଗୁଳି, ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ

ପଟ୍ଟାମୁଣ୍ଡାଇ,୧୯।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତଥା ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେଲା ପ୍ରବଳ ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଦୈନିକ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗତ ୪ରୁ୫ ସପ୍ତାହ ଧରି କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଦିନ ୧୦ଟା ପରେ ଘରୁ ପଦାକୁ ଗୋଡ କାଢ଼ି ହେଉନାହିଁ। ଏଥିସହ ଅସହ୍ୟ ଗୁଳୁଗୁଳି ପରିସ୍ଥିତିକୁ ଅଧିକ ସଙ୍ଗିନ କରୁଛି। ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା କରିବାକୁ ପଦାକୁ ଯିବା ପାଇଁ ପ୍ରଚଣ୍ଡ ରୌଦ୍ରତାପରେ ସାହସ ଜୁଟାଇ ପାରୁନାହାନ୍ତି। ଗ୍ରୀଷ୍ମଋତୁ ଆରମ୍ଭରୁ ବାରମ୍ବାର ଅଘୋଷିତ ବିଦ୍ୟୁତକାଟ୍ ପରିସ୍ଥିତିକୁ ଗମ୍ଭୀର କରିଛି। ବାରମ୍ବାର ବିଦ୍ୟୁତକାଟର କାରଣକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ଥିବାବେଳେ ଏହାର ଠିକ୍ କାରଣ ସାଧାରଣ ଲୋକେ ଖୋଜି ପାଉନାହାନ୍ତି। ଅପରପକ୍ଷେ ବେଆଇନ ଇଟାଭାଟି ନିଆଁ ତାତିକୁ ଦ୍ୱିଗୁଣିତ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ ବସିଛି। ଅନ୍ୟପକ୍ଷରେ ଅତ୍ୟନ୍ତ ଗୁଳୁଗୁଳି ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଟାଣ ଖରା ପାଇଁ ବିଲରେ ପନିପରିବା ଫସଲ ଜଳି ମରି ଯାଇଥିବା ଦେଖିବାକୁ ମିଳୁଛି।

ପଟ୍ଟାମୁଣ୍ଡାଇର କଷଣଅଣ୍ଟା, ତଳବାଲିପଡା, ବାଲିପଡା, ନନ୍ଦିନୀନଗର, ସିଦ୍ଧପାଟଣା, ତନୁପୁର, ବାଛରା, ମଣ୍ଡପଡ଼ା, କାକୁଡ଼ିପଲ୍ଲୀ, ନୂଆଗାଁ, ବାଲିପାଟଣା, ଷଣ୍ଢପଲ୍ଲୀ, ନିମପୁର, ଅଳଭା, ଶ୍ରୀରାମପୁର, ପାଳପାଟଣା, କଦମ୍ବଦାଣ୍ଡି, ଡାମରପୁର, ବଳଭଦ୍ରପୁର, ଅଠରବାଟିଆ, ଛେଦରା, ଗୁଣ୍ଡୁପୁର, ହଳଧରପୁର, ଶିମିଳିଆ, ଡିହାପଡ଼ା, ଅଇନିପଡ଼ା, ବଡପଡ଼ା, ବଡ଼ମୋହନପୁର, ଦିହୁଡ଼ିପୁର, ଆମ୍ବେର, ଖଡ଼ିଅଣ୍ଟା ଆଦି ଅଞ୍ଚଳରେ ବ୍ୟାପକ ଭାବେ ପନିପରିବା ଫସଲ ଚାଷ ହୋଇଥିବାବେଳେ ସେଗୁଡ଼ିକ ଟାଣ ଖରା ଓ ପାଣି ଅଭାବରୁ ବିଲରେ ମରି ନଷ୍ଟ ହେଇଯାଉଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରି ଥିବା ଶାଖା କେନାଲଗୁଡ଼ିକ ବର୍ଷା ଋତୁ ପରଠାରୁ ଶୁଖିଲା ପଡ଼ିଛି। ଅନ୍ତତଃ ପକ୍ଷେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡ଼ା ଗଲେ ଏଥିରୁ ବାହାରିଥିବା ଶାଖା କେନାଲଗୁଡ଼ିକରେ ପାଣି ଯିବା ଦ୍ୱାରା ପଟ୍ଟାମୁଣ୍ଡାଇର ବ୍ୟାପକ ଅଞ୍ଚଳରେ ଜଳ ସମସ୍ୟା ସମାଧାନ ହେବା ସହ ଉତ୍ତାପ ହ୍ରାସ ଦିଗରେ ଏହା ସହାୟକ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେନାଲରେ ପାଣି ଛଡ଼ା ଗଲେ ଉଭୟପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଜନସାଧାରଣ ଆଶ୍ୱସ୍ତି ଅନୁଭବ କରିବେ। ଅନ୍ୟପକ୍ଷରେ ଖରାଦିନ ପାଇଁ ଚାରଣଭୂମିଗୁଡ଼ିକରେ ଘାସ ଅଭାବରୁ ଓ ଗୃହପାଳିତ ପଶୁମାନଙ୍କୁ ପଶୁପାଳକମାନେ ଗୋଠରେ ବାନ୍ଧି ଖାଦ୍ୟ ଖୁଆଇବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ ଖୋଲା ଛାଡ଼ି ଦେଉଛନ୍ତି। ଫଳରେ ଶତାଧିକ ଗୃହପାଳିତ ପ୍ରାଣୀ ପକ୍ଷୀମାନେ ବାହାରେ ବୁଲିବା ସମୟରେ ଗାଡ଼ିଆ, ପୋଖରୀ ଶୁଖିଲା ପଡ଼ିଥିବାରୁ ଶୋଷ ମେଣ୍ଟାଇବା ପାଇଁ ପାଣି ନ ପାଇ ଉହଳ ବିକଳ ହେଉଛନ୍ତି। କେନାଲଗଡ଼ିକରେ ପାଣି ଛଡାଗଲେ ଦଣ୍ଡା, ଗୋହିରୀ, ନୟନଜୋରି ଓ ବିଲରେ ବୁଲୁଥିବା ଗୃହପାଳିତ ପଶୁମାନଙ୍କୁ ତୃଷ୍ଣା ମେଣ୍ଟାଇବା ପାଇଁ କେନାଲରୁ ପାଣି ପିଇବା ସମ୍ଭବ ହୋଇପାରନ୍ତା। ତାପମାତ୍ରା ହ୍ରାସ ନ ହେଲେ ଓ କେନାଲରେ ପାଣି ଛଡ଼ା ନ ଗଲେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।



- ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡ଼ିବାକୁ ଦାବି
- ବିଲରେ ପନିପରିବା ଫସଲ ଜଳିଯାଉଛି
- ଅଘୋଷିତ ବିଦ୍ୟୁତ୍ କାଟ ପରିସ୍ଥିତିକୁ ସଙ୍ଗିନ କରୁଛି
- ଇଟା ନିଆଁରେ ଲୋକେ ଅତିଷ୍ଠ

**୪ ଗୋରୁ ବୋଝେଇ ଗାଡ଼ି ଜବତ**

ପାରାଦୀପ: ପାରାଦୀପ ଆଦର୍ଶଥାନା ପୋଲିସ ଗୁରୁବାର ଗୋଟିଏ ନମ୍ବରବିହୀନ ପିକ୍‌ଅପ ଭ୍ୟାନ ଜବତ କରିଛି। ସେଥିରେ ଥିବା ୪ ଗୋରୁଙ୍କୁ ଉଦ୍ଧାର କରି ଏକ ଗୋଶାଳାରେ ରଖାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ୨୧୬/୨୩ରେ ମାମଲା ରୁଜୁ ହୋଇଛି। ଅଟକ ୨ ଜଣ ହେଲେ କେନ୍ଦ୍ରାପଡା ଅଞ୍ଚଳର ହୃଷୀକେଶ ପ୍ରଧାନ ଓ ସେକ ମୁସ୍ତାକିମ ଅଲ୍ଲୀ। ଏକ ନମ୍ବର ବିହୀନଗାଡ଼ିରେ ଏହି ପ୍ରାଣୀଙ୍କୁ ନେଇ ଯିବା ବେଳେ ବଜରଙ୍ଗ ଦଳର ପ୍ରଶାନ୍ତ ନାୟକ ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ଏହି ୨ ଅଭିଯୁକ୍ତ ପୂର୍ବରୁ ଷଣ୍ଢକୁଦ ଅଞ୍ଚଳରୁ ୬ରୁ ଉର୍ଦ୍ଧ୍ୱ ଗାଈ ଓ ଦାମୁରି ଚୋରି କରିଥିବା ନେଇ ପ୍ରାଥମିକ ଯାଞ୍ଚରୁ ଜଣାଯାଇଛି। ଏ ସମ୍ପର୍କରେ ଜଟାଧାରୀମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ୨ ଗାଡ଼ି ଜବତ: ଜଣେ ଗିରଫ

**ନୂଆଗଡ଼ ଅଞ୍ଚଳରୁ ମାଟି ଚୋରି ଘଟଣା**

ପାରାଦୀପ,୧୯।୫(ସ୍ୱ.ପ୍ର.): ପାରାଦୀପର ନୂଆଗଡ଼ ଅଞ୍ଚଳରୁ ଲଗାତାର ମାଟି ଚୋରି ଘଟଣାରେ ଗୁରୁବାର ପ୍ରଶାସନ ପକ୍ଷରୁ ଆଂଶିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଓ ଲକ୍ ଥାନାଧିକାରୀ ଭାବଗ୍ରାହୀ ରାଉତ ଚଢ଼ାଉ କରି ଏକ ମାଟି ଖୋଳା ମେଶିନ (ପୋକଲିନ) ଓ ହାଇୱା (ଓଡି-୨୧ଡି-୭୯୬୫)କୁ ଜବତ କରିଛନ୍ତି। ଏଥିସହ ଜଣେ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ବିହାର ରାଜ୍ୟର ରାଜକିଶୋର ରାୟ। ତହସିଲଦାରଙ୍କ ଅଭିଯୋଗକ୍ରମେ ଲକ୍ ଥାନାରେ ଏକ ମାମଲା (ନଂ.୧୯୫/୨୩) ରୁଜୁ ହୋଇଛି। ଏହି ଗାଡି ଜାତୀୟ ରାଜପଥର କଣ୍ଟାଘର ପାଖରେ ମାଟି ନେବାବେଳେ ପୋଲିସ ଧରିଥିଲା। ଏହି ଅଞ୍ଚଳରେ ଏକ କମ୍ପାନୀ ଆଗକୁ କିଛି ଜାଗା ଅଧିଗ୍ରହଣ କରିବ ବୋଲି ପ୍ରସ୍ତାବ ରହିଛି। ସେହି ଅଞ୍ଚଳରେ ଦୁଇମାସ ହେଲା ଅବାଧରେ ମାଟିଖୋଳା ଚାଲିଛି। ଏନେଇ ସରପଞ୍ଚ ଦେବେନ୍ଦ୍ର ରାଉତ ଏକାଧିକ ବାର ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗଣମାଧମରେ ମଧ ଅନେକଥର ଖବର ପ୍ରକାଶ ପାଇଛି।

### ଏଏମ୍ଏନ୍ଏସ୍ ପରିସରରେ କ୍ରେଚ ସୁବିଧା କେନ୍ଦ୍ର ଖୋଲିଲା

ପାରାଦୀପ,୧୯।୫(ସ୍ୱ.ପ୍ର.): ପାରାଦୀପର ଏଏମ୍ଏନ୍ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପରିସରରେ ଗୁରୁବାର ଏକ କ୍ରେଚ ସୁବିଧା କେନ୍ଦ୍ର ସ୍ଥାପନା କରାଯାଇଛି। ଏହି କ୍ରେଚରେ କମ୍ପାନୀର କର୍ମଚାରୀଙ୍କ ୬ ବର୍ଷରୁ କମ୍ ପିଲାମାନେ ଖେଳିପାରିବେ। ଏହାକୁ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧରେ କମ୍ପାନୀ ବରିଷ୍ଠ ଅଧିକାରୀ ସିଏଚ୍‌ଭିଏସ୍ଏନଡି ହରିପ୍ରସାଦ, ଶୈଳେନ୍ଦ୍ର ସା ଏବଂ ସୁନୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଅଠରବାଙ୍କି ଦୋଛକି ରାସ୍ତା: ଭାରିଯାନ ପାର୍କିଂକୁ ନେଇ ଜରିମାନା

ପାରାଦୀପ,୧୯।୫(ସ୍ୱ.ପ୍ର.):ପାରାଦୀପର ଅଠରବାଙ୍କି ଦୋଛକି ରାସ୍ତାରେ ଭାରିଯାନ ପାର୍କିଂ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଚଳିତବର୍ଷ ଏକାଧିକ ଲୋକଙ୍କ ମୃତାହତ ଘଟଣାପରେ ଶୁକ୍ରବାର ପାରାଦୀପ ଆଦର୍ଶଥାନା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିନା କାରଣରେ ରାସ୍ତା ପାର୍କିଂ କରିଥିବା ଗାଡିଗୁଡ଼ିକ ଉପରୁ ଜରିମାନା ଆଦାୟ କରାଯାଉଛି ବୋଲି ଥାନାଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି। ପ୍ରଥମ ପାର୍କିଂ ପାଇଁ ୫୦୦ ଟଙ୍କା ଓ ସେହି ଗାଡ଼ି ଦ୍ୱିତୀୟ ଥର ପାର୍କିଂ କଲେ ଜରିମାନା ଅର୍ଥ ୩୦୦୦ ଟଙ୍କା ଆଦାୟ ହେଉଛି। ଏଥିପାଇଁ ଏକ ଟିମ୍ ଘଟଣା ସ୍ଥଳରେ ରହି ଇ-ଚାଲାଣ କରୁଛନ୍ତି। ସକାଳ ସମୟରେ ୪୭ ଟ୍ରକ୍‌ରୁ ଜରିମାନା ଆଦାୟ ହୋଇଥିଲା। ସନ୍ଧ୍ୟା ପରଠାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚାଲାଣ କଟାଯାଉଛି ବୋଲି ରାଉତ କହିଛନ୍ତି।

# ଆଇଟିଆଇ, ପଲିଟେକ୍‌ନିକ୍‌ରେ ଝିଅଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଜିଲାସ୍ତରୀୟ ଦକ୍ଷତା କମିଟି ବୈଠକ**

- ମେ ୨୪ରୁ ଫାସିଲିଟେଶନ୍ କ୍ୟାମ୍ପ

ଜଗତ୍‌ସିଂହପୁର ଅଫିସ, ୧୯।୫



ଜିଲାସ୍ତରୀୟ ଦକ୍ଷତା କମିଟି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ରାଜ୍ୟ ସରକାର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ବାଳିକାମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ଆଣିଛନ୍ତି। ଝିଅମାନଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଛନ୍ତି। ନାମଲେଖା ଫିସ୍ ମାତ୍ର ୩୦୦ ଟଙ୍କା ରଖିଛନ୍ତି। ଝିଅମାନେ କିପରି ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ଅଧିକ ସଂଖ୍ୟାରେ ପ୍ରବେଶ କରି ଶିକ୍ଷା ସହ ନିଯୁକ୍ତି ସୁଯୋଗ ପାଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏହି କ୍ରମରେ ଜଗତ୍‌ସିଂହପୁର ଜିଲାର ପ୍ରତ୍ୟେକ ବ୍ଲକରେ ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ନାମଲେଖା ନିମନ୍ତେ ପଞ୍ଜୀକରଣ ଓ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ନିମନ୍ତେ ଫାସିଲିଟେଶନ୍ କ୍ୟାମ୍ପ ଆୟୋଜନ ହେବ। ଆସନ୍ତା ମେ ୨୪ରେ ଜଗତ୍‌ସିଂହପୁର ବ୍ଲକ, ୨୫ରେ କୁଜଙ୍ଗ, ୩୧ରେ ବାଲିକୁଦା, ଜୁନ ୧ରେ ରଘୁନାଥପୁର ଏବଂ ୨ ତାରିଖରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟରେ ଏହି କ୍ୟାମ୍ପ କରାଯିବ। ଏହି ବ୍ଲକସ୍ତରୀୟ ଫାସିଲିଟେଶନ୍ କ୍ୟାମ୍ପରେ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ଓ ନିଯୁକ୍ତି ପାଇଁ କ୍ୱିଭାନ୍ ସ୍କିଲସ୍ ଗ୍ରାମ ତରଙ୍ଗ, ସିପେଟ୍ ଆଦି ନିଯୁକ୍ତିଦାତା ସଂସ୍ଥାମାନେ ଅଂଶଗ୍ରହଣ କରିବେ । ତେବେ ଏହି କ୍ୟାମ୍ପରେ ଅଧିକ ଛାତ୍ରୀଛାତ୍ର ଯୋଗଦେଇ ସାମ୍ପ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ସହାୟତାରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ବିଡିଓମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଦକ୍ଷତା କମିଟି ବୈଠକରେ ଏହା କୁହାଯାଇଛି। ବୈଠକରେ ଜିଲାପାଳ ପାରୁଲ ପଟୱାରି ଯୋଗଦେଇ ଏକଥା ମଧ କହିଥିଲେ, ଅଧିକାଂଶ ଝିଅ ଯେପରି ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ଶିକ୍ଷାଲାଭ କରି ନିଯୁକ୍ତି ସୁଯୋଗ ପାଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏହି ଅବସରରେ କୁହାଯାଇଥିଲା, ଉପରୋକ୍ତ ଶିକ୍ଷା ଲାଭ ପାଇଁ ହଷ୍ଟେଲ ବାସିନ୍ଦା ଛାତ୍ରୀଙ୍କ ପାଇଁ ବାର୍ଷିକ ୧୮୦୦୦ ଟଙ୍କା ସରକାରଙ୍କ ତରଫରୁ ମିଳିବ। ଏଥିସହ ଅନୁସୂଚିତ ଜନଜାତି ଓ ଜାତି ସମ୍ପ୍ରଦାୟ ଛାତ୍ରୀଙ୍କ ପାଇଁ ୧୨୦୦୦, ଲେବର କାର୍ଡଧାରୀଙ୍କ ଝିଅଙ୍କୁ ବାର୍ଷିକ ୨୪୦୦୦, ହଷ୍ଟେଲରେ ରହୁ ନ ଥିବା ସ୍ଥାନୀୟ ବାସିନ୍ଦାଙ୍କ ଝିଅଙ୍କୁ ବାର୍ଷିକ ୬୦୦୦ ଟଙ୍କା ହିସାବରେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହାଛଡା ଆଇଟିଆଇ ପାସ୍ କରିସାରିବା ପରେ ୨୦ ପ୍ରତିଶତ ରିହାତି ଦରରେ ୧ ଲକ୍ଷରୁ ୫ ଲକ୍ଷ ପର୍ଯ୍ୟନ୍ତ ନାନୋ ୟୁନିକର୍ନ ଯୋଜନାରେ କ୍ଷୁଦ୍ର ଉଦ୍ୟୋଗ ପ୍ରକଳ୍ପ କରିବା ପାଇଁ ଋଣ ରାଶି ଦିଆଯାଇପାରିବ । ଆଇଟିଆଇ ପାସ୍ ଛାତ୍ରୀ ଯଦି ଆପ୍ରିଏଣ୍ଟିକସିପ୍‌ରେ ଯୋଗଦାନ କରନ୍ତି, ତେବେ ସେ ମାସିକ ୭,୯୦୦ ଟଙ୍କା ବା ତା'ଠାରୁ ଅଧିକ ପରିମାଣର ଷ୍ଟାଇପେଣ୍ଡ ପାଇବା ସୁବିଧା ରହିଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଲୋଚନାରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା ନିୟୋଜନ ଅଧିକାରୀ, ସହକାରୀ ନିର୍ଦ୍ଦେଶକ (ଡିଟିଇଟି କଟ୍), ପାରାଦୀପସ୍ଥିତ ଆଇଟିଆଇ ଓ ନାଉଗାଁ ବ୍ଲକରେ ଥିବା ପଲିଟେକ୍‌ନିକ୍ ଅନୁଷ୍ଠାନର ପ୍ରତିନିଧି, ସମସ୍ତ ବ୍ଲକର ବିଡିଓ ଯୋଗଦେଇଥିଲେ।

# ୪ର୍ଥ ପର୍ଯ୍ୟାୟ ୫– ଟି ରୂପାନ୍ତରଣରେ ସାମିଲ ପାଇଁ ୯ ସ୍କୁଲ ମନୋନୀତ

ରଘୁନାଥପୁର,୧୯।୫(ଡି.ଏନ୍.ଏ.)

୪ର୍ଥ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକର ୯ଟି ହାଇସ୍କୁଲ ୫–ଟି ରୂପାନ୍ତରଣ ପାଇଁ ମନୋନୀତ ହୋଇଛି। ବିଡିଓ ତପନ କୁମାର ସେନାପତି ଓ ଟିସି ରାଜଲକ୍ଷ୍ମୀ ସ୍ୱାଇଁ ଏନେଇ ସେସବୁ ସ୍କୁଲ ପରିଦର୍ଶନ କରି ରୂପାନ୍ତରଣ ପାଇଁ ଆବଶ୍ୟକ ଥିବା ଶ୍ରେଣୀଗୃହ, ଖେଳପଡ଼ିଆ ଓ ଶୌଚାଳୟଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ସ୍କୁଲ ପ୍ରଧାନ ଶିକ୍ଷକ, ଆଲୁମ୍ନି ଓ ପରିଚାଳନା କମିଟି ସଦସ୍ୟଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟର ଗୁଣବତ୍ତା ଓ ତତ୍ତ୍ୱାବଧାନ ଏବଂ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରାଯିବା ସମ୍ପର୍କରେ ଅଧିକାରୀ ସୂଚାଇ ଦେଇଥିଲେ। ଏମ୍‌କେସି ହାଇସ୍କୁଲ ଅଢ଼େଇକୁଳ, ପଲ୍ଲୀପ୍ରଭା ହାଇସ୍କୁଲ ବରାଗୋଳ, ନରେନ୍ଦ୍ର ବିଦ୍ୟାମନ୍ଦିର ଗୋଠିଣା, ମା' ଶାରଳା ହାଇସ୍କୁଲ ଛପଡ଼ା, କୁତାମଚଣ୍ଡୀ ବିଦ୍ୟାମନ୍ଦିର ଧରାଧରପୁର, ରାମେଶ୍ୱର ହାଇସ୍କୁଲ ଏରଡ଼ଙ୍ଗା, ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିର ଜଗନ୍ନାଥପୁର, ଅନ୍ତର୍ଦ୍ୱୟ ହାଇସ୍କୁଲ ପୁରୁଣାବସନ୍ତ ଓ ରାଢ଼ଙ୍ଗ ହାଇସ୍କୁଲକୁ ରୂପାନ୍ତରଣ କରିବା ପାଇଁ ସ୍ଥିର କରାଯାଇଛି। ଏହାପରେ କେବଳ ୫୦ରୁ କମ୍ ଉପସ୍ଥାନ ଥିବା ରଘୁନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଛାଡ଼ିଦେଲେ ବ୍ଲକର ସମସ୍ତ ହାଇସ୍କୁଲ ୫–ଟିଅନ୍ତର୍ଭୁକ୍ତ ହୋଇଯିବ ବୋଲି ଟିସି ସ୍ୱାଇଁ ପ୍ରକାଶ କରିଛନ୍ତି।

# 'ଲୋକନାଥ ଚୌଧୁରୀ ଜନ ଆନ୍ଦୋଳନର ପ୍ରମୁଖ ବିନ୍ଧାଣି ଥିଲେ'




କୁଜଙ୍ଗ,୧୯।୫(ଡି.ଏନ୍.ଏ.)

ସିପିଆଇର ପୂର୍ବତନ ବିଧାୟକ ତଥା ଏମ୍‌ପି ସ୍ୱର୍ଗତ ଲୋକନାଥ ଚୌଧୁରୀ ସାମ୍ୟବାଦ ତଥା ଜନ ଆନ୍ଦୋଳନର ପ୍ରମୁଖ ବିନ୍ଧାଣି ଥିଲେ। ସେ ସର୍ବଦା ଜନ ସମସ୍ୟା ସହ ଜଡ଼ିତ ରହି ଲୋକଙ୍କ ପାଇଁ ଲଢ଼େଇ ଜାରି ରଖିଥିଲେ। ଖାଲି ଓଡ଼ିଶା ନୁହେଁ, ସାରା ଭାରତ ବର୍ଷରେ ସାମ୍ୟବାଦୀ ଆନ୍ଦୋଳନକୁ ଗାଁ ଗଣ୍ଡାରେ ପହଞ୍ଚାଇବା ପାଇଁ ସେ ସଦାସର୍ବଦା ଉଦ୍ୟମରତ ଥିଲେ ବୋଲି ତାଙ୍କର ୯୮ତମ ଜୟନ୍ତୀ ସମାରୋହରେ ବ୍ୟକ୍ତିବିଶେଷମାନେ ମତପୋଷଣ କରିଛନ୍ତି। ଅଖିଳ ଭାରତ କୃଷକ ସଭା କୁଜଙ୍ଗ ବ୍ଲକ କମିଟି ତରଫରୁ ସୂଚନା କେନ୍ଦ୍ର ପରିସରରେ ଆୟୋଜିତ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ଯୋଗଦେଇ ଲୋକନାଥ ଚୌଧୁରୀ କେବଳ କୁଜଙ୍ଗ ମାଟିର ସନ୍ତାନ ନ ଥିଲେ ସେ ସାରା ଭାରତ ବର୍ଷର ଜଣେ ସାମ୍ୟବାଦ ଆନ୍ଦୋଳନର କର୍ଣ୍ଣଧାର ଥିଲେ। ବସନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ବକ୍ତାଭାବେ ବରିଷ୍ଠ ରାଜନେତା ସରୋଜ ପଟ୍ଟନାୟକ ଯୋଗଦେଇ ଲୋକନାଥ ବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅଖିଳ ଭାରତ କୃଷକ ସଭା ଜଗତ୍‌ସିଂହପୁର ଜିଲା ସଭାପତି ଶ୍ରୀନିବାସ ଜୁଝାରସିଂ ଏହି ଅବସରରେ ସଭାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ କୃଷକ ସଭାର ସର୍ବଭାରତୀୟ ଉପସଭାପତି ଆଶିଷ କାନୁନ୍‌ଗୋ ଯୋଗଦେଇଥିଲେ। ଶେଷରେ ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ୪୦ ବର୍ଷ ପରେ ରାସ୍ତାରେ ମାଟି ପଡ଼ିଲା



ଜବ୍‌କାର୍ଡଧାରୀମାନେ ଦଳିତ ସାହି ରାସ୍ତାରେ ମାଟି ପକାଉଛନ୍ତି।

ରଘୁନାଥପୁର,୧୯।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ନୂଆପଡା ଓମ୍‌ଫେଡ ପ୍ଲାଣ୍ଟ ପାଖ ୯ନଂ. ୱାର୍ଡ ଦଳିତସାହି ରାସ୍ତାରେ ଦୀର୍ଘ ୪୦ ବର୍ଷ ପରେ ମାଟି ପକାଯାଇ ଯାତାୟାତ ଉପଯୋଗୀ କରାଯାଉଛି। ସରପଞ୍ଚ ସାହେଦା ତବସୁମଙ୍କ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି) ଅନୁଦାନରେ ଉକ୍ତ ରାସ୍ତାରେ ମାଟି ପକାଯାଇ ଉଚ୍ଚ କରାଯାଉଛି। ରାସ୍ତାକୁ ପ୍ରଥମେ ମାଟି ପକେଇ ଉଚ୍ଚ କରାଯିବା ପରେ ବାଲି ମୋରମ ପକାଯାଇ ଯାତାୟାତ ଉପଯୋଗୀ କରାଯିବ ବୋଲି ସରପଞ୍ଚ ତବ୍‌ସୁମ କହିଛନ୍ତି। ଏହି କାର୍ଯ୍ୟରେ ସ୍ଥାନୀୟ ଦଳିତସାହିର ମହିଳା ଓ ପୁରୁଷମାନେ ନିୟୋଜିତ ହୋଇଛନ୍ତି। ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିବାରୁ ଦଳିତସାହିର ଜବ୍‌କାର୍ଡଧାରୀ ଉତ୍ସାହର ସହ ନିଜ ଗାଁ ରାସ୍ତା କରିବା ପାଇଁ ଆଗେଇ ଆସିଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଯେତିକି ପାରିଶ୍ରମିକ ମିଳୁଛି ସେଥିରେ ସେମାନେ ସନ୍ତୁଷ୍ଟ ବୋଲି ଶକୁନ୍ତଳା ଦାସ ଓ ଉତ୍ତମ ଦାସ କହିଛନ୍ତି। ପୂର୍ବରୁ ଥିବା ପାଦଚଲା ରାସ୍ତା ବର୍ଷକୁ ୬ ମାସ ପାଣି କାଦୁଅରେ ଭରି ରହୁଥିଲା। ଲୋକେ କୌଣସି ଉପାୟ ନ ପାଇ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ବାଧ୍ୟ ହେଉଥିଲେ। ଏପରିକି ରୋଗୀଙ୍କୁ ଖଟିଆରେ ଟେକି ମୁଖ୍ୟରାସ୍ତା ପର୍ଯ୍ୟନ୍ତ ନେବାକୁ ପଡୁଥିଲା। ପିଲାମାନେ ମଧ୍ୟ ସ୍କୁଲ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ରାସ୍ତାକାମ ଆରମ୍ଭ ହୋଇଥିବାରୁ ଏସବୁ ସମସ୍ୟା ଦୂର ହୋଇଯିବ ନେଇ ଆଶାବ୍ୟକ୍ତ କରିଛନ୍ତି। ଏହି ରାସ୍ତାର ୨/୩ଟି ସ୍ଥାନରେ ପାଣି ନିଷ୍କାସନ ପାଇଁ ହ୍ୟୁମ୍ ପାଇପ୍ ପକାଯିବା ସହ ବିଶୁଦ୍ଧ ପାନୀୟଜଳ ନିମନ୍ତେ ନଳକୂପର ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ତବ୍‌ସୁମ ପ୍ରକାଶ କରିଛନ୍ତି।

# ନିଆଁ ଲାଗି ୪ ବଖରା ଜଳିଗଲା

**ଲିଭାଇବାକୁ ଆସି ଜଣେ ଦମକଳ କର୍ମଚାରୀ ଗୁରୁତର**

ଏରସମା,୧୯।୫(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ରୟତସାହି ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ହୋଇଛି। ଗ୍ରାମର ବଟକୃଷ୍ଣ ମୁଦୁଲିଙ୍କ ଘରେ ନିଆଁ ଲାଗି ୪ ବଖରା ଜଳିଯାଇଛି। ଏଥିରେ ତାଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ଅପରପକ୍ଷେ ନିଆଁ ଲିଭାଇବାକୁ ଆସିଥିବାବେଳେ ଜଣେ ଦମକଳ ବାହିନୀ କର୍ମଚାରୀ ଅଜିତ ସାମନ୍ତରାୟ ଗୁରୁତର ହୋଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅପରାହ୍ନରେ କୌଣସି କାରଣରୁ ବଟକୃଷ୍ଣଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଏହା ଦେଖି ଚିତ୍କାର କରିଥିଲେ। ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ । ଖବର ପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ମାତ୍ର ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା । ଦମକଳ ବାହିନୀ କର୍ମଚାରୀ ସାମନ୍ତରାୟ ଘରର ଚାଳ ଉପରେ ଚଢ଼ି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଥିବାବେଳେ ହଠାତ୍ ଜଳନ୍ତା ଘର ଭିତରକୁ ଖସି ଗୁରୁତର ହୋଇଛନ୍ତି। ରୋଷେଇ ଘରୁ ନିଆଁଝୁଲ ଉଠି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି ।

# ଜୀବନ ବ୍ୟାପୀ ସଂଗ୍ରାମୀ ସାଧନା ପାଇଁ ପ୍ରହ୍ଲାଦ ଅମର

ବିରିଡ଼ି, ୧୯।୫ (ଡି.ଏନ୍.ଏ.)

ଦଳିତ ସମାଜର ବିକାଶ ପାଇଁ ସ୍ୱାଧୀନତା ସଂଗ୍ରାମୀ କମ୍ରେଡ ପ୍ରହ୍ଲାଦ ସେଠୀ ଶେଷ ଜୀବନ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥିଲେ। ଜୀବନ ବ୍ୟାପୀ ସଂଗ୍ରାମୀ ସାଧନା ପାଇଁ ସ୍ୱର୍ଗତ ସେଠୀ ଅମର ବୋଲି ତାଙ୍କ ୯୨ତମ ଜୟନ୍ତୀ ଅବସରରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କଇଜଙ୍ଗାସ୍ଥିତ ମା' କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନତା ସଂଗ୍ରାମୀ କମ୍ରେଡ୍ ପ୍ରହ୍ଲାଦ ସେଠୀ ସ୍ମୃତି କମିଟି ତରଫରୁ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କମିଟି ସଭାପତି ତ୍ରୈଲୋକ୍ୟ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କବି ପୀତାମ୍ବର ମହାପାତ୍ର ଏହାକୁ ସଞ୍ଚାଳନ କରିଥିଲେ। ସଭାରେ ଅତିଥି ଭାବେ ଆଶିଷ କାନୁନ୍‌ଗୋ, ରମାକାନ୍ତ ଭୋଇ, ସଂଘମିତ୍ରା ଜେନା, ବ୍ୟଙ୍ଗକବି ପ୍ରତାପ ଜେନା, ନିକୁଞ୍ଜ କିଶୋର ଭଞ୍ଜ, କବି ବନମାଳୀ ବେହେରା ପମୁଖ ଯୋଗଦେଇ ପ୍ରହ୍ଲାଦ ସେଠୀଙ୍କ ଜୀବନାଦର୍ଶ ଉପରେ ମତବ୍ୟକ୍ତ କରିଥିଲେ। ସ୍ମୃତି କମିଟି ସମ୍ପାଦକ ନାରାୟଣ ଭୋଳ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାହୁଲ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଜୟ କୁମାର ସାହୁ ଓ ହେମନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମା' ବଟ ମଙ୍ଗଳା କ୍ରିକେଟ: ଖାଲଗାଁ ଚାମ୍ପିୟନ

ବାଲିକୁଦା,୧୯।୫ (ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ମା' ବଟମଙ୍ଗଳା କ୍ରିକେଟ କ୍ଲବ କୁଲସାହି ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅପଣ୍ଡରା ଓ ଖାଲଗାଁ କ୍ରିକେଟ୍ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଅପଣ୍ଡରା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ଦଳ ୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଖାଲଗାଁ କ୍ରିକେଟ ଟିମ୍ ୭ ଓଭରରେ ୫ ଉଇକେଟ ହରାଇ ୩୮ ରନ୍ କରି ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ଖାଲଗାଁ କ୍ରିକେଟ୍ କ୍ଲବର ଜଗବନ୍ଧୁ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବଳରାମ ଦାସ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ପୃଥ୍ୱୀରାଜ ମହାନ୍ତି ଓ ବସନ୍ତ ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରିଂରେ ପ୍ରତାପ ସେଠୀ ଓ ଛବିନ୍ଦ୍ର ମହାନ୍ତି ସହଯୋଗ କରିଥିଲେ। ବିମଳ ଦଳାଇ, ପିଣ୍ଟୁ ମହାରଣା ଓ ପ୍ରୟାସ ମୁଦୁଲି ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତାପସ ମହାନ୍ତି ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସମେତ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟ ଆୟୋଜନ କରିବାରେ କ୍ଲବ ସଦସ୍ୟ ବିକ୍ରମ ଜେନା, ସଞ୍ଜୟ ମହାନ୍ତି, କାଳନ୍ଦୀ ମହାନ୍ତି, ରିଙ୍କୁନ ମହାନ୍ତି, ସିଲୁ ଓଝା, ପିଣ୍ଟୁ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଜଗତ୍‌ସିଂହପୁର ସହର: ଜବରଦଖଲରେ ଡ୍ରେନ୍

ଜଗତ୍‌ସିଂହପୁର ଅଫିସ, ୧୯।୫

- ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ
- ବର୍ଷା ଆସିଲେ ସଫେଇ କଥା ମନେପଡୁଛି

ନିୟମ ରହିଛି ପ୍ରାକୃତିକ ନାଳ କିମ୍ବା ଡ୍ରେନ୍ ରୋକାଯାଇପାରିବ ନାହିଁ। ଏହାର ଗତି ବଦଳା ଯିବ ନାହିଁ। କେହି ଜବରଦଖଲ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଅଛି। ରାଜ୍ୟ ସରକାର ମଧ ବିଭିନ୍ନ ସମୟରେ ନାଳ କିମ୍ବା ଡ୍ରେନ୍‌ରୁ ଯେପରି ଜଳ ନିଷ୍କାସନରେ ବାଧା ନ ଉପୁଜିବ ସେନେଇ ଜିଲା ପ୍ରଶାସନକୁ ଚିଠି କରିଛନ୍ତି। ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ସମେତ ରାଜ୍ୟର ଅନ୍ୟ ପୌର ପରିଷଦ ଓ ମ୍ୟୁନିସିପାଲିଟି ଆଦିକୁ ଏ ସଂକ୍ରାନ୍ତୀୟ ଚିଠି ଆସିଛି। କିନ୍ତୁ ଜଗତ୍‌ସିଂହପୁର ସହରରେ ଡ୍ରେନ୍ ସମସ୍ୟାର ସମାଧାନ ହେଉନି। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ସମୀକ୍ଷା ହେଉଛି। ଯେଉଁସବୁ ସ୍ଥାନରେ ସମସ୍ୟା ଅଛି ସେଗୁଡ଼ିକର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ବର୍ଷାଦିନ ପରେ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ବାସ୍ତବରେ ଯେଉଁସବୁ ସ୍ଥାନରେ ଜବରଦଖଲ ହେଉ ଅବା ଅନ୍ୟ ସମସ୍ୟା ରହିଛି ସେ ସବୁର ସମାଧାନ ଏବେ ହେବା କଥା। ନଚେତ ଆଉ କିଛିଦିନ ପରେ ବର୍ଷା ଆସିଯିବ ଏବଂ ପୁଣି ସହର, ବସ୍ତିରେ ଅଳିଆ ଭାସିବ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଯଥାଶୀଘ୍ର ସମାଧାନ କରିବାକୁ କେତେଜଣ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ନଗର ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେଖ ଅଛି, ଡ୍ରେନ୍‌ଗୁଡ଼ିକର ଯେଉଁସବୁ ସ୍ଥାନରେ ପାଣି ଜମି ରହୁଛି ସେଗୁଡ଼ିକ ସଫା କରି ଜଳ ନିଷ୍କାସନକୁ ସ୍ୱାଭାବିକ କର। ଜବରଦଖଲ ହୋଇଥିଲେ ଉଚ୍ଛେଦ କର। ଡ୍ରେନ୍ ବା ନାଳଗୁଡ଼ିକ ଯେଉଁ ବିଭାଗ ଅଧୀନରେ ଯାଉଛି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନିଅ। ଆବଶ୍ୟକ ପଡ଼ିଲେ ପୋଲିସର ସହାୟତା ନେଇ ଏହି କାମ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଅଛି। ଏହି ଚିଠି ପାଇଲା ପରେ ଅତୀତରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ବୈଠକ କରାଯିବା ସହ ସହରରେ ଯାଇଥିବା ୩ଟି ଡ୍ରେନେଜ୍ କଟ୍‌କୁ ଜବରଦଖଲ ମୁକ୍ତ ଓ ସଫା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହା କେବଳ ବୈଠକରେ ହିଁ ସୀମିତ ରହିଛି ।



ଜବରଦଖଲ କାରଣରୁ ସଙ୍କୁଚିତ ହୋଇଯାଇଥିବା ଡ୍ରେନ୍।

ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ସହର ଦେଇ ନାଗପୁର, ପାଣିଶାଳିଆ ଓ ମାଧପୁର ଡ୍ରେନ୍ ଯାଇଛି। ନାଗପୁର ଡେନ୍ ଜଗତ୍‌ସିଂହପୁରରୁ ନାଗପୁର ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ସେଥିରୁ ୩ କିଲୋମିଟର ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି। ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତାର ଅପରପାର୍ଶ୍ୱରୁ ବାହାରି ଟାଉନ ହଲ୍ ଛକ-ସିପି-ଖେରସ ମୌଜା ଦେଇ ପୁରୋହିତପୁର ପାଖରେ ନାଳରେ ପଡ଼ିଛି। ଜଗତ୍‌ସିଂହପୁର ସହରରେ ଏହି ଡ୍ରେନ୍‌ର ଓସାର ପାଖାପାଖି ୩୦ ଫୁଟ ହେବ ବୋଲି କୁହାଯାଉଥିବା ବେଳେ ବାସ୍ତବରେ କିନ୍ତୁ ଏହା ଜବରଦଖଲ କାରଣରୁ ସଙ୍କୁଚିତ ହୋଇଯାଇଛି। ଏବେ ଏହାର ଓସାର ମାତ୍ର ୫ରୁ ୬ ଫୁଟ ଭିତରେ ଥିବା କୁହାଯାଉଛି। ସେହିପରି ପାଣିଶାଳିଆ ଡ୍ରେନ୍‌ର ଦୈର୍ଘ୍ୟ ପାଖାପାଖି ୧.୫ କିଲୋମିଟର ହେବ। ଏହା ସହରରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରୁ ବାହାରି ବସ୍‌ଷ୍ଟାଣ୍ଡ, ଟାଉନ ହଲ୍ ଛକ ଦେଇ ପାଣିଶାଳିଆ ଅମୁହାଁଦଣ୍ଡା ପର୍ଯ୍ୟନ୍ତ ଲମ୍ବିଛି। ଏହି ଡ୍ରେନ୍ ମଧ୍ୟ ଜବରଦଖଲ ହୋଇଛି। ମାଧପୁର ଡ୍ରେନ୍‌ର ଲମ୍ବ ପାଖାପାଖି ୨ କିଲୋମିଟର ହେବ। ଏହି ଡ୍ରେନ୍‌ର କମ୍ ସ୍ଥାନ ଜବରଦଖଲ ହୋଇଛି। ଏସବୁ ଡ୍ରେନ୍ ଦୀର୍ଘବର୍ଷ ଧରି ଜବରଦଖଲ ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜିଛି। ନାଗପୁର ଡ୍ରେନ୍‌ଟି ସବୁଠାରୁ ଅଧିକ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ଜବରଦଖଲ ସାଙ୍ଗକୁ ବ୍ୟବସାୟୀମାନେ ଅଳିଆ ଆବର୍ଜନା ପକାଉ ଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ପୌର ପରିଷଦ ପକ୍ଷରୁ ମଧ ସଫେଇ ଠିକ୍ ଭାବେ ହେଉନାହିଁ। ସହରର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବାରୁ ପରିଷଦ କ'ଣ, ପ୍ରଶାସନ ବି ପଦକ୍ଷେପ ନେବାକୁ ଆଗପଛ ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ଅଧିକାଂଶ ଡ୍ରେନ୍ ମୁକୁଳା ଥିବାରୁ ତା'ର ଉପରେ ସିମେଣ୍ଟ କଂକ୍ରିଟ୍ ସ୍ଲାବ୍ ପକାଇବାକୁ ପଦକ୍ଷେପ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ପାଖାପାଖି ୨୭ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ୱାର୍ଡ (୨, ୩, ୪, ୭, ୮, ୧୨, ୧୬, ୧୮, ୧୯ ଓ ୨୦)ରେ ଥିବା ବଡ଼ ଡ୍ରେନ୍ ଉପରେ ଏହି କାମ ଚାଲିଛି । ସେଥିମଧ୍ୟରୁ ଅର୍ଦ୍ଧାଧିକରେ କାମ ସରିଲାଣି। ପରବର୍ତ୍ତୀ ସମୟରେ ଛୋଟ ଡ୍ରେନ୍‌ଗୁଡିକ ଉପରେ ସିମେଣ୍ଟ କଂକ୍ରିଟ୍ ସ୍ଲାବ୍ ପକାଯିବ। ଏଥିସହ ଯେଉଁସବୁ ସ୍ଥାନରେ ଜବରଦଖଲ ଅଛି ସେଗୁଡ଼ିକ ଡ୍ରେନେଜ୍ ଡିଭିଜନ ଅଧୀନରେ ରହିଛି। ଏହି ବିଭାଗକୁ ଜବରଦଖଲମୁକ୍ତ ସହ ଭିତ୍ତିଭୂମିରେ ସୁଧାର ପାଇଁ କୁହାଯାଇଛି। ବିଭାଗ ଯଦି ଦାୟିତ୍ୱବାନ ନ ହେବ ତେବେ ପରିଷଦ କିଛି କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ନିମ୍ନମାନର ସୁନା ଦେଇ ଗ୍ରାହକଙ୍କୁ ଆକ୍ରମଣ
## ବନ୍ଧା ହେଲେ ସୁନା ଦୋକାନୀ ବାପା-ପୁଅ

ପୋଲସରା,୧୯।୫(ଡି.ଏନ.ଏ.) ପୋଲସରା ଗୋପବନ୍ଧୁ ହାଇସ୍କୁଲ ଛକଠାରେ ସୁନା ବ୍ୟବସାୟ କରୁଥିବା ଶ୍ରୀରାମ ଜୁଏଲର୍ସର ମାଲିକ ବିନୋଦ ବିହାରୀ ପଣ୍ଡା ଜଣେ ଗ୍ରାହକଙ୍କୁ ୨୨ କ୍ୟାରେଟ୍ ନାଁରେ ନିମ୍ନମାନର ସୁନା ଦେଇଥିଲେ। ଗ୍ରାହକ ଜଣଙ୍କ ତାହାକୁ ଫେରାଇବାକୁ ଆସିଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ପୋଲସରା ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଶ୍ରୀରାମ ଜୁଏଲର୍ସର ମାଲିକ ବିନୋଦ ବିହାରୀ ପଣ୍ଡା ଓ ତାଙ୍କ ପୁଅ ଆଶୁତୋଷ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲସରା ଅଞ୍ଚଳର ବବିତା ବେହେରା ୨୦୧୯ ମାର୍ଚ୍ଚରେ ଶ୍ରୀରାମ ଜୁଏଲର୍ସରୁ ୧୩ ଗ୍ରାମ ୯୦୦ ମିଲିଗ୍ରାମ୍‌ର ସୁନାହାର ଓ ୫ ଗ୍ରାମ୍ ୬୮୦ ମିଲିଗ୍ରାମ୍ ଓଜନର ଦୁଇଟି ସୁନା ଅଳଙ୍କାର ୨୨ କ୍ୟାରେଟ୍ ସୁନାର ବିଲିଙ୍ଗ୍‌ରେ ୬୧ହଜାର ୮୪୬ ଟଙ୍କାରେ କ୍ରୟ କରିଥିଲେ। ତେବେ ସେହି ସୁନା ଗହଣା ଗୁଡ଼ିକ କଳା ପଡ଼ିଯିବାରୁ ବବିତା ନିମ୍ନମାନର ସୁନା ନେଇ ସନ୍ଦେହ ପ୍ରକାଶ କରି ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ। ଗତ ୧୫ ତାରିଖ ସନ୍ଧ୍ୟାରେ ସେ ସ୍ୱାମୀ ମନୋଜ କୁମାର ଘଡେଇଙ୍କ ସହ ମିଶି କଳା ପଡ଼ି ଯାଇଥିବା ଉକ୍ତ ସୁନା ଅଳଙ୍କାର ଫେରସ୍ତ କରିବାକୁ ଶ୍ରୀରାମ ଜୁଏଲର୍ସ ଯାଇଥିଲେ। ଦୋକାନ ମାଲିକ ନିଜ ଦୋଷ ଲୁଚାଇବା ସହିତ ସମ୍ପୃକ୍ତ ଗ୍ରାହକ ଦମ୍ପତିଙ୍କୁ ଗାଳି ଗୁଲଜ କରିଥିଲେ। ବବିତାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ଉଭୟ ବାପା ପୁଅ ମିଶି ସେହି ସୁନା ଦୋକାନରେ ଆକ୍ରମଣ କରିଥିଲେ। ଏ ନେଇ ପୋଲସରା ଥାନାରେ ଅଭିଯୋଗକ୍ରମେ ୨୭୧/୨୩ ରେ ମାମଲା ରୁଜୁ କରାଯାଇ ସୁଦା ଦୋକାନୀ ବାପା ଓ ପୁଅଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଟ୍ରାକ୍ଟର ବ୍ୟାଟେରି ଚୋରି ଅଭିଯୋଗରେ ୨ଗିରଫ

ପାପଡ଼ାହାଣ୍ଡି/ ମୈଦଲପୁର, ୧୯।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ମୈଦଲପୁର ପୋଲିସ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାପଡ଼ାହାଣ୍ଡି ଥାନା ଝାଡ଼କୁସୁମି ଗ୍ରାମର ମୁକେଶ ହରିଜନ ଓ ସୁରେଶ ଗୌଡ଼। ସୂଚନାନୁଯାୟୀ, ମେ' ୧୨ ବିଳମ୍ବିତ ରାତିରେ ନୀଳାଦ୍ରିଗୁଡ଼ାର ଆରତି ନାୟକଙ୍କ ଫାର୍ମ ହାଉସ୍ ଭିତରେ ଥିବା ଟ୍ରାକ୍ଟର (ଓଡ଼ି-୨୪ଜି-୮୦୧୬)ରୁ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ସେ ମୈଦଲପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମୈଦଲପୁର ପୋଲିସ ଝାଡ଼କୁସୁମି ଗ୍ରାମର ସୁରେଶ ଓ ମୁକେଶଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ବ୍ୟାଟେରି ମିଳିଛି। ଏ ନେଇ ମୈଦଲପୁର ଥାନାରେ କେସ୍ ନଂ.୬୯/୨୩ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନଟବର ନନ୍ଦ ସୂଚନା ଦେଇଛନ୍ତି।

## ବଜ୍ରପାତରେ ଜଣେ ଗୁରୁତର

ତେନ୍ତୁଳିଖୁଣ୍ଟି, ୧୯।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅାଁଳାଭଙ୍ଗା ପଞ୍ଚାୟତ କୃଷ୍ଣଗୁଡ଼ା ଗାଁର ଭଗବାନ ଗୌଡ଼ ବଜ୍ରପାତରେ ଗୁରୁତର ହୋଇଛନ୍ତି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଚିକିତ୍ସିତ କରାଯାଉଛି। ସୂଚନାନୁଯାୟୀ, ଭଗବାନ ସମ୍ପର୍କୀୟଙ୍କ ଘର ଦାନୀଗୁଡ଼ାକୁ ଆସିଥିଲେ। ଶୁକ୍ରବାର ଅପରାହ୍ନ ୩ଟା ବେଳେ ଆମ୍ବ ଗୋଟାଇବାକୁ ସେ ପୂଜାରିଗୁଡା ଆମ୍ବତୋଟାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ସେଥିରେ ସେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୨ ବାଇକ୍‌କକକ ଧକ୍କା, ୩ ଗୁରୁତର

ପାପଡ଼ାହାଣ୍ଡି,୧୯।୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କତରାପୋଲ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ବାଇକ ମଧରେ ଧକ୍କା ହୋଇ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରଞ୍ଜିତ ସାହୁ, ସୁକାନ୍ତି ସାହୁ ଓ ଲୁନା ହରିଜନ। ଏଥିରେ ଲିଙ୍ଗରାଜ ପାତ୍ର ଓ ତୋଫାନ ଗଣ୍ଡ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ରଞ୍ଜିତ ଓ ସୁକାନ୍ତି ଏକ ବାଇକରେ କଣ୍ଟାଗାଁରୁ ମଇଦଲପୁର ଆଡକୁ ଫେରୁଥିଲେ। ଏହି ସମୟରେ କତରା ପୋଲ ନିକଟରେ ବିପରୀତ ଦିଗରୁ ଯାଉଥିବା ଲୁନା ହରିଜନ, ଲିଙ୍ଗରାଜ ଓ ତୋଫାନଙ୍କ ବାଇକ ସହ ତାଙ୍କର ଧକ୍କା ହୋଇଥିଲା। ପ୍ରାଥମିକ ଚିକିତ୍ସା ପରେ ୩ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସହର ପ୍ରବେଶ ପଥ ରାସ୍ତା କଡ଼ରେ କୁଢ଼କୁଢ଼ ଅଳିଆ

### ଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

ଭଞ୍ଜନଗର, ୧୯।୫(ଡି.ଏନ୍.ଏ): ଭଞ୍ଜନଗର ସହରରେ ବର୍ତ୍ତମାନ ଠାକୁରାଣୀ ଯାତ୍ରା ଚାଲିଥିବା ଯୋଗୁଁ ସହର ଚଳଚଞ୍ଚଳ ହୋଇପଡିଛି। ଯାତ୍ରା ଦେଖିବାକୁ ଗ୍ରାମାଞ୍ଚଳରୁ ଦୈନନ୍ଦିନ ହଜାର ହଜାର ଲୋକ ଭଞ୍ଜନଗର ସହର ଅଭିମୁଖେ ଆସୁଛନ୍ତି। କିନ୍ତୁ ସହରର ଦୁଇଟି ମୁଖ୍ୟ ପ୍ରବେଶ ପଥ ରାସ୍ତା କଡରେ କୁଢ଼ କୁଢ଼ ଅଳିଆ ପଡିରହିଛି, ଯାହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭଞ୍ଜନଗର ବ୍ରହ୍ମପୁର ମୁଖ୍ୟ ସଡକର ବାଉଁଶଲୁଣ୍ଡି ପୁରୁଣା ସିନେମା ହଲ ସମ୍ମୁଖରେ ଟ୍ରକ ଟ୍ରକ ଅଳିଆ ପଡିରହିଛି। ଉକ୍ତ ଅଞ୍ଚଳଟି ପଞ୍ଚାୟତ ଅଧୀନରେ ଆସୁଥିବା ଯୋଗୁଁ ସଫେଇ ହେବାରେ ସମସ୍ୟା ରହୁଛି। ପଞ୍ଚାୟତଗୁଡ଼ିକରେ ସଫେଇ କର୍ମଚାରୀ ବ୍ୟବସ୍ଥା ନାହିଁ। ତେଣୁ କିଛି ବିକଳ୍ପ ବ୍ୟବସ୍ଥା କରି ସଫେଇ କରାଯିବା ଆବଶ୍ୟକତା ରହିଛି। ପୂର୍ବରୁ ବାଉଁଶଲୁଣ୍ଡି ପୋଖରୀ ନିକଟରେ ଅଳିଆ ଗଦାହୋଇ ରହୁଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ସେଠାରେ କିଛି ଉନ୍ନତି କାର୍ଯ୍ୟ କରିବା ପରେ ସେଠାରେ ଆଉ ଅଳିଆ ପଡୁନାହିଁ। କିନ୍ତୁ ବିଗତ କିଛିମାସ ହେବ ସିନେମା ହଲ ନିକଟରେ ଅଳିଆ ଗଦାହୋଇ ରହୁଛି। ସହରକୁ ଲାଗି ବାଉଁଶଲୁଣ୍ଡି ଗ୍ରାମ ରହୁଛି। ବାଉଁଶଲୁଣ୍ଡି ମୁଖ୍ୟ ସଡ଼କ ଅଞ୍ଚଳଟି ସମ୍ପୂର୍ଣ୍ଣ ବ୍ୟବସାୟ ଅଞ୍ଚଳ। ତେଣୁ ବିଗତ ଦିନରେ ଅଞ୍ଚଳବାସୀ ଅଳିଆ ସଫା ବ୍ୟବସ୍ଥା କରିବା ପାଇଁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ତାହାର ସଫେଇ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଯୋଜନା ହୋଇଥିଲା। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିଭଳି ଫୁଲବାଣୀ ଆଡୁ ଭଞ୍ଜନଗର ଆସିବା ସମୟରେ ଭଞ୍ଜନଗର ସହର ୱାର୍ଡ ନଂ ୧୪ର ଶ୍ରୀରାମ ନଗର ଜାତୀୟ ରାଜପଥ କଡ ଜଙ୍ଗଲରେ ସହରର ସମସ୍ତ ଅଳିଆ ନେଇ ପକାଯାଉଛି। ରାସ୍ତାକୁ ଲାଗି ଅଳିଆ ପଡୁଥିବା ଯୋଗୁଁ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବା ସମୟରେ ଗନ୍ଧକୁ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେଣୁ ବ୍ଲକ ଏବଂ ଏନଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।


ବାଉଁଶଲୁଣ୍ଡି ମୁଖ୍ୟ ସଡକ ରାସ୍ତା କଡ଼ରେ ଅଳିଆ ପଡ଼ିରହିଛି।

# ପାରମ୍ପରିକ ଚିତ୍ରକଳା ଶିବିର ଉଦ୍‌ଯାପିତ

### ଚିତ୍ରଶିଳ୍ପୀଙ୍କ ତୂଳୀରେ ଚିତ୍ରିତ ବିରଞ୍ଚି ନାରାୟଣ ମନ୍ଦିରର ଭିତ୍ତିଚିତ୍ର

ବୁଗୁଡା,୧୯।୫(ଡି.ଏନ.ଏ.) ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପଠାରେ ଆୟୋଜିତ ୩ ଦିନିଆ ପାରମ୍ପରିକ ଚିତ୍ରକଳା ଶିବିର ଉଦଯାପିତ ହୋଇଯାଇଛି। ଉକ୍ତ ଶିବିରରେ ଓଡିଶାର ବିଭିନ୍ନ ଜିଲ୍ଲାରେ ଅବସ୍ଥାପିତ ୭ଟି ଚିତ୍ରବିଦ୍ୟା ଶିକ୍ଷାଦାନ କେନ୍ଦ୍ରର ୧୪ ଜଣ ଯୁବ ଚିତ୍ରଶିଳ୍ପୀ ବିରଞ୍ଚି ନାରାୟଣ ମନ୍ଦିର ଭିତ୍ତିରେ ଶହ ଶହ ବର୍ଷ ପୂର୍ବେ ପୌରାଣିକ କଥାବସ୍ତୁ ଉପରେ ଅଙ୍କିତ ଲୁପ୍ତ ପ୍ରାୟ ଚିତ୍ର ଗୁଡ଼ିକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ନିଜ କାନଭାସରେ ଚିତ୍ରଣ କରିଥିଲେ। ଶିବିରର ଅନ୍ତିମ ଦିବସରେ ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଚିତ୍ରିତ ନିଖୁଣ ଛବିଗୁଡିକ ପ୍ରଦର୍ଶିତ ହୋଇଥିଲା। ଓଡିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଶିବିରର ଉଦଯାପନୀରେ ଅତିଥି ଭାବେ ଚିତ୍ରଶିଳ୍ପୀ ବିନୋଦ ମହାରଣା ଓ ସ୍ଥାନୀୟ ତହସିଲଦାର ସଂଗ୍ରାମ କେଶରୀ ଜେନା ଯୋଗ ଦେଇ ସମସ୍ତ ଚିତ୍ରଶିଳ୍ପୀଙ୍କୁ ଉତ୍ସାହିତ କରିବା ସହ ପ୍ରମାଣ ପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ପ୍ରଥମ ଥର ପାଇଁ ବୁଗୁଡ଼ାରେ ଗତ ୧୯୮୬ରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୀର୍ଘ ବର୍ଷ ବ୍ୟବଧାନରେ ପୁଣି ଦ୍ୱିତୀୟ ଥର ପାଇଁ ଏପରି କାର୍ଯ୍ୟକ୍ରମ ହୋଇଛି।


ଭିତ୍ତିଚିତ୍ର ବୁଲି ଦେଖୁଛନ୍ତି ଅତିଥି ।

# ଠାକୁରାଣୀ ଯାତ୍ରା, ମା'ଙ୍କୁ ଦର୍ଶନ କଲେ ଏମ୍‌ପି


ଦେବୀଙ୍କ ଦର୍ଶନ କରିବାକୁ ଯାଉଛନ୍ତି ପୂର୍ବତନ ବାଚସ୍ପତି, ଏମ୍‌ପି।

ଭଞ୍ଜନଗର, ୧୯।୫(ଡି.ଏନ୍.ଏ): ଭଞ୍ଜନଗର ଠାକୁରାଣୀ ଯାତ୍ରା ଶୁକ୍ରବାର ୧୭ ଦିନରେ ପହଞ୍ଚିଛି। ଅମାବାସ୍ୟା ଯୋଗୁ ଦେବୀଙ୍କ ବିଶ୍ରାମ ଦିବସ ଥିଲା। ବିଳମ୍ବିତ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ବିକ୍ରମ କେଶରୀ ଆରୁଖ ଏବଂ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଦେବୀଙ୍କ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ଯାତ୍ରା କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆରୁଖ ଏବଂ ସାମନ୍ତ କବି ସମ୍ରାଟ ରଙ୍ଗମଞ୍ଚରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଶୋଇ, ଉପସଭାପତି ବିନୟ ରଥ, ମୁରଲୀ ପଣ୍ଡା, ଡି ଚେଲପତି ରାଓ, ସମ୍ପାଦକ ସୁଧୀର ବେହେରା, ସୁଶାନ୍ତ ମହାପାତ୍ର, ନଗରପାଳ ଗୋପବନ୍ଧୁ ମହାପାତ୍ର, ଲୋକନାଥ କର, ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# କାଳବୈଶାଖୀ ବର୍ଷାରେ ବ୍ୟାପକ କ୍ଷତି

ରାୟଗଡ଼ା,୧୯।୫(ସ୍ୱ.ପ୍ର.) ରାୟଗଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର କାଳ ବୈଶାଖି ବର୍ଷା ଓ ପବନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଜିଲାର ବିଭିନ୍ନ ସ୍ଥାନରେ ଜୋର ପବନ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ରାୟଗଡ଼ା ବ୍ଲକ କାଦମ୍ବରିଗୁଡ଼ା, ପିତାମହଲ, ଜେମାଦେଇପେଣ୍ଠ, ହାଲୁଆ, କୋଟାପେଟା ଓ କୋମତାଲପେଟା ସମେତ ଜିଲାର କଲ୍ୟାଣସିଂହପୁର, କାଶୀପୁର ଓ ବିଷମକଟକ ଆଦି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ରାୟଗଡ଼ା ସହରଠାରୁ ମାତ୍ର ୭ କି.ମି. ଦୂର କାଦମ୍ବରିଗୁଡ଼ା ନିକଟରେ ୩୨୬ନଂ ଜାତୀୟ ରାଜପଥ କଡ଼ରେ ଏକ ଟ୍ରକ ଉପରେ ଗଛ ଭାଙ୍ଗି ପଡ଼ିଥିଲା । ତେବେ ଏଥିରେ କିଛି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ବର୍ଷା ଆରମ୍ଭ ହୋଇ ବନ୍ଦ ଯାଇଥିକଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇ ନ ଥିଲା। କା ପ୍ରବଳ ପବନ ହେବାରୁ ବହୁ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବା ଖବର ମିଳିଛି।

# ବାଇକ୍ ଦୁର୍ଘଟଣାରେ ଗୁରୁତର ଶିକ୍ଷକଙ୍କ ମୃତ୍ୟୁ



ରାମଗିରି, ୧୯।୫(ଡି.ଏନ.ଏ.) ଆର.ଉଦୟଗିରି ବ୍ଲକ ସୁବଲଡା ପଞ୍ଚାୟତ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଶିକ୍ଷକଙ୍କ ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ରାମଗିରି ନିକଟ ଅନଘା ଗ୍ରାମର ଲିଙ୍ଗରାଜ ନାୟକ। ଲିଙ୍ଗରାଜ ବିଶ୍ୱାବସୁ ଶବର ସମାଜର ଜଣେ ଦକ୍ଷତା ସମ୍ପର୍ଣ୍ଣ ବ୍ୟକ୍ତି ଏବଂ ଜଣେ ସମାଜିକ କର୍ମୀ ଭାବେ ପରିଚିତ ଥିଲେ। ଗତ ୧୪ ତାରିଖରେ ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ଜୟକୃଷ୍ଣ ସେଠୀ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ସେଠାରୁ ତାଙ୍କୁ କଟକ ଓ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଲିଙ୍ଗରାଜଙ୍କ ମୃତ୍ୟୁ ଘଟିଛି।

# ବିଚାରାଧୀନ ବନ୍ଦୀ ପାଳିଲେ ସାବିତ୍ରୀ ବ୍ରତ



ଆସିକା, ୧୯।୫ (ଡି.ଏନ.ଏ): ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଆସିକା ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ୪ଜଣ ମହିଳା ମଧ ଏହି ବ୍ରତ ପାଳନ କରିଛନ୍ତି। ଜେଲ ସଂଲଗ୍ନ ହନୁମାନ ମନ୍ଦିରରେ ଅନ୍ତେବାସୀ ମହିଳା ଏହି ପୂଜା କରିଥିଲେ। ଜେଲ ପ୍ରଶାସନ ପକ୍ଷରୁ ମହିଳାମାନଙ୍କୁ ଶାଢୀ, ଚୁଡି, ସିନ୍ଦୂର ସାଙ୍ଗକୁ ବିଭିନ୍ନ ଫଳ ଓ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଥିବା ଆସିକା ସବ୍‌ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା ସୂଚନା ଦେଇଛନ୍ତି।

# ଜେଲ୍ ପରିସରରେ ଅନ୍ତେବାସିନୀଙ୍କ ସାବିତ୍ରୀ ବ୍ରତ

ବେଗୁନିଆପଡ଼ା,୧୯।୫ କୋଦଳା ଉପ କାରାଗାରରେ ବନ୍ଦୀ ଜୀବନ କାଟୁଥିବା ମହିଳା ଶୁକ୍ରବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ବିଭିନ୍ନ ଅପରାଧରେ ଜେଲ୍‌ରେ ରହିଥିବା ୩ ମହିଳାଙ୍କୁ ସାବିତ୍ରୀ ବ୍ରତ ପାଳନ କରିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ତରଣୀ ସେନ୍ ଦେଉରୀ ଅନୁମତି ଦେଇଥିଲେ। ଏଥିପାଇଁ ଜେଲ୍ ସମ୍ମୁଖରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ବନ୍ଦୋବସ୍ତ ହୋଇଥିବା ବେଳେ ୩ ଅନ୍ତେବାସୀନିଙ୍କ ସହ ସ୍ଥାନୀୟ ମହିଳା ମାନେ ମଧ ଯୋଗଦେଇ ସାମୁହିକ ସାବିତ୍ରୀ ବ୍ରତ ପାଳନ କରିଛନ୍ତି ।


ମନ୍ଦିରକୁ ପୂଜା କରିବାକୁ ଆସିଥିବା ଅନ୍ତେବାସିନୀ।

# ଅନାଥଙ୍କ ସଫଳତା, ମିଠା ବାଣ୍ଟିଲା ପ୍ରଶାସନ


ଅନାଥ ଆଶ୍ରମ ପିଲାମାନଙ୍କୁ ମିଠାବାଣ୍ଟିଲେ ପ୍ରଶାସନିକ ଅଧିକାରୀ।

ପାରଳାଖେମୁଣ୍ଡି, ୧୯।୫ (ଡି.ଏନ୍.ଏ) ଗଜପତି ଜିଲା ଆର୍.ସୀତାପୁର ଗ୍ରାମରେ ଥିବା ଜଗନ୍ନାଥ ନିକେତନ ଅନାଥ ଆଶ୍ରମର ଅନ୍ତେବାସୀ ତଥା ଛାତ୍ରୀଛାତ୍ର ପାଠପଢ଼ି ମାଟ୍ରିକରେ ପ୍ରଥମ ଶ୍ରେଣୀରେ ପାସକରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ଅନ୍ତେବାସୀଙ୍କ ସଫଳତାର ଖୁସିରେ ସାମିଲ ହୋଇଛନ୍ତି ଆଶ୍ରମ ପରିଚାଳକ ଓ ଜିଲା ପ୍ରଶାସନ। ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଏବଂ ଆଶ୍ରମର ସଭାପତି ହରିମୋହନ ପଟ୍ଟନାୟକ ପିଲାମାନଙ୍କୁ ମିଠା ବାଣ୍ଟିଛନ୍ତି। ଜିଲାରେ ୫ଟି ଅନାଥ ଆଶ୍ରମ ରହିଛି, ଏହି ଆଶ୍ରମଗୁଡିକରୁ ଚଳିତ ଥର ୨୦ଜଣ ପିଲା ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ପିଲା ଏ-୧ ଆଉ ୧୨ ଜଣ ବି-୧, ବାକି ସବୁ ପାଖାପାଖି ଭଲ ନମ୍ବର ରଖି ପାସ କରିଛନ୍ତି । ପ୍ରଶାସନ ଏହି ପିଲାଙ୍କ ପାଇଁ ସ୍ୱତନ୍ତ୍ର ଟିଉସନ ବ୍ୟବସ୍ଥା କରିଥିଲ।

# ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ପିଜି ଖୋଲିଲା

ଟିକାବାଲି,୧୯।୫ କନ୍ଧମାଳ ଜିଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ବହୁ ଦିନରୁ ଦାବି ହୋଇ ଆସୁଥିବା ପିଜି ପାଠ୍ୟକ୍ରମ ଖୋଲିଛି। ଚଳିତ ଶିକ୍ଷାବର୍ଷ ପାଇଁ ସ୍ନାତକୋତ୍ତରରେ ଓଡ଼ିଆ, ଇତିହାସ, ରାଜନୀତି ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଏହି ୫ଟି ବିଭାଗରେ ପିଜି ପଢିବା ପାଇଁ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅନୁମତି ଦେଇଛନ୍ତି. ଏଥିଲାଗି ଏ ଏମ ସି ଏସ ମହାବିଦ୍ୟାଳୟ ରେ ଖୁସି ର ଲହରୀ ଖେଳି ଯାଇଛି. ଜିଲ୍ଲାର ଗରିବ ଆଦିବାସୀ, ଦଳିତ,ପଛୁଆ ବର୍ଗ ଛାତ୍ର ଛାତ୍ରୀ ମାନେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ, ଅନ୍ୟ ମହାବିଦ୍ୟାଳୟ କୁ ଯାଇ, ପିଜି ପଢିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏବେ ସମସ୍ୟାର ଅନ୍ତ ଘଟିଲା। ଚଳିତ ବର୍ଷରୁ ଛାତ୍ରୀଛାତ୍ର ମାନେ ପଢ଼ିବାର ସୁଯୋଗ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଟିକାବାଲି ଗ୍ରାମବାସୀ, କଲେଜ ପରିଚାଳନା ର ସଭାପତି ଲଳିତେନ୍ଦୁ ପ୍ରଧାନ, ସଦସ୍ୟ, ସଦସ୍ୟା, ଅଧକ୍ଷ ଦୀନବନ୍ଧୁ ମହାନ୍ତି, କଲେଜ ର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ପୁରୁଷ ଫୁଟବଲ ଉପବିଜେତା ଟିମ୍‌କୁ ସମ୍ବର୍ଦ୍ଧନା


ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଫୁଲବାଣୀ ଅଫିସ, ୧୯।୫ ଫୁଲବାଣୀ କରୋନେଶନ ପଡିଆରେ ଶୁକ୍ରବାର ଜିଲା କ୍ରୀଡା ସଂଘ ତରଫରୁ ଫୁଟବଲ ଖେଳାଳିଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି.। ଫୁଟବଲ ଆସୋସିଏଶନ ଅଫ ଓଡିଶା ଏବଂ ରାଜ୍ୟ କ୍ରୀଡା ବିଭାଗ ମିଳିତ ସହଯୋଗରେ ନିକଟରେ ସମାପ୍ତ ହୋଇଥିବା ଆନ୍ତଃ ଜିଲା ଫୁଟବଲ ଚମ୍ପିଆନଶିପ (ସାହାଣୀ କପ )ରେ ଉପ ବିଜେତା ହୋଇଥିବା କନ୍ଧମାଳ ଫୁଟବଲ ଟିମକୁ କନ୍ଧମାଳ ଏମପି ଡ. ଅଚ୍ୟୁତ ସାମନ୍ତ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅତିଥି ଭାବେ ଯୋଗ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲା ଆଥଲେଟିକ ଆସୋସିଏଶନ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଜିଲା ବାର୍ ଆସୋସିଏଶନ ସଭାପତି ଭଗବାନ ମହାନ୍ତି, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର,ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ,କମଳାକାନ୍ତ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ୬୨ ବର୍ଷରେ ପ୍ରଥମ ଥର ପାଇଁ କନ୍ଧମାଳ ଫୁଟବଲ ଟିମ ଫାଇନାଲକୁ ଉର୍ତ୍ତିର୍ଣ୍ଣ ହୋଇ ରନର୍ସ ଅପ ହୋଇଥିଲା। ଏହି ଟିମକୁ ଏମପି ଉତ୍ସାହିତ କରିବା ସହ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ଦୋକାନ ଗୃହ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ବ୍ୟବସାୟୀ



ଯାଜପୁରଟାଉନ,୧୯।୫(ଡି.ଏନ.ଏ.): ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ସମୟରେ ଉଚ୍ଛେଦ କରାଯାଇଥିବା ଜଣେ ଦୋକାନୀଙ୍କୁ ଗୃହ ଯୋଗାଇ ଦିଆଯିବ ବୋଲି କୋରେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡିଓ ପ୍ରତିଶ୍ରୁତି ନ ରଖିଥିବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ବ୍ୟବସାୟୀ। ସେ ହେଲେ କୋରେଇ ବ୍ଲକ୍ ଅଧୀନ ଶଙ୍ଖଚିଲା ଗ୍ରାମର ବିଷ୍ଣୁଚରଣ ପାଢ଼ୀ। ବିଷ୍ଣୁ ୪୦ବର୍ଷ ଧରି ଶଙ୍ଖଚିଲା ବଜାର ଉପରେ ଏକ କେବିନ୍ ପକାଇ ସେଠାରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଏଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ସ୍ଥାନ ନିରୂପଣ କରାଯିବା ପରେ ବିଷ୍ଣୁଙ୍କ କେବିନ୍ ଉଚ୍ଛେଦ କରାଯାଇଥିଲା। ମାତ୍ର ତାଙ୍କୁ ମାର୍କେଟ କମ୍ପ୍ଲେକ୍ସରେ ଘର ମିଳି ନ ଥିବାରୁ ସେ ସ୍ଥାନୀୟ ସରପଞ୍ଚଙ୍କ ସମେତ ବିଡିଓ ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ବିଷ୍ଣୁ ଗୁରୁବାର ଜିଲାପାଳଙ୍କୁ ଭେଟି ଏକ ଦୋକାନ ଗୃହ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବଡ଼ଚଣା, ୧୯।୫ (ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଲ ପଞ୍ଚାୟତ କୁଲହରିପୁର ଗ୍ରାମର ଧର୍ମପ୍ରାଣା ମହିଳା ରେବତୀ ଜେନା(୭୮)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ଧର୍ମପ୍ରାଣା ଓ ସ୍ନେହି ମହିଳା ଥିଲେ। ଗ୍ରାମର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ରହିଥିଲେ। ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ସୁଶାନ୍ତ କୁମାର ଜେନା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଗ୍ରାମ ଓ ଆଖପାଖ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବ୍ଲକ୍ ଅଧକ୍ଷା ମିନତି ସେନାପତି, ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଟିମ ବଡ଼ଚଣାର ସଭାପତି ଆଦିତ୍ୟ ପ୍ରସାଦ ଶତପଥୀ, ଜିଲାପରିଷଦ ସଭ୍ୟ ଯତିନ୍ଦ୍ର ପ୍ରସାଦ ନାୟକ ଓ ସୁରେନ୍ଦ୍ର ସାମଲ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ନକଲି ଶିକ୍ଷକଙ୍କୁ ସୁରକ୍ଷା । ଆପତ୍ତି ଉଠାଇଲେ ଏଜି

ଯାଜପୁର ଅଫିସ,୧୯।୫

■ ତୁରନ୍ତ ଫଇସଲା କରିବାକୁ ନିର୍ଦ୍ଦେଶ
■ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଡିଇଓ, ବିଇଓଙ୍କୁ ପତ୍ର

ରାଜ୍ୟରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କ ସୁରକ୍ଷାରେ ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ଏହି ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପ୍ରମାଣପତ୍ର ଜାଲ୍ ବୋଲି ଯାଞ୍ଚ ପ୍ରକ୍ରିୟାରେ ସ୍ପଷ୍ଟ ହେବା ସତ୍ତ୍ୱେ ବିଇଓମାନେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏ ନେଇ ହାଇକୋର୍ଟରେ ମାମଲା ଚାଲିଥିବାବେଳେ ବିଇଓମାନଙ୍କ ଅବହେଳା ସମ୍ପର୍କରେ ଆଡଭୋକେଟ ଜେନେରାଲ(ଏଜି) ଏବଂ ଅତିରିକ୍ତ ଆଡଭୋକେଟ ଜେନେରାଲ(ଏଏଜି) ଗୁରୁତର ଆପତ୍ତି ଉଠାଇଛନ୍ତି। ତୁରନ୍ତ ଏହି ମାମଲାଗୁଡ଼ିକୁ ଆଇନ ଅନୁସାରେ ଶେଷ କରିବାକୁ ଏଜି ନିର୍ଦ୍ଦେଶ ଦେଇଛନ୍ତି। ଏହିମର୍ମରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ନିର୍ଦ୍ଦେଶକ ନକଲି ଶିକ୍ଷକ ମାମଲାଗୁଡ଼ିକ ଉପରେ ବ୍ୟକ୍ତିଗତ ଭାବେ ଧ୍ୟାନଦେବାକୁ ଜିଲା ଶିକ୍ଷାଧିକାରୀ (ଡିଇଓ) ଏବଂ ବିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଇଇ ନିର୍ଦ୍ଦେଶକ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଏହାସହ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ନିର୍ଦ୍ଦେଶାଳୟରେ ପହଞ୍ଚାଇବାକୁ ନିର୍ଦ୍ଦେଶକ ଚେତାବନୀ ଦେଇଛନ୍ତି। ଏଥିରୁ ରାଜ୍ୟରେ ବିଭିନ୍ନ ଜାଲ୍ ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରୁଥିବା ବ୍ୟକ୍ତିବିଶେଷଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ସମ୍ପୃକ୍ତ ଅଧିକାରୀମାନେ ସୁରକ୍ଷା ଦେଉଥିବା ସନ୍ଦେହ ସାଧାରଣରେ ଆହୁରି ଦୃଢ଼ୀଭୂତ ହୋଇଛି।




ଜାଲ୍ ଜାତିଗତ ଓ ଶିକ୍ଷାଗତ ପ୍ରମାଣପତ୍ର ଆଧାରରେ ଶିକ୍ଷକତା କରୁଥିବା ପ୍ରାୟ ୪୦୦ ଜଣଙ୍କ ତାଲିକା ଡିଇଇ ପକ୍ଷରୁ ହୋଇଛି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଇଇ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ବିଇଓ ଏବଂ ଉଚ୍ଚ ପଦସ୍ଥ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି। ଏପରି କି ସେମାନେ କାର୍ଯ୍ୟାନୁଷ୍ଠାନ ଚେତାବନୀକୁ ମଧ୍ୟ ଖାତିର କରୁନାହାନ୍ତି। ସବୁଠୁ ବଡ଼କଥା, କେତେଜଣ ବିଇଓ ମଧ୍ୟ ଜାଲ୍ ଜାତିଗତ ପ୍ରମାଣପତ୍ର ହାସଲ କରି ଚାକିରି କରୁଛନ୍ତି। ବଡ଼ଚଣାରୁ କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଥିବା ଜଣେ ବିଇଓଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଶିକ୍ଷା ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଜାଲ୍ ପ୍ରମାଣପତ୍ରଧାରୀଙ୍କ ବିରୋଧରେ ହାଇକୋର୍ଟରେ ଏହି ମର୍ମରେ ସଞ୍ଜୟ କୁମାର ମହାରଣା ଡବ୍ଲ୍ୟୁପିସି(ସି)୧୮୭୫୨/୨୦୧୮ରେ ଏକ ମାମଲା ରୁଜୁ କରିଛନ୍ତି। ଡିଇଇ ପକ୍ଷରୁ ଏହି ମାମଲା ଉପରେ ଅତିରିକ୍ତ ସତ୍ୟପାଠ ଦାଖଲ କରିବା ସମୟରେ ବିଇଓମାନଙ୍କ ଅବହେଳା ସାମ୍ନାକୁ ଆସିଛି। ବିଇଓମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅନେକ ଜାଲ୍ ପ୍ରମାଣପତ୍ରଧାରୀ ଏବେ ବି ଚାକିରି କରୁଛନ୍ତି। କେତେଜଣ ନିଲମ୍ବିତ ହୋଇଥିଲେ ହେଁ ସେମାନଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କିମ୍ବା ସରକାରୀ ଦରମା ଫେରସ୍ତ ଆଦି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଡିଇଇ ନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟରେ ମାମଲାଗୁଡ଼ିକୁ ଫଇସଲା କରିବାକୁ ଏକାଧିକ ନିର୍ଦ୍ଦେଶ ଦିଆଯାଉଛି। କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ। ତେଣୁ ହାଇକୋର୍ଟ ପକ୍ଷରୁ ଏଜି ଉଦ୍‌ବେଗ ପ୍ରକାଶ କରିଛନ୍ତି ବୋଲି ଡିଇଇ ନିର୍ଦ୍ଦେଶକ ବିଇଓ ଓ ଡିଇଓମାନଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

## ଚଷମା ବିତରଣ ଶିବିର




ପ୍ରୀତିପୁର,୧୯।୫(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ଗ୍ରାମର ଦଣ୍ଡାସାହି ମହିଳା କୃଷି ସମୃଦ୍ଧି ସମବାୟ ସମିତି ଆନୁକୁଲ୍ୟରେ ଅବସରପ୍ରାପ୍ତ ଶିକ୍ଷକ ହରି ସାହୁଙ୍କ ସଭାପତିତ୍ୱରେ ଏକ ଚଷମା ବିତରଣ ଶିବିର ସମିତି ଗୃହ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତ୍ରିଲୋଚନ ରାଉତ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅକ୍ଷୟ କୁମାର ବେହେରା, ଅନୁଷ୍ଠାନର ସଭାନେତ୍ରୀ ଅଞ୍ଜଳି ସାହୁ ଓ ସମ୍ପାଦିକା ଭାଗ୍ୟଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଚକ୍ଷୁ ପରୀକ୍ଷା କରାଯାଇ ୭୦ ଜଣଙ୍କୁ ଚଷମା ବିତରଣ କରାଯାଇଥିଲା। ସଭାକୁ ରତ୍ନାକର ସାହୁ ସଞ୍ଚାଳନ କରିଥିଲେ। ଉମାକାନ୍ତ ରାଉତ, ଜୟନ୍ତ କୁମାର ସାହୁ, ରୁନୀଲ କୁମାର ସାହୁ ଏବଂ ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ମା’ ବିରଜାଙ୍କ ସାବିତ୍ରୀ ବ୍ରତ


ମା’ବିରଜାଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁ।

ଯାଜପୁର ଟାଉନ,୧୯।୫ (ଡି.ଏନ.ଏ.)

ସୁରକ୍ଷା ପାଇଁ ଦେଢ଼ ପ୍ଲାଟୁନ୍ ଫୋର୍ସ,୧୦ ପୋଲିସ ଅଧିକାରୀ ନିୟୋଜିତ

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ସାବିତ୍ରୀ ବ୍ରତ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ହଜାରହଜାର ବ୍ରତ ରଖିଥିବା ମହିଳାଙ୍କ ସମାଗମ ହୋଇଥିଲା। ସମସ୍ତ ପୂଜା କାର୍ଯ୍ୟଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି। ମା’ଙ୍କ ସିଂହଦ୍ୱାର ୬ଟା୩୦ରେ ଖୋଲିବା ପରେ ଅପେକ୍ଷାରତ ମହିଳା ଭକ୍ତ ଧାଡ଼ିରେ ଯାଇ ମା’ଙ୍କୁ ଦର୍ଶନ କରିଥିଲେ। ପାଗ ଅନୁକୂଳ ଥିବାରୁ ଭକ୍ତଙ୍କ ଭିଡ଼ ଅପରାହ୍ନ ପର୍ଯ୍ୟନ୍ତ ଲାଗି ରହିଥିଲା। ସନ୍ଧ୍ୟାରେ ମଧ୍ୟ ଭିଡ ଦେଖିବାକୁ ମିଳିଥିଲା। ଭକ୍ତଙ୍କୁ ଖରାରୁ ରକ୍ଷା ପାଇଁ ଅସ୍ଥାୟୀ ଟେଣ୍ଟ ବ୍ୟବସ୍ଥା ସହ ପଙ୍ଖା ଲଗାଯାଇଥିଲା। ଯାଜପୁର ଟାଉନ ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଶାନ୍ତି ଶଙ୍ଖଳା ରକ୍ଷା କରିଥିଲେ।



ମନ୍ଦିର ପ୍ରଶାସନ ତରଫରୁ ମହିଳା ଶ୍ରଦ୍ଧାଳୁଙ୍କୁ ଡାକବାଜୀ ଯନ୍ତ୍ରଦ୍ୱାରା ଚୋରି ଓ ପକେଟମାରୁ ପ୍ରତି ସଚେତନ ରହିବାକୁ ଅନୁରୋଧ କରାଯାଇଥିଲା। ମନ୍ଦିର ମଧ୍ୟରେ ଅସ୍ଥାୟୀ ସୂଚନା କେନ୍ଦ୍ରରେ ସୂଚନା ଦିଆଯାଇଥିଲା। ମନ୍ଦିରର ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ଗୋପୀନାଥ କୁଅଁର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିବାବେଳେ ମାଜିଷ୍ଟ୍ରେଟ୍ ଭାବେ ଯାଜପୁର ସହକାରୀ ଜିଲାପାଳ ଶାନ୍ତିଲତା ବୁଡ଼ିୟାଲ ଉପସ୍ଥିତ ଥିଲେ। ମହିଳା ଭକ୍ତ ଶାଢ଼ି, ଶଙ୍ଖା, ସିନ୍ଦୂର, ବ୍ରତ ସହିତ ବିଭିନ୍ନ ପ୍ରକାରର ଫଳ, ଫୁଲ ଭୋଗ ଆଣି ମନ୍ଦିରରେ ପହଞ୍ଚିବା ସହ ଦୀପ ଓ ଧୂପ ଜାଳି ମା’ଙ୍କୁ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ ୧୫୦ରୁ ଊର୍ଦ୍ଧ୍ୱ ସେବାୟତ ପୂଜାକାର୍ଯ୍ୟ କରିଥିଲେ। ସ୍ୱାସ୍ଥ୍ୟବିଭାଗ, ଅଗ୍ନିସେବା, ପାନୀୟ ଜଳ ବିଭାଗ ଓ ପୌରପାଳିକାର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆମେ ବିପଦର ବନ୍ଧୁ ଡ୍ରାଇଭର ମହାସଂଘ ଓ ମା’ ପୁଣ୍ୟତୋୟା ସେବା ସମିତି ପକ୍ଷରୁ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଦେଢ଼ ପ୍ଲାଟୁନ୍ ଫୋର୍ସ ସହ ୧୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।

# ୫ମ ଅର୍ଥ ଆୟୋଗଙ୍କ ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ

ଚଣ୍ଡିଖୋଲ,୧୯।୫(ଡି.ଏନ.ଏ.)

୮ ସରପଞ୍ଚ, ପିଇଓଙ୍କୁ ବିଡିଓଙ୍କ ନୋଟିସ

ବଡ଼ଚଣା ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତରେ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ଅର୍ଥ ଆୟୋଗରେ ଆସିଥିବା ଟଙ୍କା ଅଦ୍ୟାବଧି ଖର୍ଚ୍ଚ ହୋଇ ପାରିନାହିଁ। ଏନେଇ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)ମାନଙ୍କୁ ଚିଠି ଲେଖି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ୫ ଦିନ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୮।୫।୨୦୨୩ରେ ଚିଠି ସଂଖ୍ୟା-୨୪୬୩ରେ ବିଡିଓ ଉଲ୍ଲେଖ କରିଛନ୍ତି ଯେ, ବ୍ଲକ୍‌ର ଗୋପାଳପୁର, କାଇମାଟିଆ, କୁନ୍ଦଲ, ମାଣ୍ଡୁକା, ନଳୀପୁର, ପତରାଜପୁର, ସମିଆ ଓ ସୁଗୁଡ଼ା ପଞ୍ଚାୟତରେ ଉପରୋକ୍ତ ଯୋଜନା କୌଣସି ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଫଳରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହାକୁ ଗୁରୁତର ସହ ନେଇ ବ୍ଲକ ପ୍ରଶାସନକୁ ଚିଠି ଲେଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ତେଣୁ ବ୍ଲକ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଏଠାରେ ଜଣେଜଣେ ପିଇଓ ୩ରୁ ୪ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ତେଣୁ କିପରି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ହେବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏସମ୍ପର୍କରେ ବିଡିଓ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଉନ୍ନୟନ କାର୍ଯ୍ୟର ଟଙ୍କା ଖର୍ଚ୍ଚ ହୋଇ ପାରୁନାହିଁ। ସେଥିନେଇ ସମସ୍ତଙ୍କୁ ଚିଠି ଲେଖାଯାଇଛି।

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଛାତ୍ରୀ ଆତ୍ମହତ୍ୟାର ତଦନ୍ତ

ରସୁଲପୁର,୧୯।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ଯୁକ୍ତ ଦୁଇ ଛାତ୍ରୀ ଆରତି ମଲିକଙ୍କ ଆତ୍ମହତ୍ୟା ଘଟଣାର ଶୁକ୍ରବାର ତଦନ୍ତ କରାଯାଇଛି। ରସୁଲପୁର ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ନିରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୋଲିସ ଛାତ୍ରୀଙ୍କ ମୃତଦେହ ତନଖି କରିବା ପରେ ବ୍ୟବଚ୍ଛେଦ ପାଇଁ ଯାଜପୁର ବଡ଼ ମେଡିକାଲକୁ ପଠାଇଛି। ଗୁରୁବାର ଅପରାହ୍ନରେ ଆରତି ଶୋଇବା ଘର ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ। ମା’ବାପା ଓ ପରିବାର ଲୋକଙ୍କ ଅନୁପସ୍ଥିତିରେ ଏଭଳି ଘଟଣା ଘଟିଥିଲା ବୋଲି ପରିବାର ଲୋକେ କହିଥିଲେ। ଉକ୍ତ ଘଟଣାକୁ ନେଇ ଆରତିଙ୍କ ବାପା ସୁରେନ୍ଦ୍ର ମଲିକ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାର ଦେଖାଯାଇଥିଲା। ଏହି ଘଟଣାକୁ ନେଇ ପୋଲିସ ମନରେ ସନ୍ଦେହଜାତ ହେବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତନଖି କରିବାକୁ ସ୍ଥିର କରାଯାଇଥିଲା। ତଦ୍‌ନୁଯାୟୀ ଗୁରୁବାର ରାତିରେ ମୃତଦେହ ଥିବା ଘରକୁ ସିଲ କରି ଦିଆଯାଇଥିଲା। ଉକ୍ତ ଘଟଣାକୁ ନେଇ ଥାନାରେ ଅପମୃତ୍ୟୁ ମାମଲା ନଂ.୫/୨୩ରେ ରୁଜୁ କରାଯାଇଛି।

## କୁଆଁରିଆ ସେତୁ ଉଦ୍‌ଘାଟିତ


ଅତିଥି ସେତୁ ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା,୧୯।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗରଠାରେ ନିର୍ମିତ କୁଆଁରିଆ ସେତୁ ଉଦ୍‌ଘାଟିତ ହୋଇଯାଇଛି। ହାଇଲେଭଲ କେନାଲର କୁଆଁରିଆ ନାଳ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ୨କୋଟି ୯୧ଲକ୍ଷ ୨୭ହଜାର ୯୪୪ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କରାଯାଇଛି। ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସେତୁର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଗମନାଗମନ କ୍ଷେତ୍ରରେ ଏହି ସେତୁ ଅଧିକ ସହାୟକ ହେବ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସ, ସହକାରୀ ଯନ୍ତ୍ରୀ ନରେନ କୁମାର ଜେନା, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଜିଲାପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ସ୍ମୃତିରେଖା ବେହେରା, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ସମିତିସଭ୍ୟା ତିଳୋତମା ବରାଳ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ବରିଷ୍ଠ ନେତା ଡ. ପ୍ରିୟନାଥ ମହାପାତ୍ର, ଯୁବନେତା ପ୍ରହ୍ଲାଦ ଲେଙ୍କା, ସୁଶୀଲ ମହାନ୍ତି ଓ ପ୍ରସନ୍ନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବ୍ରିଟିସ ଅମଳରୁ ନିର୍ମାଣ ହୋଇଥିବା ସେତୁଟି କାଳକ୍ରମେ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲା। ଫଳରେ ବନ୍ୟା ସମୟରେ ଏହି ସେତୁ ମାଧ୍ୟମରେ ଜଳ ନିଷ୍କାସନ ହୋଇପାରୁ ନ ଥିଲା। ତେଣୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉଦ୍ୟମକ୍ରମେ ଏଠାରେ ଏକ ନୂତନ ସେତୁ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହୁତ ହେବା ପରେ ସେତୁ ନିର୍ମାଣ ଆରମ୍ଭ କରାଯାଇଥିଲା।

## ଜାରକାଠାରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ଧର୍ମଶାଳା,୧୯।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ କାରଷ୍ଟାଣ୍ଡ ପରିସରରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି। ଏଥିରେ ଚଳିତ ବର୍ଷର ସାହାଯ୍ୟକାରୀକୁ ସାହାଯ୍ୟ ଥିମ ରହିଥିଲା। ସଂଯୋଜକ ମୋହନଲାଲ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କଳିଙ୍ଗଟିଭି ଯାଜପୁର ପ୍ରତିନିଧି ଅବିନେଶ୍ୱର ଶତପଥୀ ଯୋଗଦେଇ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଧର୍ମଶାଳା ଅଟୋ ଡ୍ରାଇଭର ସଂଘ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ ଅନୁଷ୍ଠାନର କର୍ମଚାରୀ ଦେବବ୍ରତ କର, ସିଲନ କୁମାର ବେହେରା, ଅଭିଜିତ ସାମଲ, ସୁଶାନ୍ତ କୁମାର ପ୍ରଧାନ, ମାନିନୀ ତ୍ରିପାଠୀ ଓ ସୁଶାନ୍ତ କୁମାର ମଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଆଜିଠାରୁ ରାଜ୍ୟସ୍ତରୀୟ ନାମ ସଂକୀର୍ତ୍ତନ ମହୋତ୍ସବ



ରାଜ୍ୟସ୍ତରୀୟ ସଙ୍କୀର୍ତ୍ତନ ମହୋତ୍ସବ ଓ ସନ୍ଥ ସମ୍ମିଳନୀ ପାଇଁ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅତିଥି ଏବଂ କର୍ମକର୍ତ୍ତା ।

ଯାଜପୁରରୋଡ୍, ୧୯।୫ (ଡି.ଏନ.ଏ.)

ମେ’ ୨୦ ଓ ୨୧ ଦୁଇଦିନ ଧରି ଚୋରଦା କାଳୀମେଲଣ ପଡ଼ିଆଠାରେ ରାଜ୍ୟସ୍ତରୀୟ ସଙ୍କୀର୍ତ୍ତନ ମହୋତ୍ସବ ଓ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ପରିଚାଳନା ନିମନ୍ତେ ମେଲଣ ପଡ଼ିଆଠାରେ ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ପରେ ସମସ୍ତ କାର୍ଯ୍ୟକର୍ତ୍ତା, କ୍ଷେତ୍ରୀୟ ସଙ୍ଗଠକ ଓ ଶ୍ରଦ୍ଧାଳୁଙ୍କୁ ନେଇ ଏକ ଚୂଡାନ୍ତ ପ୍ରସ୍ତୁତି ସଭା ମହୋତ୍ସବ କମିଟିର ମୁଖ୍ୟ ସଂଯୋଜକ ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ମାର୍ଗଦର୍ଶକ ସ୍ୱାମୀ ଉଦୟ ପର୍ବତ ମହାରାଜ, ବ୍ୟାସନଗର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ମଲ୍ଲିକ, ମୁଖ୍ୟ ଉପଦେଷ୍ଟା ବିଦ୍ୟାଧର ମହାନ୍ତି, ମୁଖ୍ୟକର୍ତ୍ତା ରବିନାରାୟଣ ପୁହାଣ, ଗଦାଧର ମହାନ୍ତି, କାଉନସିଲର ମଣିନ୍ଦ୍ର ସାହୁ, ସିଦ୍ଧାର୍ଥ ସାମଲ, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ବୋଇତାଇ ଓ ଶିଶିର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ହଜାରହଜାର ଗୌର ଭକ୍ତଙ୍କ ସମାବେଶ ବ୍ୟାସନଗର ସହର ପାଇଁ ଇତିହାସ ସୃଷ୍ଟି କରିବ। ତେଣୁ ସ୍ଥାନୀୟ ପ୍ରଶାସନର ସହିଯୋଗ ଜରୁରୀ ବୋଲି କର୍ମକର୍ତ୍ତା ମତପ୍ରକାଶ କରିଥିଲେ। ୨୦ରେ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହେବ । ୨୧ରେ ସହରର ଚାନ୍ଦମା, ଧାବଳଗିରି, ଦଳା ଓ ଗୋଶାଳାଠାରୁ ସଙ୍କୀର୍ତ୍ତନମଣ୍ଡଳୀ ବାହାରି ଚୋରଦା ବାଇପାସଠାରେ ଏକତ୍ରିତ ହେବେ। ସେଠାରୁ ଏକ ଶୋଭାଯାତ୍ରାରେ ମେଲଣ ପଡିଆକୁ ପ୍ରବେଶ କରିବାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ସମାରୋହରେ ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ କୀର୍ତ୍ତନମଣ୍ଡଳୀ ଯୋଗଦେବା ସହିତ ଅନେକ ସାଧୁସନ୍ଥ ଏବଂ ୫୦୦୦ରୁ ଊର୍ଦ୍ଧ୍ୱ ଗୌର ଭକ୍ତ ଯୋଗଦେବେ ବୋଲି ସୂଚନା ମିଳିଛି।

# ଗଛଡାଳ ଭାଙ୍ଗିଲା, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା

ରସୁଲପୁର,୧୯।୫(ଡି.ଏନ.ଏ.)

କାଳବୈଶାଖୀ ତାଣ୍ଡବ
■ ଯାତାୟାତ ବାଧାପ୍ରାପ୍ତ, ୩୦ରୁ ଊର୍ଦ୍ଧ୍ୱ ଗାଁ ଅନ୍ଧାର

ରସୁଲପୁର ବ୍ଲକ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ନରେ ସ୍ୱଳ୍ପ ଅବଧିର ଝଡ଼ତୋଫାନ ଯୋଗୁ ଓଡ଼ିଶୋ ପଞ୍ଚାୟତ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଏହି ରାସ୍ତା ପାର୍ଶ୍ୱରେ ଥିବା ଗଛଗୁଡ଼ିକର ଡାଳ ଭାଙ୍ଗି ପଡ଼ିବାରୁ ବାରବାଟୀ-ବାହାବଳପୁର ପୂର୍ତ୍ତ ବିଭାଗ ରାସ୍ତା, ବାରବାଟୀ-ମାନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଜୁଳି ଆଲୁଅ ନ ଥିବାରୁ ୩୦ରୁ ଊର୍ଦ୍ଧ୍ୱ ଗାଁ ଅନ୍ଧାରରେ ରହିଛି। ଗାଁ ଲୋକେ ରାସ୍ତା ଉପରୁ ଗଛ ଡାଳଗୁଡିକୁ କାଟି ସଫା କରି ଯାତାୟାତକୁ ସୁଗମ କରିଛନ୍ତି। ବିଦ୍ୟୁତ ବିଭାଗର କର୍ମଚାରୀ ବିଦ୍ୟୁତ ସରବରାହକୁ ସଜାଡିବା ଦିଗରେ ବ୍ୟସ୍ତ ଅଛନ୍ତି। ତେବେ କେତେବେଳ ବିଜୁଳି ଆଲୁଅ ସ୍ୱାଭାବିକ ହୋଇପାରିବ ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ପାରୁନାହିଁ।


କାଳବୈଶାଖୀ ପ୍ରଭାବରେ ଗଛଡାଳ ଭାଙ୍ଗି ପଡିଛି।

ଦିନରେ ତାତି ସାଙ୍ଗକୁ ଗରମ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଥିବାବେଳେ ଅପରାହ୍ନ କାଳବୈଶାଖିରେ କଚ୍ଛାଘର, ପନିପରିବା କ୍ଷେତ, ବଡ଼ବଡ଼ ଗଛ, ବିଦ୍ୟୁତ ସରବରାହ ଆଦି ବିଶେଷ କ୍ଷତିଗ୍ରସ୍ତ ହେଉଛି। ବିଜୁଳି ଆଲୁଅ ନ ଥିବାରୁ ଲୋକେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତି ଏହି ବ୍ଲକର ବାରବାଟୀ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଓଡ଼ିଶୋ ପଞ୍ଚାୟତ ମାନପୁରଠାରେ ରାସ୍ତା ପାର୍ଶ୍ୱସ୍ଥ ଗଛ ଗୁଡିକର ଡାଳ ଭାଙ୍ଗି ପଡିବାରୁ ବାରବାଟୀ-ଯାଜପୁରରୋଡ, ବାରବାଟୀ-ମଧୁବନକୁ ସଂଯୋଗ କରୁଥିବା ରାସ୍ତା ଦୁଇଟିରେ ଯାତାୟାତ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ରାସ୍ତାଦେଇ ବାରବାଟୀ ବଜାରକୁ ଆସିବାକୁ ହେଲେ ଯାତ୍ରୀଙ୍କୁ ୧୦ କି.ମି.ରୁ ଊର୍ଦ୍ଧ୍ୱ ବୁଲିବାକୁ ପଡ଼ିଛି। ରିପୋର୍ଟ ଲେଖା ହେବା ବେଳକୁ ରାସ୍ତାରୁ ଗଛ ଡାଳଗୁଡିକ ହଟିବା ପରେ ଯାତାୟତ ସ୍ୱାଭିକ ହୋଇପାରିଛି ବୋଲି ସୂଚନା ମିଳିଛି। ହେଲେ ବିଦ୍ୟୁତ୍ ସେବା ବ୍ୟବସ୍ଥିତ ହୋଇପାରି ନ ଥିବାରୁ କୁଆଖିଆ ବିଦ୍ୟୁତ୍ ଡିଭିଜନର ମଠସାହି ସେକ୍ସନ ଅଧୀନ ଓଡ଼ିଶୋ, ସିଂହାପୁର, କଲଣ, ବାରବାଟୀ ଆଦି ପଞ୍ଚାୟତରେ ୩୦ରୁ ଊର୍ଦ୍ଧ୍ୱ ଗାଁ ଅନ୍ଧାରରେ ରହିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୮ ବର୍ଷର ବାଳକ ମୃତ

ରାଜନଗର, ୧୯।୫(ଡି.ଏନ.ଏ.)

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଡାଙ୍ଗମାଳ ଗାଁର ସୁବଳ ଦଳାଇଙ୍କ ୮ ବର୍ଷର ପୁଅ ସଞ୍ଜୀବଙ୍କ ଶୁକ୍ରବାର ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ପୂର୍ବାହ୍ନ ୧୧ଟା ବେଳେ ସଞ୍ଜୀବ ଘର ଆଗରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାକୁ ନ ପାଇ ଖୋଜାଖୋଜି କରିବାରୁ ପୋଖରୀରୁ ପାଇଥିଲେ। ମଧ୍ୟାହ୍ନ ସାଢେ ୧୨ଟା ବେଳେ ସଂକଟାପନ୍ନ ଭାବେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ସେତେବେଳେ ଖାଇବାକୁ ଯାଇଥିଲେ। ତାଙ୍କ ପହଞ୍ଚିବା ସମୟ ବିଳମ୍ବ ହେବାରୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସେ ପହଞ୍ଚି ପ୍ରାଥମିକ ଚିକିତ୍ସା ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଜନଗର ବ୍ଲକ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ରାଜନଗର, ୧୯।୫(ଡି.ଏନ.ଏ.): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରାଜନଗର ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚାନ୍ଦିବାଉଁଶମୂଳର ଛାତ୍ରୀ ଆୟେଶା ମିଶ୍ର ବ୍ଲକ ଟପ୍ପର ହୋଇଛନ୍ତି। ଶୁକ୍ରବାର ରାଜନଗର ବ୍ଲକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ଟପ୍ପର ହୋଇଥିବା ଆୟେଶାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ର ବିଜୁ ଜନତା ଦଳ ସଭାପତି ମନୋଜ କୁମାର ମଲ୍ଲିକ, ଯୁବ ବିଜୁ ଜନତା ଦଳ ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସରୋଜକାନ୍ତ ରାଉତ, ଯୁବ ଜନତା ଦଳର ରବୀନ୍ଦ୍ର ସିଂ, ଛାତ୍ର ନେତା ପ୍ରକାଶ ମଲ୍ଲିକ, ରାକେଶ ରାଉତ, ଲକ୍ଷ୍ମଣ ରାଉତ, ସୁଶାନ୍ତ ବେହେରା, ଦିବ୍ୟ ରଞ୍ଜନ ରାଉତ, ଜଗବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଓଏଏସ୍ ପାଇଲେ ଶୁଭେନ୍ଦୁ ମହାରାଜ

ପାଟକୁରା, ୧୯।୫( ଡି.ଏନ.ଏ.): ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ଭୟଙ୍ଗପଡା ଗ୍ରାମର ଶୁଭେନ୍ଦୁ କୁମାର ମହାରାଜ ଓଏଏସ୍ ପାଇଛନ୍ତି। ତାଙ୍କ ର୍ୟାଙ୍କ ୧୧୫ ଅଛି। ଘଟଗାଁ ଆଦର୍ଶ ବିଦ୍ୟାଳୟର ସେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ମାଣିକପୁର ନୃସିଂହଜୀଉ ଉଚ୍ଚବିଦ୍ୟାଳୟରୁ ଶିକ୍ଷା ଲାଭ କାଲା ପରେ ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟରୁ ବିଇଡି ଓ ଇଂରାଜୀରେ ସ୍ନାତକୋତ୍ତର କରିଥିଲେ। ତାଙ୍କର କୃତିତ୍ୱରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସେ ଭୟଙ୍ଗପଡା ଗ୍ରାମର ଅନିମା ମହାରାଜ ଓ ଗୌରାଙ୍ଗ ମହାରାଜଙ୍କ ପୁତ୍ର ତଥା ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ଭନଜା ଅଟନ୍ତି।

# ଆଇସିଆର୍‌ପି ଅଭିଜ୍ଞତା ପ୍ରମାଣପତ୍ର ପ୍ରତିବନ୍ଧକ

## ଡେରାବିଶରେ ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର ଚୟନ

ଡେରାବିଶ, ୧୯।୫ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନର ଥିବା ୨୬ଟି ପଞ୍ଚାୟତ ମଧ୍ୟରୁ କେତୋଟିରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପୂର୍ବରୁ ଚୟନ କାର୍ଯ୍ୟ ସରିଛି। ମାର୍ଚ୍ଚ ପହିଲାରୁ ୧୩ଟି ଏମବିକେ, ୧୫୧ଟି ସିଆର୍‌ପି ଓ ୯ଟି ବ୍ୟାଙ୍କ ମିତ୍ର ପଦବୀ ପାଇଁ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ତେବେ ଦୀର୍ଘ ୨ ମାସରୁ ଅଧିକ ସମୟ ଧରି ଏହି ପଦବୀ ପାଇଁ ଚାଲିଥିବା ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆବେଦନକାରୀ ପ୍ରାର୍ଥୀମାନଙ୍କ ପାଇଁ ଶିକ୍ଷାଗତ ଯୋଗତା, ମିଶନ ଶକ୍ତିର ଆଇସିଆରପି (ଇଣ୍ଟରନାଲ୍ କମ୍ୟୁନିଟି ରିସୋର୍ସ ପର୍ସନ)ର ଅଭିଜ୍ଞତା ପ୍ରମାଣପତ୍ର ସହ ଅନ୍ୟ ପ୍ରମାଣପତ୍ର ଦାଖଲ କରାଯିବା ପାଇଁ ବିଭାଗୀୟ ନିର୍ଦ୍ଦେଶନାମା ରହିଥିଲା। ମାତ୍ର ଚୟନ କାର୍ଯ୍ୟ ଶେଷ ହେବାକୁ ବସିଥିବା ବେଳେ ଓଡ଼ିଶା ମିଶନ ଶକ୍ତି ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଆସିଥିବା ବିଭାଗୀୟ ନିର୍ଦ୍ଦେଶନାମା ଅନୁସାରେ ଜିଲା ଜୀବିକା ମିଶନ ଯୋଜନା ପରିଚାଳକ କୈଳାସ ଚନ୍ଦ୍ର ସେନାପତି ଚିଠି ନଂ. ୩୯/ଓଏଲଏମ୍/କେଡିପି ୧୫।୪।୨୩ରେ ଡେରାବିଶ ବିଡିଓ, ବ୍ଲକର ମିଶନ ଶକ୍ତି ମହାସଂଘକୁ ଅବଗତ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଆବେଦନକାରୀ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପଦ ପାଇଁ ଆଇସିଆରପି ସାର୍ଟିଫିକେଟ୍ ପ୍ରଦାନ କରିଥିବା ପ୍ରାର୍ଥୀ ଅତିରିକ୍ତ ୪ ମାର୍କ ପାଇବେ। ଏହି ଆଇସିଆରପି ସାର୍ଟିଫିକେଟ୍ ପାଇଁ ପ୍ରାର୍ଥୀ ଜଣକ ଜଣେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଥିବେ। ଏକ ମାସ ମିଶନ ଶକ୍ତି ଦ୍ୱାରା କରାଯାଇଥିବା ଟ୍ରେନିଂରେ ଭାଗ ନେଇଥିବେ। ଟ୍ରେନିଂ ନେଇଥିବା ମହିଳା ଜଣକ ସର୍ବାଧିକ ୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧୦ ଦିନ ଲେଖାଏ ୩୦ ଦିନ କାର୍ଯ୍ୟକରି ପ୍ରଥମ ରାଉଣ୍ଡ ଶେଷ କରିଥିବେ। ସେହିପରି ସମ୍ପୃକ୍ତ ମହିଳା ଜଣକ ତାଙ୍କ ନିଜ ପଞ୍ଚାୟତ ସମେତ ଅନ୍ୟ ଏକ ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ୧୦ ଦିନ କରି ମୋଟ ୩୦ ଦିନ ମିଶନ ଶକ୍ତିର କାର୍ଯ୍ୟକରି ଦ୍ୱିତୀୟ ରାଉଣ୍ଡ ମଧ୍ୟ ସମ୍ପୂର୍ଣ୍ଣ କରିଥିବେ। ସେହି ମହିଳାଙ୍କୁ ଓଏଲ୍‌ଏମ୍ ପକ୍ଷରୁ ଆଇସିଆରପି ଅଭିଜ୍ଞତା ସାର୍ଟିଫିକେଟ୍ ପ୍ରଦାନ କରାଯିବ। ମାତ୍ର ଡେରାବିଶ ବ୍ଲକରେ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ୩ଟି ପଦବୀ ପାଇଁ ଚୟନ କାର୍ଯ୍ୟରେ ଓଏଲଏମ୍ ପକ୍ଷରୁ ଦିଆଯାଇଥିବା ଆଇସିଆରପି ସାର୍ଟିଫିକେଟ୍ ଭୁଲ୍ ବୋଲି ପ୍ରମାଣିତ ହୋଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ପରିଷଦ ପକ୍ଷରୁ ଦିଆଯାଇଥିବା ତାଲିକାରେ ବ୍ଲକ ଅଞ୍ଚଳରେ ମାତ୍ର ୯ ଜଣ ଆଇସିଆରପି ସାର୍ଟିଫିକେଟ୍ ପାଇଛନ୍ତି। ସେମାନେ ହେଲେ ଗୋଲରାହାଟ ପଞ୍ଚାୟତର ଉମୁଲ୍ ହାୟା, ସୁଲୋଚନା ଦୁବେ, ଖୁଲଣା ମାହାଳି, କିରଣବାଳା କାଣ୍ଡି, ହରପ୍ରିୟା ପଣ୍ଡା, ସସ୍ମିତା ଓଝା, ସାବିତ୍ରୀ କାଣ୍ଡି, ପ୍ରମୋଦିନୀ ରଥ, ରଶ୍ମିତା ନାୟକ। ତେବେ ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ଚୟନ ସମୟରେ ଏହି ଅଭିଜ୍ଞତା ସାର୍ଟିଫିକେଟ୍ ପାଇଁ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୪ ମାର୍କ ମିଳିବା କଥା। ଏହି ସୁଯୋଗରେ ବହୁ ଆବେଦନକାରୀ ଅଭିଜ୍ଞତା ନ ଥାଇ କିପରି ଆଇସିଆରପି ସାର୍ଟିଫିକେଟ୍ ହାତେଇଲେ ତାହା ମିଶନ ଶକ୍ତିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଦାନ କରାଯାଇଥିବା ସାର୍ଟିଫିକେଟ୍ କେଉଁଠୁ ଆଣିଲେ ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବରିଷ୍ଠ କଂଗ୍ରେସ ନେତା ରଘୁନାଥ ଶତପଥୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବ୍ଲକ ମିଶନ ଶକ୍ତି ମହାସଂଘର ସମ୍ପାଦିକା ମନୋରମା ରାଉତଙ୍କୁ ପଚାରିବାରୁ ଏହି ଚିଠି ବିଡିଓ ତାଙ୍କୁ ପ୍ରଦାନ କରି ନାହାନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ଏହି ନିର୍ଦ୍ଦେଶନାମା ପ୍ରଥମେ ବ୍ଲକ ମିଶନ ଶକ୍ତିକୁ ଆସିବା ପରେ ମିଶନ ଶକ୍ତି ପକ୍ଷରୁ ମୋତେ ଦିଆଯାଇଛି। ତେବେ ଚୟନ ପ୍ରକ୍ରିୟାରେ ଆଇସିଆରପି ପ୍ରମାଣପତ୍ର ପ୍ରଦାନ କରି ସମ୍ପୃକ୍ତ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥୀଙ୍କ ଭବିଷ୍ୟତ ବର୍ତ୍ତମାନ ଅନ୍ଧାରକୁ ଯାଉଥିବା ଦେଖିବାକୁ ମିଳିଛି।

# ସ୍ମୃତିରେ ରହିଗଲେ ସ୍ମୃତିରେଖା

## ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି

ରାଜନଗର, ୧୯।୫(ଡି.ଏନ.ଏ.)



ସ୍ମୃତିରେଖା ସାହାଣୀ (ଫାଇଲ ଫଟୋ)।

ଜୀବନର ଚଲାପଥରେ ଅନେକ ଘଟଣା ଦୁର୍ଘଟଣାକୁ ଆମେ ସାମ୍ନା କରିଥାଉ। ସବୁ କିନ୍ତୁ ସ୍ମୃତିରେ ରୁହେ ନାହିଁ। କିଛି କଥା, କିଛି ଅଘଟଣ ଆମ ସ୍ମୃତିକୁ ସବୁବେଳେ ସତେଜ ରଖିଥାଏ। ଏମିତି ଏକ ଅଭାବନୀୟ ଦୁଃଖଦ ଘଟଣା ସାତଭାୟାବାସୀଙ୍କ ହୃଦୟକୁ ଥରାଇ ଦେଇଛି। ଗୁରୁବାର ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ। ଏଥିରେ ସାତଭାୟାବାସୀଙ୍କ ନୂଆ ଠିକଣା ଥଇଥାନ ସ୍ଥଳ ବଗପାଟିଆର ମା'ପଞ୍ଚୁବରାହୀ ହାଇସ୍କୁଲର ଛାତ୍ରୀ ସ୍ମୃତିରେଖା ସାହାଣୀ ରଖିଛନ୍ତି ୪୦୪ ନମ୍ବର, ଯାହାକି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର। ଯେତେଜଣ ପରୀକ୍ଷା ଦେଇଥିଲେ ସ୍ମୃତି ଅଧିକ ନମ୍ବର ରଖିବା ଖବର ଯେତେବେଳେ ସାଙ୍ଗସାଥୀ ଜାଣିବାକୁ ପାଇଲେ ଖୁସିରେ ମସଗୁଲ ହେବା ବଦଳରେ ଲୁହରେ ସାଥୀଙ୍କ ଆଖିପତା ଓଦା ହୋଇଯାଇଥିଲା। କାରଣ ସ୍ମୃତିରେଖା ଆଉ ଦୁନିଆରେ ନାହାନ୍ତି। ପରୀକ୍ଷାଫଳ ପ୍ରକାଶ ପାଇବାର ୧୫ଦିନ ତଳୁ ସେ ବାଡ଼ିପଟ ପୋଖରୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ି ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି। ସ୍ମୃତି ବଞ୍ଚିଥିଲେ କେତେ ଖୁସି ହୋଇ ନ ଥାନ୍ତେ ସତରେ। ବିଧିର ବିଚାର କି ବିଚିତ୍ର। କେବଳ ସ୍ମୃତିର ସାଙ୍ଗ ନୁହନ୍ତି ବରଂ ଗାଁ ସାରା ଲୋକଙ୍କ ମନରେ ଅସରନ୍ତି ଶୋକ ବ୍ୟକ୍ତ କରିଛନ୍ତି। ଗୁପ୍ତି ପଞ୍ଚାୟତ ଅନ୍ତର୍ଗତ ଓକିଲପାଳ ଗାଁର ହେମନ୍ତ ସାହାଣୀଙ୍କର ଝିଅ ସ୍ମୃତିରେଖା। ମା' ପଞ୍ଚୁବରାହୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ଲେଙ୍କା, ସରପଞ୍ଚ ପ୍ରସନ୍ନ କୁମାର ପରିଡା, ସୁଦର୍ଶନ ରାଉତଙ୍କ ସମେତ ବହୁ ଲୋକ ସ୍ମୃତିଙ୍କ କୃତିତ୍ୱ ପାଇଁ ଗର୍ବିତ ସତ, ହେଲେ ଏତେ ଗୌରବ ଗାଥାକୁ ଶୁଣିବା ପାଇଁ ଆମ ଗହଣରେ ନାହାନ୍ତି ଆମ ବିଦ୍ୟାଳୟର ସୁନାଝିଅ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟରେ ସବୁଦିନ ସ୍ମରଣ ରଖିବାକୁ ସ୍ମୃତି ଫଳକ ରଖାଯିବା ପାଇଁ ଆମେ ସ୍ଥିର କରିଛୁ ବୋଲି ଦୁଃଖର ସହ କହିଛନ୍ତି। ଏହି ଘଟଣା କେବଳ ସାତଭାୟା ନୁହେଁ ବରଂ ସମଗ୍ର ରାଜନଗର ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ମୃତିଭରା ଶୋକ ଖେଳାଇ ଦେଇଛି ମାଟ୍ରିକ ପରୀକ୍ଷା ଫଳ।

# ଶୀତଳଷଷ୍ଠୀ, ଶିବ ବିବାହ ପାଇଁ ପ୍ରସ୍ତୁତି ବୈଠକ



ଶିବ ବିବାହ ଲାଗି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଶ୍ରୀ ଗର୍ଭେଶ୍ୱର ମନ୍ଦିର କମିଟିର ସଦସ୍ୟମାନେ।

ରାଜନଗର, ୧୯।୫(ଡି.ଏନ.ଏ.)

ରାଜନଗର ବ୍ଲକର ଗୋସିଗାଁସ୍ଥିତ ଶ୍ରୀଗର୍ଭେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ପାଇଁ ଗୁରୁବାର ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟିର ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀଗର୍ଭେଶ୍ୱର ମହାଦେବଙ୍କ ୧୯ତମ ସହସ୍ର କୁମ୍ଭାଭିଷେକ, ଗୀତାଯଜ୍ଞ ଓ ଶିବ ବିବାହ ଉତ୍ସବର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସହସ୍ର କୁମ୍ଭାଭିଷେକର କର୍ତ୍ତା ରୂପେ ରାଜନଗର ବିଧାୟକ ଧ୍ରୁବ ସାହୁ, ଶିବ ବିବାହ ଉତ୍ସବ ନିମନ୍ତେ ବାବା ଗର୍ଭେଶ୍ୱରଙ୍କ ପିତା ରୂପେ ପଟ୍ଟାମୁଣ୍ଡାଇ ବ୍ଲକ ହରିପୁର ଗାଁର କଳାକାର ରାଉତ ଏବଂ କନ୍ୟାପିତା ଭାବେ ରାଜନଗର ଗ୍ରାମର ରବୀନ୍ଦ୍ର ରାଉତ କାର୍ଯ୍ୟ ସମ୍ପନ୍ନ କରିବେ। ୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମେ ୨୦ ତାରିଖରେ ଅଙ୍କୁରାରୋପଣ, ୨୧ରେ କଳସ ଯାତ୍ରା, ୨୨ରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞାଗ୍ନି ସ୍ଥାପନ ଏବଂ ବାବା ଗର୍ଭେଶ୍ୱର ମହାଦେବଙ୍କ ସହସ୍ର କୁମ୍ଭାଭିଷେକ, ୨୩ରେ ସୂର୍ଯ୍ୟପୂଜା, ଗୋପୂଜା, ଗୀତାଯଜ୍ଞ ଅନୁଷ୍ଠିତ ହେବ। ୨୪ ତାରିଖରେ ବାବା ଗର୍ଭେଶ୍ୱର ବରଯାତ୍ରୀ ଏବଂ ବାଜାବାଣ ରୋଶଣି ସହ ନଗର ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣରେ ବିବାହ ଉତ୍ସବ ଅନୁଷ୍ଠିତ ହେବା ସହ ଶିବ ସହସ୍ରନାମ ଓ ପୂର୍ଣ୍ଣାହୁତି ଦିଆଯିବ। ନଗର ପରିକ୍ରମା ସମୟରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ୨୨ ଓ ୨୩ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କମିଟିର ଉପସଭାପତି ବୀର କିଶୋର ଜେନା, ସମ୍ପାଦକ ଚନ୍ଦ୍ରମଣି ରାଉତ, ମହେଶ୍ୱର ବିଶ୍ୱାଳ, ପଞ୍ଚାନନ ପ୍ରଧାନ, ସର୍ବେଶ୍ୱର ମହାନ୍ତି, ଅନନ୍ତ କିଶୋରଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଚାଷୀଙ୍କ ଖାତାକୁ ଗଲା କୃଷି ବୀମା ସହାୟତା ରାଶି

ପଟ୍ଟାମୁଣ୍ଡାଇ, ୧୯।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଚାଷୀମାନେ ୨୦୨୧ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇଥିଲେ। ଚାଷୀଙ୍କ ଫସଲହାନୀ କ୍ଷତି ଭରଣା ପାଇଁ ବୀମା ସହାୟତା ନିମନ୍ତେ ଚାଷୀମାନେ ଆବେଦନ କରିଥିଲେ। ସରକାର କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ରାଜସ୍ୱ ଓ କୃଷି ବିଭାଗକୁ ନେଇ ଯୁଗ୍ମ ତଦନ୍ତକାରୀ ଟିମ ଗଠନ କରିଥିଲେ। ଏହି ଟିମ ସରଜମିନ ନିରୀକ୍ଷଣ କରି କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ମାତ୍ର ବୀମା କମ୍ପାନୀଗୁଡ଼ିକଙ୍କ ଅବହେଳା ଯୋଗୁ ଦୀର୍ଘଦିନ ହେବ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ପାଇବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ଅବଗତ ହେବା ପରେ ଚାଷୀମାନଙ୍କୁ ତୁରନ୍ତ ବୀମା ସହାୟତା ରାଶି ଯୋଗାଇ ଦେବାକୁ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସମବାୟ ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମେ ସମବାୟ ବ୍ୟାଙ୍କ ଓ ସମବାୟ ସମିତିରେ ଚାଷୀଙ୍କ ଖାତାକୁ ବୀମା ସହାୟତା ରାଶି ପଠାଇ ଦିଆଯାଇଛି। ରାଜ୍ୟ ସରକାର ଫସଲହାନୀର ଶିକାର ହୋଇଥିବା ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ବୀମା ସହାୟତା ରାଶି ପ୍ରଦାନ କରିଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ କିଶୋର ତରାଇ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ, ପୌରାଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶିଳ୍ପ ପୂର୍ବରୁ ଜମି ପଟ୍ଟା ପ୍ରଦାନ ଦାବି




ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଅନୁଷ୍ଠିତ ବୈଠକ।

କେନ୍ଦ୍ରାପଡ଼ା ଅଫିସ, ୧୯।୫

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ଶିଳ୍ପାଞ୍ଚଳରେ ଥିବା ଲୋକଙ୍କ ଜମି ପଟ୍ଟା ପ୍ରଦାନ ପାଇଁ ଓଡ଼ିଶା କୃଷକ ସଭା କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ଶୁକ୍ରବାର ଦାବି କରାଯାଇଛି। ସହରର ଖଡ଼ିଅଙ୍ଗସ୍ଥିତ କମିଟି ଜିଲା କାର୍ଯ୍ୟାଳୟରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଗୟାଧର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି କର୍ମକର୍ତ୍ତା ବିଜୟ ଦାସ, ମାନସ ବେହେରା, କାଳି ପ୍ରସାଦ ନାୟକ, ନରୋତ୍ତମ ପାର୍ଥସାରଥି ପ୍ରମୁଖ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଜିଲା ସଭାପତି ଧଳ କହିଛନ୍ତି, ପ୍ରସ୍ତାବିତ ଶିଳ୍ପାଞ୍ଚଳ ୧୦,୪୪୧ ଏକର ଉପରେ ହେବାକୁ ଥିବା ବେଳେ ରାମନଗର, ଖରିନାସୀ ଓ ବଟିଘରର ପ୍ରାୟ ୯୫ ଭାଗ ଲୋକଙ୍କ ଉପରେ ପ୍ରଭାବ ପକାଇବ। ଏଥିରେ ୨୬ଟି ଗ୍ରାମର ଲୋକ ବାସହରା ହେବାକୁ ଯାଉଛନ୍ତି। ଏହି ଲୋକମାନେ ଦୀର୍ଘ ୬୦ରୁ ଊର୍ଦ୍ଧ୍ୱ ବର୍ଷ ଘର ଓ ଚାଷ ବାସ କରୁଥିବା ବେଳେ ସେମାନଙ୍କ ନିକଟରେ ଜମି ସ୍ୱତ୍ୱ ନାହିଁ। ବହୁ ଚାଷୀ ଜଙ୍ଗଲ ଜମି ଦଖଲକାରୀ ଭାବେ ଫର୍ମ କେ'ରେ ଜରିମାନା ଦେଉଛନ୍ତି। ଜମି ଶିଳ୍ପାଞ୍ଚଳକୁ ଗଲେ ଏହି ଲୋକଙ୍କ ଧନଜୀବନ ବିପନ୍ନ ହେବ। ଏହାବ୍ୟତୀତ ସେମାନେ ବାସହରା ହେବେ। ଶିଳ୍ପ ପାଇଁ ଜଙ୍ଗଲ ଜମି ଅଧିଗ୍ରହଣ ହେଉଥିବା ବେଳେ ଏଠାରେ ବାସିନ୍ଦାଙ୍କୁ ସେହି ଜମିର ସ୍ୱତ୍ୱ ପ୍ରଦାନ ନ କରିବା ଦୁର୍ଭାଗ୍ୟଜନକ। ଗତ ୨୦୦୨ରୁ ଅଦ୍ୟାବଧି ପ୍ରାୟ ୩ ହଜାର ପରିବାର ଜମିର ସ୍ୱତ୍ୱ ପାଇଁ ତହସିଲରେ ଆବେଦନ ପତ୍ର ଦାଖଲ କରିଛନ୍ତି। ଶିଳ୍ପ ପୂର୍ବରୁ ବାସହରାଙ୍କୁ ଜମିର ପଟ୍ଟା ପ୍ରଦାନ ପରେ କ୍ଷତିପୂରଣ ଦିଆଯାଇ ଅଧିଗ୍ରହଣ କରାଯାଉ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ଦୁର୍ଘଟଣାପ୍ରବଣ

ମାର୍ଶାଘାଇ, ୧୯।୫(ଡି.ଏନ୍.ଏ.)

ହଳଦିଆଗଡ଼ାଠାରୁ ପାଟକୁରା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମରାମତି ଅଭାବରୁ ଦୁର୍ଘଟଣାପ୍ରବଣ ହୋଇଛି। ଏହି ୧୦କି.ମି. ରାସ୍ତାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହଳଦିଆଗଡ଼ାଠାରୁ ମାଣିକପୁରଗଡ଼ା ପର୍ଯ୍ୟନ୍ତ ଅତ୍ୟନ୍ତ ଶୋଚନୀୟ ହୋଇଛି। ରାସ୍ତା ସାରା ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ଅସାବଧାନ ହୋଇ ଗାଡ଼ି ଚଳାଇଲେ ଦୁର୍ଘଟଣା ଘଟୁଛି। ଏପରି କି ସାଇକେଲ ଓ ପାଦରେ ଚାଲି ଯାଉଥିବା ଲୋକମାନେ ପଡ଼ି ଆହତ ହେଉଥିବା ନଜିର ରହିଛି। ଏ ସଂକ୍ରାନ୍ତରେ ତାଳସଙ୍ଗା ଗ୍ରାମର ଅଶୋକ ବେହେରା, ମାଣିକପୁର ଗ୍ରାମର ବିଶ୍ୱରଞ୍ଜନ ଜେନା ଓ ଅଜୟ ଜେନା ପ୍ରମୁଖ କହିଛନ୍ତି, ଉକ୍ତ ରାସ୍ତାକୁ ମରାମତି କରିବା ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଠିକାଦାର ପୋଷା ଯାଉଛନ୍ତି। ହେଲେ ରାସ୍ତା ଅବସ୍ଥାର କୌଣସି ସୁଧାର ଆସୁନାହିଁ। ପ୍ରତିଦିନ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ବାଇକ୍, କାର, ଟ୍ରକ୍ ଓ ଯାତ୍ରୀବାହୀ ବସ୍ ବିପଦସଙ୍କୁଳ ଅବସ୍ଥାରେ ଯାଆସ କରୁଛି। ଜାତୀୟ ରାଜପଥରୁ ପାଟକୁରାକୁ ଉକ୍ତ ରାସ୍ତା ପ୍ରବେଶ ପଥ ହୋଇଥିବାରୁ ସକାଳୁ ରାତି ପର୍ଯ୍ୟନ୍ତ ଗହଳି ଲାଗି ରହୁଛି। ଯଥାଶୀଘ୍ର ଉକ୍ତ ରାସ୍ତାକୁ ମରାମତି କରିବାକୁ ଦାବି ହୋଇଛି।

# ପାନୀୟ ଜଳ ପ୍ରକଳ୍ପର ଚାବି ଚୋରି, ଥାନାରେ ଏତଲା

## ପାଣି ପାଇଁ ୭ ୱାର୍ଡବାସୀ ଉହଳବିକଳ

ପଟ୍ଟାମୁଣ୍ଡାଇ, ୧୯।୫(ସ୍ୱ.ପ୍ର.)

ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ବିଭିନ୍ନ ସ୍ଥାନରେ ଜଳସଙ୍କଟ ମଧ୍ୟ ବଢ଼ିବାରେ ଲାଗିଛି। ସରକାର ଅର୍ଥ ବ୍ୟୟକରି ବିଭିନ୍ନ ପ୍ରକଳ୍ପ ନିର୍ମାଣ କରି ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପରୁ କେତେଜଣ ଦୁର୍ବୃତ୍ତ ଲଗାଯାଇଥିବା ଚାବିକୁ ତାଡ଼ି ଚୋରିକରି ନେଇଯାଇଛନ୍ତି। ଫଳରେ ପଞ୍ଚାୟତର ୭ଟି ୱାର୍ଡର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବଡ଼ପଡ଼ା ସରପଞ୍ଚ ସୌଦାମିନୀ ସେଠୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ସହ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ଓ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଜଣାଇଛନ୍ତି। ମିଳିଥିବା ରିପୋର୍ଟ ମୁତାବକ, ଶୁକ୍ରବାର ସକାଳୁ କାଠିଆପଡ଼ା, ମିଇଁଜାଉଁଶ ଓ ବଡ଼ପଡ଼ା ଗ୍ରାମକୁ ପାଣି ନ ଆସିବାରୁ ଲୋକେ ସରପଞ୍ଚଙ୍କୁ ଫୋନ୍ କରି ଜଣାଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ପାରେଶ୍ୱର ସେଠୀ ପାଣି ମୋଟର ଖରାପ ହୋଇଥିବ ଭାବି ପମ୍ପ ହାଉସ ଯିବା ବାଟରେ ବାଇଦଣ୍ଡା ଛକ ପାଖରେ ଥିବା ପାଇପ୍ ଲାଇନ ଚାମ୍ବରରୁ ପାଣି ଅନର୍ଗଳ ବାହାରି ଯାଉଥିବା ଦେଖିବାକୁ ପାଇଥିଲେ। ସେଠାରେ ଲାଗିଥିବା ଚାବିକୁ କେହି ଦୁର୍ବୃତ୍ତ ଚୋରିକରି ନେବା ସହ ଅନ୍ୟ ଗୋଟିଏ ଚାବିକୁ ଭାଙ୍ଗି ଦେଇଛନ୍ତି। ଫଳରେ ୩ଟି ଗ୍ରାମର ୭ଟି ୱାର୍ଡ ଲୋକଙ୍କ ନିକଟକୁ ପାଣି ପହଞ୍ଚିପାରୁନାହିଁ। ପିଇବା ପାଣି ପାଇଁ ଲୋକେ ବିଭିନ୍ନ କୂଅ, ପୋଖରୀର ଦୂଷିତ ପାଣି ଉପରେ ନିର୍ଭର କରୁଛନ୍ତି। ଏ ନେଇ ସରପଞ୍ଚ ସେଠୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମାସେ ପୂର୍ବରୁ ବଡ଼ପଡ଼ା ସୁଜନି କ୍ଲବ ପାଖରେ ପୋଖରୀକୁ ପାଣି ପୂରାଇବାକୁ କେତେଜଣ ଲୋକ ପାଇପ୍ କାଟି ଦେଇଥିବା ବେଳେ ୧୫ ଦିନ ହେବ ଧୋବଣୀ ଆଡ଼ି ନିକଟରେ ପାଇପ୍ କାଟି ଦେଇଥିଲେ। ସେଗୁଡ଼ିକ ମରାମତି କରାଯାଇ ପାଣି ଠିକ୍ ଭାବେ ଦିଆଯାଉଥିଲା ବୋଲି ସରପଞ୍ଚ ସେଠୀ କହିଛନ୍ତି।



ପାଇପ ଲାଇନରେ ଲାଗିଥିବା ଚାବିକୁ ଦୁର୍ବୃତ୍ତ ତାଡି ନେଇଯାଇଛନ୍ତି।

# ଗୁଳୁଗୁଳି, ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ

- ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡ଼ିବାକୁ ଦାବି
- ବିଲରେ ପନିପରିବା ଫସଲ ଜଳିଯାଉଛି
- ଅଘୋଷିତ ବିଦ୍ୟୁତ୍ କାଟ ପରିସ୍ଥିତିକୁ ସଙ୍ଗିନ କରୁଛି
- ଇଟା ନିଆଁରେ ଲୋକେ ଅତିଷ୍ଠ

ପଟ୍ଟାମୁଣ୍ଡାଇ, ୧୯।୫(ସ୍ୱ.ପ୍ର.)



ପଟ୍ଟାମୁଣ୍ଡାଇ କେନାଲ ଶୁଖିଲା ପଡ଼ିଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତଥା ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେଲା ପ୍ରବଳ ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଦୈନିକ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗତ ୪ରୁ୫ ସପ୍ତାହ ଧରି କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଦିନ ୧୦ଟା ପରେ ଘରୁ ପଦାକୁ ଗୋଡ କାଢ଼ି ହେଉନାହିଁ। ଏଥିସହ ଅସହ୍ୟ ଗୁଳୁଗୁଳି ପରିସ୍ଥିତିକୁ ଅଧିକ ସଙ୍ଗିନ କରୁଛି। ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା କରିବାକୁ ପଦାକୁ ଯିବା ପାଇଁ ପ୍ରଚଣ୍ଡ ରୌଦ୍ରତାପରେ ସାହସ ଜୁଟାଇ ପାରୁନାହାନ୍ତି। ଗ୍ରୀଷ୍ମଋତୁ ଆରମ୍ଭରୁ ବାରମ୍ବାର ଅଘୋଷିତ ବିଦ୍ୟୁତକାଟ୍ ପରିସ୍ଥିତିକୁ ଗମ୍ଭୀର କରିଛି। ବାରମ୍ବାର ବିଦ୍ୟୁତକାଟର କାରଣକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ଥିବାବେଳେ ଏହାର ଠିକ୍ କାରଣ ସାଧାରଣ ଲୋକେ ଖୋଜି ପାଉନାହାନ୍ତି। ଅପରପକ୍ଷେ ବେଆଇନ ଇଟାଭାଟି ନିଆଁ ତାତିକୁ ଦ୍ୱିଗୁଣିତ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ ବସିଛି। ଅନ୍ୟପକ୍ଷରେ ଅତ୍ୟନ୍ତ ଗୁଳୁଗୁଳି ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଟାଣ ଖରା ପାଇଁ ବିଲରେ ପନିପରିବା ଫସଲ ଜଳି ମରି ଯାଇଥିବା ଦେଖିବାକୁ ମିଳୁଛି।

ପଟ୍ଟାମୁଣ୍ଡାଇର କଷଣଅଣ୍ଟା, ତଳବାଲିପଡା, ବାଲିପଡା, ନନ୍ଦିନୀନଗର, ସିଦ୍ଧପାଟଣା, ତନୁପୁର, ବାଛରା, ମଣ୍ଡପଡ଼ା, କାକୁଡ଼ିପଲ୍ଲୀ, ନୂଆଗାଁ, ବାଲିପାଟଣା, ଷଣ୍ଢପଲ୍ଲୀ, ନିମପୁର, ଅଳଭା, ଶ୍ରୀରାମପୁର, ପାଳପାଟଣା, କଦମ୍ବଦାଣ୍ଡି, ଡାମରପୁର, ବଳଭଦ୍ରପୁର, ଅଠରବାଟିଆ, ଛେଦରା, ଗୁଣ୍ଡୁପୁର, ହଳଧରପୁର, ଶିମିଳିଆ, ଡିହାପଡ଼ା, ଅଇନିପଡ଼ା, ବଡପଡ଼ା, ବଡ଼ମୋହନପୁର, ଦିହୁଡ଼ିପୁର, ଆମ୍ବେର, ଖଡ଼ିଅଣ୍ଟା ଆଦି ଅଞ୍ଚଳରେ ବ୍ୟାପକ ଭାବେ ପନିପରିବା ଫସଲ ଚାଷ ହୋଇଥିବାବେଳେ ସେଗୁଡ଼ିକ ଟାଣ ଖରା ଓ ପାଣି ଅଭାବରୁ ବିଲରେ ମରି ନଷ୍ଟ ହେଇଯାଉଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରି ଥିବା ଶାଖା କେନାଲଗୁଡ଼ିକ ବର୍ଷା ଋତୁ ପରଠାରୁ ଶୁଖିଲା ପଡ଼ିଛି। ଅନ୍ତତଃ ପକ୍ଷେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡ଼ା ଗଲେ ଏଥିରୁ ବାହାରିଥିବା ଶାଖା କେନାଲଗୁଡ଼ିକରେ ପାଣି ଯିବା ଦ୍ୱାରା ପଟ୍ଟାମୁଣ୍ଡାଇର ବ୍ୟାପକ ଅଞ୍ଚଳରେ ଜଳ ସମସ୍ୟା ସମାଧାନ ହେବା ସହ ଉତ୍ତାପ ହ୍ରାସ ଦିଗରେ ଏହା ସହାୟକ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେନାଲରେ ପାଣି ଛଡ଼ା ଗଲେ ଉଭୟପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଜନସାଧାରଣ ଆଶ୍ୱସ୍ତି ଅନୁଭବ କରିବେ। ଅନ୍ୟପକ୍ଷରେ ଖରାଦିନ ପାଇଁ ଚାରଣଭୂମିଗୁଡ଼ିକରେ ଘାସ ଅଭାବରୁ ଓ ଗୃହପାଳିତ ପଶୁମାନଙ୍କୁ ପଶୁପାଳକମାନେ ଗୋଠରେ ବାନ୍ଧି ଖାଦ୍ୟ ଖୁଆଇବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ ଖୋଲା ଛାଡ଼ି ଦେଉଛନ୍ତି। ଫଳରେ ଶତାଧିକ ଗୃହପାଳିତ ପ୍ରାଣୀ ପକ୍ଷୀମାନେ ବାହାରେ ବୁଲିବା ସମୟରେ ଗାଡ଼ିଆ, ପୋଖରୀ ଶୁଖିଲା ପଡ଼ିଥିବାରୁ ଶୋଷ ମେଣ୍ଟାଇବା ପାଇଁ ପାଣି ନ ପାଇ ଉହଳ ବିକଳ ହେଉଛନ୍ତି। କେନାଲଗଡ଼ିକରେ ପାଣି ଛଡାଗଲେ ଦଣ୍ଡା, ଗୋହିରୀ, ନୟନଜୋରି ଓ ବିଲରେ ବୁଲୁଥିବା ଗୃହପାଳିତ ପଶୁମାନଙ୍କୁ ତୃଷ୍ଣା ମେଣ୍ଟାଇବା ପାଇଁ କେନାଲରୁ ପାଣି ପିଇବା ସମ୍ଭବ ହୋଇପାରନ୍ତା। ତାପମାତ୍ରା ହ୍ରାସ ନ ହେଲେ ଓ କେନାଲରେ ପାଣି ଛଡ଼ା ନ ଗଲେ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର କରି ଜେଲ ଗଲେ ଯୁବକ

**ନୟାଗଡ଼ ଅଫିସ,୧୯।୫:** ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଲାଠିପଡ଼ା ଗାଁର ଜଗୁ ଜେନା(୫୦)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜଗୁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ଜଗୁ ସ୍ଥାନୀୟ ଅଞ୍ଚଳରେ ଏକ ଘରେ ଭଡ଼ାରେ ରହୁଥିଲେ। ସେ ୧୧ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗ ପରେ ପୋଲିସ ନଂ. ୮୩/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀ ମାଇନା କରିଥିଲା। ସେହିପରି ନାବାଳିକାଙ୍କୁ ମଧ ଅନୁରୂପ ଭାବେ ଡାକ୍ତରୀ ମାଇନା କରାଯାଇଥିଲା।

### ବ୍ୟବସାୟୀଙ୍କ ପରଲୋକ

**ରଣପୁର,୧୯।୫(ସ୍ୱ.ପ୍ର.):** ନୟାଗଡ଼ ଜିଲା ଚାନ୍ଦପୁର ଅଞ୍ଚଳର ପ୍ରଥମ ହୋଟେଲ ଶାନ୍ତିର ପ୍ରତିଷ୍ଠାତା ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଭିକାରୀ ନାୟକ(୮୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଚାନ୍ଦପୁର ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ସାଂସ୍କୃତିକ, ସାମାଜିକ, ଧାର୍ମିକ ଅନୁଷ୍ଠାନ ସେ ବହୁଦିନ ହେବ ଜଡ଼ିତ ଥିଲେ। ଦୀର୍ଘବର୍ଷ ଧରି ସାଧାରଣ ଜନତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। କନ୍ଧନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ରଣପୁରର ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର, ସାମାଜିକ କର୍ମୀ ମନୋଜ ଦାସ, ପ୍ରବଚକ ନାରାୟଣ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକରେ ଗୁରୁବାର ଚାନ୍ଦପୁରର ଦୋକାନ ବଜାର ବନ୍ଦ ରହିଥିଲା। ତାଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। ବଡ଼ପୁଅ ବିପିନ ବିହାରୀ ମୁଖାଗ୍ନି ଦେଇଥିଲେ।

### ଓଇଏସ୍ ପରୀକ୍ଷାରେ ସଫଳତା ଅର୍ଜନ କଲେ ସୁଜିତ



**ଶେରଗଡ଼,୧୯।୫(ଡି.ଏନ.ଏ.):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋଠଗାଁ ଗ୍ରାମର ସୁଦର୍ଶନ ପାଢୀଙ୍କ କନିଷ୍ଠ ପୁତ୍ର ସୁଜିତ କୁମାର ପାଢୀ ଓଇଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସୁଜିତ ଜୁଲାଇ ୧ରେ ଜନ୍ମ ଗ୍ରହଣ କରିଥିଲେ। ବାପା ଜଣେ ଶିକ୍ଷକ ଥିବା ଯୋଗୁ ବାଲ୍ୟ ସମୟରୁ ହିଁ ସେ ମେଧାବୀ ଛାତ୍ର ଥିଲେ। ୨୦୦୦ ମସିହାରେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟରୁ +୨ ପାସ୍ କରିବା ପରେ ଗୋଠଗାଁର ପ୍ରଥମ ବ୍ୟକ୍ତି ରୂପେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ସେନାରେ କାର୍ଯ୍ୟରତ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ୨୦୦୭ରେ ବିଏ ପରେ ୨୦୧୩ରେ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ କରିଥିଲେ। ୨୦୧୭ରେ ନୌସେନାରୁ ସେବାନିବୃତ୍ତ ହୋଇ ଶିକ୍ଷାରେ ନିଜର ସଂଘର୍ଷ ଜାରି ରଖିଥିଲେ। କଠୋର ପରିଶ୍ରମ କରି ଶେଷରେ ଓଇଏସ୍‌ରେ ସଫଳତା ପାଇଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଫୁଲବାଣୀ ଅଫିସ,୧୯।୫:** ଫୁଲବାଣୀ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ କେରେଡି ଗ୍ରାମର ଦଣ୍ଡପାଣି ସାହୁଙ୍କ ସ୍ତ୍ରୀ ମହରଗୀ ସାହୁ। ଏହି ଘଟଣାକୁ ନେଇ ପୁଅ ମନୋଜ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମହରଗୀ କୌଣସି କାରଣରୁ ଗୁରୁବାର ରାତିରେ ବିଷ ପିଇ ଦେଇଥିଲେ। ଏହା ଜାଣିବା ପରେ ମନୋଜ ତାଙ୍କୁ ଗୁମାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମହରଗୀ ପୂର୍ବରୁ ମଧ ବେକରେ ରଶି ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ସମୟରେ ତାଙ୍କୁ ଉଦ୍ଧାର କରାଯାଇଥିବା ମନୋଜ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷେ ପୁଅ ମନୋଜ ମା'ଙ୍କୁ ମାରି ଦେଇଥିବା ବାପା ଦଣ୍ଡପାଣି କହିଛନ୍ତି। ଏହି ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ସମୀର କୁମାର ରାଉତ ସୂଚନା ଦେଇଛନ୍ତି।

# 'ନିର୍ବାଚନ ପୂର୍ବରୁ ହଟଚମଟ'




୨,୦୦୦ ଟଙ୍କିଆ ନୋଟ୍ ବଜାରରୁ ବିଦାୟ ନେବ। ୨୦୧୬ ନଭେମ୍ବର ୮ ବିମୁଦ୍ରୀକରଣ ପରେ ଏହି ବଡ଼ ନୋଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପ୍ରଚଳନ କରିଥିଲା। ଏହାକୁ ପ୍ରତ୍ୟାହାର କରିନିଆଯାଇଥିବା ଘୋଷଣା ପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। କେତେକେ ଏଭଳି ସରକାରୀ ପଦକ୍ଷେପକୁ ଦ୍ୱିତୀୟ ବିମୁଦ୍ରୀକରଣ ଆଖ୍ୟା ଦେଇଥିବାବେଳେ ଆସନ୍ତା ନିର୍ବାଚନଗୁଡ଼ିକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ଆଉ ଏକ ହଟଚମଟ ବୋଲି କୁହାଯାଉଛି।

### ବ୍ୟାଙ୍କ କ୍ଷେତ୍ରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ



୨ ହଜାର ଟଙ୍କିଆ ନୋଟ୍ ଚଳାଇବା ବେଳେ କେନ୍ଦ୍ର ସରକାର ଯେଉଁ ବାହାଦୁରି ମାରିଥିଲେ ଆଜିଦିନରେ ସେହି ପରିମାଣରେ ଲଜ୍ଜିତ ହୋଇଛନ୍ତି। ୨୦୧୬ରେ ଲୋକମାନେ ଭୋଗିଥିବା ଦୁର୍ଦ୍ଦଶା ଭଳି ଏଥର ଭୋଗିବେ ନାହିଁ। ବଡ଼ ବେପାରୀ ଏବଂ ବ୍ୟବସାୟୀମାନେ ୨୦୦ ଟଙ୍କିଆ ନୋଟ୍ ବଦଳାଇବେ ବା ଡିପୋଜିଟ୍ କରିବେ। ବଡ଼ ବେପାରୀମାନେ ସେମାନଙ୍କ କର୍ମଚାରୀଙ୍କ ଜରିଆରେ ୨ ହଜାର ଟଙ୍କିଆ ନୋଟ୍ ବଦଳ କରିପାରନ୍ତି। ବାରମ୍ବାର ନୋଟ୍ ବନ୍ଦୀ ବ୍ୟାଙ୍କ କ୍ଷେତ୍ରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ। ଗୋଟିଏ ୨ ହଜାର ଟଙ୍କିଆ ନୋଟ୍ ଛାପିବା ଲାଗି ୪ ଟଙ୍କା ଖର୍ଚ୍ଚ ହୋଇଛି। ଏହି ନୋଟ୍ ପ୍ରଚଳନ ପାଇଁ ଏଟିଏମ୍ ମେଶିନ୍ ପ୍ରସ୍ତୁତ କରିବା ପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହିସବୁ କ୍ଷତି ରିଜର୍ଭ ବ୍ୟାଙ୍କ କିପରି ଭରଣା କରିବ ସେକଥା ସେମାନଙ୍କୁ ଜଣା। ବଜାର ପାଇଁ ବାରମ୍ବାର ନୋଟ୍ ବନ୍ଦୀ ଜମା ବି ସୁସ୍ଥ ନୁହେଁ।

**– ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

### ମୋଦିଙ୍କୁ ଅର୍ଥନୈତିକ ସମସ୍ୟା ଘେରିଗଲାଣି



୨୦୧୬ ନଭେମ୍ବର ୮ ତାରିଖ ରାତିରେ ବିମୁଦ୍ରୀକରଣ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳାଧନ ଜବତ ହେବ ବୋଲି କହିଥିଲେ। ତା' ପୂର୍ବରୁ ପ୍ରତ୍ୟେକ ଭାରତୀୟଙ୍କ ଜମା ଖାତାରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା ହେବ ବୋଲି କହିଥିଲେ। କିନ୍ତୁ ୨୦୨୩ ହେଲାଣି ୧୫ ପଇସା ବି କାହାର ଖାତାରେ ଜମା ହୋଇ ପାରିନାହିଁ। ଏବେ ମୋଦିଙ୍କୁ ଚାରିଆଡୁ ଅର୍ଥନୈତିକ ସମସ୍ୟା ଘେରିଗଲାଣି। ଆଗକୁ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ନିର୍ବାଚନ ହେବାକୁ ଯାଉଛି। ତେଣୁ ମୋଦି କିଛି ନା କିଛି ହଟଚମଟ କରିବେ, କିନ୍ତୁ ସେହି ରାତିଅଧିଆ ରାଜନୀତି ଆଉ ଚଳିବ ନାହିଁ।

**–ମାୟାଧର ନାୟକ, ବରିଷ୍ଠ ଶ୍ରମିକ ନେତା**

### ନିଶ୍ଚିତ ଭାବେ ଭଲ ପଦକ୍ଷେପ



୨ ହଜାର ଟଙ୍କିଆ ନୋଟ୍ ବହୁ ଜାଗାରେ କିଛିଦିନ ହେଲା ମିଳୁ ନ ଥିଲା। ଟଙ୍କାଗୁଡିକ ଅନେକ ଲୋକ ରଖି ଦେଇଥିଲେ। ଫଳରେ ସେହି ଟଙ୍କାର ଲାଭ ଲୋକମାନଙ୍କୁ ମିଳିପାରୁ ନ ଥିଲା। ଏବେ ରିଜର୍ଭ ବ୍ୟାଙ୍କ ଯେଉଁ ବ୍ୟବସ୍ଥା କରିଲା, ତାହାର ଲାଭ ସମସ୍ତଙ୍କୁ ମିଳିପାରିବ। ଯେଉଁ ୨ ହଜାର ଟଙ୍କିଆ ଲୁଚିକି ରହିଛି, ସେସବୁ ବାହାରିବ। ତାହା ମଧ ବାହାରିବା ଆବଶ୍ୟକ। ତେଣୁ ଏହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ।

**–ଗୋଲକ ମହାପାତ୍ର, ଭାଜପା ନେତା**

### କେନ୍ଦ୍ର ସରକାରଙ୍କ ତୋଗଲକି ନୀତିର ପ୍ରତିଫଳନ



କେନ୍ଦ୍ର ସରକାର ବଜାରରୁ ୨୦୦୦ ଟଙ୍କିଆ ନୋଟ୍ ହଟାଇବାକୁ ଯାଉଛନ୍ତି। ଏହା ପ୍ରମାଣିତ କରୁଛି ଯେ, ୨୦୧୬ରେ ବିମୁଦ୍ରୀକରଣ କରି କେନ୍ଦ୍ର ସରକାର କଳାଟଙ୍କା କାରବାର ଉପରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲେ ବୋଲି କହିଥିଲେ ତାହା ବିଫଳ ହୋଇଛି। ସରକାର କହୁଥିଲେ, ଆତଙ୍କବାଦୀ କାର୍ଯ୍ୟକଳାପ କମିବ ଏବଂ ଜାଲ୍ ନୋଟ୍ କାରବାର ହ୍ରାସ ପାଇବ, ତାହା ମଧ ଭୁଲ୍ ପ୍ରମାଣିତ ହୋଇଛି। ଏହା ଦେଶର ଅର୍ଥନୀତି ଉପରେ କେନ୍ଦ୍ର ସରକାରଙ୍କ ତୋଗଲକି ନୀତିର ପ୍ରତିଫଳନ। ସରକାର ଦେଶବାସୀଙ୍କ ଭାଗ୍ୟ ସହିତ ନ ଖେଳନ୍ତୁ। ବଜାର ବିଶେଷଜ୍ଞମାନଙ୍କ ମତାମତ ନେଇ ଜାଲ୍ ନୋଟ୍ କାରବାର କିପରି ବନ୍ଦ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**–ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି**

## ବନ୍ଦ ଘରୁ ୪ କେଜି ରୁପା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ଗୋପାଳପୁର,୧୯।୫(ଡି.ଏନ.ଏ.):** ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଶିବାନନ୍ଦ ନଗର ଅଞ୍ଚଳରେ ଏକ ବନ୍ଦ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୪ କେଜିର ରୁପା ଅଳଙ୍କାର ଓ କିଛି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆମ୍ବପୁଆ ଶିବାନନ୍ଦ ନଗର ପ୍ରଥମ ଲାଇନର ବାୟୁ ସେନାରେ କାର୍ଯ୍ୟ କରୁଥିବା ଅରୁଣ କୁମାର ପାତ୍ର ରାଜ୍ୟ ବାହାରେ କାର୍ଯ୍ୟ କରନ୍ତି। ତାଙ୍କ ଅନୁପସ୍ଥିତରେ ଝିଆରୀ ଶ୍ରଦ୍ଧା ଜେନା ଘରକୁ ଦେଖାଶୁଣା କରି ଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଘରକୁ ଯିବାରେ ଦାଣ୍ଡ କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯିବାରେ ଆଲମାରୀ ଭଙ୍ଗାଯାଇ ରୁପାର ମୂର୍ତ୍ତି, ପ୍ଲେଟ, ଡାଳ, ଗ୍ଲାସ, ମୁଦ୍ରା ସହ ଅନ୍ୟାନ୍ୟ ଅଳଙ୍କାର ଓ କିଛି ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଶ୍ରଦ୍ଧା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬୫/୨୩ରେ ଏକ ମାମଲା ରୁଜୁ କରିଥିଲା। ଶୁକ୍ରବାର ଗୋପାଳପୁର ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ, ଅନ୍ୟ ପୋଲିସ କର୍ମଚାରୀ ଓ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରେ କେହି ରହୁ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଲୁଟ କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରୁଛି।

## ପାଣ୍ଡେରୀପଡ଼ା ଅମୃତ ସରୋବରକୁ ନେଇ ଲୋକଙ୍କ ଦ୍ୱନ୍ଦ୍ୱ



ବିନା ସୂଚନା ଫଳକରେ ଜେସିବି ଲାଗାଇ ପୋଖରୀ ଖନନ ଚାଲିଛି।

**ଓଡ଼ଗାଁ,୧୯।୫(ସ୍ୱ.ପ୍ର.)**

**ବିନା ସୂଚନା ଫଳକରେ ଚାଲିଛି କାମ**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବାବେଳେ ପୋଖରୀ ଖୋଳା ଦ୍ୱାରା ଭଲ ରୋଜଗାର ହେଉଥିବା ଲୋକେ ଆଲୋଚନା କରୁଛନ୍ତି। ଅମୃତ ସରୋବର (ପୋଖରୀ) ଶ୍ରମିକ ବଦଳରେ ମେଶିନରେ ଖୋଳା ହେବା, କାର୍ଯ୍ୟରମ୍ଭରେ ପ୍ରକଳ୍ପ ସମ୍ବନ୍ଧୀୟ ସୂଚନା ଫଳକ ନ ଲାଗିବା ଆଦି କାରଣରୁ ଲୋକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏପରିସ୍ଥଳେ ପାଣ୍ଡେରୀପଡ଼ାରେ ଗୋଟିଏ ପୋଖରୀକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମଷ୍ଟର ରୋଲ ନ ଖୋଲି ଖୋଳାଯିବା ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିବା ସହିତ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ କେବଳ ଲୋକଙ୍କ ଫଟୋ ଉଠାଇବା ପରେ ମେଶିନ ଲଗାଯାଇ ପୋଖରୀ ଖୋଳାଯାଉଥିବା ଫଟୋ ଉତ୍ତୋଳନ ହୋଇଛି। ଏ ନେଇ ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରେ ସମ୍ପୃକ୍ତ ଅମୃତ ସରୋବରକୁ ୧୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଛି। ଏହା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଉନାହିଁ। ହେଲେ ଲାଗି ନ ଥିବା ସୂଚନା ଫଳକ ତୁରନ୍ତ ଲଗାଇବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ୨ଦିନ ନିଲମ୍ବନ କରି ଦାୟିତ୍ୱ ଶେଷ କଲା ବିଭାଗ

**ସିଗ୍‌ନାଲ ଫେଲ୍‌ରୁ ଟ୍ରେନ ଅଟକିବା ଘଟଣା**

**ନୟାଗଡ଼ ଅଫିସ,୧୯।୫**

ସିଗନାଲ ଫେଲରୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ୧୩ ତାରିଖ ରାତିରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଆସୁଥିବା ମେମୁ ଟ୍ରେନ ପ୍ରାୟ ଅଢ଼େଇ ଘଣ୍ଟା ଧରି ରାଜସୁନାଖଳା ଷ୍ଟେଶନ ଓ ବୋଲଗଡ଼ ରୋଡ ରେଳ ଷ୍ଟେଶନଠାରେ ଅଟକି ରହିଥିଲା। ସେହିପରି ନୂଆଗାଁରୁ ପୁରୀ ଆସୁଥିବା ଟ୍ରେନ ବେଗୁନିଆ ରେଳ ଷ୍ଟେଶନରେ ପ୍ରାୟ ୧ ଘଣ୍ଟା ଧରି ଅନୁରୂପ ଭାବେ ଅଟକି ରହିଥିଲା। ବୋଲଗଡ଼ ରୋଡ ରେଳ ଷ୍ଟେଶନରେ ସିଗ୍‌ନାଲ ଦେଉଥିବା କର୍ମଚାରୀ ଶୋଇ ପଡ଼ିଥିବାରୁ ଅବ୍ୟବସ୍ଥା ହୋଇଥିବା ଜଣାପଡ଼ିଥିଲା। ଯାତ୍ରୀମାନେ ଷ୍ଟେଶନକୁ ଯାଇ କର୍ମଚାରୀଙ୍କୁ ନିଦରୁ ଉଠାଇବା ପରେ ଟ୍ରେନ ଯାତ୍ରା ଆରମ୍ଭ କରିଥିଲା। ଗତ ୧୩ ତାରିଖ ରାତିରେ ଟ୍ରେନ ଯାତ୍ରାର ଅବ୍ୟବସ୍ଥା ନେଇ ରେଳପଥ କର୍ତ୍ତୃପକ୍ଷ ନିଜର ଭୁଲ ସ୍ୱୀକାର କରିବାକୁ ରାଜି ନ ଥିଲେ ତେବେ ସେହିଦିନ ବୋଲଗଡ଼ ରୋଡ ରେଳ ଷ୍ଟେଶନରେ ଦାୟିତ୍ୱରେ ଥିବା ନୟାଗଡ଼ ରେଳ ଷ୍ଟେଶନ ମାଷ୍ଟର ସଞ୍ଜୟ କୁମାର ସାହୁଙ୍କୁ ୨ଦିନ ପାଇଁ ନିଲମ୍ବନ କରି ରେଳ ବିଭାଗ ଦାୟିତ୍ୱ ଶେଷ କରି ଦେଇଛି। ଷ୍ଟେସନ ମାଷ୍ଟର ସାହୁଙ୍କୁ ରବିବାର ଓ ସୋମବାର ନିଲମ୍ବନ ହୋଇ ମଙ୍ଗଳବାରଠାରୁ ପୁଣି କାର୍ଯ୍ୟରେ ଯୋଗଦେଇ ସାରଛନ୍ତି।

## କଲୋନି ସମସ୍ୟା ସମାଧାନ ପାଇଁ ବୈଠକ

**ଦଶପଲ୍ଲା,୧୯।୫(ଡି.ଏନ୍.ଏ.)**

ଦଶପଲ୍ଲା ଦୁର୍ଗାବଜାର କଲୋନି ପରିସରରେ ବାସିନ୍ଦାଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ବୈଠକ ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ ପ୍ରସନ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। କଲୋନି ପରିସରରେ ନିର୍ମାଣାଧୀନ ଶିବ ମନ୍ଦିରର ପୂର୍ଣ୍ଣାଙ୍ଗ, କ୍ଲବ ଗୃହର ଉନ୍ନତି, ପାର୍କ କାର୍ଯ୍ୟ ସମ୍ପୂର୍ଣ୍ଣ ସମେତ କଲୋନିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଉପରୋକ୍ତ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ମତପ୍ରକାଶ କରିଥିଲେ। ବୈଠକରେ କାଉନ୍‌ସିଲର ସନୋଜ କୁମାର ସାହୁ, ସମୀର କୁମାର ପଟ୍ଟନାୟକ, ରଙ୍କନିଧି ସାହୁ, ବୈକୁଣ୍ଠ ମିଶ୍ର, ଡାକ୍ତର ଅନ୍ତର୍ଯ୍ୟାମୀ ଭୂୟାଁ ଓ ଦଣ୍ଡପାଣି ସାହୁଙ୍କ ସମେତ ବହୁ ବରିଷ୍ଠ ନାଗରିକ ଏବଂ କଲୋନିର ଜନସାଧାରଣ ଯୋଗଦେଇଥିଲେ।



ବୈଠକରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ।

## ନିଷ୍ଠା, ଭକ୍ତିର ପର୍ବ ସାବିତ୍ରୀ ବ୍ରତ

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର)**



ଶୁକ୍ରବାର ଖଣ୍ଡପଡ଼ା ଓ ଏହାର ଆଖପାଖ ମର୍ଦ୍ଦରାଜପୁର, ବେଣାଗାଡିଆ, ଖଳିସାହି, କୋସକା, ଢୋଲମରା, ସିଧାମୂଳା ଆଦି ଅଞ୍ଚଳର ବିବାହିତା ନାରୀମାନେ ସାବିତ୍ରୀ ବ୍ରତ ଲାଗି ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିବାକୁ ବିଭିନ୍ନ ମନ୍ଦିରରେ ଗହଳି କରିଥିଲେ। ଅନେକ ବ୍ରତଧାରିଣୀମାନେ ଶୁଦ୍ଧପୂତ ହୋଇ ନୂଆ ଶାଢୀ, ଶଙ୍ଖା ଓ ପୂଜା ସାମଗ୍ରୀମାନ ଧରି ଶୈବ ପୀଠରେ ଭିଡ ଲଗାଇଥିଲେ। ଏହି ବ୍ରତ ମାଧମରେ ସ୍ୱାମୀଙ୍କ ସୁରକ୍ଷା ଓ ମଙ୍ଗଳ କାମନା କରାଯାଇଥାଏ। ସେହିପରି କଣ୍ଟିଲୋ ଅଞ୍ଚଳର ବ୍ରତଧାରିଣୀମାନେ ବିଭିନ୍ନ ଫଳ ମୂଳ ଧରି ନୀଳମାଧବ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀନାରାୟଣଙ୍କ ପାଖରେ ସମାଗମ ହୋଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଆସିଥିବା ଅନେକ ବ୍ରତଧାରିଣୀ ଏ ବ୍ରତ କେବଳ ସ୍ୱାମୀମାନଙ୍କ ଦୀର୍ଘ ତଥା ନିରାମୟ ଜୀବନ କାମନା ପାଇଁ ପାଳନ କରୁଛୁ ବୋଲି କହିଥିଲେ।

## ଖଣ୍ଡପଡ଼ା ବ୍ଲକରୁ ଏ-୧ ଗ୍ରେଡ୍‌ରେ ୧୪ ଛାତ୍ରୀଛାତ୍ର

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର)**

ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇବା ପରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୪ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ କୃତୀତ୍ୱ ହାସଲ କରିଥିବାରୁ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାକ୍ରମେ ସରକାରୀ ୟୁଜି ହାଇସ୍କୁଲ ସିଂଘାପଡ଼ାର ଛାତ୍ର ଆଶୁତୋଷ ରାଉତ ୫୬୪ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାପୀଠର ଛାତ୍ରୀ ଲକ୍ଷ୍ମୀପ୍ରିୟା ମନ୍ତ୍ରୀ ୫୫୭ ଓ ଶୁଭଶ୍ରୀ ସ୍ୱାଇଁ ୫୪୦, ଭଗବତୀ ବିଦ୍ୟାପୀଠ ବିରିଡ଼ିହିର ସୁଶ୍ରୀସ୍ୱାଗତିକା ସାହୁ ୫୫୬, ଖଲିଅପସରା ହାଇସ୍କୁଲ ରାଣୀଛେଲ୍ଲୀର ଅକ୍ଷୟ ଆକସ୍ମିକ ୫୫୬, ଆରକେଏସ୍ ହାଇସ୍କୁଲ ଦୁଖାପଲ୍ଲୀର ଛାତ୍ରୀ ଭୂମିକା ପ୍ରିୟଦର୍ଶିନୀ ସାହୁ ୫୫୪, ବାପୁଜୀ ବିଦ୍ୟାପୀଠ ଢୋଲମରାର ଶୁଭଶ୍ରୀ ସାହୁ ୫୫୧, ନୀଳମାଧବ ନୋଡାଲ ବିଦ୍ୟାପୀଠ କଣ୍ଟିଲୋର ଜ୍ୟୋତି ରଞ୍ଜନ ସାହୁ ୫୪୬, ସାଇ ସ୍ୱାସ୍ତିକ ସାହୁ ୫୪୧ ଓ ମନୋଜ କୁମାର ପ୍ରଧାନ ୫୪୦, ଶିଖରପୁର ନୋଡାଲ ହାଇସ୍କୁଲର ଗାୟତ୍ରୀ ସାହୁ ୫୪୪ ଓ ଗାୟତ୍ରୀ ସାହୁ ୫୪୦, କୁମ୍ଭାରପଡା ହାଇସ୍କୁଲର ଶିବ ପ୍ରସାଦ ପଣ୍ଡା ୫୪୦ ଏବଂ ଶାନ୍ତିପ୍ରିୟା ହାଇସ୍କୁଲ ମର୍ଦ୍ଦରାଜପୁରର ସୂର୍ଯ୍ୟକାନ୍ତ ବେହେରା ୫୪୦ ନମ୍ବର ରଖିଥିବା ଜଣାଯାଇଛି।

## ଗୋକୁଳାନନ୍ଦ ମନ୍ଦିର ପରିସରକୁ ଜଳ ଯୋଗାଣ

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାସ୍ଥିତ ମଣିକର୍ଣ୍ଣିକା ପାହାଡ଼ ଉପରେ ବିରାଜିତ ଗୋକୁଳା ନନ୍ଦ ଜୀଉଙ୍କ ପୀଠକୁ ଦୀର୍ଘବର୍ଷ ପରେ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭ ହୋଇଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସୁଥିବା ବେଳେ ଉକ୍ତ ପୀଠକୁ ଜଳ ଯୋଗାଣର ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁ ଭକ୍ତମାନେ ନାନା ଅସୁବିଧାର ସମ୍ମୁଖିନ ହେଉଥିଲେ। ମନ୍ଦିର ନୀତି କାନ୍ତି କରିବାରେ ସମସ୍ୟା ସୃଷ୍ଟି ହେଉଥିଲା। ତେବେ ବିଧାୟକଙ୍କ ହାତପାଣ୍ଠି ଅନୁଦାନ



ଅର୍ଥ ମଞ୍ଜୁର କରାଯିବା ପରେ ଗୁରୁବାରଠାରୁ ଜଳ ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଜଣାଯାଇଛି।

## ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ଜି.ଉଦୟଗିରି,୧୯।୫(ଡି.ଏନ.ଏ.):** କନ୍ଧମାଳ ଜିଲା ଜି.ଉଦୟଗିରି ନୂଆସାହି ବାପ୍‌ଟିଷ୍ଟ ଚର୍ଚ୍ଚଠାରେ ସ୍ଥାନୀୟ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତି ଓ ମଣ୍ଡଳୀର ମିଳିତ ଆନୁକୂଲ୍ୟରେ ବୌଦ୍ଧ କନ୍ଧମାଳ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାର ୧୪୬ଟି ଚର୍ଚ୍ଚର ଉଦ୍‌ଯୋଗ ସମିତି ଯୁବକ, ଯୁବତୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିତେନ୍ଦ୍ର ଲିମ୍ମା ଓ ଗୌରବ ସିଦାନା ବାଇବେଲ ଲିଖିତ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। ଜିଲା ଉଦ୍‌ଯୋଗ ସମିତି ସଭାପତି ଆଚାର୍ଯ୍ୟ କିଶାନ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବିଶ୍ୱ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର ଉପସଭାପତି ଆଚାର୍ଯ୍ୟ ସୁରେନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରାଯାଇଥିଲା। ସ୍ୱର୍ଗତ ସୁଶୀଳା ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦୀପ ଦାସଙ୍କ ପରିବାର ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ସଂଯୋଜକ ଆଚାର୍ଯ୍ୟ ପ୍ରଦୀପ କୁମାର ନାୟକ, ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ପ୍ରମୋଦ ରଞ୍ଜନ ନାୟକ, କାର୍ଯ୍ୟକାରୀ ସମ୍ପାଦକ ଜ୍ୟୋତିରଞ୍ଜନ ପ୍ରଧାନ, କୋଷାଧକ୍ଷ ବସନ୍ତ ମଞ୍ଜରୀ ରଥ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ ବୌଦ୍ଧ କନ୍ଧମାଳ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମ୍ମିଳନୀ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ଆଚାର୍ଯ୍ୟ ପ୍ରଦୀପ କୁମାର ନାୟକ ଶେଷ ପ୍ରାର୍ଥନା ସହ କାର୍ଯ୍ୟକ୍ରମ ଶେଷ କରିଥିଲେ।

# ‘ନିର୍ବାଚନ ପୂର୍ବରୁ ହଟଚମଟ’




୨,୦୦୦ ଟଙ୍କିଆ ନୋଟ୍ ବଜାରରୁ ବିଦାୟ ନେବ। ୨୦୧୬ ନଭେମ୍ବର ୮ ବିମୁଦ୍ରୀକରଣ ପରେ ଏହି ବଡ଼ ନୋଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପ୍ରଚଳନ କରିଥିଲା। ଏହାକୁ ପ୍ରତ୍ୟାହାର କରିନିଆଯାଇଥିବା ଘୋଷଣା ପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। କେତେକେ ଏଭଳି ସରକାରୀ ପଦକ୍ଷେପକୁ ଦ୍ୱିତୀୟ ବିମୁଦ୍ରୀକରଣ ଆଖ୍ୟା ଦେଇଥିବାବେଳେ ଆସନ୍ତା ନିର୍ବାଚନଗୁଡ଼ିକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ଆଉ ଏକ ହଟଚମଟ ବୋଲି କୁହାଯାଉଛି।

## ବ୍ୟାଙ୍କ କ୍ଷେତ୍ରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ



୨ ହଜାର ଟଙ୍କିଆ ନୋଟ୍ ଚଳାଇବା ବେଳେ କେନ୍ଦ୍ର ସରକାର ଯେଉଁ ବାହାଦୁରି ମାରିଥିଲେ ଆଜିଦିନରେ ସେହି ପରିମାଣରେ ଲଜ୍ଜିତ ହୋଇଛନ୍ତି। ୨୦୧୬ରେ ଲୋକମାନେ ଭୋଗିଥିବା ଦୁର୍ଦ୍ଦଶା ଭଳି ଏଥର ଭୋଗିବେ ନାହିଁ। ବଡ଼ ବେପାରୀ ଏବଂ ବ୍ୟବସାୟୀମାନେ ୨୦୦ ଟଙ୍କିଆ ନୋଟ୍ ବଦଳାଇବେ ବା ଡିପୋଜିଟ୍ କରିବେ। ବଡ଼ ବେପାରୀମାନେ ସେମାନଙ୍କ କର୍ମଚାରୀଙ୍କ ଜରିଆରେ ୨ ହଜାର ଟଙ୍କିଆ ନୋଟ୍ ବଦଳ କରିପାରନ୍ତି। ବାରମ୍ବାର ନୋଟ୍ ବନ୍ଦୀ ବ୍ୟାଙ୍କ କ୍ଷେତ୍ରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ। ଗୋଟିଏ ୨ ହଜାର ଟଙ୍କିଆ ନୋଟ୍ ଛାପିବା ଲାଗି ୪ ଟଙ୍କା ଖର୍ଚ୍ଚ ହୋଇଛି। ଏହି ନୋଟ୍ ପ୍ରଚଳନ ପାଇଁ ଏଟିଏମ୍ ମେଶିନ୍ ପ୍ରସ୍ତୁତ କରିବା ପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହିସବୁ କ୍ଷତି ରିଜର୍ଭ ବ୍ୟାଙ୍କ କିପରି ଭରଣା କରିବ ସେକଥା ସେମାନଙ୍କୁ ଜଣା। ବଜାର ପାଇଁ ବାରମ୍ବାର ନୋଟ୍ ବନ୍ଦୀ ଜମା ବି ସୁସ୍ଥ ନୁହେଁ।

– ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ

## ମୋଦିଙ୍କୁ ଅର୍ଥନୈତିକ ସମସ୍ୟା ଘେରିଗଲାଣି



୨୦୧୬ ନଭେମ୍ବର ୮ ତାରିଖ ରାତିରେ ବିମୁଦ୍ରୀକରଣ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳାଧନ ଜବତ ହେବ ବୋଲି କହିଥିଲେ। ତା’ ପୂର୍ବରୁ ପ୍ରତ୍ୟେକ ଭାରତୀୟଙ୍କ ଜମା ଖାତାରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା ହେବ ବୋଲି କହିଥିଲେ। କିନ୍ତୁ ୨୦୨୩ ହେଲାଣି ୧୫ ପଇସା ବି କାହାର ଖାତାରେ ଜମା ହୋଇ ପାରିନାହିଁ। ଏବେ ମୋଦିଙ୍କୁ ଚାରିଆଡୁ ଅର୍ଥନୈତିକ ସମସ୍ୟା ଘେରିଗଲାଣି। ଆଗକୁ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ନିର୍ବାଚନ ହେବାକୁ ଯାଉଛି। ତେଣୁ ମୋଦି କିଛି ନା କିଛି ହଟଚମଟ କରିବେ, କିନ୍ତୁ ସେହି ରାତିଅଧିଆ ରାଜନୀତି ଆଉ ଚଳିବ ନାହିଁ।

–ମାୟାଧର ନାୟକ, ବରିଷ୍ଠ ଶ୍ରମିକ ନେତା

## ନିଶ୍ଚିତ ଭାବେ ଭଲ ପଦକ୍ଷେପ



୨ ହଜାର ଟଙ୍କିଆ ନୋଟ୍ ବହୁ ଜାଗାରେ କିଛିଦିନ ହେଲା ମିଳୁ ନ ଥିଲା। ଟଙ୍କାଗୁଡିକ ଅନେକ ଲୋକ ରଖି ଦେଇଥିଲେ। ଫଳରେ ସେହି ଟଙ୍କାର ଲାଭ ଲୋକମାନଙ୍କୁ ମିଳିପାରୁ ନ ଥିଲା। ଏବେ ରିଜର୍ଭ ବ୍ୟାଙ୍କ ଯେଉଁ ବ୍ୟବସ୍ଥା କରିଲା, ତାହାର ଲାଭ ସମସ୍ତଙ୍କୁ ମିଳିପାରିବ। ଯେଉଁ ୨ ହଜାର ଟଙ୍କିଆ ଲୁଚିକି ରହିଛି, ସେସବୁ ବାହାରିବ। ତାହା ମଧ୍ୟ ବାହାରିବା ଆବଶ୍ୟକ। ତେଣୁ ଏହା ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ।

–ଗୋଲକ ମହାପାତ୍ର, ଭାଜପା ନେତା

## କେନ୍ଦ୍ର ସରକାରଙ୍କ ତୋଗଲକି ନୀତିର ପ୍ରତିଫଳନ



କେନ୍ଦ୍ର ସରକାର ବଜାରରୁ ୨୦୦୦ ଟଙ୍କିଆ ନୋଟ୍ ହଟାଇବାକୁ ଯାଉଛନ୍ତି। ଏହା ପ୍ରମାଣିତ କରୁଛି ଯେ, ୨୦୧୬ରେ ବିମୁଦ୍ରୀକରଣ କରି କେନ୍ଦ୍ର ସରକାର କଳାଟଙ୍କା କାରବାର ଉପରେ ଯେଉଁ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲେ ବୋଲି କହିଥିଲେ ତାହା ବିଫଳ ହୋଇଛି। ସରକାର କହୁଥିଲେ, ଆତଙ୍କବାଦୀ କାର୍ଯ୍ୟକଳାପ କମିବ ଏବଂ ଜାଲ୍ ନୋଟ୍ କାରବାର ହ୍ରାସ ପାଇବ, ତାହା ମଧ୍ୟ ଭୁଲ୍ ପ୍ରମାଣିତ ହୋଇଛି। ଏହା ଦେଶର ଅର୍ଥନୀତି ଉପରେ କେନ୍ଦ୍ର ସରକାରଙ୍କ ତୋଗଲକି ନୀତିର ପ୍ରତିଫଳନ। ସରକାର ଦେଶବାସୀଙ୍କ ଭାଗ୍ୟ ସହିତ ନ ଖେଳନ୍ତୁ। ବଜାର ବିଶେଷଜ୍ଞମାନଙ୍କ ମତାମତ ନେଇ ଜାଲ୍ ନୋଟ୍ କାରବାର କିପରି ବନ୍ଦ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

–ରବି ବେହେରା, ରାଜ୍ୟ ସଭାପତି, ସମାଜବାଦୀ ପାର୍ଟି

# ବନ୍ଧୁକ ମୁନରେ ଡାକ୍ତରଙ୍କ ଘରୁ ଟଙ୍କା, ସୁନାଗହଣା ଲୁଟ

**ଆଳି,୧୯।୫ (ଡି.ଏନ.ଏ.)**




ଆହତ ଡା. ବଂଶୀଧର ମହାପାତ୍ର, ଅଟକ ୨ ଦୁର୍ବୃତ୍ତ।

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଗୋବିନ୍ଦପୁର ବଜାର ନିକଟରେ ରହୁଥିବା ଏକ ଡାକ୍ତର ପରିବାରକୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ଲୁଟପାଟ କରି ଫେରାର ହୋଇଯାଉଥିଲେ। କିନ୍ତୁ ସ୍ଥାନୀୟ ଲୋକମାନେ ଦୁର୍ବୃତ୍ତ ଦ୍ୱୟଙ୍କୁ କାବୁ କରିଥିଲେ। ଥାନାରେ ଡା. ବଂଶୀଧର ମହାପାତ୍ର କରିଥିବା ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ସାଢେ ୧୧ଟାରେ ସେ, ତାଙ୍କ ପତ୍ନୀ ଓ ସାନଝିଅ ରାତ୍ରିଭୋଜନ କରୁଥିଲେ। ସାନଝିଅ ଭିଡିଓ କଲରେ ତାଙ୍କ ବଡ଼ ଭଉଣୀ ସହିତ କଥା ହେଉଥିଲେ। ଏହି ସମୟରେ ଘର ବାଡ଼ି ପଟ କବାଟ ଖୋଲି ୨ ଜଣ ଯୁବକ ହଠାତ ଘର ଭିତରେ ପଶି ବନ୍ଧୁକ ନେଇ ଡା. ମହାପାତ୍ରଙ୍କ ମୁଣ୍ଡରେ ଲଗାଇ ପରିବାର ଲୋକଙ୍କୁ ଧମକ ଚମକ ଦେବା ସହ ତାଙ୍କ ପତ୍ନୀଙ୍କୁ ବାନ୍ଧି ପକାଇଥିଲେ। ସେମାନେ ଘର ଲକରରେ ଥିବା ୨୦ ହଜାର ଟଙ୍କା ସହିତ ପ୍ରାୟ ୪ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ନେଇ ଯାଇଥିଲେ। ସେମାନେ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ଡା. ମହାପାତ୍ରଙ୍କ ଡାହାଣ ପଟ ଛାତିକୁ କଟୁରିରେ ଆକ୍ରମଣ କରିବା ସହ ୨ ହାତକୁ ଆକ୍ରମଣ କରିଥିଲେ। ଖବର କାଳେ ବାହାରକୁ ଜଣାଇ ଦେବେ ସେହି ଭୟରେ ଦୁର୍ବୃତ୍ତମାନେ ୨ଟି ମୋବାଇଲ ଫୋନ ଫୋପାଡି ଭାଙ୍ଗି ଦେଇଥିଲେ। କିନ୍ତୁ ତାଙ୍କ ବଡ଼ଝିଅ ଏ ନେଇ ନିକଟସ୍ଥ କିଛି ଲୋକଙ୍କ ସମେତ ସ୍ଥାନୀୟ ଗୋବିନ୍ଦପୁର ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ନିକଟସ୍ଥ ପେଟପଡା ଗ୍ରାମକୁ ପଳାଇ ଯାଇ ସେଠାରେ ସକାଳ ହେବା ପର୍ଯ୍ୟନ୍ତ ରହିଥିଲେ। ସକାଳେ ଦୁର୍ବୃତ୍ତ ଦ୍ୱୟ ଏକ ଅଟୋ ଯୋଗେ ପଳାଇବାକୁ ଉଦ୍ୟମ କରୁଥିଲେ। କୌଣସି ସୂତ୍ରରୁ ସ୍ଥାନୀୟ ଲୋକ ଡାକ୍ତରଙ୍କ ଘରୁ ଚୋରି ହେବା ଖବରପାଇ ଅଟୋକୁ ପିଛା କରି ଦୁର୍ବୃତ୍ତ ଦ୍ୱୟଙ୍କୁ ଡାକ୍ତରଙ୍କ ଘରକୁ ଆଣିବା ପରେ ଡାକ୍ତର ଉଭୟଙ୍କୁ ଚିହ୍ନଟ କରିଥିଲେ। ଏହି ଖବରପାଇ ଆଇଆଇସି ଦିଲୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଦ୍ୱୟଙ୍କୁ ଆଳି ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଆଳି ଥାନା ଆଇଆଇସି ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଦୁର୍ବୃତ୍ତ ଦ୍ୱୟଙ୍କୁ ଅଟକ ରଖାଯାଇଛି, ଘଟଣାର ଅଧିକ ତଦନ୍ତ ଚାଲିଛି । ଦୁର୍ବୃତ୍ତ ଦ୍ୱୟ ପାରାଦୀପ ଓ କେରଡ଼ାଗଡ଼ ଅଞ୍ଚଳର ବୋଲି ପୋଲିସ ଅନୁସନ୍ଧାନରୁ ଜଣାପଡିଛି।

**ଲୁଟେରାଙ୍କୁ କାବୁକରି ପୋଲିସ ଜିମା ଦେଲେ ସ୍ଥାନୀୟ ଲୋକେ**

# ଜଙ୍ଗଲରେ ଆମ୍ବ ବଗିଚା ପାଇଁ ଚାଷୀଙ୍କ ପ୍ରୟାସ

**ଡେରାବିଶ,୧୯।୫(ସ୍ୱ.ପ୍ର.)**

**୩୦୦୦ ଆମ୍ବ ଟାକୁଆ ପକାଇଲେ**

ଅସନ୍ତୁଳିତ ପରିବେଶ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇପଡ଼ିଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଜଙ୍ଗଲ ସୃଷ୍ଟି ଲାଗି ସରକାରୀ ଓ ବେସରକାରୀ ସ୍ତରରେ ଦୀର୍ଘବର୍ଷ ହେବ ଉଦ୍ୟମ ଜାରି ରହିଛି। ଏଭଳି ସମୟରେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ରାଜନଗରଠାରେ ଥିବା ୧୦୦ ଏକର ଜଙ୍ଗଲରେ ଆମ୍ବ ଟାକୁଆ ପକାଇ ଆମ୍ବ ବଗିଚା ସୃଷ୍ଟି କରିବାର ସଂକଳ୍ପ ନେଇଛନ୍ତି ସ୍ଥାନୀୟ ନୋଳସାହି ଗାଁର ଯୁବଚାଷୀ ଦୈତାରୀ ଜେନା। କଟକ ବନଖଣ୍ଡ ଅଧୀନ ଏହି ରାଜନଗର ଜଙ୍ଗଲଟିରେ ଶାଗୁଆନ, ଶାଳ, ପିଆଶାଳ ସମେତ ବିଭିନ୍ନ ଗଛ ଭରପୂର ରହିଛି। ମାତ୍ର ଏହି ଜଙ୍ଗଲ ମଧ୍ୟରେ କୌଣସି ଫଳନ୍ତି ଗଛ ନାହିଁ। ତେବେ ଏହି ଜଙ୍ଗଲକୁ ସୁରକ୍ଷା ଦେବା ସହ ଜଙ୍ଗଲ ମଧ୍ୟରେ ୩୦୦୦ ଆମ୍ବ ଟାକୁଆ ପକାଇ ଆମ୍ବ ବଗିଚା ସୃଷ୍ଟି କରିବାକୁ ପ୍ରୟାସ କରିଥିବା ଦୈତାରୀଙ୍କୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ସହଯୋଗ ପାଇଁ ଆଗେଇ ଆସିଛନ୍ତି। ଦୈତାରୀ ଶୁକ୍ରବାର ସୁଦ୍ଧା ୧୦୦୦ ଆମ୍ବ ଟାକୁଆ ଜଙ୍ଗଲ ମଧ୍ୟରେ ପକାଇବା ସହ ଏକ ସପ୍ତାହ ମଧ୍ୟରେ ଅବଶିଷ୍ଟ ୨୦୦୦ ଟାକୁଆ ପକାଇବାକୁ ସ୍ଥିର କରିଛନ୍ତି। ଏ ସମ୍ପର୍କରେ ଦୈତାରୀଙ୍କୁ ପଚାରିବାରେ ଚଳିତ ଆମ୍ବ ସିଜନ୍‌ରେ ନୋଳସାହି ସମେତ ଆଖପାଖ ଗ୍ରାମରେ ପାଚିଲା ଆମ୍ବ ଖାଇ ଟାକୁଆଗୁଡ଼ିକୁ ଫୋପାଡ଼ି ଦେଇଥା’ନ୍ତି। ତେବେ ଏହି ଟାକୁଆ ସଂଗ୍ରହ କରିବାକୁ ମୋତେ ବହୁ ପରିଶ୍ରମ କରିବାକୁ ପଡ଼ିଛି। ତେବେ ଚଳିତବର୍ଷ ୩୦୦୦ ଟାକୁଆ ପକାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଏହି ଜଙ୍ଗଲ ମଧ୍ୟରେ ବହୁ ସଂଖ୍ୟାରେ ଆମ୍ବଗଛ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଆମ୍ବ ବଗିଚା କ୍ରମଶଃ ଲୋପ ପାଇଯାଉଥିବା ବେଳେ ଏଠାରେ ଆମ୍ବ ବଗିଚା ସୃଷ୍ଟି ହେଲେ ଏହାଦ୍ୱାରା ପରବର୍ତ୍ତୀ ପିଢ଼ି ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ, ନିଜର ୫ ଗୁଣ୍ଠ ଚାଷଜମିରେ ଥାଇଲାଣ୍ଡ ବରକୋଳି ଗଛ ଲଗାଇ ଚଳିତବର୍ଷ ଲକ୍ଷାଧିକ ଟଙ୍କା ଆୟ କରିଥିବା ଦୈତାରୀ ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ପାଲଟିଥିଲେ। ଏହି ନୂତନ ଧରଣର ବରକୋଳି ଚାଷ ପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି।



ଦୈତାରୀ ଜେନା ଜଙ୍ଗଲରେ ଆମ୍ବଟାକୁଆ ପକାଉଛନ୍ତି।

# ବନ୍ଦ ଘରୁ ମହିଳାଙ୍କ ମୃତଦେହ ଜବତ

**ପାରାଦୀପ, ୧୯।୫(ସ୍ୱ.ପ୍ର.)**

ପାରାଦୀପ ଷଣ୍ଢକୁଦ ବସ୍ତିରୁ ଶୁକ୍ରବାର ସାବିତ୍ରୀ ବ୍ରତରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜଟାଧାରୀମୁହାଣ ସାମୁଦ୍ରିକ ଥାନା ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ବସ୍ତିର ସହଦେବ ମହାନ୍ତିଙ୍କ ସ୍ତ୍ରୀ ସ୍ମୃତିରେଖା ମହାନ୍ତି (୩୪)। ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଆର୍ଥିକ ସମସ୍ୟା ଯୋଗୁ ସ୍ମୃତିରେଖାଙ୍କ ପରିବାରରେ ଅଶାନ୍ତି ଲାଗି ରହିଥିଲା। ଏହି ଘଟଣାରେ ମ୍ରିୟମାଣ ହୋଇ ସେ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତ ପରେ ସୂଚନା ଦେଇଛି। ସହଦେବ ଓ ସ୍ମୃତିରେଖା ଗୁରୁବାର ରାତିରେ ଶୋଇଥିଲେ। ଶୁକ୍ରବାର ସକାଳେ ସ୍ମୃତିରେଖାଙ୍କୁ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ୬ ବର୍ଷର ଝିଅ ପ୍ରଥମେ ଦେଖିବା ପରେ ବାପାଙ୍କୁ ଜଣାଇଥିଲେ। ଏହାପରେ ଥାନାକୁ ଖବର ଦିଆଯାଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ଅବହେଳିତ ଶାଳପତରିଆ ଆଦିବାସୀ ବସ୍ତି

**କାଏମା,୧୯।୫(ଡି.ଏନ.ଏ.)**



ଏକ ନଳକୂପରୁ ମହିଳାମାନେ ପାଣି ନେଉଛନ୍ତି।



ଜରିପାଲ ତଳେ ଲୋକେ ରହୁଛନ୍ତି।

- ଜରି ପାଲ ତଳେ ଦିନ କଟୁଛି
- ପାନୀୟ ଜଳ, ବିଦ୍ୟୁତ୍ ସେବା ମିଳୁନାହିଁ
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେଗୁଡ଼ିକ କିପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ସେ ଦାୟିତ୍ୱ ପ୍ରଶାସନିକ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଉଛି। ହେଲେ କେତେକ ସ୍ଥାନରେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ବହୁ ବ୍ୟକ୍ତି ଅବହେଳିତ ଅବସ୍ଥାରେ ରହୁଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାଳପତରିଆ ଆଦିବାସୀ ବସ୍ତିରେ। ଏଠାରେ ବାସବାସ କରୁଥିବା ୧୫ରୁ ଅଧିକ ପରିବାର ନାନା ଅସୁବିଧାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ମାତ୍ର ୯ଟି ପରିବାରକୁ ମିଳିଛି ଘରଡ଼ିଅ ପଟ୍ଟା। ଏଠାରେ ପାନୀୟ ଜଳଠାରୁ ଆରମ୍ଭ କରି ରାସ୍ତା ବିଦ୍ୟୁତ୍ ଆଦି ଅନେକ ସମସ୍ୟା ରହିଛି। ହେଲେ ସେ ସବୁର ସମାଧାନ ହୋଇ ପାରୁନାହିଁ। ଏହି ପରିବାରଗୁଡ଼ିକ ଜରିପାଲ ଟାଙ୍ଗି ରହୁଥିଲେ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରିନାହିଁ। ପାନୀୟ ଜଳ ସମସ୍ୟା କହିଲେ ନସରେ। ଏଠାରେ ୨ ମାସ ହେବ ବସାଯାଇଥିବା ସରକାରୀ ନଳକୂପରୁ ବାହାରୁଛି ଗୋଳିଆ ପାଣି। ସେ ପାଣି ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଅନ୍ୟ ଯେଉଁ ନଳକୂପ ରହିଛି ସେଥିରୁ ଗୋଟିଏ ବାଲ୍ଟି ଫୁଲ୍ ହେବାକୁ ଅନେକ ସମୟ ଲାଗୁଛି। ପାଣି ପାଇଁ ଲୋକେ ଘଣ୍ଟାଘଣ୍ଟା ଧରି ନଳପୂପ ନିକଟରେ ଅପେକ୍ଷା କରି ରହୁଛନ୍ତି। ସବୁ ସମୟରେ ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଥିବା ଅଧିବାସୀମାନେ ଅଭିଯୋଗ କଲେ ବି ଶୁଣିବାକୁ କେହିନାହାନ୍ତି। ଝାଟିମାଟି ଘରେ ଛିଣ୍ଡା ଜରିପାଲ ତଳେ ବିତୁଛି ସେମାନଙ୍କ ଜୀବନ। ଆବାସ ତାଲିକାରେ ନାମ ଅନ୍ତର୍ଭୁକ୍ତ ହୋଇ ପାରୁନାହିଁ। ବିଶେଷକରି ସେମାନେ କେଉଁ ପଞ୍ଚାୟତର ତାହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଫଳରେ ୨ ପଞ୍ଚାୟତ ଗଙ୍ଗାଧରପୁର ଓ କୁମାରୀ ପଞ୍ଚାୟତ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ସେମାନଙ୍କୁ ଗଙ୍ଗାଧରପୁର ପଞ୍ଚାୟତ ଶାଳପତରିଆ ମୌଜାର ଜମିପଟ୍ଟା ମିଳିଛି। ହେଲେ କୁମାରୀ ପଞ୍ଚାୟତରୁ ରାଶନ ମିଳୁଛି। ଆଧାର କାର୍ଡରେ କୁମାରୀ ପଞ୍ଚାୟତ ଠିକଣା ରହିଛି। କିନ୍ତୁ ସେମାନେ କେଉଁ ପଞ୍ଚାୟତର ତାହା ସ୍ପଷ୍ଟ ହୋଇ ପାରୁନାହିଁ। ଫଳରେ ସେମାନଙ୍କୁ ସରକାରୀ ସହାୟତା ମିଳିବାରେ ସମସ୍ୟା ହେଉଛି। ସେହିପରି ଶାଳପତରିଆବାସୀଙ୍କ ପାଇଁ ବିଦ୍ୟୁତ୍ ସେବା ଅପହଞ୍ଚ ହୋଇଛି। ବ୍ଲକ କାର୍ଯ୍ୟାଳୟଠାରୁ ଅଳ୍ପ ଦୂର ଜାରକା ବଜାର ଉପକଣ୍ଠରେ ଏହି ଅଞ୍ଚଳ ହୋଇଥିଲେ ବି ବହୁ ଅଣଦେଖା କରାଯାଇଛି। ପଠାପଢ଼ା କ୍ଷେତ୍ରରେ ପିଲା ବହୁ ପଛରେ ରହିଛନ୍ତି। ଗାଁକୁ ରାସ୍ତା ନ ଥିବାରୁ ବର୍ଷା ଦିନେ ଏଠାରେ ନାନା ସମସ୍ୟା ଦେଖା ଦେଇଥାଏ। ଲୋକେ ପାଣି କାଦୁଅରେ ପସି ଯାତାୟାତ କରିଥାନ୍ତି। ତେଣୁ ପ୍ରଶାସନ ଏହି ଆଦିବାସୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କୁମାରୀ ସରପଞ୍ଚଙ୍କ ପ୍ରତିନିଧି ପ୍ରଭୁରଞ୍ଜନ ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଶାଳପତରିଆ(ଝାଲସୁଖା) କାହାର ପ୍ରଶାସନ ଧାର୍ଯ୍ୟ କରିବା ଦରକାର। ଏହା ଧାର୍ଯ୍ୟ କରାଗଲେ ସେମାନଙ୍କୁ ସରକାରୀ ସହାୟତା ମିଳିବା ସହଜ ହେବ। ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନାଙ୍କୁ ପଚାରିବାରେ ସେ ନକ୍ସା ଦେଖି ଏହି ଅଞ୍ଚଳ ତାଙ୍କ ପଞ୍ଚାୟତ ଅଧୀନରେ ଯାଉନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ଦେବେନ୍ଦ୍ର ବଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀତମ



@ ଦୈତାରି



@ ଜିତେନ୍ଦ୍ର



@ ନାରାୟଣ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବରୀର ୧୫୩ ଛାତ୍ରୀଛାତ୍ର ଏ-୧ରେ କୃତକାର୍ଯ୍ୟ

**ବରୀ,୧୯।୫(ଡି.ଏନ.ଏ.)**

**ଶ୍ରେୟଶ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ**

ଚଳିତ ମାଟ୍ରିକ ପରୀକ୍ଷାରେ ଯାଜପୁର ଜିଲା ବରୀ ଶିକ୍ଷାମଣ୍ଡଳ ଅଧୀନ ରାମପୁର ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ଶ୍ରେୟଶ୍ରୀ ଜେନା ରାଜ୍ୟରେ ପ୍ରଥମ ହୋଇଛନ୍ତି। ଏକଥା ଜଣାପଡ଼ିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନେକ ବ୍ୟକ୍ତିବିଶେଷ ତାଙ୍କୁ ଭେଟିସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରୁଛନ୍ତି। ଶୁକ୍ରବାର ବ୍ଲକ୍ ଶିକ୍ଷାଧିକାରୀ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସହ ଅନ୍ୟମାନେ ତାଙ୍କୁ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ଶନିବାର ରାମପୁର ପଞ୍ଚାୟତ ହାଇସ୍କୁଲରେ ଉକ୍ତ ବ୍ଲକ୍‌ର ଏ-୧ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି।

ଜିଲାରେ ମୋଟ୍ ୩୫୫ ଛାତ୍ରୀଛାତ୍ର ଏ-୧ରେ କୃତକାର୍ଯ୍ୟ ହୋଇଥିବାବେଳେ ସେଥିରୁ ବରୀର ୧୫୩ଜଣ ରହିଥିବା ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ସୂଚନା ଦେଇଛନ୍ତି। ବରୀ ଶିକ୍ଷା ମଣ୍ଡଳ ଅଧୀନ ବିଦ୍ୟାଳୟଗୁଡିକର ଭିତ୍ତିଭୂମି, ପାରିପାର୍ଶ୍ୱିକ ଅବସ୍ଥା ଓ ଉତ୍ତମ ଶିକ୍ଷାଦାନ ପାଇଁ ଏଠାରେ ଛାତ୍ରୀଛାତ୍ର ଏଭଳି କୃତିତ୍ୱ ଅର୍ଜନ କରିଛନ୍ତି ବୋଲି ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ଗୋପବନ୍ଧୁ ଦାସ, କର୍ଣ୍ଣ ଚନ୍ଦ୍ର ଘଡ଼ାଇ, ମକରଧ୍ୱଜ ସାହୁ, ଡ. ନୃସିଂହ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ, ପ୍ରଧାନଶିକ୍ଷକ ପାବକ ମହାପାତ୍ର, ସରପଞ୍ଚ ଚପଳା ମଲ୍ଲ ଓ କେଦାର ସାମଲ ପ୍ରମୁଖ ମତ ରଖିଛନ୍ତି। ଅନ୍ୟପକ୍ଷରେ ବରୀ ବ୍ଲକ୍ ଶିକ୍ଷା ବିଭାଗର ଏହି ଶିକ୍ଷାଦାନ ପଦ୍ଧତି ଆଗାମୀ ଦିନରେ ଓଡ଼ିଶା ଶିକ୍ଷା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



ଶ୍ରେୟଶ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀ, ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ନୟାଗଡ଼ ଜଗନ୍ନାଥ ମନ୍ଦିର ଅବଢ଼ା ନିଲାମରେ ଚଞ୍ଚକତା

**ନୟାଗଡ଼ ଅଫିସ,୧୯।୫**



■ନିଲାମ ଅର୍ଥରୁ ଅଧା ମିଳୁନି ରାଜସ୍ୱ
■ରିକଭରି ପାଇଁ ବ୍ୟବସ୍ଥା ନାହିଁ
■ସ୍ୱାମୀ ବକେୟା ରଖି ସ୍ତ୍ରୀ ନେଉଛି ନିଲାମ

ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ ମହାପ୍ରଭୁଙ୍କ ଅବଢ଼ା ନିଲାମରେ ଚଞ୍ଚକତା କରାଯାଇ ଠାକୁରଙ୍କୁ ବି ଠକେଇ କରାଯାଉଛି। ନିଲାମ ପରେ ୫୦ ପ୍ରତିଶତ ଅର୍ଥ ପଇଠ କରାଯିବାର ନିୟମ ରହିଥିଲେ ହେଁ ଦେବୋତ୍ତର ବିଭାଗ ପକ୍ଷରୁ ଏଥିପ୍ରତି ଅଣଦେଖା କରାଯାଉଛି। ଏଣୁ ପ୍ରତିବର୍ଷ ଅବଢ଼ା ପାଇଁ ନିଲାମ ହେଉଥିବାବେଳେ ନିଲାମ ଟଙ୍କାରୁ ଅଧା ଟଙ୍କା ଠାକୁର ରାଜସ୍ୱ ପାଉନାହାନ୍ତି। ସ୍ୱାମୀ ନିଲାମ ଟଙ୍କା ବକେୟା ରଖିଥିବାବେଳେ ସ୍ତ୍ରୀ ପୁଣି ନିଲାମ ନେଉଛନ୍ତି। ପ୍ରତିବର୍ଷ ଏଭଳି ଠକେଇ ଚାଲିଥିବାବେଳେ ଏହାକୁ ବନ୍ଦ କରିବାକୁ ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷେ ନିଲାମ ଟଙ୍କା ପାଇବାକୁ ମନ୍ଦିର ପ୍ରଶାସନ ରିକଭରି ବ୍ୟବସ୍ଥା ଲାଗୁ କରୁ ନ ଥିବାରୁ ଜଗନ୍ନାଥ ମହାପ୍ରଭୁଙ୍କର କ୍ଷତି ହୋଇଚାଲିଛି।

ଅଭିଯୋଗ ଅନୁସାରେ, ଅବଢ଼ା ନିଲାମ ହେଲେ ସଙ୍ଗେସଙ୍ଗେ ନିଲାମର ୫୦ ପ୍ରତିଶତ ଅର୍ଥ ପଇଠ କରିବାର ନିୟମ ରହିଛି। ପୁଣି ମାସେ ମଧ୍ୟରେ ଅବଶିଷ୍ଟ ଅର୍ଥ ପଇଠ କରାଯିବ। ହେଲେ ନିୟମକୁ ଅଣଦେଖା କରି ନିଲାମ ଅର୍ଥ ଆଦାୟ କରାଯାଉନାହିଁ। ଅନ୍ୟପକ୍ଷେ ଅବଢ଼ା ନିଲାମ ପାଇଁ ଅଧିକ ଟଙ୍କା ଡାକି ନିଲାମ ନିଆଯାଉଛି। ଯାହାର ନଜିର ଗତବର୍ଷ ଅବଢ଼ା ନିଲାମକୁ ନିଆଯାଇପାରେ। ଗତବର୍ଷ ଜୁନ୍‌ରେ ଅବଢ଼ା ପାଇଁ ନିଲାମ ହୋଇଥିଲା। ୫ ଲକ୍ଷ ୫୪ ହଜାର ନିଲାମ ହୋଇଛି। ନିଲାମ ନେଇଥିବା ବ୍ୟକ୍ତି ୧ ଲକ୍ଷ ଟଙ୍କା ଦେଇ ଆଉ ଦେଇ ନ ଥିବା ଜଣାପଡ଼ିଛି। ୨୦୨୩ ମେ'ରେ ନିଲାମ ଅବଧି ଶେଷ ହେବ। ନିଲାମ ଶେଷ ପାଇଁ ଆଉ ସ୍ୱଳ୍ପଦିନ ବାକି ରହିଛି। ଦେବୋତ୍ତର ବିଭାଗ ପକ୍ଷରୁ ଏଯାବତ୍ ନିଲାମଧାରୀଙ୍କୁ ନୋଟିସ୍ ମଧ୍ୟ ଦିଆଯାଇନାହିଁ। ଏଭଳିସ୍ଥଳେ ଠାକୁରଙ୍କର ରାଜସ୍ୱ କ୍ଷତି ହୋଇଚାଲିଛି। ଏଭଳି ପ୍ରତିବର୍ଷ ବକେୟା ଟଙ୍କା ଆଦାୟ ନ କରାଯାଇ ନିଲାମ କରାଯାଉଛି। ପ୍ରଶ୍ନ ଉଠୁଛି ଅଧିକ ଟଙ୍କାରେ ଅବଢ଼ା ନିଲାମ ଦେଇ ଲାଭ କ'ଣ। ଠାକୁରଙ୍କ ପାଣ୍ଠିକୁ ରାଜସ୍ୱ ଆସୁ ନ ଥିଲେ ହେଁ ଅଧିକ ଦରରେ ନିଲାମ କାହିଁକି କରାଯାଉଛି। ଏଭଳି ଚଞ୍ଚକତା ପଛରେ ଯେଉଁମାନେ ଅଛନ୍ତି ସେମାନଙ୍କୁ କାହିଁକି ଚିହ୍ନଟ କରାଯାଉନାହିଁ। ପୁଣି ଅବଢ଼ାର କ୍ୱାଲିଟି ରହୁନି। ଯଦି କୌଣସି ଅନୁଷ୍ଠାନ ଅଥବା ସେବାସୀ କମ୍ ଟଙ୍କାରେ ନିଲାମ ନେଇ ସମସ୍ତ ଟଙ୍କା ଆଗୁଆ ପଇଠ କରୁଛନ୍ତି ତାଙ୍କୁ କାହିଁକି ନିଲାମ ଦିଆଯାଉନି। ଅବଢ଼ା ନିଲାମରେ ରାଜନୀତି ଚାଲିଛି ବୋଲି ଅଭିଯୋଗ ଉଠୁଛି। ଏ ନେଇ ନୟାଗଡ଼ ପୁରୁଣା ସହରର ଭବାନୀ ଦାଶ କୁହନ୍ତି, ଅବଢ଼ା ନିଲାମରେ ଚଞ୍ଚକତା କରାଯାଉଛି। ପ୍ରାୟ ୧୦ ବର୍ଷର ନିଲାମ ପ୍ରକ୍ରିୟାକୁ ଦେଖିଲେ ଠାକୁର କ୍ଷତି ସହୁଛନ୍ତି। ଦେବୋତ୍ତର କର୍ତ୍ତୃପକ୍ଷ ରିକଭରି ପାଇଁ ପଦକ୍ଷେପ ନେଲେ ଏଭଳି ଅସୁବିଧା ହୁଅନ୍ତା ନାହିଁ। ରିକଭରି ବ୍ୟବସ୍ଥା ନ ଥିବାରୁ କିଛି ଲୋକ ଅବଢ଼ା ନିଲାମ ଟଙ୍କାକୁ ବକେୟା ରଖି ନିଜ ପରିବାର ସଦସ୍ୟ, ବନ୍ଧୁବାନ୍ଧବ, ନିଜ ଲୋକଙ୍କ ସହାୟତାରେ ନିଲାମ ନେଇ ଲାଭବାନ୍ ହେଉଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ଦାବି ହେଉଛି। ଏ ସମ୍ପର୍କରେ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରେ ଅଧିକ ଟଙ୍କାରେ ନିଲାମ ନେଇ ସ୍ୱଳ୍ପ ଟଙ୍କା ଦେଇ ଅବଶିଷ୍ଟ ଅର୍ଥ ପ୍ରଦାନ କରୁନାହାନ୍ତି। ଏଣୁ ଠାକୁରଙ୍କର କ୍ଷତି ହେଉଛି। ତେବେ ଯେଉଁମାନେ ନିଲାମ ଅର୍ଥ ପ୍ରଦାନ କରୁନାହାନ୍ତି ସେମାନଙ୍କ ବିରୋଧରେ ସାର୍ଟିଫିକେଟ କେସ୍ କରାଯିବ ବୋଲି ସେ କହିଛନ୍ତି।

## ମା' ବ୍ରାହ୍ମଣୀ ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଶୋଭାଯାତ୍ରା



ଯଜ୍ଞ ପାଇଁ କୁସୁମୀ ନଦୀରୁ ହରିହରପୁର ଗାଁର ମହିଳାପୁରୁଷମାନେ କଳସରେ ଜଳ ନେଉଛନ୍ତି।

**ଶରଣକୁଳ,୧୯।୫(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ହରିହରପୁର ଗ୍ରାମର ଆରାଧ୍ୟା ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଶୁକ୍ରବାରଠାରୁ ୩ଦିନ ଧରି ସାବିତ୍ରୀ ଯାତ୍ରା ତଥା ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହେଉଛି। ଏହି ଯଜ୍ଞ ଶୁକ୍ରବାରଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳୁ ଗାଁର ମହିଳାମାନେ ପୂଜାଥାଳି ଓ ନୂଆଲୁଗା ଧରି ସାବିତ୍ରୀ ପୂଜା ନିମନ୍ତେ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ପହଞ୍ଚିଥିଲେ। ଯଜ୍ଞ କମିଟିର ସ୍ୱେଚ୍ଛାସେବୀମାନେ ମହିଳାମାନଙ୍କୁ ଧାଡ଼ିରେ ଛାଡ଼ିବା ଓ ପୂଜାଥାଳି ମାନ ଠିକ୍ ଭାବେ ମା'ଙ୍କ ଗମ୍ଭୀରା ଭିତରକୁ ପ୍ରେରଣ କରି ପୂଜା ପରେ ବ୍ୟବସ୍ଥିତ ଭାବେ ଫେରସ୍ତ ଦେବାରେ ସାହାଯ୍ୟ କରିଥିଲେ। ସାବିତ୍ରୀ ପୂଜା ପରେ ଗ୍ରାମର ପ୍ରାୟ ୨ଶହ ମହିଳାପୁରୁଷ ଉପବାସ ରହି ପୂର୍ବାହ୍ନରେ ନିକଟସ୍ଥ କୁସୁମୀ ନଦୀର ପଥରା ଘାଟରୁ କଳସୀରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଘଣ୍ଟ, ଘଣ୍ଟା, ଛତି, ତ୍ରାସ୍, ଢୋଲ, ମର୍ଦ୍ଦଳ ଓ କାହାଳି ସାଙ୍ଗରେ ବାଣ ରୋଶଣି ସହ ପଥରା ଘାଟରୁ ପାଣି ଉଠାଇ ମହିଳାମାନେ ଗ୍ରାମର ବଡ଼ଦାଣ୍ଡ ସାହି, ଦକ୍ଷିଣ ସାହି, ନୂଆସାହି, ତଳସାହି ଆଦିରେ କଳସ ଯାତ୍ରାରେ ଆସି ଖଲି ବରାଡ଼ ମାର୍ଗ ଦେଇ ମା' ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ସମ୍ମୁଖସ୍ଥ ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ପୂର୍ବରୁ ମଣ୍ଡପରେ ଉପସ୍ଥିତ ଥିବା ପଣ୍ଡିତମାନଙ୍କ ଦ୍ୱାରା କଳସ ସ୍ଥାପନ ପରେ ଘୃତ ଆହୁତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିଦିନ ଏହିପରି ଘୃତ ଆହୁତି ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ଯଜ୍ଞରେ ନିକଟସ୍ଥ ବ୍ରାହ୍ମଣ ଶାସନଗୁଡ଼ିକରୁ ୧୦ ଜଣ ପଣ୍ଡିତ ବେଦ, ମନ୍ତ୍ରପାଠ ସହ ଘୃତ ଆହୁତି ପ୍ରଦାନ କରୁଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞକାର୍ଯ୍ୟ ଚାଲିଛି। ଗ୍ରାମର ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ବରାଡ଼, କୋଷାଧ୍ୟକ୍ଷ ସୌଦାଗର ନାୟକ, ସମ୍ପାଦକ କିଶୋର କୁମାର ନାୟକ, ସଦସ୍ୟ ଗୋଲି ପ୍ରଧାନ, ମଙ୍ଗୁଳି ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ଅଭିମନ୍ୟୁ ନାୟକ, କୀର୍ତ୍ତନ ବରାଡ଼, ଜୟ ବରାଡ଼, ରବି ବରାଡ଼, ନାରାୟଣ ବରାଡ଼, ସମରେନ୍ଦ୍ର ସ୍ୱାଇଁ, ବୈକୁଣ୍ଠନାଥ ସୀଠ, କେଦାର ବରାଡ଼, ଶରତ ଚନ୍ଦ୍ର ବରାଡ଼, ବଇ ନାୟକ, ପ୍ରଫୁଲ୍ଲ କୁମାର ବରାଡ଼, ଶ୍ୟାମ ଜେନା, ଖଦାଳ ପ୍ରଧାନ, ବୈଦ୍ୟନାଥ ବରାଡ଼ ପ୍ରମୁଖ ସାବିତ୍ରୀ ଯାତ୍ରା ପରିଚାଳନା କରିଥିଲେ।

## ମାଟ୍ରିକ୍ ପରୀକ୍ଷାର ଏ-୧,ଏ-୨ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ନୟାଗଡ଼ ଅଫିସ,୧୯।୫**

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଶରଣକୁଳ କେ.ଏସ୍.ବି. ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ସ୍କୁଲ୍‌ର ମୋଟ ୩୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଏ-୧ରେ ୨ ଜଣ, ଏ-୨ରେ ୫ଜଣ, ବି-୧ରେ ୧୩ ଜଣ ,ବି-୨ରେ ୧୧ ଜଣ ଓ ଅବଶିଷ୍ଟ ସି' ଗ୍ରେଡ୍‌ରେ ଏହିପରି ୩୬ ଜଣ ପାସ୍ କରିଛନ୍ତି। ଏ ଅବସରରେ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସ୍କୁଲ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀଙ୍କ ସମେତ ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର କର, ରାଜେନ୍ଦ୍ର ତ୍ରିପାଠୀ, ସବିତା ସାହୁ, ସୌଭାଗ୍ୟ ମଞ୍ଜରୀ ପାଳ, ଦିଲୀପ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଏ-୧ ପାଇଥିବା ଛାତ୍ରୀ ସୁନି ପ୍ରଧାନ ଓ ସୂଚିପ୍ରିୟା ଦାଶଙ୍କ ସମେତ ଏ-୨ ପାଇଥିବା ରୋହନ ନାହାକ, ଅନିମା ଦାସ, ସଂଘମିତ୍ରା ପ୍ରିୟଦର୍ଶିନୀ, ସାଗରିକା ସାହୁ, ସ୍ମୃତିରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବି-୧ ଓ ବି-୨ ପାଇଥିବା ଛାତ୍ରୀଛାତ୍ର ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।




ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନେ।

## ପ୍ରତିମୂର୍ତ୍ତିର ସ୍ଥାନ, ଦିଗ ବଦଳିଲା

**ନୟାଗଡ଼ ଅଫିସ,୧୯।୫**

ନୟାଗଡ଼ ଟ୍ରାଫିକ ଛକରେ ଗୋଲେଇ ଟ୍ରାଫିକ ଛକ ନିର୍ମାଣ ଚାଲିଥିବାରୁ ଏଠାରେ ଥିବା ନୟାଗଡ଼ର ପୂର୍ବତନ ମନ୍ତ୍ରୀ ଭାଗବତ ବେହେରାଙ୍କର ପ୍ରତିମୂର୍ତ୍ତିର ସ୍ଥାନ ଓ ଦିଗ ବଦଳି ଯାଇଛି। ପୂର୍ବରୁ ପୂର୍ବତନ ମନ୍ତ୍ରୀଙ୍କ ପ୍ରତିମୂର୍ତ୍ତି ପୂର୍ବକୁ ମୁହଁ କରି ରହିଥିବାବେଳେ ଏବେ ଦକ୍ଷିଣା ମୁହାଁ ହୋଇଛି। ସେହିପରି ପ୍ରତିମୂର୍ତ୍ତି ଟ୍ରାଫିକ ଛକ ନିକଟରୁ ଭିତର ପାଖକୁ ସ୍ଥାନାନ୍ତର ହୋଇଯାଇଛି। ମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ପ୍ରତିବାଦ ହୋଇଥାନ୍ତା ବୋଲି ଚର୍ଚ୍ଚା ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀତମ



@ ଦୈତାରି



@ ଜିତେନ୍ଦ୍ର



@ ନାରାୟଣ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାମ ପୂର୍ବରୁ ସୂଚନା ଫଳକ ୱାର୍ଡ ସଭ୍ୟ ଭାଙ୍ଗିଦେଲେ

**ଭାପୁର,୧୯।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଥମୁନି ରାଜନୈତିକ ଆକ୍ରୋଶ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିବାର ପାଖାପାଖି ବର୍ଷେରୁ ଊର୍ଦ୍ଧ୍ୱ ପରେ ମଧ୍ୟ ରାଜନୈତିକ ଛକାପଞ୍ଝା ଲାଗି ରହିଛି। ରାଜନୈତିକ ଆକ୍ରୋଶରୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ସହ ସୂଚନା ଫଳକ ଭଙ୍ଗା ଯାଇଥିବା ନେଇ ଅଭିଯୋଗ ହୋଇଛି। ଭାପୁର ବ୍ଲକ ଅଧୀନ ଧାନଚାଟେଙ୍ଗଡା ପଞ୍ଚାୟତ ଭୋଗଡା ଗ୍ରାମର ସୀମିଳିବନ୍ଧ ଖନନ ନିମନ୍ତେ ବ୍ଲକ ପ୍ରଶାସନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୯ଲକ୍ଷ ୫୦ ହଜାର ଅର୍ଥ ମଞ୍ଜୁର କରିଛନ୍ତି। ତଦନୁଯାୟୀ ଭାପୁର ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଏହି କାମ ପାଇଁ ପ୍ରକଳ୍ପ ସ୍ଥାନରେ ଜିଓ ଟ୍ୟାଗ ସହ ଫଳକ ଲଗାଇଥିଲା। ଭୋଗଡା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜଣେ ୱାର୍ଡସଭ୍ୟ ଭାଙ୍ଗିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ବାଧାସୃଷ୍ଟି କରୁଛନ୍ତି। ସେ ପୂର୍ବରୁ ବିରୋଧ କରିବା ସହ କାମ କରାଇ ଦେବୁ ନାହିଁ କହିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଠାରେ ଯିଏ କାମ କରିବ ତାକୁ ହତ୍ୟା କରିଦେବୁ ବୋଲି ଧମକ ଦେଇଥିଲେ। ଯେଉଁଠି ଅଭିଯୋଗ କଲେ ମଧ୍ୟ ମୋର କିଛି କରିପାରିବେ ନାହିଁ ବୋଲି ଯୁକ୍ତିତର୍କ କରିଥିଲେ। ତେଣୁ ରାତିରେ ଯାଇ ସୂଚନା ଫଳକ ସେ ଭାଙ୍ଗି ଦେଇଛନ୍ତି। ଏ ନେଇ ଭୋଗଡ଼ା ଗ୍ରାମବାସୀ ଫତେଗଡ଼ ଥାନାରେ ଏତଲା ଦେବାସହ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିବେଦନ କରିଛନ୍ତି। ଫଳକ ଭଙ୍ଗା ଘଟଣାକୁ ସ୍ଥାନୀୟ ଲୋକଙ୍କ ସମେତ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। କିଛିଦିନ ତଳେ ଗୋଳାପୋଖରୀ ଓ କେନ୍ଦୁପଲ୍ଲୀ ପଞ୍ଚାୟତରେ ଫଳକକୁ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନେଇ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।



# ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ ଦାବି



ବୈଠକରେ ତାଳଚେର-ଗୋପାଳପୁର ରେଳପଥ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

**ନୟାଗଡ଼ ଅଫିସ/ ଶରଣକୁଳ,୧୯।୫(ଡି.ଏନ.ଏ.)**

### ନୟାଗଡ଼ ଜିଲା କ୍ରିୟାନୁଷ୍ଠାନ କମିଟିର ବୈଠକ

ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ ଦାବି ଜୋର ଧରିଛି। ଏ ନେଇ ନୟାଗଡ଼ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଶରଣକୁଳ ନିକଟସ୍ଥ ଶିଖରପୁର କଲ୍ୟାଣମଣ୍ଡପଠାରେ ୪ର୍ଥ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାକୁ ସାକାର କରିବା ଲାଗି ଏବେ ଜିଲାବାସୀ ଏକାଠି ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼ ଓ ଶରଣକୁଳ ଅଞ୍ଚଳର ଜନସାଧାରଣ ଏବେ ଆଗକୁ ଆସି ନୟାଗଡ଼ ଜିଲା ତାଳଚେର-ଗୋପାଳପୁର ରେଳପଥ କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ସରକାରୀ ନିଷ୍କ୍ରିୟତାକୁ ବିରୋଧ କରୁଛନ୍ତି। ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୪ର୍ଥ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରମୋଦ ପଟ୍ଟନାୟକ, ଭାଜପା ନେତା ତଥା କମିଟି ସମ୍ପାଦକ ନସିର ଅହମ୍ମଦ, ସନ୍ତୋଷ କୁମାର ପ୍ରଧାନ, ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପାତ୍ର, ଶିଖରପୁର ସମିତି ସଭ୍ୟ ଭାଗବତ ସେଠୀ, ପୂର୍ବତନ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ଼ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଶରଣକୁଳ ଅଞ୍ଚଳବାସୀଙ୍କ ପକ୍ଷରୁ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ ଦାବି ନେଇ ମିଳିତ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ଜରିଆରେ ଏକ ଦାବିପତ୍ର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦିଆଯାଇ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଏହି ଅଞ୍ଚଳ ଦେଇ ରେଳ ଚଳାଚଳ ହେଲେ ଅଞ୍ଚଳ ବାସୀ ରୋଜଗାରକ୍ଷମ ହେବା ସହ ଗମନାଗମନର ସୁବିଧା ପାଇପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିରେ ନୟାଗଡ଼ ଜିଲାର ୫୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ। ଶେଷରେ କୃପାସିନ୍ଧୁ ଗୌଡ ଧନ୍ୟବାଦ ଦେଇଥିଲେ।

ସୂଚନା ଯୋଗ୍ୟ, ୧୯୯୦ରେ ପ୍ରସ୍ତାବିତ ତାଳଚେରଠାରୁ ନୟାଗଡ଼ ଦେଇ ଗୋପାଳପୁର ପର୍ଯ୍ୟନ୍ତ ୨୯୩ କିଲୋମିଟର ଦୀର୍ଘ ବିଶିଷ୍ଟ ରେଳପଥ ନିର୍ମାଣ ପାଇଁ ପ୍ରଥମେ, ୧୯୯୬ରେ ଦ୍ୱିତୀୟ ସର୍ଭେ ହେବା ପରେ ୨୦୦୩ରେ ଶେଷ ସର୍ଭେ ସରିଥିଲା। ଏହି ରେଳପଥ ନିର୍ମାଣ ହେଲେ ନୟାଗଡ଼ ଜିଲା ସହିତ ଅନୁଗୋଳ, ଢେଙ୍କାନାଳ, କଟକ ଓ ଗଞ୍ଜାମ ଜିଲାର ଯୋଗାଯୋଗ ତଥା ଅର୍ଥନୈତିକ ଅଭିବୃଦ୍ଧି ସହ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇବ। ଏହା ଜିଲାବାସୀଙ୍କର ଜୀବନରେଖା ପରି କାର୍ଯ୍ୟ କରିବ ବୋଲି ଅନୁଭବ କରି ସରକାରଙ୍କ ପକ୍ଷରୁ ଏହାର ୩ୟ ପର୍ଯ୍ୟାୟ ସର୍ଭେ ସରି ରେଲୱେ ବୋର୍ଡ଼ର ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟକ୍ରମେ ଆର୍ଥିକ ଅନୁଦାନର ଚୂଡ଼ାନ୍ତ ରୂପରେଖ ଏ ଯାବତ ନିର୍ଣ୍ଣୟ ହୋଇ ନ ଥିବାରୁ ଜିଲାବାସୀଙ୍କର ଆଶା ଆଶାରେ ରହିଯାଇଛି।



କ୍ରିୟାନୁଷ୍ଠାନ କମିଟି ବୈଠକରେ ଉପସ୍ଥିତ ଲୋକମାନେ।



# ପସନ୍ଦ ଆସୁଛି 'ସତ୍ୟ ପ୍ରେମ୍ କି କଥା'ର ଟିଜର

ମୁମ୍ବାଇ

ବଲିଉଡ୍ ଚକୋଲେଟ୍ ହିରୋ କାର୍ତ୍ତିକ ଆର୍ଯ୍ୟନଙ୍କ ଅଭିନୀତ ଫିଲ୍ମ 'ସତ୍ୟ ପ୍ରେମ୍ କି କଥା'ର ଟିଜରକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଏହି ଫିଲ୍ମ ଜରିଆରେ ପୁଣଥରେ କାର୍ତ୍ତିକ ଓ କିଆରା ଆଡଭାନି ଅନ୍‌ସ୍କ୍ରିନ୍ ରୋମାନ୍ସ କରିବେ। ଦୁଇଜଣଙ୍କ ଯୋଡ଼ିକୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଥିବାବେଳେ ଏବେ ପୁଣିଥରେ ସେମାନଙ୍କୁ ଏକାଠି ପରଦାରେ ଦେଖିବା ପାଇଁ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଯାଇଛି। ଗୁରୁବାର ଫିଲ୍ମର ଟିଜର ରିଲିଜ୍ ହୋଇଛି। ଲୋକେ ଏହାକୁ ଖୁବ୍ ପସନ୍ଦ କରୁଥିବା ଦେଖାଯାଇଛି। ଜୁନ୍ ୨୯ରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ। 'ସତ୍ୟ ପ୍ରେମ୍ କି କଥା'ର ନିର୍ଦ୍ଦେଶନା ଦେଇଛନ୍ତି ସମୀର ବିଦ୍ୱାନ୍ସ। ପୂର୍ବରୁ ଚଳଚ୍ଚିତ୍ର 'ଭୁଲ୍ ଭୁଲେୟା୨'ରେ ଦର୍ଶକେ କାର୍ତ୍ତିକ ଓ କିଆରାଙ୍କ ଯୋଡ଼ିକୁ ବଡ଼ ପରଦାରେ ଦେଖିବାକୁ ପାଇଥିଲେ। ସେମାନଙ୍କ ଲଭ୍ କେମିଷ୍ଟ୍ରି ଅନେକଙ୍କ ମନ ଛୁଇଁଥିବାବେଳେ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଖାଲି ସେତିକି ନୁହେଁ ବକ୍ସ ଅଫିସରେ ଭୁଲ ଭୁଲେୟା ୨ ଭଲ ବ୍ୟବସାୟ ମଧ୍ୟ କରିଥିଲା।

# ବ୍ରେନ୍ କ୍ୟାନ୍‌ସରର ସହଜ ଚିକିତ୍ସା ସମ୍ଭବ


ସରଥା କ୍ରିଷ୍ଣନ

ଥିରୁଭାନନ୍ତପୁରମ

ଏଣିକି ବ୍ରେନ୍ କ୍ୟାନ୍ସର ଚିକିତ୍ସା ଅତି ସହଜ ଉପାୟରେ କରାଯାଇପାରିବ। ସାନ୍ ଫ୍ରାନ୍ସିସ୍କୋ ମେଡିକାଲ ସେଣ୍ଟର, ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବୈଜ୍ଞାନିକଙ୍କ ପକ୍ଷରୁ ଏହି ଚିକିତ୍ସା ପଦ୍ଧତି ଉଦ୍ଭାବନ କରାଯାଇଛି। ଷ୍ଟଡି ମୁଖ୍ୟ ସରଥା କ୍ରିଷ୍ଣନ କହିଛନ୍ତି, ଆଣ୍ଟି-ସିଜର୍ ଡ୍ରଗ୍‌କୁ ବ୍ୟବହାର କରି ବ୍ରେନ୍ ଟ୍ୟୁମରର ପ୍ରଭାବ ଓ ଏହାର ବିକାଶକୁ କମାଯାଇ ପାରିବ। ସରିଥାଙ୍କ ଘର କେରଳର ଥିରୁଭାନନ୍ତପୁରମ୍‌ରେ। ଫଳରେ ରୋଗୀଙ୍କ କ୍ଷେତ୍ରରେ ମୃତ୍ୟୁର ଭୟ ରହିବ ନାହିଁ। ଅନ୍ୟପକ୍ଷରେ ଗ୍ଲିଓବ୍ଲାଷ୍ଟୋମା ରୋଗୀଙ୍କ ପାଇଁ ମଧ୍ୟ ଏହି ଚିକିତ୍ସା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ବିଶେଷ କରି ବ୍ରେନ୍ କ୍ୟାନ୍‌ସର ଯୋଗୁ ଅଧିକାଂଶ କିଶୋରଙ୍କ ମୃତ୍ୟୁ ବଢ଼ିବାକୁ ଦୃଷ୍ଟିରେ ରଖି ବୈଜ୍ଞାନିକଙ୍କ ଦ୍ୱାରା ଏହାର ସହଜ ଚିକିତ୍ସା ପଦ୍ଧତି ବାହାର କରାଯାଇଛି। କ୍ୟାନ୍‌ସର ସେଲର ନକାରାତ୍ମକ ପ୍ରଭାବ ଯୋଗୁ ମସ୍ତିଷ୍କର ଅନ୍ୟ କୋଷିକା କାର୍ଯ୍ୟ ବନ୍ଦ କରିଦେଇଥାନ୍ତି।

ବିଶେଷ କରି ବାତ ଚିକିତ୍ସା ପାଇଁ ସାଧାରଣ ଭାବେ ବ୍ୟବହାର ହେଉଥିବା ଗାବାପେଣ୍ଟିନ ମେଡିସିନ୍‌ରେ ଥିବା ଥ୍ରୋମ୍ବୋସ୍ପୋଣ୍ଡିନ-୧ ପ୍ରୋଟିନ୍ ଟ୍ୟୁମରକୁ ଭଲ କରିବାରେ ସାହାଯ୍ୟ କରିଥାଏ। ଆଗକୁ ବ୍ରେନ୍ ଟ୍ୟୁମର ରୋଗୀଙ୍କ ଉପରେ ଏହି ଚିକିତ୍ସା ପଦ୍ଧତିର ଟ୍ରାଏଲ



ଆରମ୍ଭ କରାଯିବ। ଏହି ଉପାୟକୁ ବ୍ୟବହାର କରି ଭବିଷ୍ୟତରେ ବୈଜ୍ଞାନିକମାନେ ଗ୍ଲିଓବ୍ଲାଷ୍ଟୋମା ଭଳି ପ୍ରାଣଘାତି ରୋଗର ଚିକିତ୍ସା ଉପାୟ ବାହାର କରିପାରିବେ ବୋଲି ସରିଥା କହିଛନ୍ତି।

# ୨୫୦୦ ଟଙ୍କାରେ ବିଦେଶ ଭ୍ରମଣ



ଲଣ୍ଡନ

ଯୁବବର୍ଗଙ୍କ ମଧ୍ୟରେ ବର୍ତ୍ତମାନ ସମୟରେ ନାଇଟଆଉଟ୍ ଏକ ଟ୍ରେଣ୍ଡ ପାଲଟିଯାଇଛି। ଏହାର ଅର୍ଥ ସାଙ୍ଗମାନଙ୍କ ସହ ସାରା ରାତି ବୁଲିବା ସହ ମସ୍ତି କରିବା। ହେଲେ ଏହି ନାଇଟଆଉଟ୍‌କୁ ୩ ଭଉଣୀ ଏକ ଆଡ୍‌ଭେଞ୍ଚର ଭାବେ ବ୍ୟବହାର କରିଛନ୍ତି। ସେମାନେ ନାଇଟଆଉଟ୍ ଭାବେ ଗୋଟିଏ ରାତି ବିଦେଶ ଯାଇ ଫେରି ଆସିଛନ୍ତି। ଇଂଲଣ୍ଡର ହୁଡର୍ସଫିଲ୍ଡର ବାସିନ୍ଦା ୨୪ ବର୍ଷୀୟା ବ୍ରୋଗନ ମୁରେ କଷ୍ଟମର ସର୍ଭିସରେ କାମ କରୁଥିବାବେଳେ ତାଙ୍କ ଦୁଇ ଭଉଣୀ ଅମେଲିଆ ଏବଂ ଇଜାବେଲ କେବିନ କ୍ରୁ ସଦସ୍ୟ ଭାବେ କାମ କରନ୍ତି। ୩ ଭଉଣୀ ଦିନେ ନାଇଟଆଉଟ୍ ଯିବାକୁ ପ୍ଲାନ କଲେ। ସେମାନେ ଲିଡ୍‌ସ ବ୍ରାଡ୍‌ଫୋର୍ଡ ଏୟାରପୋର୍ଟରୁ ରାତି ୮ଟା ୨୫ରୁ ଫ୍ଲାଇଟ୍‌ରେ ବସି ଆୟର୍ଲାଣ୍ଡର ରାଜଧାନୀ ଡୁବଲିନ୍‌ରେ ରାତି ୧୦ଟା ୩୦ରେ ପହଞ୍ଚିଗଲେ। ସେଠାରେ ରାତି ଯାକ ବୁଲାବୁଲି କରି ସକାଳ ୬ଟା ଫ୍ଲାଇଟ୍‌ରେ ଫେରିଆସିଲେ। ବ୍ରୋଗନ କହିଛନ୍ତି, ସେମାନେ ଆଉ ଥରେ ଏପରି ଟ୍ରିପ୍‌ରେ ଯିବାକୁ ପସନ୍ଦ କରିବେ। ତେବେ ତାଙ୍କ ଫ୍ଲାଇଟ ପାଇଁ ୨୫ ପାଉଣ୍ଡ ଅର୍ଥାତ୍ ୨୫୬୮ ଟଙ୍କା ଖର୍ଚ୍ଚ ହେଲା। ହେଲେ ଏୟାରପୋର୍ଟର ଖାଦ୍ୟ ୫୦୦୦ ଟଙ୍କା ଥିଲା, ଯାହା ବହୁତ ଅଧିକ ଥିଲା। ସେମାନେ କିନ୍ତୁ ବୁଲାବୁଲି କରିବା ସମୟରେ ୧୫ ହଜାର ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି। ସେମାନଙ୍କୁ ଏହି ଟ୍ରିପ୍‌ରେ କୌଣସି ଅସୁବିଧା ହୋଇ ନ ଥିବା କହିଛନ୍ତି। ଏହା ପୂର୍ବରୁ ସେମାନେ ଜାନୁୟାରୀରେ ସ୍ପେନ୍ ଟ୍ରିପ୍‌ରେ ଯାଇଥିଲେ। ଯେଉଁଥିରେ ସେମାନଙ୍କୁ ୨୩ ପାଉଣ୍ଡ ଅର୍ଥାତ୍ ୨୩୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା।

# ପଣ୍ଡିତ ପି. ଖୁରାନାଙ୍କ ପରଲୋକ


ପି ଖୁରାନା

ମୁମ୍ବାଇ

ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଓ ଅପାରଶକ୍ତି ଖୁରାନାଙ୍କ ପିତା ତଥା ଖ୍ୟାତନାମା ଜ୍ୟୋତିର୍ବିଦ୍ ପି.ଖୁରାନାଙ୍କର ମୋହାଲିସ୍ଥିତ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଛି। କିଛିଦିନ ଧରି ପି. ଖୁରାନା ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳ ୧୦ଟା ୩୦ରେ ତାଙ୍କ ଦେହାନ୍ତ ହୋଇଛି। ଏହି ବ୍ୟକ୍ତିଗତ କ୍ଷତିରେ ଯେଉଁମାନେ ଶକ୍ତି ଦେଇଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ ବୋଲି ଖୁରାନାଙ୍କ ପରିବାର ପକ୍ଷରୁ କୁହାଯାଇଛି।


## GOVERNMENT OF ODISHA
**e-Procurement Notice, ANGUL (R&B) DIVISION**
**Bid Identification No.04 of 2023-24**

**No.B-208:** e-mail ID- angulrbdivision@yahoo.co.in
1. Number of Works : 08 (Eight) number of Building works
2. Approximate estimated cost : Varies from Rs. 10.00 Lakh to Rs.11.50 Lakh.
3. Period of completion : 02 (Two) Calendar months
4. Date & Time of availability of bid document In the portal : Dt.24.05.2023 at 10.00 A.M.
5. Last date / Time for receipt of bid in the portal : Dt.02.06.2023 upto 5.00 P.M.
6. Date of opening Bid : Dt.03.06.2023 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https:/tendersodisha.gov.in

Sd./- Executive Engineer
Angul (R&B) Division
OIPR-34074/11/0005/2324

## ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
## DIRECTORATE OF FISHERIES, ODISHA, CUTTACK
**Website: https://odishafisheries.nic.in, https://dahvs.odisha.gov.in**
**Phone: 0671-2414061, Email: director.odifish@gmail.com**

## CORRIGENDUM

**No. 8085** **Date: 17.05.2023**

No. M-16: In referring to the RFP No. 7558, Dtd.09.05.2023 for Selection of a Media Consulting Agency for IEC Strategy and Creative Productions, the Corrigendum and its pre bid clarification has been webhosted and noticed in the Department website and notice for wide circulation. The bidder may visit the website **https://odishafisheries.nic.in / https://dahvs.odisha.gov.in** and download the document for reference.

Sd./- Director
OIPR-06015/11/0010/2324

## ODISHA PUBLIC SERVICE COMMISSION, CUTTACK
## NOTICE
**No. 4361/PSC** **Dt.18.05.2023**
**(1E-60-2022/23) (DR-II)**

No. D-45: Pursuant to the judgement dated 01.05.2023 arising out of W.P. (C) No. 15738 of 2022 (Pradyumna Kumar Patra & Others - Vrs. - State of Odisha & Others) of the Hon'ble High Court, the Advertisement No. 20 of 2022-23 for recruitment to the Post of Assistant Executive Engineer (Civil & Mechanical) under Water Resources Department is hereby cancelled.

OIPR-12002/11/0030/2324 Sd./- Secretary

## OFFICE OF THE MUNICIPAL COUNCIL, PARADEEP
Tel:(06722)222485, 222307, Fax.: (06722) 220533
E-mail:- paradipmunicipality@gmail.com, www.paradeepmunicipality.org
**Quotation Call Notice No. 1706 / dt 16.05.2023/**

**No.C-350:** The Executive Officer, Paradeep Municipality on behalf of the Municipal Council, Paradeep invites sealed quotations from intending registered Service Providers/ Agencies having valid eligible license/ registration certificate, PAN, GSTIN, labour license, EPF & ESI from competent authority in order to engage un-skilled (Sweeper) manpower for sanitation work within Paradeep Municipality area. The prescribed quotation call schedule/ DTCN can be downloaded from Official website of the Paradeep Municipality i.e. www.paradeepmunicipality.org from 10:00 AM of dt. 20.05.2023 to 5:00 PM of dt 29.05.2023. Last date of submission of tender paper is dt. 31.05.2023 up to 11:00 AM and will be opened on the same day i.e. dt. 31.05.2023 at 11:30 AM.

**Sd./- Executive Officer, Paradeep Municipality**
OIPR-13120/11/0003/2324

## OFFICE OF SUPERINTENDING ENGINEER
No.A-157
## GAJAPATI IRRIGATION DIVISION
**PARALAKHEMUNDI, DIST: - GAJAPATI, ODISHA**
**Phone/Fax: 06815-223249, Email Id: - eepkdgpt@gmail.com**
**e - Procurement Notice No. SE-GID- 01/2023-24**

**1. Type of work :** Flood Protection Works. **2. Form of Contract :** Percentage Rate. **3. Period of Completion :** 08 (Eight) Calendar Months

| Procurement Officer | Bid Identification No. | Bid Amount Rs in lakhs | Availability & submission of Bids on line. |
|---|---|---|---|
| Superintending Engineer, Gajapati Irrigation Division, Paralakhemundi | **GID- 01, 02, 03, 04, 05, 06, 07, 08, 09, 10 & 11/ 2023-24 (Total 11 (Eleven) nos. of works)** | **Varies from Rs. 25.31 lakhs to 40.44 lakhs.** | **20.05.2023 at 10.00 A.M to 29.05.2023, 5.30 P.M** |

Date of opening of the Technical & financial Bid: **30.05.2023 at 11.00 A.M.** further details can be seen from the Govt, website www.tendersorissa.gov.in
**Date of Lottery (If required) - 12.06.2023 at 11.00 A.M.**

Sd./- Superintending Engineer
Gajapati Irrigation Division
Paralakhemundi
OIPR-32346/11/0001/2324

## OFFICE OF THE DEAN & PRINCIPAL
## M.K.C.G. MEDICAL COLLEGE, BRAHMAPUR-760 004, ODISHA
**Tel: 0680 2292746/Fax:0680 2292809/email:mkcgmc.bam@gmail.com**
**Website: www.mkcgmch.org**
**No.4814//MCB-2023//Welfare//Brahmapur//Dated 17th May, 2023**

**TENDER CALL NOTICE**
**(LEASE OF LIBRARY CANTEEN (CAFETARIA)**

**No.E-120:** The Tender is invited in two bid system from the intending agencies/firm to organize/ manage Library Canteen inside the MKCG Medical College Hospital, Berhampur During Library hours i.e form 8.00 AM to 10.00 PM. The selected party /agency has to pay the monthly fixed charge to the MKCG Medical College Hospital, Berhampur. The applicants should submit their proposal in the prescribed format along with all the supporting documents in a sealed envelope (technical bid & price bid separately) to the office of the DEAN & PRINCIPAL, MKCG MEDICAL COLLEGE, BERHAMPUR (SUPERSCRIBED 'TENDER FOR LEASE OF LIBRARY CANTEEN(CAFETARIA) ") by 31-05-2023 till 05:00 pm through Registered Post/ Speed Post. The technical bid will be opened on 31-05-2023 at 05.30 P.M in Telemedicine conference hall of MKCG in the presence of the bidders. Details may be obtained from the website i.e www.mkcgmch.org.

Authority reserves the right to reject & cancel / vitiate at any time the entire process without assigning any reason thereof.

All disputes are purely subject to jurisdiction of Berhampur only. For any printing error the authorities shall not be responsible.

**Sd./- Dean & Principal**
**MKCG Medical College, Berhampur**
**OIPR-10013/11/0004/2324**

## OFFICE OF THE PRINCIPAL
## GOPABANDHU AYURVEDA MAHAVIDYALAYA
VIP Road, Puri-752002 (Odisha)
**Tel. (06752-222072 (O)/ Email: principalgampuri@gmail.com**
**No.1618/ GAM** **Dated:18.5.23**

**TENDER CALL NOTICE**

**No.E-123:** Sealed Tenders are invited from suppliers / firms /Contractors having valid up to date Income Tax & GST Clearance Certificate for supply of dietary articles to Gopabandhu Ayurveda Mahavidyalaya and Hospital, Puri, Odisha for the financial year 2023-24 or till finalization of the next tender. Details of articles with their specifications and terms and conditions for Supply of dietary articles can be obtained from the office of the undersigned during office Hour on submission of written application on payment of Rs.100.00 (Rupees One hundred) only in cash towards cost of tender documents.

I. Date of commencement of Sale of tender documents Dt. 23.05.2023
II. The last date and time of receipt of tender paper Dt. 12.06.2023 till 5.30 pm

By Regd. Post/Speed post only.

Sd./- Prof. (Dr.) Sudarsan Behera
Principal
OIPR-10044/11/0001/2324 Gopabandhu Ayurveda Mahavidyalaya, Puri

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER
## KHORDHA (R&B) CIRCLE, KHORDHA
## WORKS DEPARTMENT
## TENDER CALL NOTICE
**E-mail: rbcirclekhurda@gmail.com**
**Bid Identification No. CCE-Khordha (RBB) Circle-03/2023-24**
**Memo No - 875, Dt. 15.05.2023**

**No.B-211:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Buildings work as detailed in the table below:
1. Nature of Work : Buildings Works
2. No of Work : 1 No
3. Tender Cost : Rs. 10000.00 (On-Line)
4. Class of Contractor : A Class and B Class
5. Available of Bid document in the Website : From 10.00 AM of Dt.23.05.2023 up to 05.00 PM of Dt.03.06.2023 upto 5.00 PM
6. Date of opening of Bid : Dt 05.06.2023 at 11.30 AM
7. The Bidders have to participate in ONLINE bidding only. Further details can be seen from the Website:https://tenderodisha.gov.in. Any addendum/ corrigendum/cancellation of tender can also be seen in the said website.

**Sd./- Chief Construction Engineer, Khordha (R&B) Circle, Khordha**
**OIPR-34127/11/0006/2324**

## ODISHA STATE SEEDS CORPORATION LIMITED
**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel - MD 0674-2340573, Tel Fax - 2340096**
**E-mail-mdosscltd456@gmail.com**
**NIT No.OSSC/Mktg (Hort)- 10/2023**
## Short e-Tender Call Notice

**No.CAD-630:** OSSC Ltd. invites e-Tender from Producers (and in case of GOI PSUs, their authorized Agencies) on item wise rate contract basis for Procurement of Planting Materials of Black Pepper Rooted Cutting for Kharif-2023 in double cover system through online mode only for the work below.

| | |
|---|---|
| Name of the work | Purchase of Planting Materials of Black Pepper Rooted Cutting Kharif-2023. |
| No of work | One |
| Availability of bid documents in portal | 15.00 hours on dt.20.05.2023 to 17.00hrs of dt.29.05.2023 |
| Last date of receipt of tender in portal | 17.00 hrs of dt.29.05.2023 |
| Date and time opening of Bid | 10.30hrs of dt.30.05.2023 |

The detailed descriptions of crops, varieties, quantity parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

**Sd./-**
**Managing Director, OSSC Ltd.**
**OIPR-01106/11/0011/2324**

## BHUBANESWAR MUNICIPAL CORPORATION
**No. 24024/BMC Dt 17.05.2023**
**COMPETITIVE BIDDING THROUGH e-PROCUREMENT**
**NOTICE INVITING TENDER**
**Bid Reference No. BMC-EE-DD-4/2023-24 Dtd.**

No.A-156:- On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids are invited by the Superintending Engineer, Drainage Division and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

It is urged that, all the intending bidders should go through the tender call notice and DTCN thoroughly and submit their bids accordingly. In case of any miss-match or inconsistency or contradict among different clauses/ conditions/instructions/ information furnished in this tender call notice or in the DTCN, then necessary clarification shall be issued by Superintending Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited- **29 Nos.**
2. Place of Execution: Different locations in Bhubaneswar Municipal Corporation area.
3. **Estimated Cost of Individual Work: Rs.4,24,034/- to Rs.47,84,239/- Contractors of Class-'D' to Class-'B'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **10.30 AM on Dt 20.05.2023 to 5.00 P.M on Dt 05.06.2023** for online bidding.
6. Bids received online will be opened at **11.00 A.M. on Dt.06.06.2023**
7. The bidder must possess valid and compatible **Digital Signature Certificate (DSC).**
8. The successful bidder has to furnish A.P.S. (Additional Performance Security) as per DTCN 5(F) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.

**On behalf of Commissioner, BMC, Bhubaneswar**
Sd./- **Superintending Engineer**
OIPR-32204/11/0001/2324 **Drainage Division, BMC**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.shb.org

ପତ୍ର ସଂଖ୍ୟା: ୧୦୬ **ବିଜ୍ଞାପନ** ତା:୧୫।୦୫।୨୦୨୩

No. CAD-640: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ସନ୍ଧ୍ୟା ମହାନ୍ତି<br>ସ୍ୱାମୀ: ଅଶୋକ କୁମାର ମହାନ୍ତି<br>ସା./: ଗୁଗୁଡ଼ିପଡ଼ା<br>ପୋ./ଥାନା: ବଲାଙ୍ଗୀର<br>ଜିଲ୍ଲା: ବଲାଙ୍ଗୀର | ଏମ୍.ଆଇ.ଜି.–୨–୨୨<br>**(MIG-II-22),**<br>ଏସ୍‌ଏଚ୍‌ଏସ୍<br>ବଲାଙ୍ଗୀର | ୧. ଅଶୋକ କୁମାର ମହାନ୍ତି (ସ୍ୱାମୀ)<br>୨. ଶାମୁକା ମହାନ୍ତି (ଝିଅ)<br>୩. ସମିର ସୌରଭ ମହାନ୍ତି (ପୁତ୍ର) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0121/2324

## OFFICE OF THE DEAN & PRINCIPAL
## PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ
**At: Rangamatia, P.O.: Laxmiposi, PIN - 757107, Mayurbhanj, Odisha**
**Ph. No.: 06792 240401**
**E-mail: prmmchbaripada@gmail.com/officeprmmch@gmail.com**

## NOTICE INVITING TENDER
**Reference No. 2095 / PRMMCH Baripada / Dated: 18.05.2023**

No. E-122: The sealed tenders are invited from the Registered Suppliers/Firm/Agency for supply of scientific equipment/items for Multi-disciplinary Research Unit (MRU), PRM Medical College, Baripada - 757107. The tender can be downloaded from the Mayurbhanj NIC official website **(www.mayurbhanj.nic.in)** from Dt.29.05.2023. The last date of submission of bid documents is Dt.19.06.2023 by 5.30 P.M.

**Sd./- Dean & Principal,**
**PRMMCH, Baripada**
OIPR-10120/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଜୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାରାଷ୍ଟ୍ରରେ ବଢ଼ିବ ବିଆର୍‌ଏସ୍ ସଙ୍ଗଠନ

## କେସିଆର୍ ଆରମ୍ଭ କଲେ ମାସବ୍ୟାପୀ କାର୍ଯ୍ୟକ୍ରମ

ନାଣ୍ଡେଡ୍, ୧୯।୫

ମହାରାଷ୍ଟ୍ରର ୪୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ନେଟ୍‌ୱର୍କ ବଢ଼ାଇବା ପାଇଁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଶୁକ୍ରବାର ଏକ ମାସବ୍ୟାପୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ନାଣ୍ଡେଡ୍‌ରେ ଅନୁଷ୍ଠିତ ଦଳୀୟ କ୍ୟାଡେଟ୍‌ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ କେସିଆର୍ ତାଙ୍କର ମାସବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛନ୍ତି। ଆମକୁ ମହାରାଷ୍ଟ୍ରର ୪୫,୦୦୦ ଗ୍ରାମ ଏବଂ ପୌର ସଂସ୍ଥାର ୫,୦୦୦ ୱାର୍ଡକୁ ଯିବାକୁ ହେବ। ସବୁ ସ୍ଥାନରେ କୃଷକ, ଯୁବବର୍ଗ, ମହିଳା, ପଛୁଆ ବର୍ଗ, ଆଦିବାସୀ ଏବଂ ସଂଖ୍ୟାଲଘୁଙ୍କ ପାଇଁ ୯ଟି କମିଟି ଗଠନ କରିବାକୁ କେସିଆର୍ ଦଳୀୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେ' ୨୨ରୁ ଜୁନ୍ ୨୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। କର୍ମୀମାନେ ଦିନକୁ ୫ଟି ଗ୍ରାମକୁ ଯିବେ ଓ ପ୍ରତି ଗ୍ରାମରେ ୨ ଘଣ୍ଟା ସମୟ ଦେବେ। ସେମାନେ ଗ୍ରାମର ଦଳିତମାନଙ୍କ ସହ ଏକାଠି ଭୋଜନ କରିବାକୁ କେସିଆର୍ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ନେତାମାନଙ୍କ ଉପରେ ଅତିଷ୍ଠ ଦେଶ ନୂଆ ନେତୃତ୍ୱକୁ ଅପେକ୍ଷା କରିଥିବା ସେ କହିଛନ୍ତି। ଆଜି ଆମେ ମହାରାଷ୍ଟ୍ରକୁ ଫୋକସ୍ କରୁଛେ, କାଲି ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ଼ରେ କାମ କରିବାକୁ ହେବ ବୋଲି ଦଳୀୟ କର୍ମୀମାନଙ୍କୁ ବିଆର୍‌ଏସ୍ ଅଧ୍ୟକ୍ଷ କେସିଆର୍ କହିଛନ୍ତି।


ମହାରାଷ୍ଟ୍ରର ନାଣ୍ଡେଡ୍‌ରେ ଏକମାସ ବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ ଅବସରରେ ଉଦ୍‌ବୋଧନ ଦେଉଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ।


ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଅନୁସରଣ କରନ୍ତୁ ବୋଲି ଅନୁରୋଧ କରିବାକୁ ଆସିଥିବା ଆପ୍ ନେତା ଗୋପାଳ ରାୟ, ଅତିଶ ମର୍ଲେନା, କୈଳାସ ଗେହଲଟ୍, ଇମ୍ରାନ୍ ହୁସେନ ଏବଂ ସୌରଭ ଭରଦ୍ୱାଜ ତାଙ୍କ ବାସଭବନ ଆଗରେ ଅପେକ୍ଷାରତ।

# ଓବିସି କୋଟା ହ୍ରାସ ବିରୋଧରେ ଆନ୍ଦୋଳନ ହେବ: ଅଖିଳେଶ

ଲକ୍ଷ୍ନୌ, ୧୯।୫(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଯଦି ସେମାନଙ୍କ ପ୍ରାପ୍ୟ ଭାଗ ନ ଦିଅନ୍ତି, ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଧମକ ଦେଇଛନ୍ତି। ଗ୍ରାମ ପଞ୍ଚାୟତ ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ଓବିସି ସିଟ୍ ସଂଖ୍ୟା ହ୍ରାସ କରାଯାଇଥିବାରୁ ଅଖିଳେଶ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ଏହା ଭାଜପାର ସଂରକ୍ଷଣ ବିରୋଧୀ ମାନସିକତା ବୋଲି ସମାଜବାଦୀ ପାର୍ଟି ନେତା କହିଛନ୍ତି। ନିୟମ ଅନୁଯାୟୀ ଓବିସିଙ୍କୁ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ମିଳିବା କଥା। ନିକଟରେ ଉତ୍ତରପ୍ରଦେଶ ସବ୍‌ଅର୍ଡିନେଟ୍ ସର୍ଭିସେସ୍ ସିଲେକ୍ସନ କମିଶନ (ୟୁପିଏସ୍‌ଏସ୍‌ଏସ୍‌ସି) ଜାରି କରିଥିବା ବିଜ୍ଞାପନରେ ଗ୍ରାମ ପଞ୍ଚାୟତ ଅଧିକାରୀ ପଦବୀରେ ନିଯୁକ୍ତି ଲାଗି ଓବିସିଙ୍କ ପାଇଁ ୯.୫ ପ୍ରତିଶତ ସଂରକ୍ଷଣ ରଖାଯାଇଛି। ଓବିସିଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବାକୁ ଦିଆଯିବ ନାହିଁ ବୋଲି ଅଖିଳେଶ କହିଛନ୍ତି। ଉକ୍ତ ପ୍ରସଙ୍ଗରେ ସମାଜବାଦୀ ପାର୍ଟିର ନେତାମାନେ ହାଇକୋର୍ଟ ଯିବା ଲାଗି ବିଚାର କରୁଛନ୍ତି। ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟରେ ଆଇନଗତ ଲଢ଼େଇ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ୟୁପିଏସ୍‌ଏସ୍‌ଏସ୍‌ସି ବିଜ୍ଞାପନ ଅନୁଯାୟୀ ମୋଟ ୧,୪୬୮ ପଦବୀ ମଧ୍ୟରୁ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ୮୪୯ ପଦବୀ ରହିଥିବାବେଳେ ଆର୍ଥିକ ପଛୁଆବର୍ଗଙ୍କ ପାଇଁ ୧୧୭, ଓବିସିଙ୍କ ପାଇଁ ୧୩୯, ଅନୁସୂଚିତ ଜାତିଙ୍କ ପାଇଁ ୩୫୬ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ୭ ପଦବୀ ସଂରକ୍ଷିତ ରଖାଯାଇଛି। ନିୟମ ଅନୁଯାୟୀ ଓବିସିଙ୍କ ପାଇଁ ୨୭ ପ୍ରତିଶତ ଅର୍ଥାତ୍ ୩୯୬ ପଦବୀ ରଖାଯିବା କଥା। ୯.୫ ପ୍ରତିଶତ ସଂରକ୍ଷଣ ଗ୍ରହଣୀୟ ନୁହେଁ ବୋଲି ସମାଜବାଦୀ ପାର୍ଟି ମୁଖପାତ୍ର ରାଜେନ୍ଦ୍ର ଚୌଧରୀ କହିଛନ୍ତି।


ଅଖିଳେଶ ଯାଦବ

# କେବଳ ଗୁଜରାଟ, ଉତ୍ତରପ୍ରଦେଶକୁ ନେଇ ଭାଜପା ବସିବ: ମମତା

କୋଲକାତା, ୧୯।୫


ମମତା ବାନାର୍ଜୀ

ପଶ୍ଚିମବଙ୍ଗର କ୍ୟାଶ ଫର ଜବ୍ ଦୁର୍ନୀତି ମାମଲାରେ ତୃଣମୂଳ କଂଗ୍ରେସର ମହାସଚିବ ଅଭିଷେକ ବାନାର୍ଜୀଙ୍କୁ ପଚରାଉଚରା ପାଇଁ ସିବିଆଇ ସମନ କରିଛି। ଏହି ଘଟଣାକୁ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାରତୀୟ ଜନତା ପାର୍ଟି(ଭାଜପା)କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଅଭିଷେକଙ୍କୁ ସିବିଆଇ ସମନ ମିଳିବା ପରେ ମୁଁ ଆଜି ତାଙ୍କ ସହ ତିନିଥର କଥା ହେଲି। ଯେତେବେଳେ ମୁଁ ତାଙ୍କୁ ସମୟ ମାଗିବାକୁ କହିଲି, ସେ କହିଲେ – ନା ଦିଦି, ଯେତେବେଳେ ଡାକିଛନ୍ତି ସେହି ଦିନ ଯିବି। ସିବିଆଇକୁ ଜଣାଥିଲା ଯେ ଅଭିଷେକ ବାହାରେ ଅଛନ୍ତି। ବାହାରକୁ ଯାଇ ସେ ଦଳ ପାଇଁ କଠିନ ପରିଶ୍ରମ କରୁଛନ୍ତି, କିନ୍ତୁ ତାଙ୍କୁ ସମୟ ଦିଆଗଲା ନାହିଁ। ଏହା ସହିତ ଭାଜପାକୁ ଟାର୍ଗେଟ କରି ମମତା କହିଛନ୍ତି, କର୍ଣ୍ଣାଟକ ହାତରୁ ଯାଇଛି, ଆଗାମୀ ଦିନରେ ଆହୁରି ରାଜ୍ୟ ମଧ୍ୟ ଯିବ, କେବଳ ଉତ୍ତରପ୍ରଦେଶ ଏବଂ ଗୁଜରାଟକୁ ନେଇ ଭାଜପା ବସିବ।

# ଭାଜପାରେ ବିଜେଡି ଯୁବକର୍ମୀ ଯୋଗଦାନକୁ ନେଇ ଚର୍ଚ୍ଚା

## ଯୁଯୁମୁରା ବ୍ଲକ

ସମ୍ବଲପୁର, ୧୯।୫(ବ୍ୟୁରୋ)

ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନସଭା ଅଧୀନ ଯୁଯୁମୁରା ବ୍ଲକ ବିଜେଡି ଯୁବକର୍ମୀଙ୍କ ଭାଜପାରେ ଯୋଗଦାନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଗୁରୁବାର ଝାଙ୍କରପାଲି ପଞ୍ଚାୟତର ପ୍ରାୟ ୪୦ଜଣ ଯୁବ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଛନ୍ତି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ଗତ ନିର୍ବାଚନରେ ଭାଜପା ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ନେତ୍ରୀ ସସ୍ମିତା ଦେହୁରିଙ୍କ ନେତୃତ୍ୱରେ ଏହି ଯୁବକମାନେ ଦଳରେ ଯୋଗଦାନ କରିଥିଲେ। ଏହି ଖବର ପ୍ରଚାର ହେବା ପରେ ବିଜେଡି ଶିବିରରେ ଆଲୋଡନ ସୃଷ୍ଟି ହୋଇଛି।

ଝାଙ୍କରପାଲି ପଞ୍ଚାୟତ ଓ ଏହି ଅଞ୍ଚଳରେ ବିଜେଡିର ତୁଙ୍ଗ ନେତା ଦାୟିତ୍ୱ ବହନ କରୁଥିଲେ ମଧ୍ୟ ଦଳର ଯୁମବକର୍ମୀଙ୍କ ଅନ୍ୟ ଦଳରେ ଯୋଗଦାନକୁ ନେଇ ଚର୍ଚ୍ଚା ଜୋର ଧରିଛି। ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅନୁଗତମାନଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଦଳ ଛାଡିଥିବା କେତେଜଣ ଯୁବକର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଯୁଯୁମୁରା ବ୍ଲକରେ ଏକ ବଡଧରଣର ପରିବର୍ତ୍ତନ ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି। ସମୟ ପୂର୍ବରୁ ଅନୁଗତ ଉପରେ ଭରସା ନ କରି ମନ୍ତ୍ରୀ ପୂଜାରୀ ନିଜେ ହସ୍ତକ୍ଷେପ କରିବା ସହ ଅନ୍ତଃକନ୍ଦଳକୁ ଯଦି ସମାଧାନ ନ କରିବେ ତା'ହେଲେ ଆଗାମୀ ନିର୍ବାଚନରେ ବିଜେଡି ଓ ତାଙ୍କ ପାଇଁ ସମସ୍ୟା ହୋଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଭାଜପାରେ ଯୋଗଦାନ କରିଥିବା ଯୁବକର୍ମୀଙ୍କୁ ସ୍ୱାଗତ କରି ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର କହିଛନ୍ତି, ଆମ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବ କର୍ମୀମାନେ ମିଶିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଆମେ ବହୁତ ଖୁସିରେ ସେମାନଙ୍କୁ ସ୍ୱାଗତ କରିଛୁ। ଝାଙ୍କରପାଲି ପଞ୍ଚାୟତରେ ଭାଜପା ଭଲ ପ୍ରଦର୍ଶନ କରିଥିଲା। ଏହି ଯୁବ କର୍ମୀମାନେ ଆସିବା ପରେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରୁଥିବା ସେ କହିଥିଲେ। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା କହିଛନ୍ତି, ବିଜେଡିରେ ପିଲାମାନେ ଅଛନ୍ତି। ହେଲେ ସେମାନଙ୍କୁ ଠିକା କାମ ଦେବାକୁ ଲୋଭ ଦେଖାଇ ଏମ୍‌ପିଙ୍କ ସହିତ ଭେଟ କରାଇବାକୁ ନିଆଯାଇଥିଲା। ପରେ ଦଳରେ ଯୋଗଦାନ କରିଥିବା କହି ଫୁଲମାଳ ପିନ୍ଧାଇ ଫଟୋ ଭାଇରାଲ କରାଯାଇଥିଲା। ପିଲାମାନଙ୍କ ସହ ଆଲୋଚନା କରିବା ସମୟରେ ସେମାନେ ଏହା କହିଥିଲେ। ଆମ ଦଳରେ ସେମାନେ ବର୍ତ୍ତମାନ ଅଛନ୍ତି ବୋଲି ବିନୋଦ କହିଛନ୍ତି।

# ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ନ ଦେଲେ ରାସ୍ତାକୁ ଓହ୍ଲାଇବୁ: କଂଗ୍ରେସ

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

ଭୁବନେଶ୍ୱର, ୧୯।୫(ବ୍ୟୁରୋ)

ମହାନଦୀ ପ୍ରସଙ୍ଗରେ ଉଭୟ ଟ୍ରିବ୍ୟୁନାଲ ଏବଂ ରାଜ୍ୟ ସରକାରଙ୍କୁ କଂଗ୍ରେସ କେତେକ ପ୍ରଶ୍ନ ପଚାରିବା ସହ ତା'ର ଉତ୍ତର ଦାବି କରିଛି। ରାଜ୍ୟବାସୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଟ୍ରିବ୍ୟୁନାଲରୁ ଯଦି ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ନ ଆସେ ଏବଂ କେନାଲଗୁଡ଼ିକରେ ତୁରନ୍ତ ରାଜ୍ୟ ସରକାର ପାଣି ନ ଛାଡ଼ନ୍ତି ତେବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି, ମହାନଦୀ ଜଳ ବିବାଦ ନେଇ ୧୨ ମାର୍ଚ୍ଚ ୨୦୧୮ରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। ହେଲେ ମହାନଦୀ ଜଳ ବିବାଦ ସମସ୍ୟା ସମାଧାନର କୌଣସି ବାଟ ଫିଟୁନାହିଁ। ଏ କ୍ଷେତ୍ରରେ ସରକାରଙ୍କ ଆନ୍ତରିକତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ୨ଟି କମିଟି ଗଠନ କରିଥିଲେ। ହେଲେ ୬ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଥିବା ବେଳେ କୌଣସି କମିଟିର ଗୋଟିଏ ବି ବୈଠକ ଏ ପର୍ଯ୍ୟନ୍ତ ବସିନାହିଁ। ଗତ ବିଧାନସଭାରେ ଏହି ପ୍ରସଙ୍ଗରେ ଆଲୋଚନା ଲାଗି କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ବାଚସ୍ପତି ପ୍ରତିଶ୍ରୁତି ଦେଇ ରହିଗଲେ ବୋଲି ସେ କହିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ମୁଖ୍ୟତଃ ମହାନଦୀ ଜଳ ବିବାଦ ପାଇଁ ଦାୟୀ। ଅଣ ମୌସୁମୀ ସମୟରେ ମହାନଦୀରେ ଜଳ ଭୟାନକ ଭାବେ ହ୍ରାସ ପାଇ ଚାଲିଛି। ଚାଷୀଙ୍କ ପାଇଁ ଜଳସେଚନ ଓ ପିଇବା ପାଣିର ସମସ୍ୟା ଉତ୍କଟ ରୂପ ଧରିଲାଣି। ତଥାପି ସରକାରଙ୍କ ଚେତା ଫେରୁନାହିଁ। କେବଳ ରାଜନୈତିକ ଫାଇଦା ପାଇଁ ମନେପଡିଗଲେ ମହାନଦୀ ପ୍ରସଙ୍ଗ ଉଠାଇ ତୁନି ପଡୁଛନ୍ତି ବୋଲି ସେ କହିଛନ୍ତି। ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ କହିଛନ୍ତି, ଟ୍ରିବ୍ୟୁନାଲଙ୍କ କଚ୍ଛପ ଗତି ଛାଡ଼ି ତୁରନ୍ତ ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଏକ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ପ୍ରଦାନ କରନ୍ତୁ। ରାଜ୍ୟ ସରକାରଙ୍କୁ ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ତୁରନ୍ତ କେନାଲଗୁଡ଼ିକରେ ପାଣି ଛାଡ଼ିବାକୁ ହେବ। ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କମନ ଫର୍ମେଶନ ଫର୍ମାଟ ସାଧାରଣ ସୂଚୀ ପୁସ୍ତିକା ପ୍ରସ୍ତୁତ ହୋଇପାରିଲା ନାହିଁ। ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ଦେଉନାହାନ୍ତି କି ରାଜ୍ୟ ସରକାର ମଧ୍ୟ ଏଥିଲାଗି ଦାବି କରୁନାହାନ୍ତି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ଏପ୍ରିଲରେ ଓଡ଼ିଶାରେ ପ୍ରଭାବିତ ହୋଇଥିବା ମହାନଦୀ ଜଳଭଣ୍ଡାର ୭୩ ପ୍ରତିଶତ କମିଛି। ସେହିପରି ମେ ମାସରେ ୭୭.୭ ପ୍ରତିଶତ ଜଳ ପ୍ରବାହ କମିଛି ବୋଲି ସେ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Birthday Wish

Janvi (Juhi)
Another adventure filled year awaits you. Welcome it by celebrating your birthday with pomp and splendor. Wishing you a very happy and fun filled birthday Janvi !"
Best wishes from:
Papa, Mama, Chachu, Chachi, Jeet, Chintu, Pinu, Rishi, Mausa, Mausi, Maa, Aae,
D-0393

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# Classified Everyday
0674-2580101, 2549949


REAL ESTATE
SALE

ଘରବାରି ବିକ୍ରିହେବ ବାଲିଅନ୍ତା ଭୁବନେଶ୍ୱର, ଯୋଗାଯୋଗ MOB- 8249970503, 7436859569. D-0385

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

ଭୁବନେଶ୍ୱର କଟକ ରୋଡ୍ ହଂସପାଳ ଛକ ନିକଟ ଭାରତ ଭିଲ୍ଲା କଲୋନୀ ଭିତରେ ଅତିଶୀଘ୍ର ଘର କରିବା ଯୋଗ୍ୟ ଘରବାଡ଼ି ୟେଲୋଜୋନ୍ ପ୍ଲଟ୍ ବିକ୍ରୟ ହେବ। ବ୍ୟାଙ୍କଲୋନ୍ ସୁବିଧା ଅଛି। 9438220432, 8144658008. D-0390

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855. D-74863

Gharabari land for sale near Barunei, Khurda. Only genuine buyer contact on 6371543787. D-0374

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0372

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ଭୁବନେଶ୍ୱର କଳାରାହାଙ୍ଗରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି । ଯୋଗାଯୋଗ: 9438620034. D-0346

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859




Ground floor 1800 sqft. Hall & second floor 600 sqft. Hall available on NH in Uttara Square (Bhubaneswar). Contact Mob No- 7978097047. D-0387


CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862




Newly open SPA Positively health benefit with expert. Contact: 7749976301. D-74543

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74685

Newly open health benefits SPA special offer @799, Master Canteen. 9124527173. D-75107

Relax, Refresh your body, Mind at Saikrupa Spa with best therapies. 8984068077. D-0282

Newly open health benefits SPA special offer @ 799 Jaydev Vihar. 8018429809. D-75106

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT
By the virtue of an Affidavit Sworn in the Postal Department. Policy number R-OR-BF-EA-64401 I Smt. Anjangi Rajeswari Babula W/o Anjangi Babula, At/PO-Gundra PS- Jarada, Ganjam Declare that Anjangi Rajeswari Babula and Duvada Krishna Kumari is same and one person. D-0389

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି
ଦଶମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରହଲ୍ଲାଦ ନାୟକ
(UCO Bank, Puri)
ଆବିର୍ଭାବ: ୦୪।୦୩।୧୯୫୪
ତିରୋଧାନ: ୦୯।୦୬।୨୦୧୩
(ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ବାପା, ଦଶବର୍ଷ ହେଲାଣି ତମକୁ ସଶରୀରରେ ଦେଖିପାରିନୁ, କିନ୍ତୁ ତମ ଉପସ୍ଥିତି ସବୁବେଳେ ଅନୁଭବ କରୁଛୁ। ସୁଖରେ ଦୁଃଖରେ ଏମିତି ଆମକୁ ଆଶୀର୍ବାଦ କରୁଥାଅ। କାଳିଆ ଠାକୁର ତୁମକୁ ସବୁବେଳେ ଖୁସିରେ ରଖିଥାନ୍ତୁ।
ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୪୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବାପା ନଥିବା ପୃଥିବୀ

**ଗଳ୍ପ**

**ବିପ୍ଳବ**



**ବା**ପାଙ୍କ ବାଁ ହାତର ମଝି ଆଙ୍ଗୁଠିକୁ ମୁଁ ମୁଠେଇ ଧରିଥିଲି। ଡାହାଣ ପାଖରେ ଥିଲା ନିତୁ। ବାପାଙ୍କ କାନ୍ଧରେ ଦୁଇ ପଟକୁ ଗୋଡ଼ ଓହଳେଇ ଚୁଟିକୁ ଧରି ବସିଥିଲା ସବା ସାନ ଜିନା। ମାମୁଘରୁ ରାମନବମୀ ଦେଖି ଫେରୁଥିଲୁ ଆମେ। ଅଜା, ଆଈ, ମାମୁ, ମାଈଁ, ଚୁମ୍‌କି ଦେଇ ହେରିକା କହୁଥିଲେ ରହିଯା', ଭଲକି ସକାଳ ହେଉ ଯିବ। ବାପା ରାଜି ହେଲେନି। ସେଇ ମାଛି ଅନ୍ଧାରରେ ଚାଲି ଆସିଲେ। ବୋଉ ଦେହ ଭଲ ନଥିଲା, ସେଥିପାଇଁ।

ବାଟସାରା ଧାଡ଼ି ଧାଡ଼ି ଆମ୍ବଗଛ। ମେଞ୍ଚା ମେଞ୍ଚା ବଉଳରେ ଡାହିସବୁ ତଳକୁ ନଇଁ ଆସିଥା'ନ୍ତି। ବାସ୍ନାରେ ରାତି ମହକୁଥାଏ। କୋଇଲି ତୁହାକୁ ତୁହା ରାବୁଥାଏ। ଡର ଭୟ କିଛି ଲାଗୁନଥାଏ। ଗିରିଗିରା ସାଇର ମାଛୁଆ କେଉଟମାନଙ୍କର ଘର ଗହଳି ଚହଳି ଲାଗି ଯାଇଥାଏ। ଜାଲ ଧରି ନଈକୁ ବାହାରି ଯିବାକୁ କେହି କେହି ପ୍ରସ୍ତୁତ ହେଉଥିଲେ। ନଖି ଭାଉଜ ଦାଣ୍ଡ ଓଳେଇ ଗୋବର ପାଣି ଛିଞ୍ଚୁଥିଲେ। ଆମ ଘର ଆଉ ଅଳପ ବାଟ ଥାଏ, ମଝିରେ ଯାହା ଚିଆରିଆ ମାଳ। ଏକର ଏକର ଆଖୁବିଲ। ଡେଙ୍ଗା ଡେଙ୍ଗା ଆଖୁ ସବୁ ଠିଆ ହୋଇଥା'ନ୍ତି ବ୍ୟାଙ୍କ ଆଗରେ ଠିଆ ହୋଇଥିବା ସୁରକ୍ଷାକର୍ମୀ ପରି।

ଗହମ ପୋଖରୀ ଝଙ୍କା ବରଗଛ ତଳେ ଆଖୁଶାଳ ବସିଥାଏ। ଜିନା ଦୋରୁଅ ପିଇବ ବୋଲି ଜିଦ୍ ଧରିଲା। ବାପା ତାକୁ କାନ୍ଧରୁ ଓହ୍ଲେଇଲେ। ଆଖୁସବୁ ବିଲରୁ କଟା ହୋଇ ପର୍ବତ ପ୍ରମାଣେ ଗଦା ହୋଇଥାଏ। କିଛି ଆଖୁ ଉଞ୍ଚା ହୋଇ ଖାଇ ଚାରିକଡ଼େ ଗଦା ହୋଇଥାଏ। ଆଉ କିଛି ପତୁରି ସାଲୁବାଲୁ ହୋଇ ଦୂରରେ ବିପର୍ଯ୍ୟସ୍ତ ଭାବରେ ପଡ଼ିଥାଏ।

ବାପା ଶାଳ ଭିତରକୁ ଗଲେ। ଧୋଇ ବଡ଼ବାପା ଗୁଡ଼ ରାନ୍ଧୁଥିଲେ। ଗୋଟିଏ ବଡ଼ ମଳାଆଖୁ ହାତରେ ଧରି ଚୁଲି ଭିତର ଉଖାରି ଦେଉଥିଲେ। ବେଳେବେଳେ ଛେଦା ନହେଲେ ପତୁରି ମେଣ୍ଢେଇ ଦେଉଥିଲେ।

ବାପାଙ୍କୁ ଦେଖି ପଚାରିଲେ : କୁଆଡ଼େ ଯାଉଛୁ ପିଲାମାନଙ୍କୁ ନେଇ ଏଇ ଅନ୍ଧାରଟାରେ ?

– ନବମୀ ଦେଖି ଯାଇଥିଲେ ମାମୁଘର। ପାଇଟିରୁ କୋଉ ତର ହଉଚି? ଛୁଆ ମାଙ୍ଗେଟି କଲେ ରାବଣ କେମିତି ମରୁଚି ଦେଖିବୁ। ଦେଖୁନୁ ସାନ ଝିଅଟା ଅଝଟ ହେଉଚି ଦୋରୁଅ ପିଇବ ବୋଲି।

– ଆରେ ପାଇଟିଆ କେହି ଆସିନାହାନ୍ତି ବଳଦ ଆଣିକି। ବଳଦ ଯୋଚା ହୋଇ ଟାଣିଲେ ସିନା ଦୋରୁଅ ବାହାରିବ। ବାସି ଦୋରୁଅ ତାଉଆରେ ଢଳା ହେଇ ଯାଇଚି। ତତଲା ଗୁଡ଼ା କେମିତି ପିଇବ ଛୁଆଟା!

ନିତୁ ପାଟିକଲା– ବାପା ସେ ଦାନ୍ତ ଘଷିନି। ବାପା ହସିଲେ– ଛୋଟ ଛୁଆଟା ଅଘଷା ପିଇଲେ କ'ଣ ରୋଗ ବଇରାଗ ହେଇଯାଉଛି ? ଭାଇ ତୁ ଚୁଲିଜଳା ବନ୍ଦକରି ଆଖୁ ଦି'ଟା ମୁହାଁଇ ଦେ। ମୁଁ ବିଞ୍ଛଣୀ ଭିଡ଼ି ଦେବି ଦି' ଭେରା।

ବାପା ଥିଲେ ବିଶାଳ ବପୁର ଅଧିକାରୀ। ପାଞ୍ଚ ହାତ ମର୍ଦ୍ଦ, ବିଶାଳ ଛାତି। ବଳିଲା ବଳିଲା ବାହା। ଯୋଉ ବିଞ୍ଛଣୀକୁ ଦୁଇ ହଳ ବଳଦ ଭିଡ଼ନ୍ତି, ବାପା ଏକୁଟିଆ ଛାତି ଲଗେଇ ଟାଣିନେଲେ। ଟପ୍ ଟପ୍ ହୋଇ ଦୋରୁଅ ପଡୁଥିଲା ବଣା ଭିତରେ। ତାଳି ମାରି ହସୁଥିଲା ଜିନା।

ଆଜି ସବୁ ମନେପଡୁଚି ବାପା! ତମେ ଆମର ଗୋଟିଏ ସ୍ୱପ୍ନକୁ ବି ତଳେ ପକେଇ ଦେଇ ନ ଥିଲ। ଆମେ ଭାଇର ଅଭାବ ଅନୁଭବ କରିଥିଲେ ବି ତମେ ପୁଅର ଅଭାବ ଅନୁଭବ କରି ନ ଥିଲ। କେତେ ଆଦରରେ, ଯତ୍ନରେ ବଢ଼େଇଥିଲ ଆମମାନଙ୍କୁ! ହେଲେ ଚିତ୍ରସେନ ଆଜି ନୃଶଂସ ଭାବରେ ମୋ' କୋଳଗାତକୁ ଗୋଇଠା ପକେଇଦେଲେ। ମୁଁ କଷ୍ଟରେ ମୂର୍ଚ୍ଛା ହୋଇଗଲି ଆଉ ସେ ଏକା ଛାଡ଼ି ଚାଲିଗଲେ। ତମେ ପୁରୁଷ ଆଉ ଇଏ ବି ଜଣେ ପୁରୁଷ। କେତେ ଫରକ!

ବାପା, ତମେ ଦିନେ କହୁଥିଲ ନା ମୁଁ ରାଜା ନହେଲେ କ'ଣ ହେଲା ମୋ' ଝିଅମାନେ ରାଜକୁମାରୀ। ଅଗନାଅଗନି ବନସ୍ତ ଟପି, ସାତ ନଈ, ତେର ଦରିଆ ପାରି ହୋଇ କୋଉ ରାଜକୁମାର ଆସି ଆମକୁ ଧଳା ଘୋଡ଼ାରେ ବସେଇ ନେଇଯିବ! କୁଆଡ଼େ ହଜିଗଲା ସେ ସବୁ ସ୍ୱପ୍ନଭର୍ତ୍ତି ରାତି! ଅଗଣାରେ ବୁଢ଼ୀ ମା' ଶଉପ ପକେଇ ବୁଢ଼ୀ ଅସୁରୁଣୀ କାହାଣୀ କହିବାର ଦିନସବୁ? ଦିନେ ଦିନେ ନଖାଇ ନପିଇ ଆକାଶରେ ଜହ୍ନ, ତାରାଙ୍କୁ ଦେଖି ଘୁମେଇ ପଡୁଥିଲୁ ତିନି ଭଉଣୀ। କଷ୍ଟ ଲାଗୁ ନଥିଲା। କୁଆଡୁ ଆସୁଥିଲା ଏତେ ନିଦ କେଜାଣି! ହେଲେ ଆଜି ବୁଢ଼ୀ ମା' କାହାଣୀର ବୁଢ଼ୀ ଅସୁରୁଣୀମାନେ ଆମକୁ ଝୁଣି ଝୁଣି ଖାଇଯାଉଛନ୍ତି।

ବାପା, କାଲି ତମ କୋଳପୋଛା ଝିଅ ଜିନା ଫୋନ୍ କରିଥିଲା। ପୁଣି ଜୀବନ ଘରେ ନଥିବା ବେଳେ। ତା' ଶାଶୁ ପୋଖରୀତୁଠକୁ ଗାଧୋଇ ଯାଇଥିବା ବେଳେ। ପଡ଼ିଶା ଘର କଲେଜ୍ ଯାଉଥିବା ଝିଅର ଫୋନ୍‌ରୁ। ତାକୁ ଭଲପାଇ ବାହା ହୋଇଥିବା ଜୀବନ ଏବେ ବେଶୀ ଘୃଣା କରୁଛି ତାକୁ। ଜିନା ପାଖରେ ଗୋଟିଏ ଆଉଟ୍ ଗୋଇଂ ନଥିଲା କି ପ୍ୟାଡ୍ ଫୋନ୍। ଇଏ ସେଇ ଜୀବନ, ଯିଏ ଜିନାକୁ ନ ପାଇଲେ ଜୀବନ ହାରିଦେବ କହି ଆମ ଘର ଆଗରେ ଆତ୍ମହତ୍ୟାର ନାଟକ କରିଥିଲା। ଶେଷରେ ବୋଉ ଆଉ ମୁଁ ଫସି ଯାଇଥିଲୁ ତା' ଅଭିନୟରେ। ତିନି ଦିନ ତଳେ ତତଲା ଚା' ଫୋପାଡ଼ି ଜିନା ପେଟରୁ ଛାଲ ଛଡ଼େଇ ଦେଇଛି। ମୁଁ ଆଜି ଶୁଣିଲି। ପଡ଼ିଶା ଘର ସମ୍ପର୍କୀୟ ଖୁଡ଼ୀଶାଶୁ ଗାଁ ଦୋକାନରୁ ଲାଙ୍ଗୁଡ଼ା ଆଣି ସେଇଠି ଲଗେଇଚି। ରାତି ଅଧରେ ମଦ ପିଇ ଘରକୁ ଫେରୁଥିବା ସ୍ୱାମୀକୁ ପ୍ରଶ୍ନ କରିବା ହିଁ ତା'ର ଅପରାଧ ଥିଲା।



ଆମେ କେହି ଭଲ ପାଠ ପଢୁ ନଥିଲୁ ବୋଲି ତମେ ତାକୁ କଲେଜ ପଢ଼ିବାକୁ ବାରଣ କରି ନଥିଲ। ଏତେ ବାଟ କେମିତି ଚାଲି ଚାଲି ଯିବ ବୋଲି କଲେଜ ହଷ୍ଟେଲରେ ନେଇ ତାକୁ ଛାଡ଼ି ଆସିଥିଲ। ଦିନେ ଦୁଇ ଦିନ ଯାଏଁ ତମେ ଠିକ୍‌ରେ ଖାଇ ପାରି ନଥିଲ। ଯେମିତି ଝିଅ ପଢ଼ିବାକୁ ଯାଇନି ସବୁଦିନ ପାଇଁ ତା' ଶାଶୁଘରକୁ ଚାଲି ଯାଇଚି। ବୋଉ ତମକୁ ବୁଝେଇ ବୁଝେଇ ନିଜେ କାନ୍ଦି ପକାଉଥିଲା। ପାଞ୍ଚ ଛ' ଦିନ ଏମିତି ବିତିଗଲା। ସେଦିନ ଶନିବାର ଆମ ଗାଁ ହାଟ। କୋବି ବିକିସାରି ହାଟରୁ ଫେରିଲ ତମେ। ଯୋଉ ଓଦରରେ କୋବି ଲଦା ହୋଇ ଯାଇଥିଲା ସେଇ ଓଦର ଭିତରେ ବସି ଜିନା ଫେରିଥିଲା। ପାଠପଢ଼ାରେ ଡୋରି ବନ୍ଧା ହେଲା ତା'ର। ସେଦିନ ଜିନାକୁ କଲେଜରୁ ଫେରାଇ ଆଣିବା ନିଷ୍ପତ୍ତି ଭୁଲ୍ କି ଠିକ୍ ମୁଁ ଆଜି ଭାବିପାରୁନି। ଜଣେ ବାପାର ନିଜ ଝିଅ ପ୍ରତି ଥିବା ଭଲପାଇବା ମୋତେ ନିର୍ବାକ୍ କରିଦେଇଥିଲା। ଜୀବନର ପ୍ରତିଟି ମୋଡ଼ରେ ଭେଟ ହେଉଥିବା ପୁରୁଷ ପାଖରେ ମୁଁ ତମ ପରି ସ୍ନେହ, ପ୍ରେମ ଖୋଜି ଆସି ଠକିଯାଇଛି ବାପା। ତମେ ଆଜି ବଞ୍ଚିଥିଲେ କ'ଣ ଦେଖିପାରିଥା'ନ୍ତ ତମ କୋଳପୋଛା ଝିଅର ଛାଲଛଡ଼ା ଦେହ?

ନିତୁ କଥା କ'ଣ କହିବି? ସେ ଥିଲା ଆମ ଭିତରେ ସବୁଠାରୁ ସୁନ୍ଦରୀ ଆଉ ଗୁଣର। ତାକୁ ରାଜକୁମାର ପରି ଚାକିରିଆ ବର ବାହା ଦେଇଥିଲ। ତା' ବାହାଘର ବେଳେ ବେଣ୍ଟପଦା ଜମି ଖଣ୍ଡକ ବି ବନ୍ଧା ପକେଇ ଯାନିଯୌତୁକ ଦେଇଥିଲ। ହେଲେ ଜମି ଆଉ ମୁକୁଳେଇ ପାରି ନ ଥିଲ। ସେଇ ଭାତହାଣ୍ଡି କିଆରି ଚିନ୍ତାରେ ତମେ ରୋଗଣା ହୋଇ ବାଟ କାଟିଲ। ଆଉ ପଛେ ପଛେ ତମ ଗେଲବସର ନିତୁ।

କେତେ ନୃଶଂସ ଥିଲେ ସେମାନେ! ବେଦି ଉପରେ ହୋମ ନିଆଁକୁ ସାକ୍ଷୀ ରଖି ଦଶ ଦୋଷ କ୍ଷମା କରିବାର ଶପଥ ନେଇଥିବା ଲୋକଟି କେମିତି ବିନା ଦୋଷରେ ଚିପିଦେଲା ତା'ର ତଣ୍ଟି? ନିଜ ପରକୀୟା ପ୍ରୀତିକୁ ଲୁଚେଇବାକୁ ଯାଇ ତମ ଝିଅର ଜୀବନ ନେଇଗଲା ସେ। ଥାନାବାଲା କ'ଣ କହିଲେ ଜାଣିଛ? ତମ ଝିଅ ଆଉ କାହା ସହ ପ୍ରେମ ସମ୍ପର୍କ ରଖି ଗର୍ଭବତୀ ହୋଇ ଲୋକଲଜ୍ଜାରେ ଆତ୍ମହତ୍ୟା କରିଦେଇଛି!

ଆଃ... ଛାତି କୋରପି ହେଇଯାଉଛି ବାପା। ଏ ପୁରୁଷସମାଜ ଉପରୁ ମୋର ଭରସା ତୁଟି ତୁଟି ଯାଉଛି। ଦିନେ ମୁଁ ବି ଏମିତି ଅମଣିଷମାନଙ୍କର ଶିକାର ନ ହେବି କିଏ କହିବ? ସେତେବେଳେ କ'ଣ ହେବ ମୋ' ଲକ୍ଷ୍ମୀର ଅବସ୍ଥା?

– ବୋଉ... ତୋ' ପିଠିରେ ଅଳତା ଲାଗିଛି।

ମୁଁ ପଛକୁ ବୁଲି ପଡ଼ିଲି। ମୋ' ଝିଅ ଲକ୍ଷ୍ମୀ। ତେବେ କ'ଣ ଚିତ୍ରସେନଙ୍କ ମାଡ଼ର ଦାଗ ଏବେ ବି ଗାଢ଼ ନାଲି ଦିଶୁଚି? ଲୁହ ପୋଛି ତରତର ହୋଇ ଲୁଗା କାନି ପଛକୁ ପକେଇଦେଲି।

ଲକ୍ଷ୍ମୀ ଖୁବ୍ ସାନ। ଆଠ ବର୍ଷର ଝିଅ ମୋର। ତା' ଭବିଷ୍ୟତ କଥା ଚିନ୍ତାକରି ମୁଁ ଶିହରି ଉଠିଲି। ପିଲାଦିନେ ଚଢ଼େଇ ପରି ଚିଁକିଚିଁକି ଡେଣା ଝାଡ଼ି ଉଡ଼ି ବୁଲୁଥିବା କୁନିକୁନି ଝିଅମାନଙ୍କର କପାଳରେ କ'ଣ ଲେଖିଛ ପ୍ରଭୁ? ମୁଁ ଯଦି ମୋ' ଜୀବନ ଭୟରେ ଘରଛାଡ଼ି ଚାଲିଯାଏ, ତେବେ ମୋ' ଝିଅ ତା' ବାପାଠୁଁ ସବୁଦିନ ପାଇଁ ଦୂରେଇଯିବ। ନା... ମୁଁ ଏତେବଡ଼ ସ୍ୱାର୍ଥପର ହୋଇ ପାରିବିନି। ମୋ' ମୁଣ୍ଡ ଉପର ଛାଇ ସିନା ସବୁଦିନ ପାଇଁ ଘୁଞ୍ଚିଯାଇଛି ବୋଲି ମୁଁ ଏତେ କଷ୍ଟ ପାଉଛି। ମୋ' ଝିଅ ଉପରେ ତା' ଛାଇ ସେମିତି ରହିଥାଉ।

ଲକ୍ଷ୍ମୀକୁ କୋଳକୁ ଟାଣି ନେଇ ଛାତିରେ ଚାପି ଧରିଲି। ପଛରୁ କାହାର ଶକ୍ତ ଗୋଇଠା ବାଜିଲା ପିଠିରେ। ମୋ' ଆଖି ବୋଲ ମାନୁ ନଥିଲା। ଯେମିତି ଦୁଇଟୋପା ପାହାନ୍ତିଆ କାକର ଭାରି ହୋଇ ଘାସ ପତରରୁ ମାଟିକୁ ଖସି ପଡ଼ିଲା!

ମୋ: ୯୪୩୭୪୬୮୦୧୬

## କବିତା

### କାଠ

ମଧୁସୂଦନ ଦାଶ

**ସ**ବୁ କାଠଙ୍କ ଭାଗ୍ୟରେ
ନଥାଏ ପଲଙ୍କ ହେବା
ପାଲିଙ୍କି ହେବା, ଦିଅଁ ହୋଇ
ପୂଜା ପାଇବା
ହୋମାଗ୍ନିରେ
ଘିଅ ସହ ଜଳିବା।

କିଛି କାଠ
କୁରାଢ଼ିର ବେଣ୍ଟ ହୋଇ
ଜାତି ଭାଇକୁ ହାଣନ୍ତି।
କିଛି କାଠ
ଜଳି ଅଙ୍ଗାର ହୁଅନ୍ତି।
କିଛି କାଠ ବି
ପାଉଁଶ ପାଲଟନ୍ତି।
କିଛି କାଠ
ଖରା ବର୍ଷା ସହି
ଭାଗ୍ୟକୁ ଆଦରି ପଡ଼ନ୍ତି।

ମୁଁ ବି କାଠ ଖଣ୍ଡେ
କେତେବେଳେ ଦରପୋଡ଼ା ତ
କେତେବେଳେ ଅଙ୍ଗାର
କେତେବେଳେ
କୁରାଢ଼ିର ବେଣ୍ଟ ତ
କେତେବେଳେ
ଖରା ବର୍ଷାଖିଆ
ହତଭାଗ୍ୟ ପାମର।

ମୋ: ୯୪୩୭୩୩୨୪୯୮

### ଆଉ ଗୋଟେ ସକାଳ

ମହେଶ୍ୱର ପଧାନ

**ସେ**ଇ ଜାଗାରେ ହିଁ
ମୁଁ ନିର୍ବାକ୍ ହୋଇଯାଏ
ଯେଉଁଠି କିଛି କହିବାକୁ ଥାଏ।

ସେଇଠି ହିଁ ହାତ ଥରିଯାଏ,
ଅଚଳ ଘଣ୍ଟାର କଣ୍ଟା ପରି
ପାଦ ଥମିଯାଏ
ଯେଉଁଠି କିଛି କରିବାର ଥାଏ।

ସବୁବେଳେ ଅଯଥା
ବକର ବକର ହେଉଥିବା ପାଟି ଓ
ମସ୍ତିଷ୍କର ବିଗିଡ଼ିଯାଏ ତାଳମେଳ
ଯେବେ ଆଖି ସାମ୍ନାରେ ଠିଆହୁଏ
ପ୍ରତୀକ୍ଷିତ ବେଳ।

ଯେତେସବୁ ଅପାରଗତା ମୁଣ୍ଡେଇ
କ'ଣ ସୁଖନିଦ୍ରାରେ ଶୋଇହୁଏ ?
ପ୍ରତି ରାତି ଲାଚାରପଣର
ଗୋଟେ ପିଛା ଛାଡୁନଥିବା
ଚାଦର ଘୋଡ଼ିହୋଇ
ମରିବାକୁ ହୁଏ
ଆଉ ଗୋଟେ ସକାଳ
କବାଟ ଠକ୍ ଠକ୍ କରିବା ଯାଏଁ।

ମୋ: ୯୦୭୮୯୩୧୫୨୨

### ତିନୋଟି ପ୍ରେମ କବିତା

ଡ. ଲିଙ୍ଗରାଜ ରଥ

**ତୁମ ମୁହଁ**
ଦର୍ପଣ ଯେବେ ଦେଖେ ମୁଁ ଏକାକୀ
ତୁମ ମୁହଁ ମୋତେ ଦିଶେ
ତୁମର ମୁହଁକୁ ଚାହେଁ ଯେବେ ମୁହିଁ
ନିଜ ମୁହଁ ଭୁଲିବସେ।

**ମୁଁ ଖୋଜେ**
ଜ୍ୟେଷ୍ଠର ତାତି ଖୋଜେ...
ଆଷାଢ଼ର ବାରିଧାରା,
ଶୀତକ୍ଳାନ୍ତ ମନ ଖୋଜେ
ମଧୁମାସ ମୃଦୁଳ ମଳୟ,
ମୁଁ ଖୋଜେ ବାରମାସ
ତୁମରି ଅଧର–ହସ
ତୁମ ତନୁ ନିଭୃତ ନିଳୟ।



**ବିଧିର ବିଧାନ**
ବିଧିର ବିଧାନେ
ତୁମ ସିନ୍ଥିରେ...
ଜାଗା ପାଇଲିନି ମୁହିଁ
ତଥାପି ଆଜି ବି
ମୋ ମନ–ରାଇଜେ
ତୁମେ ଅଛ 'ରାଣୀ' ହୋଇ।

ମୋ: ୯୪୩୭୦୧୪୨୪୪

**ଗୀତି କବିତା**

### ସପନ

ଶାନ୍ତି ମିଶ୍ର

**ସ**ପନ ହାତରେ ଚିଠିଟିଏ ଦେଲି
ଗୋପନ ରଖିବ ବୋଲି
ହେଲେ, ସେ ସପନ
ଭାଙ୍ଗିଦେଲା ମନ
ଲାଜରେ ଗଲି ମୁଁ ସରି।

ବେଶି କିଛି ନୁହେଁ
ପ୍ରେମ ଚିଠିଟିଏ
ଲେଖିଥିଲି ତୁମ ପାଇଁ
ଏଡ଼େ ବେଇମାନି
ସତେ ସେ ସପନ
ସଭିଙ୍କି ଦେଲା ଦେଖେଇ।

ସରମ ଲାଗିଲା ମରମ ଭେଦିଲା
ବୁଦ୍ଧି ଘର ଗଲା ହଜି
ମୁହଁ ମୁଁ ଦେଖେଇ ପାରୁନି କାହାକୁ
ପ୍ରେମରେ ଯିବାରୁ ଭିଜି।

ତମାଣ୍ଡୋ, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ଶୂନ୍ୟ ଇଲାକା



**କବି:** କ୍ଷୀରୋଦ ପରିଡ଼ା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୫/–

ମୋଟ ୫୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ, ଯାହାର ପ୍ରତିଟି ଧାଡ଼ିରେ, ଧାଡ଼ିଗୁଡ଼ିକର ଫାଙ୍କେଫାଙ୍କେ ସମକାଳୀନ ସମାଜ ଓ ଜୀବନର ଦୃଶ୍ୟପଟ ଅନୁରଣିତ। ଗ୍ରନ୍ଥାରମ୍ଭରେ 'କିଛି ନିଜକଥା' ଶୀର୍ଷକ ଗଦ୍ୟରେ କବି ଚାଷୀର ଠେକା ଭିତରେ ଲୁଚିଥିବା ଝାଳବୁନ୍ଦାରେ ଯେଉଁ ନିଟୋଳ ପୃଥିବୀ ଉଙ୍କିମାରୁଥାଏ, ଝଟକୁଥାଏ ଯେଉଁ ଜୀବନ–ଚିତ୍ର, ତାକୁ କବିତାର ମୁହୂର୍ତ୍ତ ବୋଲି କହିଛନ୍ତି। ପୁଣି କହିଛନ୍ତି କବି ଦେଖିଥିବା, ଦେଖିବାକୁ ଆଶା କରିଥିବା ଓ କେବେ ବି ଦେଖିପାରିବାର ସମ୍ଭାବନା ନ ଥିବାର ବୋଧ ଭିତରେ ଛପିଥାଏ ଯେଉଁ ମୁହୂର୍ତ୍ତର ଭାବସ୍ପନ୍ଦନ, ତାହା ହିଁ କବିତା। କ୍ଷୀରୋଦ ଦୃଶ୍ୟମାନ ବାସ୍ତବତାର ଆପାତଃ ଅଦୃଶ୍ୟ ବାସ୍ତବତା ଭିତରକୁ ଯାଇ ଜୀବନର ଗହନିମାକୁ ଆବିଷ୍କାର କରନ୍ତି। ଯଥା: ''ସବୁ ଦେହରେ ଫୁଟେ ଫୁଲ/ ତା'ରି ସୌନ୍ଦର୍ଯ୍ୟ ହେଉ କି ସୁଗନ୍ଧ/ ଦିନେ ଚହଲାଇ ଦିଏ ଚେତନା/ ସ୍ୱାଧୀନ ଇନ୍ଦ୍ରିୟ ସବୁ ହୋଇଉଠନ୍ତି ଆନମନା–/ ସିଏ ତ ଅନ୍ତରର ନିଃଶବ୍ଦ ନିରାଜନା!'' (ରୂପାନ୍ତର, ପୃ:୩୯)। 'ମାତୃଭାଷା' ଶୀର୍ଷକ କବିତାରେ କ୍ଷୀରୋଦ ମାଆର ଭାଷା ଭିତରେ ଚଢ଼େଇ ଓ ଗଛମାନଙ୍କର ଧ୍ୱନି ସଂକେତକୁ ଭେଟିଛନ୍ତି। 'ବୋଉ'ର କଥା ଯେପରି ଭଲ ଗୀତ ଗାଉଥିବା ଚଢ଼େଇଙ୍କ କଥା– ଏ ଉପଲବ୍ଧି ହୁଏନାହିଁ ସହଜରେ ନିଜ ମାତୃଭାଷାର ବ୍ରହ୍ମ–ଚିହ୍ନଟ ନ ହେଲେ। କ୍ଷୀରୋଦଙ୍କ କାବ୍ୟସ୍ୱର ତାଙ୍କ ସମକାଳୀନ କବିତାର ପ୍ରବାହକୁ ଛୁଇଁ ଫୁଟିଉଠିଥିବା କାଶତଣ୍ଡୀ ଫୁଲ, ଯାହା ମାଟି ସହ ଯୋଡ଼ିଦିଏ ଆକାଶକୁ। ବହିଟି ପାଠକଙ୍କ ପାଇଁ ଏକ ବିରଳ ସଞ୍ଚୟ ହେବ ବୋଲି ଆଶା।

### ସ୍ମୃତିର ଅତଳ ଗର୍ଭରୁ...



**ଲେଖକ:** ଡ. ରଜତ କୁମାର କର
**ପ୍ରକାଶକ:** ରଞ୍ଜିତ କର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୪୯୯/–

ମୋଟ ୪୧ଟି ସନ୍ଦର୍ଭ ଆଲୋଚ୍ୟ ଗ୍ରନ୍ଥରେ ସନ୍ନିବେଶିତ, ଯାହାର ପ୍ରସଙ୍ଗ ମୁଖ୍ୟତଃ ସଂସ୍କୃତି। 'ମୁଖବନ୍ଧ'ରେ ପୀତବାସ ରାଉତରାୟ କହିଛନ୍ତି: ''ସପ୍ତରଙ୍ଗୀ ଇନ୍ଦ୍ରଧନୁ ଭଳି ତାଙ୍କର ଏହି ଅନୁଭୂତିମୂଳକ ପୁସ୍ତକରେ ପ୍ରତିଫଳିତ ହୋଇଛି ତାଙ୍କ ବ୍ୟକ୍ତିତ୍ୱର ସାତଟି ରଙ୍ଗ– ସାହିତ୍ୟ, ସଙ୍ଗୀତ, ଅଭିନୟ, ଦେଶାତ୍ମବୋଧ, ଗବେଷଣା, ଭକ୍ତିଭାବ ଓ ବାକ୍‌ସିଦ୍ଧି ସାଧନା। ଲେଖକ ତାଙ୍କ ନାଟ୍ୟଜୀବନ, ଭଞ୍ଜ ଜୟନ୍ତୀରେ ତାଙ୍କ ସମ୍ପୃକ୍ତି, ସଂସ୍କୃତିଭିତ୍ତିକ ଜାତୀୟତା, ସ୍ୱାଧୀନତା ପୂର୍ବର ଶିକ୍ଷା ଓ ସଂସ୍କୃତି, କଟକର ଐତିହ୍ୟ, ବାଲ୍ୟକାଳରେ ସଂସ୍ପର୍ଶରେ ଆସିଥିବା ବରେଣ୍ୟ ବ୍ୟକ୍ତିବିଶେଷ, ମହାନଦୀର ଇତିହାସ, ମନ୍ଦିରମାଳିନୀ ଭୁବନେଶ୍ୱରର ଇତିବୃତ୍ତ, ଯୁଦ୍ଧ ପୂର୍ବ ଓ ପରର ଓଡ଼ିଶା, କଟକ ସହରର ସରୋବର ଓ ମନ୍ଦିର, ସହରୀ ଓ ଗ୍ରାମ୍ୟଜୀବନର ବୈଚିତ୍ର୍ୟ, ଗଡ଼ଜାତର ଜନସମ୍ପଦ, ଅତୀତର ପାଠ୍ୟପୁସ୍ତକ, ବାରବାଟୀ ଦୁର୍ଗ ଓ ଭଗ୍ନ କୋଣାର୍କର ଗାଥା, କଟକର ପଥରବନ୍ଧ ଓ କେଶରୀବଂଶର କୀର୍ତ୍ତିରାଜି, ରାଜଧାନୀ ଭୁବନେଶ୍ୱରର ନୂଆ ପୁରୁଣା ଅଭିଜ୍ଞତା, ଗଙ୍ଗବଂଶ ଓ ମନ୍ଦିର ନିର୍ମାଣର ସୁବର୍ଣ୍ଣଯୁଗ ଆଦି ନାନା ବିଷୟର ଯେଉଁ ତଥ୍ୟଚିତ୍ର ଉପସ୍ଥାପନ କରିଛନ୍ତି ଏହି ପୁସ୍ତକରେ ତାହା ଯେତିକି ଉପଭୋଗ୍ୟ, ତତୋଽଧିକ ଶିକ୍ଷଣୀୟ ହୋଇପାରିଛି। ମଝିରେ ମଝିରେ ପ୍ରସଙ୍ଗଭିତ୍ତିକ ଫଟୋଚିତ୍ରର ସଂଯୋଜନ ବହିଟିକୁ ଲୋଭନୀୟ କରି ତୋଳିଛି। ଏହାର ପ୍ରସାର ଓ ପ୍ରଚାର ନୂଆପିଢ଼ିର ପାଠିକାପାଠକଙ୍କ ପାଇଁ ଏକ ଅମୂଲ୍ୟ ପ୍ରାପ୍ତି ବିବେଚିତ ହେବ ବୋଲି ଆଶା।

## ଲୋଭ

**ମିନିଗଳ୍ପ**

**ଅନୁଲିପ୍ସା ମିଶ୍ର**



''ଏ ଘରଦ୍ୱାର, ବାଡ଼ିବଗିଚା ଛାଡ଼ି ମୁଁ କୁଆଡ଼େ ଯିବି? ଠାକୁର, ଶାଳଗ୍ରାମ, ବାପାଙ୍କ ଅସ୍ଥିରେ ଫୁଲପାଣି, ସଂଧ୍ୟା ଧୂପ ନ ଦେଲେ ଦୋଷ ଲାଗିବନି! ଏ ଘର ଛାଡ଼ି ମୁଁ କୁଆଡ଼େ ଯିବିନି।'' ମା'ର ଏତକ କଥା ଶୁଣି ପୁଅ ପୁଣି ପାଟିକଲା। ନ' ଯା'। ଏଇଠି ପଡ଼ିଥା। ହଁ, ମୋ' ବାଡ଼ିଘର ଜଗି ଗୋଡ଼ହାତ ଚଳୁଥିବାଯାଏ ଏଇଠି ପଡ଼ିଥିବି ମୁଁ। ମା' କହୁଥିଲା ଗୁଣୁଗୁଣୁ ହୋଇ।

ଏଥର ବୋହୂ ପାଳି ଧରିଲା। ଚିଡ଼ିଚିଡ଼ି ହୋଇ କହିଲା– ''ତୁମର ବହୁତ ଲୋଭ। ବାପା ମଲାବେଳେ କ'ଣ ନେଇକିଗଲେ? ତୁମେ କ'ଣଟା ନେଇକିଯିବ? ଏତେ ଲୋଭ କାଇଁ କରୁଛ?''

ପରଦିନ ସକାଳୁ ପୁଅ ବୋହୂ ଯିବାକୁ ବାହାରିଲେ। ଶାଶୁ ବୋହୂକୁ କହିଲେ ଆଉ ଦୁଇଦିନ ରହିଯାଉନ। ବୋହୂ କହିଲା, ''ନା, ଆଉ ରହିହବନି। ବାଲ୍‌କୋନୀ ଆଉ ଛାତ ଉପରେ ମୋ' ଗଛ ସବୁ ପାଣି ବିନା ମରିଯିବେଣି। କେତେ କଷ୍ଟରେ ପାଣି ଦେଇ, ପରିବାଚୋପା ଦେଇ ବଡ଼ କରିଛି।''

ବୋହୂ କଥା ଶୁଣି ଶାଶୁ ଭାବୁଥିଲେ, ବାଲ୍‌କୋନୀ ଆଉ ଛାତ ଉପରେ ଲଗେଇଥିବା ଗଛ ପାଇଁ ବୋହୂର ଏତେ ଲୋଭ... ଆଉ ମୋ' ଦେଢ଼ ଏକର ବାଡ଼ିରେ ଥିବା ଗଛ ପାଇଁ ମୋର ଲୋଭ ହବନି! ବୋହୂ ସିନା ପରିବାଚୋପା, ଖତ ଦେଇ ଗଛ ବଡ଼ କରିଛି ହେଲେ ସେ ଆଉ ତାଙ୍କ ସ୍ୱାମୀ ନିଜର ଲୁହ ଲହୁ ଦେଇ ଏ ଘର, ବାଡ଼ିବଗିଚାକୁ ବଡ଼ କରିଛନ୍ତି।

ମୋ: ୯୯୩୮୪୦୦୨୦୫

## କାଳକାଳକୁ



**''ଏକ ସଭ୍ୟତାର ଧ୍ୱଂସ ପାଇଁ ହିଂସା ଅନାବଶ୍ୟକ। ନିଜେ ତିଆରି କରିଥିବା ଅନନ୍ୟ ମୂଲ୍ୟବୋଧଠୁଁ ଦୂରେଇ ଆସିବା ହିଁ ତା'ର ମୃତ୍ୟୁ।''**

**–ଏନ୍‌ରିକୋ କାଟେରିନୋ ଡାଭିଲା**

**ଏନ୍‌ରିକୋ କାଟେରିନୋ ଡାଭିଲାଙ୍କ** ଜନ୍ମ ୩୦ ଅକ୍ଟୋବର ୧୫୭୬ରେ ଓ ପରଲୋକ ୨୬ ମେ ୧୬୩୧ରେ ମାତ୍ର ୫୪ ବର୍ଷ ବୟସରେ, ଭେନିସ୍ ସାଧାରଣତନ୍ତ୍ରରେ। ପ୍ରତିଭାଦୀପ୍ତ ଏହି ଇଟାଲୀୟ ଲେଖକ ତଥା ଐତିହାସିକ ସାମରିକ ସେବାକୁ ଜୀବନର ବୃତ୍ତି ଭାବେ ଗ୍ରହଣ କରିଥିଲେ ଓ ୧୫୯୮ରେ ଶାନ୍ତି ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଫରାସୀ ଗୃହଯୁଦ୍ଧରେ ଭାଗ ନେଇଥିଲେ। ଡାଭିଲା କହନ୍ତି: ''ଇତିହାସରେ ସତ୍ୟ ଥାଏ, କିନ୍ତୁ ଇତିହାସ ସତ୍ୟ ନୁହେଁ।'' ସେ ଆହୁରି କହନ୍ତି: ''ଯାହାର ପ୍ରତିଭା ନାହିଁ, ପୂର୍ଣ୍ଣ ବାକ୍–ସ୍ୱାଧୀନତା ତା'ର କିଛି କାମରେ ଆସେ ନାହିଁ।''

## ମୁକ୍ତି

**ମୂଳ ହିନ୍ଦୀ– ଡ. ପ୍ରଦୀପ ଉପାଧ୍ୟାୟ**
**ଅନୁସୃଜନ– ମନୋଜ କୁମାର ବେହେରା**

**ଆ**ଜି ଶ୍ମଶାନରେ ସ୍ମିତାର ଅନ୍ତିମ ବିଦାୟ ପାଇଁ ଏକତ୍ରିତ ହୋଇଥିଲେ ଲୋକମାନେ। ସେମାନଙ୍କ ଭିତରୁ ଜଣେ ପଚାରିଲା କି, ''ବନ୍ଧୁ ଆଲୋକର ସ୍ତ୍ରୀ ତ ତା' ସହ ରହୁ ନ ଥିଲା। ବିବାହର ଆଠ ବର୍ଷ ପରେ ତ ସେ ତଡ଼ି ଦେଇଥିଲା ସ୍ମିତାକୁ ଘରୁ। ଆଉ ଦୁଇ ପିଲାଙ୍କୁ ନିଜ ପାଖରେ ରଖି ନେଇଥିଲା।'' ଏବେ ଶୁଣିଥିଲି କି, ସେ ନିଜ ପାଖରେ ଆଉ କେଉଁ ସ୍ତ୍ରୀଲୋକକୁ ରଖିଛି। ସେଥିପାଇଁ ତା'ର ଦୁଇ ପୁଅ ତା' ଉପରେ ରାଗିଛନ୍ତି।

''ହଁ, ଏହା ତ ସତ ଅଟେ। ଏଥିପାଇଁ କୋର୍ଟରେ ତାଙ୍କର କେସ୍ ଚାଲିଛି। କୋର୍ଟ ଆଲୋକକୁ ନିଜ ଘରର ଗୋଟିଏ ଭାଗରେ ପିଲାମାନଙ୍କ ସହିତ ସ୍ମିତାକୁ ରହିବା ସହିତ ସେମାନଙ୍କ ପାଳନ ପୋଷଣ ଆଉ ଗୁଜରାଣ ପାଇଁ ପ୍ରତି ମାସରେ ଭତ୍ତା ଦେବା ପାଇଁ ଆଦେଶ ଦେଇଥିଲା।'' ହେଲେ ଆଲୋକ ନିୟମିତ ଭାବରେ ଗୁଜରାଣ ପାଇଁ ଭତ୍ତା ଦେଉ ନ ଥିଲା। ଛାଡ଼ ଏବେ ସେ ସବୁ କଥା। ପିଲାମାନେ ମଧ୍ୟ ଏବେ ବଡ଼ ହୋଇଗଲେଣି ତା'ର ଆଉ ନିଜର ଗୃହସ୍ଥୀ ବସେଇ ନିଜ ବାପାଙ୍କଠୁ ଅଲଗା ରହୁଛନ୍ତି। ସେମାନଙ୍କ ଦ୍ୱାରା ମା'ର ଧ୍ୟାନ ରଖିବା ପ୍ରଶ୍ନ ଉଠୁନାହିଁ କହିଲେ ଜଣେ।

ଆରେ ହଁ ସାଙ୍ଗ, ଯେମିତି ବାପକୁ ସେମିତି ପୁଅ। ପୂରା ଅଖାଡୁଆ ପ୍ରକୃତିର। ଶୁଣିଥିଲି ଏବେ ଯେତେବେଳେ ସ୍ମିତାର ବ୍ରେନ୍ ହାମ୍‌ରେଜ୍ ହେଲା ସେତେବେଳେ ପୂରା ପରିବାର ଏକାଠି ହୋଇ ତା'ର ଚିକିତ୍ସା କରେଇଥିଲେ।

ଆରେ ସେ ସବୁ ଥିଲା ଲୋକଦେଖାଣିଆ। ଦୁନିଆ ଆଖିରେ ଭଲେଇ ହେଉଥିଲେ ସେମାନେ। ଭଲରେ ଚିକିତ୍ସା କରେଇଥିଲେ ସ୍ମିତା ଆଜି ଜୀବିତ ନଥାନ୍ତା! ତୁମେ କ'ଣ ଜାଣି ନାହଁ ସ୍ମିତା ପାଠ–ଶାଠ ପଢ଼ି ନଥିଲା ବୋଲି। ଗୁଜରାଣ ଭତ୍ତା ଆଉ ଲୋକଙ୍କ ଘରେ କାମ କରି ଯେଉଁ ଟଙ୍କା ମିଳୁଥିଲା ସେଇଥିରେ କଷ୍ଟେମଷ୍ଟେ ଚଳିଯାଉଥିଲା ବିଚାରୀ। ହେଲେ ଏବେ କିଛି ମାସ ତଳୁ ଆଲୋକ ଭତ୍ତା ଦେବା ବନ୍ଦ କରି ଦେଇଥିଲା। ସ୍ମିତା ଅଭିଯୋଗ କରିବା ଯୋଗୁଁ କୋର୍ଟ ଆଲୋକକୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରି ଦେଇଥିଲା। ଏମିତିରେ ବିଚାରୀ ଚଳିଥା'ନ୍ତା କେମିତି ?

''ହଁ, ସତ କହୁଛ ତୁମେ। ଗୋଟେ ଦୃଷ୍ଟିରୁ ଭଲ ହେଇଛି କି ସ୍ମିତାକୁ ଏସବୁ ଅଡୁଆରୁ ମୁକ୍ତି ମିଳିଗଲା।''

ସେହି ଦୁଇଜଣଙ୍କ ବାର୍ତ୍ତାଳାପକୁ ଶୁଣୁଥିବା ତୃତୀୟ ବ୍ୟକ୍ତି ନିଜ ଆଖିକୁ ମଳିମଳି କହିଲା, ''ଚାଲ ଭାଇ! ପାଞ୍ଚ ଖଣ୍ଡ କାଠ ଚାଲ ଯାଇ ଦେଇଦେବା। ଏବେ ତ ସ୍ମିତାର ଶରୀର ମୁକ୍ତ ହୋଇଗଲା।'' ଆଉ ଆଲୋକକୁ ମଧ୍ୟ ମୁକ୍ତି ମିଳିଗଲା ଗୁଜରାଣ ଭତ୍ତା ଦେବାରୁ। ତା'ପରେ ତିନି ଜଣ ମିଶି ହସିବାକୁ ଲାଗିଲେ ଜୋର୍‌ରେ।

ମୋ: ୭୯୭୮୮୩୦୬୧୧



## ଓପନ ଚେସ୍: ଆରିନ ଅନ୍ୱେଷ ଚାମ୍ପିୟନ

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୩ୟ ସୌରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଭୁବନେଶ୍ୱରର ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ସେ ଖେଳିଥିବା ୧୮ ମ୍ୟାଚରୁ ୧୬ଟିରେ ବିଜୟୀ ହୋଇଥିଲେ ଓ ୨ଟି ହାରିଥିଲେ। ଗୁଜରାଟ ଅହମଦାବାଦର କର୍ତ୍ତବ୍ୟ ଅନାଡକଟ୍ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ତେଜା ମେକଲା, ଏସ୍‌ପିକେ ଅତୁଲ ଆନନ୍ଦ, ଫିଡେ ମାଷ୍ଟର ଆର୍ଯ୍ୟନ ବର୍ଷନୀ ଓ ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ନିଲେଶ୍ ଦେଓରୁଖକର, ଦେବୀ ପ୍ରସାଦ ନାୟକ, ଆଦିତ୍ୟ ଜେନା, ଶ୍ରବଣ ବଳରାମ ଟପ୍-୧୦ରେ ରହିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପୁଣେର ପି. ନନ୍ଦନୀ ଶ୍ରେଷ୍ଠ ମହିଳା ଓ ୬୮ ବର୍ଷୀୟ ଭୁବନେଶ୍ୱରର ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଥିଲେ। ଗୁଗୁଲ ମିଟ୍ ମାଧ୍ୟମରେ ପ୍ରତିଯୋଗିତା ଉଦ୍‌ଘାଟନ କରାଯାଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ଅମରଜିତ ସେନାପତି ଓ ସିଡ୍ରିମ୍‌ଜ୍ ଇ-କମର୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଭୁବନେଶ୍ୱର ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।

## ଲନ୍ ବଲ୍ସ ବୈଷୟିକ ଅଧିକାରୀଙ୍କ କର୍ମଶାଳା ଶେଷ

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ବୋଲିଂ ଆସୋସିଏଶନ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ଇନ୍‌ଡୋର ହଲ୍‌ରେ ଲନ୍ ବଲ୍ସ ବୈଷୟିକ ଅଧିକାରୀ ଓ କୋଚ୍‌ଙ୍କ କର୍ମଶାଳା ଶୁକ୍ରବାର ଶେଷ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ବୋଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ବୈଷୟିକ ଅଧିକାରୀ ପାରସ ଶର୍ମା, ନୀତୀନ ବାସୱାନୀ ଏବଂ ଓଡ଼ିଶା ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।







# ଆଜିଠୁ ଫିଫା ଯୁବ ବିଶ୍ୱକପ୍

**୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଶନିବାରଠାରୁ ଆର୍ଜେଣ୍ଟିନାରେ ଆରମ୍ଭ ହେବାକୁ ଯାଉଛି। ୨୪ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଜୁନ୍ ୧୧ ପର୍ଯ୍ୟନ୍ତ ଚାଲିବ।**

ଫିଫା ଯୁବ ବିଶ୍ୱକପ୍(୨୦ ବର୍ଷରୁ କମ୍)ର ୨୩ତମ ସଂସ୍କରଣ ଶନିବାରଠାରୁ ଆର୍ଜେଣ୍ଟିନାରେ ଆରମ୍ଭ ହେବାକୁ ଯାଉଛି। ଫିଫା ସହ ଅନୁବନ୍ଧିତ ବିଶ୍ୱର ୨୪ଟି ଯୁବ ଦଳ ଏଥିରେ ଅଂଶଗ୍ରହଣ କରିବେ। ୧୯୭୭ରେ ଏହା ଆରମ୍ଭ ହୋଇଥିଲା । ସେବେଠାରୁ ଏହା ଫିଫା ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ଭାବେ ପରିଗଣିତ ହୋଇଆସୁଛି। ଟୁର୍ନାମେଣ୍ଟର ଆୟୋଜନ ଅଧିକାର ପ୍ରକୃତରେ ଇଣ୍ଡୋନେସିଆ ପାଇଥିଲା। ଏହି ଦେଶ ପ୍ରଥମଥର ପାଇଁ ୨୦୨୧ରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରିବା କଥା। ମାତ୍ର କୋଭିଡ୍-୧୯ ମହାମାରୀ ପାଇଁ ଟୁର୍ନାମେଣ୍ଟକୁ ବାତିଲ କରାଗଲା ଏବଂ ୨୦୨୩ରେ ଏହାକୁ ଆୟୋଜନ କରିବାକୁ ଇଣ୍ଡୋନେସିଆକୁ ଅଧିକାର ପ୍ରଦାନ କରାଗଲା। ଇଣ୍ଡୋନେସିଆ କିନ୍ତୁ ଇସ୍ରାଏଲ୍‌ର ଅଂଶଗ୍ରହଣକୁ ବିରୋଧ କରିବାରୁ ୨୦୨୩ ମାର୍ଚ୍ଚ ୨୯ରେ ଏହାଠାରୁ ଆୟୋଜନ ଅଧିକାର ପ୍ରତ୍ୟାହାର କରି ନିଆଗଲା। ୨୦୨୩ ଏପ୍ରିଲ ୧୭ରେ ଫିଫା ଆନୁଷ୍ଠାନିକ ଭାବେ ଏହାର ଆୟୋଜନ ଅଧିକାର ଆର୍ଜେଣ୍ଟିନାକୁ ପ୍ରଦାନ କଲା। ତେଣୁ ଅଧିକାର ପାଇବାର ଏକମାସ ପରେ ଆର୍ଜେଣ୍ଟିନା ଏହି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। ମେ’ ୨୦ରୁ ପ୍ରତିଯୋଗିତା ଆରମ୍ଭ ହେବ ଏବଂ ଜୁନ୍ ୧୧ ପର୍ଯ୍ୟନ୍ତ ଚାଲିବ।

### ଭାଗନେବେ ୨୪ ଦଳ

୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ୬ଟି କନ୍‌ଫେଡେରେଶନର ୨୪ଟି ଦଳ ଅଂଶଗ୍ରହଣ କରିବେ। ତଦନୁସାରେ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)ରୁ ଇରାକ, ଜାପାନ, ଦକ୍ଷିଣ କୋରିଆ ଓ ଉଜବେକିସ୍ତାନ, କନ୍‌ଫେଡେରେଶନ୍‌ଅଫ୍‌ଆଫ୍ରିକାନ୍ ଫୁଟବଲ (ସିଏଏଫ୍)ରୁ ଗାମ୍ବିଆ, ନାଇଜେରିଆ, ସେନେଗାଲ ଓ ଟ୍ୟୁନିସିଆ, କନ୍‌ଫେଡେରେଶନ୍ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକା ଆଣ୍ଡ କାରିବିୟନ ଆସୋସିଏଶନ ଫୁଟବଲ (ସିଓଏନ୍‌ସିଏସିଏଏଫ୍)ରୁ ଡୋମିନିକାନ୍ ରିପବ୍ଲିକ୍, ଗୁଏଟେମାଲା, ହଣ୍ଡୁରାସ ଓ ଆମେରିକା ଦଳ ଭାଗନେବେ। ସେହିପରି ସାଉଥ୍ ଆମେରିକାନ୍ ଫୁଟବଲ କନ୍‌ଫେଡେରେଶନ୍‌ରୁ ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଇକ୍ୱେଡର ଓ ଉରୁଗୁଏ, ଓସେନିଆ ଫୁଟବଲ କନ୍‌ଫେଡେରେଶନ (ଓସିଏଫ୍)ରୁ ଫଇଜି ଓ ନ୍ୟୁଜିଲାଣ୍ଡ ଏବଂ ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନସ୍ (ୟୁଇଏଫ୍‌ଏ)ରୁ ଇଂଲଣ୍ଡ, ଫ୍ରାନ୍ସ, ଇଟାଲି, ଇସ୍ରାଏଲ୍ ଓ ସ୍ଲୋଭାକିଆ ଦଳ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ୨୪ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଶୀର୍ଷରେ ରହିଥିବା ୨ ଦଳ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ୪ଟି ଶ୍ରେଷ୍ଠ ଦଳକୁ ନେଇ ରାଉଣ୍ଡ ଅଫ୍-୧୬ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ ୮ଟି ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। କ୍ୱାର୍ଟର ଫାଇନାଲ ୪ଟି ଜୁନ୍ ୩ ଓ ୪, ସେମିଫାଇନାଲ ଜୁନ୍ ୮ ଏବଂ ଫାଇନାଲ ୧୧ ତାରିଖରେ ଅନୁଷ୍ଠିତ ହେବ।

### ୪ ଭେନ୍ୟୁ

ଏଥର ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଆର୍ଜେଣ୍ଟିନାର ୪ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଲା ପ୍ଲାଟା (ଇଷ୍ଟାଡିଓ ୟୁନିକୋ ଡିଏଗୋ ଆର୍ମାଣ୍ଡୋ ମାରାଡୋନା) ଷ୍ଟାଡିୟମର ଦର୍ଶକ କ୍ଷମତା ସର୍ବାଧିକ ୫୩,୦୦୦। ମେଣ୍ଡୋଜା (ଇଷ୍ଟାଡିଓ ମାଲ୍‌ଭିନାସ ଆର୍ଜେଣ୍ଟିନାଜ୍)ର କ୍ଷମତା ୪୨,୦୦୦ ଥିବାବେଳେ ସାଣ୍ଟିଆଗୋ ଡେଲ୍ ଇଷ୍ଟେରୋ (ଇଷ୍ଟାଡିଓ ୟୁନିକୋ ମାଡ୍ରି ଡି’ ସିଉଡାଡେସ)ର ୩୦,୦୦୦ ଓ ସାନ୍ ଜୁଆନ (ଇଷ୍ଟାଡିଓ ସାନ୍ ଜୁଆନ୍‌ଡେଲ୍‌ବିସେନ୍‌ଟେନାରିଓ)ର ଦର୍ଶକ କ୍ଷମତା ୨୫,୨୮୬। ସେମିଫାଇନାଲ ଓ ଫାଇନାଲ ଲା ପ୍ଲାଟା ଷ୍ଟାଡିୟମରେ ଅନୁଷ୍ଠିତ ହେବ।




### ପ୍ରଥମ ଦିବସରେ ୪ ମ୍ୟାଚ୍

ଫିଫା ଯୁବ ବିଶ୍ୱକପ୍‌ର ପ୍ରଥମ ଦିବସରେ ଶନିବାର ୪ଟି ମ୍ୟାଚ ଅନୁଷ୍ଠିତ ହେବ। ଏହାର ପ୍ରଥମ ମ୍ୟାଚ ଗୁଏଟେମାଲା-ନ୍ୟୁଜିଲାଣ୍ଡ ଏବଂ ଦ୍ୱିତୀୟ ମ୍ୟାଚ ଆର୍ଜେଣ୍ଟିନା-ଉଜ୍‌ବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ମ୍ୟାଚ ଆମେରିକା-ଇକ୍ୱେଡର ଓ ୪ର୍ଥ ମ୍ୟାଚ ଫିଜି-ସ୍ଲୋଭାକିଆ ମଧ୍ୟରେ ଖେଳାଯିବ। ଗତଥରର ଚାମ୍ପିୟନ ତଥା ଯୁଦ୍ଧଗ୍ରସ୍ତ ୟୁକ୍ରେନ ଏଥର ଯୋଗ୍ୟତା ଅର୍ଜନ କରିନାହିଁ। ତେଣୁ କଣ୍ଟିନେଣ୍ଟାଲ ଚାମ୍ପିୟନ ଇଂଲଣ୍ଡ, ବ୍ରାଜିଲ ଓ ସେନେଗାଲ ପରି ଦଳ ଟାଇଟଲ ପାଇଁ ଫେଭରାଇଟ ରହିବେ। ରେକର୍ଡ ୬ ଥର ଚାମ୍ପିୟନ ଏଥର ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ ହେଁ ଆୟୋଜକ ଦଳଭାବେ ଖେଳିବା ସୁଯୋଗ ପାଇଛି। ଗତ ୪ ସଂସ୍କରଣରେ ୟୁରୋପିଆନ ଦଳଗୁଡ଼ିକ ଚାମ୍ପିୟନ ହୋଇଛନ୍ତି। ତେଣୁ ଏଥରର ପ୍ରତିଯୋଗିତା କଡ଼ା ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି।

### ଆର୍ଜେଣ୍ଟିନା ସବୁଠାରୁ ସଫଳ ଦଳ

ଟୁର୍ନାମେଣ୍ଟର ଇତିହାସ ଅବଲୋକନ କଲେ ଆୟୋଜକ ଆର୍ଜେଣ୍ଟିନା ହିଁ ସବୁଠାରୁ ସଫଳ ଦଳ ଭାବେ ଉଭାହୁଏ। ଏହି ଦଳ ସର୍ବାଧିକ ୬ଥର ୧୯୭୯, ୧୯୯୫, ୧୯୯୭, ୨୦୦୧, ୨୦୦୫ ଓ ୨୦୦୭ରେ ଚାମ୍ପିୟନ ହୋଇଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ବ୍ରାଜିଲ। ଏହି ଦଳ ୧୯୮୩, ୧୯୮୫, ୧୯୯୩, ୨୦୦୩ ଓ ୨୦୧୧ରେ ଟାଇଟଲ ହାସଲ କରିଛି। ପର୍ତ୍ତୁଗାଲ (୧୯୮୯, ୧୯୯୧) ଓ ସର୍ବିଆ (୧୯୮୭, ୨୦୧୫)ରେ ୨ ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ୨୦୦୯ରେ ଘାନା, ୧୯୯୯ରେ ସ୍ପେନ୍, ୧୯୭୭ରେ ରୁଷିଆ, ୧୯୮୧ରେ ଜର୍ମାନୀ, ୨୦୧୭ରେ ଇଂଲଣ୍ଡ, ୨୦୧୩ରେ ଫ୍ରାନ୍ସ ଓ ୨୦୧୯ରେ ୟୁକ୍ରେନ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅତୀତରେ ନାଇଜେରିଆ, ଉରୁଗୁଏ, ମେକ୍ସିକୋ, ଦକ୍ଷିଣ କୋରିଆ, କାତାର, ଜାପାନ, ଚେକ୍ ରିପବ୍ଲିକ୍ ଓ ଭେନେଜୁଏଲା ଫାଇନାଲ ଖେଳିଥିଲେ ମଧ୍ୟ ଟାଇଟଲ ବିଜୟର ସ୍ୱାଦ ପାଇନାହାନ୍ତି। ୨୦୧୯ରେ ପୋଲାଣ୍ଡରେ ଅନୁଷ୍ଠିତ ଗତ ସଂସ୍କରଣର ଫାଇନାଲରେ ୟୁକ୍ରେନ ୩-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିୟନ ହୋଇଥିଲା।

# ଭାରତୀୟ ମହିଳା ଭଲିବଲ୍ ଦଳ ଘୋଷିତ

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି)**


କୋଚ୍ ଓ କର୍ମକର୍ତ୍ତାଙ୍କ ଗହଣରେ ଭାରତୀୟ ମହିଳା ଭଲିବଲ ଦଳ।

ସେଣ୍ଟ୍ରାଲ ଏସିଆନ ଭଲିବଲ ଆସୋସିଏଶନ(କାଭା) ଚ୍ୟାଲେଞ୍ଜ୍ କପ୍ ମହିଳା ଭଲିବଲ ଚାମ୍ପିୟନଶିପ୍ ନେପାଳର କାଠମାଣ୍ଡୁରେ ଚଳିତ ମାସ ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଭାରତୀୟ ମହିଳା ଭଲିବଲ ଦଳ ଘୋଷଣା କରାଯାଇଛି। ଏଥିରେ କେରଳରୁ ୬, ରେଲୱେରୁ ୫ ଏବଂ

**କାଭା ଚ୍ୟାଲେଞ୍ଜ କପ୍**

ଓଡ଼ିଶା, ପଶ୍ଚିମବଙ୍ଗ ଓ ହିମାଚଳ ପ୍ରଦେଶରୁ ଜଣେ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାର ଅନନ୍ୟା ଦାସ ଖେଳାଳି ଓ ସୁଧାଂଶୁ ଭୂଷଣ ମିଶ୍ର ମ୍ୟାନେଜରଭାବେ ଦଳରେ ସାମିଲ ହୋଇଛନ୍ତି। ଭଲିବଲ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା କାଭା ବୋର୍ଡର ପ୍ରଶାସନିକ ସଦସ୍ୟ ଅଚ୍ୟୁତ ସାମନ୍ତ ଫାଇନାଲ ମ୍ୟାଚର ପ୍ରତ୍ୟକ୍ଷଦର୍ଶୀ ହେବାସହ ପୁରସ୍କାର ବିତରଣୀ ଉତ୍ସବରେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। କାଠମାଣ୍ଡୁ ଟୁର୍ନାମେଣ୍ଟ ପରେ ଭାରତୀୟ ଦଳ ଇଣ୍ଡୋନେସିଆର ପୂର୍ବ ଜାଭାସ୍ଥିତ ଗ୍ରେସିଆଠାରେ ୪ର୍ଥ ଏଭିସି ମହିଳା ଚ୍ୟାଲେଞ୍ଜରରେ ଅଂଶଗ୍ରହଣ କରିବ। ଏହା ଜୁନ୍ ୧୮ରୁ ୨୮ ପର୍ଯ୍ୟନ୍ତ ଚାଲିବ। ଆଗାମୀ ସମ୍ମାନଜନକ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଭିଏଫ୍‌ଆଇ ଓଡ଼ିଶା ଭଲିବଲ ଆସୋସିଏଶନକୁ କୋଚିଂ କ୍ୟାମ୍ପ ପାଇଁ ଅନୁମତି ପ୍ରଦାନ କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ ଜଣ ଖେଳାଳିଙ୍କୁ ନେଇ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗତ ୨ ତାରିଖରେ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଥିଲା। ଏଥିରୁ ୧୪ ଖେଳାଳିଙ୍କ ସମେତ ୩ ଅଫିସିଆଲ ମନୋନୀତ ହୋଇ ଭୁବନେଶ୍ୱରରୁ କାଠମାଣ୍ଡୁ ଯାତ୍ରା କରିଛନ୍ତି। **ଭାରତୀୟ ଦଳ** ନିର୍ମାଲ (ଅଧିନାୟିକା), ଜିନ୍‌ସି ଜନସନ, ଆଞ୍ଜେଲ ଜୋସେଫ, ଏସ. ଶାଲିନି, ଅଶ୍ୱିନୀ କେ., ମାୟା ଥୋମାସ, ଅନୁଶ୍ରୀ କେ.ପି., ସୂର୍ଯ୍ୟା ଏସ୍., ଜିନି କେ.ଏସ., ଶିଳ୍ପା ଆର.ଏସ୍., ପ୍ରେରଣା ପାଲ, ହେମଲତା, ଅଶ୍ୱଥୀ ଆର. (ଲିବେରୋ), ଅନନ୍ୟା ଦାସ (ଲିବେରୋ)। ମ୍ୟାନେଜର: ସୁଧାଂଶୁ ଭୂଷଣ ମିଶ୍ର, ମୁଖ୍ୟ କୋଚ୍: ପ୍ରୀତମ୍ ସିଂ ଚୌହାନ, ସହକାରୀ କୋଚ୍: ବୈଶାଳୀ ଫଡଟାରେ।

## ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରମୋଦ, ଦିଲେଶ୍ୱର

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶାର ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ ମ୍ୟାଚରେ ପ୍ରମୋଦ ବାହାରିନ୍‌ର ହୁସେନ ଏମ୍‌ଡି. ମିର୍ଶ ଅବଦୁଲ ରହମନଙ୍କୁ ୨୧-୮, ୨୧-୪ରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ଫ୍ରାନ୍ସର ମାଥ୍ୟୁ ଥୋମାସ ଓ ମାଉଦ ଲେଫୋର୍ଟ ଯୋଡ଼ିଙ୍କୁ ୨୧-୧୮, ୨୧-୧୨ରେ ହରାଇ ଦେଇଛନ୍ତି। ସେହିପରି ପ୍ରମୋଦ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି କାମେରୁନ୍‌ର ଇମାନୁଏଲ ପିନୋଚେଟ ଅମୋଉଗୁଲ ଓ ଇଟିଏନେ ସୋଙ୍ଗା ବିଜୋକାଙ୍କୁ ୨୧-୭, ୨୧-୮ରେ ହରାଇଛନ୍ତି। ଦିଲେଶ୍ୱର ରାଓ ୟୁକ୍ରେନର ଓଲେକଜାଣ୍ଡର ଚିର୍କୋଭଙ୍କଠାରୁ ହାରିଯାଇଥିଲେ ମଧ୍ୟ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିବାରୁ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଡବଲ୍ସରେ ଦିଲେଶ୍ୱର-ଶୁଭ୍ରଜିତ ମହାରଣା ଯୋଡ଼ି ପେରୁର ରେଞ୍ଜୋ ଡିକ୍ୱେଜ ବସ୍କେସ ମୋରାଲେସ ଓ ପେଡ୍ରୋ ପାବ୍‌ଲୋ ଡି ଭିନାଟାଙ୍କୁ ୨୧-୯, ୨୧-୧୯ରେ ପରାସ୍ତ କରିଛନ୍ତି। ଅନ୍ୟ ୨ଟି ଡବଲ୍ସ ମ୍ୟାଚରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କ ଯୋଡ଼ି ଚାଇନାର ଗାଓ ୟୁୟାଙ୍ଗ୍ ଓ ୟାଙ୍ଗ୍ ଜିଆନ୍‌ୟୁଆନଙ୍କୁ ଏବଂ ସେହି ଦେଶର ଡୋମିନିକ୍ ବୁଜ୍‌ବର୍ଗର ଓ ମାଉରିନ୍ ଷ୍ଟୁବିଙ୍କୁ ହରାଇ ଦେଇଛନ୍ତି।

# ଦିଲ୍ଲୀ, ଚଣ୍ଡିଗଡ଼, ଅରୁଣାଚଳ ବିଜୟୀ

**ଜାତୀୟ ସବ୍‌ଜୁନିୟର ପୁରୁଷ ହକି**

**ରାଉରକେଲା ଅଫିସ, ୧୯।୫**

ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ୨ ଷ୍ଟାଡିୟମରେ ଚାଲିଥିବା ୧୩ତମ ହକି ଇଣ୍ଡିଆ ପୁରୁଷ ସବ୍‌ଜୁନିୟର ଜାତୀୟ ଚାମ୍ପିୟନଶିପ୍ ୨୦୨୩ରେ ଦିଲ୍ଲୀ ହକି, ହକି ଚଣ୍ଡିଗଡ଼ ଓ ହକି ଅରୁଣାଚଳ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଦିଲ୍ଲୀ ହକି ୫-୨ ଗୋଲ୍‌ରେ ଆସାମ ହକିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆଫ୍ରିଦୀ (୮ମ, ୧୧ତମ, ୨୬ତମ ଓ ୩୪ତମ) ବ୍ୟକ୍ତିଗତ ୪ଟି ଗୋଲ ସ୍କୋର କରିଥିବା ବେଳେ ଅନ୍ୟ ଗୋଲଟିକୁ ଆର୍ଯ୍ୟନ ଦେଇଥିଲେ। ପରାଜିତ ଆସାମ ହକି ଦଳ ତରଫରୁ ରିତି ପଟିର (୨୩ତମ) ଓ ରୋହତ ଯାଦବ (୪୦) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଦିନର ଦ୍ୱିତୀୟ ଗେମ୍‌ରେ ହକି ଚଣ୍ଡିଗଡ଼ ୧୯-୦ ଗୋଲରେ ହକି ରାଜସ୍ଥାନକୁ ହରାଇ ଦେଇଛି। ଏହି ଏକତରଫା ମ୍ୟାଚରେ ବିଜୟୀ ଦଳର ଗୁରଜିତ ସିଂ ୯ଟି ଗୋଲ୍ ସ୍କୋର କରିଥିବା ବେଳେ ପ୍ରଭଜୋତ ସିଂ ସଇନି ୩ଟି ଗୋଲ ସ୍କୋର କରିଛନ୍ତି। ପଙ୍କଜ ଶର୍ମା ଓ ଗୁରଜିତ ସିଂ ଦୁଇଟି ଲେଖାଏଁ ଏବଂ ସୁଖପ୍ରୀତ ସିଂ, ସୁଖମନପ୍ରୀତ ସିଂ ଏବଂ ସୁରଜ କୁମାର ସା’ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ହକି ଅରୁଣାଚଳ ୧୩-୦ ଗୋଲ୍‌ରେ ହକି ଗୁଜରାଟକୁ ପରାସ୍ତ କରିଛି।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଚଣ୍ଡିଗଡ଼ ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨: ପଦକ ପକ୍କା କଲେ ଓଜାସ ଓ ଜ୍ୟୋତି

**ଶାଙ୍ଘାଇ, ୧୯।୫ (ପି.ଟି.)**

ଚଳିତ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨ରେ ଭାରତର କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ପଦକ ପକ୍କା କରିଥିବା ବେଳେ ରିକର୍ଭ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ନୂଆ ଯୋଡ଼ି ଓଜାସ ଜ୍ୟୋତି ଓ ଜ୍ୟୋତି ଭେନମ ପ୍ରତିଦ୍ୱନ୍ଦ୍ୱୀ ଇଟାଲୀ ଟିମ୍‌କୁ ୧୫୭-୧୫୭(୧୯*-୧୯)ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ କ୍ରମାଗତ ଦ୍ୱିତୀୟ ଥର ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ରହିଛନ୍ତି। ୬ଷ୍ଠ ସିଡ୍ ଭାରତୀୟ ଯୋଡ଼ି ଶନିବାର ଫାଇନାଲରେ ଟପ୍ ସିଡ୍ କୋରିଆକୁ ଭେଟିବ। ଏଠାରେ ୬ଷ୍ଠ ସିଡ୍ ଓଜାସ୍ ଓ ଜ୍ୟୋତି ଗତ ମାସରେ ଆଣ୍ଟାଲ୍ୟାଠାରେ ଅନୁଷ୍ଠିତ ଏହି ଇଭେଣ୍ଟ ଜିତି ପ୍ରଥମ ଥର ସ୍ୱର୍ଣ୍ଣ ପଦକ ପାଇଥିଲେ। ଭାରତର ଏହି ଯୋଡ଼ି ପ୍ରଥମେ ପ୍ରିକ୍ୱାର୍ଟରରେ ବାଂଲାଦେଶ ବିପକ୍ଷରେ ୧୫୮-୧୫୧ରେ ବିଜୟ ଲାଭ କରିଥିଲା। ପରେ ତୁର୍କୀ ବିପକ୍ଷରେ ୧୫୭-୧୫୬ରେ ବିଜୟ ଲାଭ କରିଥିଲେ। ଅଲିମ୍ପିକ କାଟେଗୋରିରେ ରିକର୍ଭ ଯୋଡ଼ି ଧୀରଜ ବୋମାଦେବୋରା ଓ ସିମରନଜିତ୍ କୌର ଇଣ୍ଡୋନେସିଆଠାରୁ ପରାଜିତ ହୋଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୦/୨୦୨୩ Bhubaneswar, Saturday, May 20/ 2023

# ପଞ୍ଜାବ ବିଦା, ରାଜସ୍ଥାନ ବିଜୟୀ



ହିମାଚଳ ପ୍ରଦେଶର ଧର୍ମଶାଳା ଷ୍ଟାଡିୟମରେ ଶୁକ୍ରବାର ଆଇପିଏଲ୍ ମ୍ୟାଚ ଉପଭୋଗ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଓ ପଞ୍ଜାବ କିଙ୍ଗ୍ସ ମାଲିକାଣୀ ପ୍ରୀତି ଜିଣ୍ଟା।

**ଧର୍ମଶାଳା, ୧୯।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୪ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଫଳରେ ପଞ୍ଜାବ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ରାଜସ୍ଥାନ ପ୍ଲେ-ଅଫ୍ ଆଶା ପାଇଁ ଅନ୍ୟ ଦଳ ଗୁଡ଼ିକର ଫଳାଫଳ ଅପେକ୍ଷାରେ ରହିଛି। ୧୪ ମ୍ୟାଚରୁ ୧୪ ପଏଣ୍ଟ ପାଇଛି ରାଜସ୍ଥାନ। ଅନ୍ୟପକ୍ଷରେ ପଞ୍ଜାବ ୧୪ ମ୍ୟାଚରୁ ମାତ୍ର ୧୨ ପଏଣ୍ଟ ସହିତ ବିଦାୟ ପଥ ଦେଖିଛି। ଉଭୟ ଦଳପାଇଁ ଲିଗ୍ ପର୍ଯ୍ୟାୟରେ ଏହାଥିଲା ଶେଷ ମ୍ୟାଚ। ପଞ୍ଜାବ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନ କରିଥିବାବେଳେ ରାଜସ୍ଥାନ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରି ନେଇଥିଲା।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବର ଆରମ୍ଭ ଭଲ ହୋଇ ନ ଥିଲା। ମାତ୍ର ୨ ରନରେ ପ୍ରଥମ ଏବଂ ୫୦ ରନ ମଧ୍ୟରେ ୪ ଉଇକେଟ ହରାଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଭସିମରନ ସିଂ ୨, ଅଧିନାୟକ ଶିଖର ଧାୱନ ୧୭, ଅଥର୍ବ ତାଇଦେ ୧୯ ଓ ଲିଆମ ଲିଭିଂଷ୍ଟୋନ ୯ ରନକରି ଆଉଟ ହୋଇଥିଲେ। ତେବେ ଲୋୟର ଅର୍ଡରରେ ୩ ଖେଳାଳି ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସାମ୍ କୁରାନ ୩୧ ବଲ୍‌ରୁ ସର୍ବାଧିକ ୪୯ (୪ ଚୌକା, ୨ ଛକା) ଓ ଶାହରୁଖ ଖାଁ ୨୩ ବଲ୍‌ରୁ ୪୧ (୪ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ। ଜୀତେଶ ଶର୍ମା ୨୮ ବଲ୍‌ରୁ ୪୪ (୩ ଚୌକା, ୩ ଛକା) ରନକରି ଆଉଟ ହୋଇଥିଲେ। ଅସମାପ୍ତ ୬ଷ୍ଠ ଉଇକେଟରେ କୁରାନ ଓ ଶାହରୁଖ ମାତ୍ର ୩୭ ବଲ୍‌ରୁ ୭୩ ରନ ସଂଗ୍ରହ କରିଥିଲେ। ପୂର୍ବରୁ କୁରାନ ଓ ଜୀତେଶ ୫ମ ଉଇକେଟରେ ୪୪ ବଲ୍‌ରୁ ୬୪ ରନ ସଂଗ୍ରହ କରି ଇନିଂସ ସମ୍ଭାଳିଥିଲେ। ଶେଷ ୨ ଓଭରରୁ ପଞ୍ଜାବ ୪୬ ରନ ସଂଗ୍ରହ କରିଥିଲା। ରାଜସ୍ଥାନ ପକ୍ଷରୁ ନବଦୀପ ସଇନୀ ସର୍ବାଧିକ ୩ଟି ଏବଂ ଟ୍ରେଣ୍ଟ ବୋଲ୍ଟ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସନ୍ଦୀପ ଶର୍ମା ଓ ୟୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

୧୮୮ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନ ମାତ୍ର ୧୨ ରନରେ ଜୋଶ୍ ବଟଲର(୦)ଙ୍କ ଉଇକେଟ ହରାଇ ପ୍ରଥମ ଝଟ୍‌କା ଖାଇଥିଲା। ତେବେ ଯଶସ୍ୱୀ ଜୟସ୍ୱାଲ ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୭୩ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଅର୍ଦ୍ଧଶତକ ହାସଲ କରିବାପରେ ପଡିକାଲ ୫୧ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସେ ୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ନିଜ ଇନିଂସରେ ୫ ଚୌକା, ୩ ଛକା ମାରିଥିଲେ। ୫ ରନ ବ୍ୟବଧାନରେ ଅଧିନାୟକ ସଞ୍ଜୁ ସାମସନ (୨)ଙ୍କ ଉଇକେଟ ହରାଇ ରାଜସ୍ଥାନ ପୁଣି ସଙ୍କଟରେ ପଡ଼ିଥିଲା। ତେବେ ଜୟସ୍ୱାଲ ଓ ଶିମରନ ହେଟମେର ୪ର୍ଥ ଉଇକେଟରେ ମାତ୍ର ୨୨ ବଲ୍‌ରୁ ୪୭ ରନ ସଂଗ୍ରହ କରି ଦଳକୁ ସଂକଟରୁ ଉଦ୍ଧାର କରିଥିଲେ। ଜୟସ୍ୱାଲ ଠିକ୍ ୫୦ (୩୬ ବଲ, ୮ ଚୌକା) ରନ କରି ଆଉଟ ହୋଇଥିବାବେଳେ ହେଟମେର ୨୮ ବଲ୍‌ରୁ ଦ୍ରୁତ ୪୬ (୪ ଚୌକା, ୩ ଛକା) ରନକରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୯ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୩ ବଲ୍‌ରୁ ୪ ରନ ଆସିଥିବାବେଳେ ରାହୁଲ ଚହରଙ୍କ ୪ର୍ଥ ବଲ୍‌କୁ ଛକାରେ ପରିଣତ କରି ଧ୍ରୁବ ଜୁରେଲ ପ୍ରତୀକ୍ଷାର ଅବସାନ ଘଟାଇଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ କାଗିଶୋ ରାବାଡ଼ା ୨ଟି ଏବଂ ସାମ୍ କୁରାନ, ଅର୍ଶଦୀପ ସିଂ, ନାଥାନ ଏଲିସ ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୭/୫ (ସାମ୍ କୁରାନ-୪୯*, ଜୀତେଶ ଶର୍ମା-୪୪, ଶାହରୁଖ ଖାଁ-୪୧*, ନବଦୀପ ସଇନି-୩/୪୦, ଟ୍ରେଣ୍ଟ ବୋଲ୍ଟ-୧/୩୫, ଆଡାମ ଜାମ୍ପା-୧/୨୬)। ରାଜସ୍ଥାନ ରୟାଲ୍ସ ୧୯.୪ ଓଭରରେ ୧୮୯/୬ (ଦେବଦତ୍ତ ପଡିକାଲ-୫୧, ଜସସ୍ୱୀ ଜୟସ୍ୱାଲ-୫୦, ଶିମ୍‌ରନ ହେଟମେର-୪୬, କାଗିଶୋ ରାବାଡ଼ା-୨/୪୦, ନାଥାନ ଏଲିସ-୧/୩୪, ଅର୍ଶଦୀପ ସିଂ-୧/୪୦, ସାମ୍ କୁରାନ-୧/୪୬, ରାହୁଲ ଚହର-୧/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଦିଲ୍ଲୀ ବନାମ ଚେନ୍ନାଇ**
ସ୍ଥାନ:ଦିଲ୍ଲୀ,
ସମୟ: ଅପରାହ୍ନ ୩.୩୦

**କୋଲକାତା ବନାମ ଲକ୍ଷ୍ନୌ**
ସ୍ଥାନ: କୋଲକାତା,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୭ | ୫ | ୧୫ | +୦.୩୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୭ | ୬ | ୧୪ | +୦.୧୮୦ |
| ରାଜସ୍ଥାନ ରୟାଲ୍ସ | ୧୪ | ୭ | ୭ | ୧୪ | +୦.୧୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୭ | ୬ | ୧୪ | -୦.୧୨୮ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୩୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୫ | ୮ | ୧୦ | -୦.୫୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୪ | ୯ | ୮ | -୦.୫୫୮ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷାରେ ବାଧାପ୍ରାପ୍ତ ଯୋଗୁ ପଏଣ୍ଟ ଭାଗ ହୋଇଥିଲା।

# ସିଏସ୍‌କେର ଲକ୍ଷ୍ୟ ପ୍ଲେ-ଅଫ୍

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** ଆଇପିଏଲ୍‌ର ଶନିବାର ଦୁଇଟି ମ୍ୟାଚ ଖେଳାଯିବ। ଦିଲ୍ଲୀରେ ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବାବେଳେ କୋଲକାତା ନାଇଟ ରାଇଡର୍ସ(କେକେଆର) ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚ କୋଲକାତାର ଇଡେନଗାର୍ଡେନ୍ସଠାରେ ହେବ। ବର୍ତ୍ତମାନ ସ୍ଥିତିରେ ସିଏସ୍‌କେ ୧୩ଟି ଗେମ୍‌ରୁ ୧୫ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ